RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଅକ୍ଟୋବର ୨୦୧୭
ମୂଲ୍ୟ : ୨୫ ଟଙ୍କା




Admission Open
What it takes to become an achiever ?
Join ROUT CLASSES Today
+2 Sc. I CBSE (XI & XII) I JEE (Main & Adv.)
NEET I AIIMS I JIPMER I BHU
KVPY I NTSE I OLYMPIAD I NISER I IISER
Be an Achiever
ROUT CLASSES
Blooming the Hidden Treasure
ROUT CLASSES
Satya Nagar, BJB Nagar, Bomikhal (BBSR)
Arunodaya Nagar, Sector-6, CDA (CTC)
94384 09975 / 97763 55340
94384 09975
routclasses@gmail.com
www.routclasses.com





**ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ❀ 'ପ୍ରାଚୀ'ର କଲମ ❀

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, October 2017, Issue No. VII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

**ସମ୍ପାଦକୀୟ**

- ❑ ଗାନ୍ଧୀବାଦ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ — ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ — ୭

**ପ୍ରବନ୍ଧ ବିଭାଗ**

- ❑ ଗାନ୍ଧିଜୀଙ୍କୁ ମୁଁ ଯେମିତି ଜାଣେ — ପଦ୍ମଶ୍ରୀ ଜୟନ୍ତ ମହାପାତ୍ର — ୧୦
- ❑ ଅସଲି ନକଲି — ପ୍ରମୋଦ କୁମାର ଜେନା — ୧୩
- ❑ ସନ୍ଥ ଗାନ୍ଧୀଙ୍କ ମାହାତ୍ମ୍ୟ — ଡଃ ପାବକ କାନୁନ୍‌ଗୋ — ୧୪
- ❑ ସେବା : ନାରୀ ଆତ୍ମସମ୍ମାନର ଏକ ଗାନ୍ଧିବାଦୀ ଆନ୍ଦୋଳନ — ଡକ୍ଟର ଦିପକ କୁମାର ଆର୍ଶୀବାଦ — ୧୫

**ଗଳ୍ପ ବିଭାଗ**

- ❑ ସର୍ବଦା ସତ୍ୟ କୁହ — ପ୍ରାଚୀ ପ୍ରଯୁକ୍ତା — ୨୩
- ❑ ଜଣେ ଜଙ୍ଗଲୀ ମାଆକୁ ଚିଠି — ସୁକାନ୍ତି ରାଉତ — ୨୫
- ❑ କାର୍ତ୍ତିକ ପୁନେଇଁ — ସନ୍ତୋଷ କୁମାର ନାୟକ — ୨୮
- ❑ ଥିଲା ଜଣେ ପଡ଼ୋଶୀ — ଦିପୁନ୍ ପୁହାଣ — ୩୧
- ❑ ଜୀବନ ବଦଳ — ସଚ୍ଚିଦାନନ୍ଦ କର — ୩୪
- ❑ ଅବ୍ୟକ୍ତ — ଶ୍ରୀ ନିରଞ୍ଜନ ତ୍ରିପାଠୀ — ୩୫
- ❑ ଚଳଚ୍ଚିତ୍ର ଜଗତ — ସ୍ୱରୂପା ପ୍ରିୟଦର୍ଶିନୀ ପଣ୍ଡା ସାମନ୍ତ — ୩୬
- ❑ ସତ୍ୟର ଶକ୍ତି — ବନଲତା ସିଂହ — ୩୯
- ❑ ଅଭୁଲା ସ୍ମୃତି — ଅଶ୍ୱିନୀ କୁମାର ସେଠୀ — ୪୧
- ❑ ନୂଆ କାହାଣୀ — ସୁଧାଂଶୁ ଦ୍ୱିବେଦୀ — ୪୩
- ❑ ଅବ୍ୟକ୍ତ ମନର ବ୍ୟଥା — ଶାଶ୍ୱତୀ ସାମଲ — ୪୫
- ❑ ଅନୁଭୂତିରେ ମା' ତାରିଣୀ — ମାନସ ରଂଜନ ପଟ୍ଟନାୟକ — ୪୭

**କବିତା ବିଭାଗ**

- ❑ ଅବିବାହିତା ତରୁଣ — ଅଶୋକ — ୪୯
- ❑ ପ୍ରଭୁନାମ — ସରୋଜକାନ୍ତ ତ୍ରିପାଠୀ — ୪୯
- ❑ ମୋ ପ୍ରିୟା — ରୂପେଶ ସାହୁ — ୪୯
- ❑ ବୋଉ — ନିରୁପମା ବେହେରା — ୫୦
- ❑ ମୋ ଛାତିରେ ରୋପିଦିଅ ଶହଶହ ବୃକ୍ଷ — ମାନସ କୁମାର ପାତ୍ର — ୫୧
- ❑ ଅନୁମତି — ଦିପ୍ତିରେଖା ସାମନ୍ତରାୟ — ୫୧
- ❑ ଆଶ୍ରା — ଅନ୍ନପୂର୍ଣ୍ଣା ସାହୁ — ୫୨
- ❑ ଜୀବନରୁ ମରଣର — କୁନ୍ଦଲତା ତ୍ରିପାଠୀ — ୫୨
- ❑ ଅଭାବି ଘର — ଜ୍ୟୋତି ରଂଜନ ବସ୍ତିଆ — ୫୨
- ❑ ଗାଆଁର ସ୍ମୃତି — ସ୍ନେହଲତା ଦ୍ୱିବେଦୀ — ୫୩
- ❑ ସମୟ — ମାନସରଂଜନ ପଟ୍ଟନାୟକ — ୫୩
- ❑ ଗୋଟିଏ — ଡକ୍ଟର କୃତ୍ତିଦାସ ନାୟକ — ୫୩
- ❑ ଶୀଲା ତୁମ ପାଇଁ — ସଞ୍ଜୟ କୁମାର ଜୟସିଂହ — ୫୪
- ❑ କଣ୍ଢେଇ — ସୌରଜିତ ମହାପାତ୍ର — ୫୪
- ❑ ସିନ୍ଦୂର — ଜ୍ୟୋତ୍ସ୍ନା ତ୍ରିପାଠୀ — ୫୫
- ❑ ଜୀବନ...ତମେ କେଉଁଠି ! ! — ସଚ୍ଚିଦା ନନ୍ଦ ବାରିକ — ୫୫
- ❑ ଘୋଡ଼ା — ଦେବଦତ୍ତ ଯଦୁମଣି ନାୟକ — ୫୬
- ❑ କର୍ମ ହିଁ ଭଗବାନ — ବିଦ୍ୟାଧର — ୫୬
- ❑ ବନ୍ଦୀ କବିତାର ଆତ୍ମ କଥା — ସ୍ୱର୍ଣ୍ଣଲତା ମହାପାତ୍ର — ୫୭
- ❑ ସ୍ୱାଧୀନତା ଦିବସ — ସୁସିଲ ପାଣ — ୫୭
- ❑ ଫୁଟି ଉଠୁ ତୁମ ଯୁବ ପ୍ରତିଭା — ଶିବ ପ୍ରସାଦ ବାହିନୀପତ — ୫୮
- ❑ ଶ୍ରମିକ — ଦିଲ୍ଲୀପ ମିଶ୍ର — ୫୮
- ❑ ଦେଖିବ ଆସ — ରବି କୁମାର ମହାନ୍ତ — ୫୮
- ❑ ମନୀଷା ଓ ରଜ — ତପନ କୁମାର ପ୍ରଧାନ — ୫୯
- ❑ ବର୍ଷାକୁ ଗୁହାରୀ — ପ୍ରସନ୍ନଜିତ୍ ସାହୁ — ୫୯
- ❑ ଦୁଃଖ — ବିଶ୍ୱମିତ୍ରା ମିଶ୍ର — ୬୦
- ❑ ପ୍ରତୀକ୍ଷା — ରମାନାଥ ପର୍ବତ — ୬୦
- ❑ ରାହାର ବାସ୍ନା — ଏମ. ବିଜୟ କୁମାର — ୬୧
- ❑ ଭିକାରୀ — ଡ: ଧର୍ମଛଡ଼ା — ୬୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................. ତାରିଖ..................................................

ବ୍ୟାଙ୍କ୍........................................ ସ୍ଥାନ..................................................

ତାରିଖ......................................... ଦସ୍ତଖତ..............................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

*ସମ୍ପାଦକୀୟ.....*

# ଗାନ୍ଧୀବାଦ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ

ସମୟ ପରିବର୍ତ୍ତନ ସଙ୍ଗେ ସଙ୍ଗେ ମଣିଷ ଜୀବନର ପରିବର୍ତ୍ତନ ଘଟେ। ସମାଜରେ ବିଭିନ୍ନ ସମୟରେ ଅସତ୍ୟ ଓ ହିଂସାର ପ୍ରଭାବ ଆସିଥାଏ। କିଛି ସମୟ ପାଇଁ ଜଣାପଡ଼େ ଅସତ୍ୟର ଜିତ୍ ହେଉଛି; କିନ୍ତୁ ବାସ୍ତବରେ ସତ୍ୟର ଜିତ୍ ହୋଇଥାଏ। ସତ୍ୟ ଆଗରେ ଅସତ୍ୟ ଲୀନ ହୋଇଯାଏ। ବ୍ରିଟିସ୍ ସରକାରଙ୍କର ଅସତ୍ୟ ମାର୍ଗ ଗାନ୍ଧିଜୀଙ୍କ ସତ୍ୟମାର୍ଗକୁ ସାମ୍ନା କରିବା ପାଇଁ ସକ୍ଷମ ହୋଇ ପାରିନଥିଲା। ବିଶ୍ୱ ଇତିହାସ ସାକ୍ଷୀ ଅଛି ନିରୀହ, ଦୀନହୀନ, ଦରିଦ୍ର ଜନତାଙ୍କର ବାପୁ ନେତା ଥିଲେ। ତାଙ୍କ ପ୍ରଭାବରେ ପୃଥିବୀର ଅନେକ ଦିଗରେ ମୁକ୍ତିପାଇଁ ଅହିଂସା ଆନ୍ଦୋଳନ ଚାଲିଥିଲା। ଏକଶତ ବର୍ଷ ତଳେ ଗାନ୍ଧିଜୀଙ୍କର ଉପସ୍ଥିତି ଭାରତୀୟ ସମାଜରେ ଗୋଟେ ବଡ଼ ଧରଣର ପରିବର୍ତ୍ତନ ଘଟାଇଥିଲା।

ସମୟ ପରିବର୍ତ୍ତନ ହୋଇଛି। ଦେଶ ସ୍ୱାଧୀନତା ପାଇ ସତୁରି ବର୍ଷ ବିତିଯାଇଛି। ଆମ ଦେଶରେ ଆଧୁନିକତାର ପ୍ରବେଶ ଗଭୀର ଭାବେ ଜଡ଼ ବିସ୍ତାର କରିଛି। ଏହି ଆଧୁନିକତା ଆମ ସ୍ୱାଧୀନତା ଉପରେ ଶକ୍ତ ଆଘାତ ହାଣିଛି। ଯେଉଁ ସ୍ୱାଧୀନତାର ସ୍ୱପ୍ନ ଗାନ୍ଧିଜୀ ଦେଖିଥିଲେ ବର୍ତ୍ତମାନ ଆଧୁନିକ ସମାଜର ସ୍ୱାଧୀନତା ନିଶ୍ଚିନ୍ତ ନୁହେଁ। ଆଧୁନିକତାର ଅର୍ଥ ପରିବର୍ତ୍ତନ, କିନ୍ତୁ ସ୍ୱାଧୀନତାର ଅର୍ଥ ମୁକ୍ତି। ଯେଉଁଠି ଦୁଃଖ, କଷ୍ଟ, ଯନ୍ତ୍ରଣା ନଥିବ, ଖାଲି ସ୍ନେହ, ମମତା ଏବଂ ଭଲପାଇବା ଭରିରହିଥିବ। ଏକ ସ୍ୱାଧୀନ ମଣିଷ ହିଁ ଆଧୁନିକତାକୁ ଅନୁଭବ କରିପାରିବ। ସେହି ମଣିଷର ଆଚରଣ ଗୋଟିଏ ସୁସ୍ଥ ବାତାବରଣ ସୃଷ୍ଟି କରିପାରିବ। କିନ୍ତୁ ପ୍ରଶ୍ନ ଉଠେ ଏ ଆଧୁନିକ ମଣିଷମାନଙ୍କର କ'ଣ ମୁକ୍ତ ଚିନ୍ତାଧାରା ଅଛି ? ଯେଉଁଠି ମଣିଷର ମୂଲ୍ୟବୋଧ ଥିବ ବସ୍ତୁର ନୁହେଁ। ବସ୍ତୁ ତ ବ୍ୟବହାର ଯୋଗ୍ୟ।

ବାସ୍ତବରେ କହିବାକୁ ଗଲେ ଆଜିର ମଣିଷ ବସ୍ତୁବାଦି ସମାଜ ହାତରେ ବନ୍ଧା ପଡ଼ିଛି। ଆଧୁନିକତାକୁ ଆପଣେଇବା ପାଇଁ ଅନେକ ସ୍ୱାଧୀନତାକୁ ହରାଇ ବସିଛନ୍ତି। ବସ୍ତୁର ଶାସନ ଚାଲିଛି। ବସ୍ତୁ ପାଇଁ ଆଜିର ମଣିଷ ସାମାଜିକ ମୂଲ୍ୟବୋଧକୁ ହରାଇ ବସୁଛି। ବସ୍ତୁବାଦ ସମାଜ ତା'ର କାୟା ବିସ୍ତାର ନିରଙ୍କୁଶ ଭାବରେ କରିଚାଲିଛି। ଦେଖା ଶିଖା ସମାଜରେ ମନୁଷ୍ୟ ତା'ର ମୂଲ୍ୟବୋଧକୁ ଅନାୟସରେ ହରାଇ ବସୁଛି। ବେଳେବେଳେ ପୁଣି ମନୁଷ୍ୟ ତା'ର ବସ୍ତୁର ବଳରେ ଅନ୍ୟକୁ ଲଜ୍ଜିତ, ଅସମ୍ମାନ କରୁଛି। କିନ୍ତୁ ବୁଝି ହୁଏ ନାହିଁ ଅନ୍ୟକୁ ଅପମାନିତ, ଲଜ୍ଜିତ କରି ସେହି ବ୍ୟକ୍ତିଟି କେଉଁ ଧନ ଓ ସନ୍ତୋଷ ପାଇଥାଏ ? ସଂଗ୍ରାମ କରୁଛି ଏବଂ ସଂଘର୍ଷ କରୁଛି କିଛି କିଛି ଅଧିକ ବସ୍ତୁ ଉପାର୍ଜନ କରି ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ। କଳେବଳେ କୌଶଳେ ସେ ତା'ର ଲକ୍ଷ ସ୍ଥଳରେ ପହଞ୍ଚିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି। ଏମିତିକି ନିଜର ଲକ୍ଷସ୍ଥଳରେ ପହଞ୍ଚିବା ପାଇଁ ଆପ୍ରାଣ ଉଦ୍ୟମ କରୁଛି ଏବଂ ଅନ୍ୟକୁ ହତ୍ୟା ମଧ କରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ। ଏହି ଯୁଦ୍ଧ ଅନେକେ ଜିତିଥିବା ବେଳେ ଅନେକେ ହାରୁଛନ୍ତି। କିନ୍ତୁ ଏ ଗଳଦ୍‌ଘର୍ମାପ୍ଲୁତ ସଂଘର୍ଷ କାହିଁକି ? ? ? ସମୟ ସାକ୍ଷୀ ଅଛି ଅନେକ ଜିତିଥିବା ଲୋକ ମଧ ଜୀବନ-ରାସ୍ତାରେ ହାରିଛନ୍ତି। ବାପୁଙ୍କର ଯୁକ୍ତି ଥିଲା ସରଳ ଖାଇବା, ସରଳ ପିନ୍ଧିବା ଏବଂ ସରଳ ଜୀବନ ଯାପନ କରିବା। କୁଟିଖାଇବା, କାଟି ପିନ୍ଧିବା। ଯଦି ଆମେ ଦୈନନ୍ଦିନ ଜୀବନରେ ଖର୍ଚ୍ଚ କାଟ କରିବା ଜୀବନ ଆନନ୍ଦମୟହେବ। ଅଧିକ ଉପାର୍ଜନ କରିବାକୁ ପଡ଼ିବ ନାହିଁ। ଅଧିକ ଉପାର୍ଜ୍ଜନ କରିବାପାଇଁ ମନୁଷ୍ୟ ପ୍ରତିଯୋଗିତା ମୂଳକଭାବେ କଠିନ ପରିଶ୍ରମ କରୁଛି। ଯାହାଦ୍ୱାରା ବିଭିନ୍ନ ରୋଗବୈରାଗର ଶିକାର ହେଉଛି। କମ୍ ପରିଶ୍ରମ କରିବା ଫଳରେ ବଞ୍ଚିବା ଆରାମ ଦାୟକ ହୋଇ ପାରିବ। ଜୀବନର ଅର୍ଥ ନୁହେଁ ଯେ ବଞ୍ଚିବା ପାଇଁ ସଂଘର୍ଷ କରିବା। କିନ୍ତୁ ଜୀବନରେ ଈଶ୍ୱରଙ୍କର ଶରଣାପନ୍ନ ହେବା, ଏବଂ ମୁକ୍ତିପଥର ଯାତ୍ରୀ ହେବା, ଜୀବନକୁ ମନଭରି ଉପଭୋଗ କରିବା କଥା ମନୁଷ୍ୟ ମନରୁ ଲିଭିଯାଇଛି।

ଆଜିର ପ୍ରତ୍ୟେକ ସମ୍ବାଦପତ୍ରରେ ସମାଜର ବେକାର ସମସ୍ୟାର ଚର୍ଚ୍ଚା ଚାଲିଛି। ଗାନ୍ଧିଜୀଙ୍କର ଯୁକ୍ତିଥିଲା ସବୁହାତକୁ କାମ ମିଳୁ। ଭାରତ ଗୋଟିଏ ଜନ ବହୁଳ ରାଷ୍ଟ୍ର ଏଠାରେ ଯଦି ଅତ୍ୟାଧୁନିକ ଯନ୍ତାଂଶ ଏବଂ ଆଧୁନିକ କଳ କାରଖାନାର ସ୍ଥାପନ କରାଯିବା ବେକାର ସମସ୍ୟାର ସମାଧାନ ହୋଇ ପାରିବ ନାହିଁ। ଏଥି ପାଇଁ କୁଟୀର ଶିଳ୍ପର ସ୍ଥାପନହିଁ ଏକମାତ୍ର ଉପାୟ। ବାପୁ କିନ୍ତୁ ଆଧୁନିକ ଯାନ୍ତାଂଶର

ବିରୁଦ୍ଧରେ ନଥିଲେ, କିନ୍ତୁ ଯେଉଁ ଯନ୍ତ୍ରାଂଶ ପରିବେଶର କ୍ଷୟ ଘଟାଇଥାଏ ତାହାକୁ ସଭ୍ୟତାର ଅଭିଶାପ ବୋଲି ଗଣନା କରିବା ଆବଶ୍ୟକ। ବାପୁଙ୍କର ଯୁକ୍ତିଥିଲା ଯେଉଁ ଆଧୁନିକ ଯନ୍ତ୍ରାଂଶ ଆମକୁ ସେବା ଦେଇ ପାରିବ ଆମେ ତାକୁ ବନ୍ଧୁ ପରି ପରିଚୟ ଦେଇପାରିବା। ତେଣୁ ସେ କହୁଥିଲେ ସମସ୍ତଙ୍କ ହାତକୁ କାମ ମିଳିଲେ ପ୍ରତ୍ୟେକ ପରିବାର ଖୁସିରେ ରହିବେ। ଆଜିର ଆଧୁନିକ କଳ କାରଖାନା ବେକାର ସମସ୍ୟା ବଢ଼ାଇବାର ପ୍ରମୁଖ ଭୂମିକା ଆଦରିଛି। ତାହାଛଡ଼ା ଆମ କୁଟୀର ଶିଳ୍ପର ଉତ୍ପାଦନ ବିଶ୍ୱସ୍ତରୀୟ ମାନ୍ୟତା ପ୍ରାପ୍ତ ସମାଜରେ କୃଷକ ଆତ୍ମହତ୍ୟା ଠାରୁ ଆରମ୍ଭ କରି ଚୋରି, ରାହାଜାନି ବଢ଼ି ଚାଲିଛି। ଯଦି ଗୋଟିଏ ସମାଜରେ ଅର୍ଥନୈତିକ ସମାନତା ଏବଂ ସ୍ଥିରତା ରହିବ ସେ ସମାଜ ଗୋଟିଏ ସୁସ୍ଥ ସମାଜ ହୋଇ ପାରିବ।

ସମାଜକୁ ସୁପରିଚାଳନା କରିବା ଏବଂ ମଣିଷମାନଙ୍କ ମଧ୍ୟରେ ନୈତିକଭାବ ଆଣିବା ପ୍ରତ୍ୟେକ ଧର୍ମର ଅତୁଳନୀୟ ପ୍ରଭାବ ରହିଛି। ପ୍ରତ୍ୟେକ ଧର୍ମ ମନୁଷ୍ୟକୁ ସତ୍ୟପଥର ଯାତ୍ରୀ କରାଇଥାଏ। ସମାଜରେ ସତ୍ୟ ଏବଂ ଅହିଂସାର ବାଣୀ ପ୍ରଚାର ଓ ପ୍ରସାର କରାଇଥାଏ। ବାପୁ ସମସ୍ତ ଧର୍ମକୁ ସମ୍ମାନ ଦେଉଥିଲେ ଏବଂ ପ୍ରବର୍ତ୍ତାଉଥିଲେ ଜଣେ ଅନ୍ୟଜଣର ଧର୍ମକୁ ସମ୍ମାନ କରିବା ପାଇଁ। ପ୍ରତ୍ୟେକ ଧର୍ମଶାସ୍ତ୍ରକୁ ପଢ଼ି ତାର ଉଚିତ୍ ପ୍ରୟୋଗହିଁ ଧର୍ମରେ ଦୃଢ଼ତା ଆଣିଥାଏ। ଅଯଥା ତର୍କ ଧର୍ମକୁ ନିଷ୍କ୍ରିୟ କରିଦେଇଥାଏ। ଧର୍ମର ଅପପ୍ରୟୋଗ ଏବଂ ଭୁଲ୍ ପ୍ରଚାର ପ୍ରସାର ସମାଜରେ ବିଶୃଙ୍ଖଳା ସୃଷ୍ଟି କରିଥାଏ। ଫଳସ୍ୱରୂପ ହିଂସା, ସଂତ୍ରାସବାଦ, ଗୋଷ୍ଠୀ ସଂଘର୍ଷ ବଢ଼ିଥାଏ। ବାପୁଙ୍କର ବାଣୀଥିଲା ଧର୍ମ ମଣିଷକୁ ବଞ୍ଚିବାକୁ ସହାୟକ ପ୍ରଦାନ କରିଥାଏ। ପ୍ରାର୍ଥନା ସବୁ ଅସୁବିଧାର ସମାଧାନ କରିଥାଏ। ତେଣୁ ଧର୍ମ ସୁଦୃଢ଼ ହେଲେ ସମାଜ ସୁଦୃଢ଼ ହେବ। ଭାରତ ପରି ବିଶାଳ ଦେଶରେ ବିଭିନ୍ନ ଧର୍ମ ଭାଷାର ଲୋକମାନେ ବସବାସ କରନ୍ତି। ଏବେ ସମସ୍ତ ଜନସାଧାରଣଙ୍କର ସୁରକ୍ଷା ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ଦାୟିତ୍ୱ। ଆମ ଗଣତନ୍ତ୍ରରେ ରାଷ୍ଟ୍ର ପ୍ରତିନିଧିମାନେ ହେଲେ ବିଭିନ୍ନ ରାଜନୈତିକ ଦଳର ସଭ୍ୟ। ଦେଶ ସ୍ୱାଧୀନ ହେବାପରେ ଗାନ୍ଧିଜୀ ଜୋର୍ ଦେଉଥିଲେ ଆମ ପ୍ରତିନିଧିମାନେ ସରଳ ଜୀବନ ଯାପନ କରନ୍ତୁ ଏବଂ ଜନ ସାଧାରଣଙ୍କର ସାଥିରେ ରହି ସେମାନଙ୍କର ସମସ୍ୟାର ସମାଧାନ କରନ୍ତୁ। ବାପୁ ଆଜୀବନ ସାଧାରଣ ସମାଜରେ ରହି ଆମ ଦେଶକୁ ପ୍ରତିନିଧିତ୍ୱ କରୁଥିଲେ। ସେମାନଙ୍କ ସମସ୍ୟା ବିଷୟରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେଉଥିଲେ। ତାଙ୍କର ଯୁକ୍ତିଥିଲା ସମାଜର ଅତି ଅବହେଳିତ ବ୍ୟକ୍ତି ଜଣକ କୌଣସି ସୁବିଧାରୁ ବଞ୍ଚିତ ନହେଉ। ତେଣୁ ଜନସାଧାରଣ ତାଙ୍କୁ ମହାତ୍ମାବୋଲି ସମ୍ବୋଧନ କରୁଥିଲେ। ବାସ୍ତବିକ ବାପୁ ଗରିବ ଜନସାଧାରଣଙ୍କର ଭାଗବାନ ସ୍ୱରୂପ ଥିଲେ। ଯଦି ଆଜିର ରାଜନେତା ବାପୁଙ୍କ ପଥ ଅନୁସରଣ କରନ୍ତେ ରାମରାଜ୍ୟ ଆଉ ବେଶୀ ଦୂର ନୁହେଁ।

ଅଳ୍ପ ଟିକିଏ ସଚେତନତା ଏବଂ ତ୍ୟାଗ ଭାବ ଗୋଟିଏ ବିରାଟ ପରିବର୍ତ୍ତନ ନିଶ୍ଚିତ। ଆଜିର ସମାଜରେ ଆଧୁନିକ ତାର ନାମରେ ଯେଉଁ ଅରାଜକତା ବଢ଼ିଚାଲିଛି ତା'ର ଅନ୍ତ ହୋଇପାରନ୍ତା। ଏହି ଅରାଜକତାର ନିଆଁରେ କେବଳ ଗରିବ ନୁହେଁ ଧନୀମାନେ ମଧ୍ୟ ଜଳିପୋଡ଼ି ପାଉଁଶ ହୋଇ ଯାଉଥିବାର ମଧ୍ୟ ଲକ୍ଷ କରାଯାଉଛି।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ମନୁଷ୍ୟର ଚାଲିଚଳନ ରହିବା ଖାଇବା ଯଦି ସଙ୍ଗଠିତ ହୁଏ ତା ହେଲେ ଜୀବନ ସୁଖି ଓ ସରଳ ହୋଇଯାଏ। ଆଜିର ଆଧୁନକତାର ପ୍ରବେଶ ଆମର ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ଭାଙ୍ଗି ପକାଉଛି। ଅସହାୟତା ଏବଂ ଅସୁରକ୍ଷିତ ଜୀବନଯାପନ ଆମକୁ ଶାରୀରିକ ଏବଂ ମାନସିକ ବ୍ୟାଧିରେ ଆକ୍ରାନ୍ତ କରି ପକାଉଛି। ସଙ୍ଗଠିତ ଜୀବନ ଯାପନରେ ସମସ୍ତଙ୍କ ସାହାଯ୍ୟ ଓ ସହାନୁଭୂତିରେ ଜୀବନ ଆନନ୍ଦମୟ ହୋଇଉଠେ। ଯଦି ସାଧାରଣା ଭୋଜନାଳୟ, ଦେବାଳୟ, ଯୌଥ ପରିବାର ଏବଂ ବିଭିନ୍ନ ସାଙ୍ଗଠନିକ ସଂସ୍ଥାଗୁଡ଼ିକ ସୁରକ୍ଷା ହୋଇ ପାରନ୍ତା ସମାଜର ସବୁ ସ୍ତରର ଲୋକେ ସମାନତା ଉପଭୋଗ କରି ପାରନ୍ତେ ବାପୁ ସବୁ ସମୟରେ ସଂଗଠିତ ସମାଜ ଉପରେ ଜୋର୍ ଦେଉଥିଲେ। ଏହା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସମାନ ଅଧିକାର ପାଇ ପାରିବ।

ମନୁଷ୍ୟ ଏକ ସରଳ ଜୀବ ଯାହାର ବିବେକ ଅଛି। ଏହି ବିବେକ ମାଧମରେ ସେ ସ୍ରଷ୍ଟାଙ୍କର ସୃଷ୍ଟିକୁ ସୁରକ୍ଷିତ କରିପାରେ କିନ୍ତୁ ଯଦି ଅବକାରୀ ମାଦକ ପଦାର୍ଥ ତା'ଶରୀରରେ ପ୍ରୟୋଗ କରେ ତାହେଲେ ଶରୀର ନଷ୍ଟହେବା ସଙ୍ଗେ ସଙ୍ଗେ ମାନସିକ ଭାରସାମ୍ୟ ହରାଇ ବସିଥାଏ। ଏକ ନିଶାସକ୍ତ ମନୁଷ୍ୟର ବିବେକର ହାନି ଘଟିଥାଏ। ସମାଜରେ ବିଭିନ୍ନ ସମସ୍ୟାର ମୁଖ୍ୟ କାରଣ ନିଶା। ବାପୁ ସବୁ ସମୟରେ ନିଶାନିବାରଣ ଉପରେ ଜୋର୍

ଦେଉଥିଲେ । ତାଙ୍କ ଭାଷାରେ ନିଶା ସଭ୍ୟତାର ଶତ୍ରୁ । ଆଜିର ଆଧୁନିକ ସମାଜରେ ନିଶାର ବ୍ୟବହାର ବହୁଳ ପରିମାଣରେ ହେଉଛି । ଏକ ଗଣତନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ନିଶା ବ୍ୟାପାର ପାଇଁ ଯଦି ସରକାର ଆଇନ୍ ତିଆରି କରନ୍ତି ତାହାହେଲେ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ଧରଣର ବିପଦ । ଗୋଟିଏ ପଟେ ନିରୀହ ଜନ ସାଧାରଣଙ୍କୁ ନିଶା ଖୁଆଇ ରୋଗ ଗ୍ରସ୍ତ କରିବା ଏବଂ ଅନ୍ୟପଟେ ସେ ନିଶା ବ୍ୟବସାୟରୁ କର ଆଦାୟ କରି ରାସ୍ତାଘାଟ, ବିଦ୍ୟାଳୟ, ଚିକିତ୍ସାଳୟ କରିବାର ପ୍ରୟୋଜନ ବୁଝିହୁଏନା । କିନ୍ତୁ ପ୍ରଶ୍ନ ଉଠେ ଏ ସବୁ ସରକାରୀ ସୁବିଧା କାହାପାଇଁ ??? କ'ଣ ନିଶା ବ୍ୟବହାର କାରି ମୃତ ଜନସାଧାରଣଙ୍କ ପାଇଁ ??? ସେ ଯାହା ହେଉନା କହିଁକି ବର୍ତ୍ତମାନ ଯୁଗରେ ବାପୁଙ୍କର ବାଣୀର ଆବଶ୍ୟକତା ନିଶ୍ଚିତ ଅଛି । ନିଶା ନିବାରଣ କରି ଆମ ଦେଶକୁ ଏକ ସୁନାର ଭାରତ ଗଢ଼ିବା ଆବଶ୍ୟକ ।

ଶିକ୍ଷା ମଣିଷକୁ ଶିକ୍ଷିତ କରିଥାଏ । ଏହା ମଧ ସମାଜକୁ ଅନ୍ଧକାରରୁ ଆଲୋକକୁ ଆଣିଥାଏ । ବାପୁ ମୌଳିକ ଶିକ୍ଷାଦାନ ପାଇଁ ଜୋର୍ ଦେଉଥିଲେ । ଏହି ଶିକ୍ଷା ମଣିଷକୁ ସରଳ ଜୀବନ ଯାପନ ପାଇଁ ସହାୟକ ହେବ । ବୈଷୟିକ ଶିକ୍ଷା ନିଶ୍ଚିନ୍ତ କର୍ମ ନିଯୁକ୍ତି ଦେଇ ପାରିବ; କିନ୍ତୁ ମୌଳିକ ଶିକ୍ଷା ସୁସ୍ଥସମାଜ ପ୍ରତି ସହାୟକ ହେବ । ଏହି ଶିକ୍ଷା ଦ୍ୱାରା ମାନବିକତାର ପରିସ୍ଫୁଟନ ହେବ ।

ଭାରତ ଏକ ସାହିତ୍ୟ ଓ ସଂସ୍କୃତିର ଦେଶ ଆମ ଦେଶର କଳା ସାହିତ୍ୟ ସମୃଦ୍ଧ । ଆମ ସଂସ୍କୃତି ବିଶ୍ୱ ଦରବାରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛି । ଗାନ୍ଧିଜୀ ଭାରତୀୟ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଗଭୀର ଶ୍ରଦ୍ଧା ରଖୁଥିଲେ । ସେ ଅନେକ ଭାଷା ଶିଖିଥିଲେ । ତାଙ୍କର ଇଚ୍ଛାଥିଲା ଭାରତର ପ୍ରତ୍ୟେକ ଭାଷାକୁ ଶିଖିବା ପାଇଁ । ସେ ବିଲାତ ଯାଇଥିଲେ ମଧ ବିଦେଶୀ ସଂସ୍କୃତି ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନଥିଲା । ସେ କେବଳ ଭାରତୀୟ ସଂସ୍କୃତିକୁ ଭଲପାଉଥିଲେ, ତା'ର ପ୍ରଚାର ଓ ପ୍ରସାର ପାଇଁ ଅଣ୍ଟା ଭିଡୁଥିଲେ । ଆଜି ଆଧୁନିକ ସମାଜରେ ବିଦେଶୀ ସଂସ୍କୃତିର ଅପପ୍ରୟୋଗ ଆମ ସଂସ୍କୃତିକୁ ଭୁଲ୍ ରାସ୍ତାରେ ଯିବାପାଇଁ ପ୍ରଭାବିତ କରୁଛି । ବାସ୍ତବରେ ଆମ ସଂସ୍କୃତିକୁ ସୁରକ୍ଷାକରିବା ଆମ ସମାଜ ପ୍ରତି ମଙ୍ଗଳକର ହେବ । ଯେଉଁ ସମାଜରେ ଜୀବ ଜନ୍ତୁ ପ୍ରତି ଦୟା ନାହିଁ ସେ ସମାଜ ଏକ ହିଂସ୍ର ସମାଜ । ବାପୁ ଜୀବଜନ୍ତୁଙ୍କ ପ୍ରତି ଶ୍ରଦ୍ଧା ରଖୁଥିଲେ । ତାଙ୍କ ଆଶ୍ରମରେ ସେ ଅନେକ ଗୃହପାଳିତ ପଶୁମାନଙ୍କର ଲାଳନ ପାଳନ କରୁଥିଲେ । କିନ୍ତ ଆଜିର ସମାଜରେ ନିଷ୍ଠୁର ମନୁଷ୍ୟ ଜୀବ ହତ୍ୟାକରି ନିଜର ଜୀବିକା ନିର୍ବାହ କରୁଛି । ଏଥି ସଙ୍ଗେ ସଙ୍ଗେ ଆମ ସମାଜର ମଧ ବିଭିନ୍ନ ଆଇନ୍ ତିଆରି କରି ଜୀବମାନଙ୍କର ସାଧାରଣ ଜୀବନକୁ ପ୍ରଭାବିତ କରୁଛି । ନିଜର ସ୍ୱାର୍ଥ ହାସଲ କରିବା ପାଇଁ ହିଁ ଆଇନ୍ ତିଆରି କରୁଛି । ଛାତିରେ ହାତ ବାଡ଼େଇ ନିଜକୁ ଶ୍ରେଷ୍ଠପ୍ରାଣୀ ବୋଲି କହି ମନଇଚ୍ଛା ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛି । ଜୀବଜନ୍ତୁଙ୍କର ସୁରକ୍ଷା ଏବଂ ପଶୁପକ୍ଷୀ ମାନଙ୍କର ସୁରକ୍ଷା ଦିଗରେ କାମ କରିବା ଏକ ସୁସ୍ଥ ପରିବେଶ ପାଇଁ ଏକ ଶୁଭ ସୂଚନା ।

ସର୍ବୋପରି ମହାତ୍ମାଗାନ୍ଧୀ ଗୋଟିଏ ସର୍ବୋଦୟ ସମାଜ ପାଇଁ ଦୃଢ଼ଯୁକ୍ତି ବାଢୁଥିଲେ । ଯେଉଁଠି ଗୋଟିଏ ସୁସ୍ଥ ସବଳ ସମାଜ ଥିବ, ମନୁଷ୍ୟମାନଙ୍କ ମଧରେ ଇର୍ଷା, ଅହଂକାର ନଥିବ ଏବଂ ସମାନତାର ପରିସ୍ଫୁଟନ ହେଉଥିବ । ଇତିହାସ ପୃଷ୍ଠାରୁ ଜଣାଯାଏ ୧୯୪୭ ମସିହାରେ ଆମ ଦେଶରେ ଦୁଇଟି ଘଟଣା ଘଟୁଥିଲା ଗୋଟିଏ ପଟରେ ଦେଶ ସ୍ୱାଧୀନ ହେଉଥିଲା । ଅନ୍ୟପଟରେ ଦେଶ ବିଭାଜନ ହେଉଥିଲା । ବିଭାଜିତ ଭାରତରେ କେତେଯେ ରକ୍ତଛିଟା ଲାଗିଥିଲା ତାହାର କଳ୍ପନା କରିବା ଅସମ୍ଭବ । ସାଂପ୍ରଦାୟିକ ଦଙ୍ଗାରେ ବିଭିନ୍ନ ସଂପ୍ରଦାୟର ଲୋକମାନେ ହିଂସାରେ ଲିପ୍ତ ରହୁଥିଲେ । ସେହି ସମୟରେ ଗାନ୍ଧିଜୀଙ୍କ ଉପସ୍ଥିତି ପାଇଁ ଭାରତୀୟମାନେ ଏକ ବିରାଟ ବିପଦରୁ ରକ୍ଷା ପାଇ ଯାଇଥିଲେ ।

ଗୋଟେ ସମୟରେ ହିନ୍ଦ୍‌ବାସୀ କାନ୍ଧାହାର୍ ଠାରୁ ବର୍ମା ପର୍ଯ୍ୟନ୍ତ ଥିଲେ ଆଜି ଆମ ଇତିହାସ ସାକ୍ଷୀ ଅଛି । ସମୟକୁ ସମୟ ହିନ୍ଦ୍‌ବାସୀ ବିଭିନ୍ନ ବାହ୍ୟ ଶକ୍ତିର ଶିକାର ହୋଇ ଛିନ୍ନ ହୋଇଛି । କିନ୍ତୁ ସ୍ୱାର୍ଥପର ବ୍ୟକ୍ତି ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏଇ ବିରାଟ ଉପମହାଦେଶକୁ ଖଣ୍ଡ ଖଣ୍ଡ କରିବା ପାଇଁ ପଶ୍ଚାତାପ କରୁନାହାନ୍ତି । ଆଜିର ଭାରତୀୟ ସମାଜରେ ମଧ ସାଂପ୍ରଦାୟୀକତାବାଦ ବଢ଼ିଚାଲିଛି । ମଣିଷ ମଣିଷ ମଧରେ ମତାନ୍ତର ଏବଂ ମନାନ୍ତର ମାନବିକ ମୂଲ୍ୟବୋଧକୁ ହାନି ଘଟାଉଛି । ଆଜି ଗାନ୍ଧିଜୀଙ୍କର ସେହି ଅମର ବାଣୀ ସତ୍ୟ ଏବଂ ଅହିଂସା ଏକମାତ୍ର ଅସ୍ତ୍ର ସମାଜକୁ ଉଦ୍ଧାର କରିପାରିବ । ଗାନ୍ଧିବାଦର ପ୍ରାସଙ୍ଗିକତା ଯୁଗେ ଯୁଗେ ବଞ୍ଚିପାରିବ ଏଥିରେ ସନ୍ଦେହ ନାହିଁ ।

୦୦୦

# ଗାନ୍ଧିଜୀଙ୍କୁ ମୁଁ ଯେମିତି ଜାଣେ

*- ପଦ୍ମଶ୍ରୀ ଜୟନ୍ତ ମହାପାତ୍ର*



"He stopped at the thresholds of the huts of the thousands of dispossessed, dressed like one of their own. He spoke to them in their own language. Here was living truth at last, and not only from quotations from books....."

– Rabindranath Tagore

୧୯୭୦ରେ ମୁଁ ଗୋଟିଏ ଛୋଟ, ସରଳ କବିତାଟି ଲେଖିଥିଲି ଯାହାର ନାମ ଦେଇଥିଲି "ଗାନ୍ଧୀ"। କବିତାଟି ପ୍ରକାଶ ପାଇଥିଲା ମୋର ପ୍ରଥମ କବିତା ସଂକଳନ "କ୍ଲୋଜ୍ ଦ ସ୍କାଇ ଟେନ୍ ବାଇ ଟେନ୍"ରେ। ସେବେ କବିତା କ'ଣ ମୁଁ ଆଦୌ ଜାଣିନଥିଲି ; ପୂର୍ବରୁ କବିତା କେବେ ପଢ଼ିନଥିଲି, କବିତାରେ କୌଣସି ଆଗ୍ରହ ବି ନଥିଲା, ପତ୍ରିକାରେ କବିତା ପୃଷ୍ଠା ଆସିଗଲେ ପୃଷ୍ଠା ଲେଉଟାଇ ଦେଉଥିଲି - ଯେତିକିଟି କବିତା ଥିଲା ପଢ଼ିବାକୁ ସ୍କୁଲ୍ ଆଉ କଲେଜ ବହିରେ ସେତିକି ଯଥେଷ୍ଟ ଥିଲା। ମୋର "ଗାନ୍ଧୀ" କବିତାଟିର ଶେଷ ଧାଡ଼ି ଏଇପରି ଥିଲା :

"ରକ୍ତ ତାଙ୍କର ଫଟେଇଛୁ ଆମେ
ରକ୍ତ ବୋହିବା ପାଇଁ
ତାଙ୍କ ସପକ୍ଷରେ ବୋଧେ ଆମେ ସବୁ
ଆମେ ତାଙ୍କୁ ଘୃଣା କରୁ ବୋଲି
ଆମେ ଜାଣୁନୁ"

କବିତା କ'ଣ ନଜାଣି, ମୂର୍ଖଟି ପରି, ଏଇ ଧାଡ଼ି ଗୁଡ଼ିକ ଲେଖିଦେଲି। ମୋ ପାଇଁ ସେତେବେଳେ କବିତା ଗୋଟିଏ ଘରର ବଖରା ଥିଲା। ଥରେ ଥରେ ପଶିଯାଏ ତା' ଭିତରେ। ଆଉ କେବେ କେବେ ପଶିପାରେ ନାହିଁ। ଜାଣିନଥିଲି ମୁଁ ଖୋଜୁଥିଲି କ'ଣ ଶବ୍ଦଙ୍କ ଭିତରେ।

ମନେ ପଡ଼େ :

"The small man was standing in the shadows. The next moment he was lying on the moist ground. There were people everywhere, but it was the village of the dead. The firy tongue of time licked the lost map of India."

ଆଜି, ୮୮ ବର୍ଷ ବୟସରେ, ଏଇ ପୁରୁଣା କବିତାକୁ ପୁଣି ପଢ଼ି ବସେ। ଆଉ ମନେ ହୁଏ ମୋର ଏଇ କବିତାଟି ଆଦୌ କବିତା ଗୋଟିଏ ନୁହେଁ। କାବ୍ୟ / କବିତା ଲେଖାଲେଖି ଭିତରେ ନଥାଏ, ବହି ଭିତରେ କେବେ ମିଳେ ନାହିଁ। "ଧ୍ୱନି" ସେ, "ବାକ୍", ସ୍ଥିର ହାତ ଗୋଟିଏ, ବଢ଼େଇଥିବା ହାତ, ପୂରାପୂରି ଏକା। ମୁଁ କେବଳ ଏତିକି ଜାଣେ। ଆଉ କିଛି ନୁହଁ।

ଯେତେବେଳେ ସେ କବିତାରେ ଲେଖିଦେଲି "ଆମେ ତାଙ୍କୁ ଘୃଣା କରୁ", ପ୍ରକୃତରେ କୋଉ ଅର୍ଥରେ ଲେଖିଥିଲି ଆଜି ମୁଁ ଜାଣିପାରୁନି। କ'ଣ ସତରେ, ଆନ୍ତରିକ ଭାବରେ ସେଇ ଅର୍ଥରେ ଲେଖିଥିଲି ? କ'ଣ ମୋ ଅନ୍ତରରୁ ଗୋଟିଏ ପ୍ରକାର ନ୍ୟାୟସଙ୍ଗତ ରାଜ ବାହାରି ଠେଲିଦେଲା ମତେ "ତାଙ୍କୁ ଘୃଣା କରେ" ବୋଲି ଲେଖିବାକୁ ? ନା ମୋ ନିଜ ପ୍ରତି ଭର୍ତ୍ସନା ଥିଲା ସେଇ ଧାଡ଼ିଟି, ନିର୍ବୋଧ ଭାବେ ଲେଖିଦେଇଥିଲି ଯାହାକୁ, ମୋ ଦେଶରେ ମାଡ଼ି ଯାଉଥିବା ହିଂସା ଅନ୍ୟାୟକୁ ଦେଖି ଦେଖି, କିଛି ନକରିପାରେ ?

୧୯ବର୍ଷ ହେଇଥିଲା ମତେ, ଯେତେବେଳେ ପ୍ରଥମ କରି ଶୁଣିଲି ତାଙ୍କ କଥା, କେତେ କୋମଳ, କେତେ ନରମ୍ ଥିଲା ସେ ସ୍ୱର ? ଆମ ଦେଶଟିର ସେଇ ଦୁଃଖଦାୟକ ଗୋଧୂଳି ଆଲୁଅ ଥିଲା ତାଙ୍କ ଚାରିପାଖେ, ସେଇ ଅଧାଛାଇ-ଅଧାଆଲୁଅ, ଯାହା ମୁଣ୍ଡ ଟେକି ମାରିଥିଲା ତାଙ୍କୁ

ଚାରି ମାସ ପରେ। ସେବେ ଷଷ୍ଠ ବର୍ଷ ପଦାର୍ଥ ବିଜ୍ଞାନର ଛାତ୍ର ଥିଲି ମୁଁ, ପାଟନା ବିଶ୍ୱବିଦ୍ୟାଳୟରେ। ଗଙ୍ଗାର ଶୀତଳ ପବନ ସହର ଭିତରକୁ ପଶି ଆସି ଛୁଇଁ ଦେଉଥିଲା ମନକୁ। ଆଉ ବାଙ୍କିପୁର ମଇଦାନ୍‌ସାରା ଲୋକ ଭରପୁର ଥିଲେ, ଗାନ୍ଧୀଜୀଙ୍କ ପ୍ରାର୍ଥନା ସଭାରେ ଯୋଗ ଦେବା ପାଇଁ।

ସୂର୍ଯ୍ୟ ପ୍ରାୟ ବୁଡ଼ି ଆସୁଥିଲା। ଚାଲି ଚାଲି ଚାରି ମାଇଲ୍‌ର ରାସ୍ତା ମହେନ୍ଦ୍ରଘାଟରେ ଥିବା ମୋ ଛାତ୍ର ନିବାସରୁ ଆସି ମଇଦାନ୍‌ରେ ପହଞ୍ଚିଥିଲି। ଟିକିଏ ଥକା ଲାଗୁଥାଏ ମତେ। ହେଲେ ଆକାଶରେ ଥିଲା ଆଶାର ଆଲୁଅ। ଟିକିଏ ପରେ, ବୁଢ଼ା ଲୋକଟି ଧିରେ ଧିରେ ଆଗକୁ ଆସିଲେ, ହାତ ଦୁଇଟି ତାଙ୍କ ଦୁଇ ଝିଆରୀଙ୍କ କାନ୍ଧରେ ରଖି। ଛୋଟ ଆଉ ପତଳା ଥିବାରୁ ମୁଁ ବିନା କଷ୍ଟରେ ଅସ୍ଥାୟୀ ମଞ୍ଚ ପାଖରେ ପହଞ୍ଚିପାରିଥିଲି, ଲୋକଙ୍କ ଭିଡ଼ ଭିତର ଦେଇ, ପାଖାପାଖି ତାଙ୍କର। ମନରେ ମୋର ଉତ୍ସାହ ଭରିକରି ଥିଲା।

ମହାତ୍ମା ଗାନ୍ଧୀ। ରକ୍ତ ମାଂସର ଗାନ୍ଧିଜୀ। ବିଶ୍ୱାସ କରିପାରୁନଥିଲି ମୁଁ, ମୋ ସାମନାରେ, ପାଖରେ ସିଏ। ଯୋଉ ମଣିଷଟିକୁ ଶ୍ରଦ୍ଧା କରିଆସିଥିଲି ସେଦିନ ପର୍ଯ୍ୟନ୍ତ, ଆଉ ଖାଲି ଶ୍ରଦ୍ଧା ନୁହଁ, ଭକ୍ତି ଭଲପାଇବା ମିଶିକରି ଥିଲା, ମୋ ନିଜ ବାପା ମାଆଙ୍କ ଠାରୁ ବୋଧହୁଏ ବେଶି। ସେଇଠି, ମୋ ପାଖଟାରେ ପୁଣି। ଦୁନିଆ କେତେ ଛୋଟ ମନେ ହେଲା। କିଛି ଲୋକଙ୍କୁ ଠେଲିଠାଲି ଗାନ୍ଧୀଙ୍କ ଆହୁରି ପାଖରେ ପହଞ୍ଚଗଲି।

ମନେ ପଡ଼ିଲା ପ୍ରଥମ ଥର ପାଇଁ ଯେବେ ଗାନ୍ଧୀ ଓଡ଼ିଶା ଆସିଥିଲେ ; ମାର୍ଚ୍ଚ ମାସ ୨୩ତାରିଖ, ୧୯୨୧। ଜନ୍ମ ହେଇନଥିଲା ମୋର। କିନ୍ତୁ ଇଏ ତ ସେଇ ସ୍ମରଣୀୟ ବର୍ଷ ଥିଲା ୧୯୪୭, ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ ବର୍ଷ। କେତେ ଭାଗ୍ୟବାନ ମୁଁ, ଯେ ସେ ବର୍ଷ ବଞ୍ଚି ରହି ଦେଖିଲି ମୋ ଭାରତବର୍ଷକୁ ଗୁଡ଼େଇଦେଲେ କମଳା, ଧଳା, ସବୁଜ ରଙ୍ଗର ରିବନ୍‌ରେ, ଅଣନିଶ୍ୱାସୀ କରିଦେଲା ବୋହିଯାଉଥିବା ମୁକ୍ତିର ଅଦୃଶ୍ୟ ପବନ ! ଗର୍ବ ଫୁଟି ଉଠୁଥିଲା ମୋ ମୁହଁରେ, ଏକ ଆଶ୍ଚର୍ଯ୍ୟଜନକ ଗର୍ବ; ନୂଆ ଭାରତବର୍ଷର ନାଗରିକ ଥିଲି ମୁଁ। ଧିରେ ଧିରେ ପାଦ ପକେଇ ଆଗେଇ ଆସିଲେ ଗାନ୍ଧୀ, ନଇଁ ପଡ଼ିଥିଲା ତାଙ୍କର ଦେହ, ପଦକ୍ଷେପ ଅନିଦ୍ରା, କ୍ଳାନ୍ତ। ସେ ଦିନ ସନ୍ଧ୍ୟାରେ ମୁଁ ତାଙ୍କର ଏତେ ପାଖରେ ଥିଲି ଯେ ହାତ ବଢ଼େଇଥିଲେ ତାଙ୍କୁ ଅକ୍ଲେଶରେ ଛୁଇଁ ପାରିଥାନ୍ତି। ଭଲ କରି ଦେଖିଲି ତାଙ୍କୁ। ମନେ ହେଲା ମୋର, ଦୁଃଖର ବନ୍ଦୀ ଥିଲେ ସିଏ। ତାଙ୍କ ଦୁଃଖ ତାଙ୍କରି ପାଖେ ରହିନଥିଲା, ଭାସି ଆସିଲା, ଛୁଇଁଲା ଆମକୁ। ବିହାରର ଗାଁ ଗଣ୍ଡାରେ ଜାତି ଜାତି ଭିତରେ ହିଂସା ବନ୍ଦ କରିବା ଉଦ୍ଦେଶ୍ୟରେ ପଦଯାତ୍ରା ସାରି ଗାନ୍ଧୀ ଏବେ ପାଟନା ଫେରିଥାନ୍ତି। ଏଥି ପୂର୍ବରୁ ସେ ପୂର୍ବ-ବେଙ୍ଗଲ୍ (ଆଜିକାର ବାଂଲାଦେଶ) ଯାଇ ସ୍ଥାନ ସ୍ଥାନ ବୁଲି ଦଙ୍ଗାରେ ନିଷ୍ପୀଡ଼ିତ ହେଇଥିବା ଲୋକଙ୍କୁ ସାନ୍ତ୍ୱନା ଦେଇ ଶାନ୍ତିର ପ୍ରଚାର କରିଥିଲେ। ପରିଣତ ବୟସରେ ଏତେ ପରିଶ୍ରମ ନିଶ୍ଚିତ ଭାବରେ ତାଙ୍କ ଦେହ ଓ ମନ ପାଇଁ କ୍ଷତିକାରକ ହେଇଥିବ। ଦିନଦିନର କ୍ଳାନ୍ତି ତାଙ୍କ ମୁହଁକୁ ସଂକୁଚିତ କିରଦେଇଥିଲା। ଆଲୁଅ ଚାଲିଯାଇଥିଲା ତାଙ୍କ ଉଜ୍ଜ୍ୱଳ ଆଖିରୁ। କଥା କହିବା ଆରମ୍ଭ କଲାବେଳେ ତାଙ୍କ ମନର ଘା'ସବୁ ଲୁଚି ପାରିନଥିଲେ ମୁହଁରେ ତାଙ୍କର।

> ଏତେ ଉଚ୍ଚର ସମ୍ମାନ ସିଏ ଯେମିତି ହୋଇପାରୁଥିଲେ, ଅନେକ କମ୍ ଲୋକ ସେମିତି ହୋଇପାରନ୍ତି । ଦେଶ ଆମର ଯେତେବେଳେ ଆଗ୍ନେୟଗିରି ପରି ଜଳୁଥାଏ ଚାରିଆଡ଼େ, ଫୁଲଟିଏ ହୋଇ ଗାନ୍ଧୀ ଫୁଟିଥିଲେ ସେ ନିଆଁରୁ । ଇତିହାସ ସିଏ, ଭୁଲିବ କିଏ ତାଙ୍କୁ ?

ଯାତ୍ରା, ତାଙ୍କ ଜୀବନର ଯାତ୍ରା, କେବେ ବି ଶେଷ ହେବନି ବୋଲି ମୋର ମନେ ହେଲା। ବୟସ ମୋର କମ୍ ଥିଲା; କେମିତି ବୁଝିପାରିଥାନ୍ତି "କ୍ଷମା"ର ଅର୍ଥ ବୁଝୁଥିଲେ ସିଏ ଯେମିତି ? ଯେତିକି ଦୁର୍ବଳ ହେଇଯାଉଥିଲା ତାଙ୍କର ଆଗକୁ ଆଗକୁ ପଦକ୍ଷେପ, ସେତିକି ଶକ୍ତିଶାଳୀ ହେଉଥିଲା ତାଙ୍କ ଲକ୍ଷ।

ବିଶାଳ ଗଙ୍ଗା ପରି, ଯାହାର ବନ୍ଧରେ ମୋ ଛାତ୍ର ନିବାସ ଥିଲା, ଯାହା ବନ୍ଧରେ ପାଟନାରେ ମୋର ଗୋଟିଏ ଗୋଟିଏ ଦିନ କଟିଯାଥିଲା, ଯୋଉ ଗଙ୍ଗା ମୋ ମନକୁ ଭରିଦେଇ ପାରିଥିଲା, ଗାନ୍ଧୀ ମୋର ମନ ଭରିଦେଲେ। ସିଏ ହେଲେ ମନ ମୋର। ଲୋକଙ୍କ ଭିଡ଼ରେ ଉପରକୁ ଅନାଇଲି। ଆକାଶ କେମିତି ସ୍ୱଚ୍ଛ ଥିଲା, ଗୋଟିଏ ବି ମେଘ ନଥିଲା କୋଉଠି। ଦେଖୁ ଦେଖୁ ସନ୍ଧ୍ୟା ତାରାର ଆଭାସ।

ଆଉ ଗାନ୍ଧୀଙ୍କ ଆଖିରେ କରୁଣାର ଡେଣା। ଦୁଃଖ ପରି କିଛିଟି ସେଇ ଆଖିରୁ ବାହାରି ଭାସି ଆସିଲା ପବନରେ।

ମୁଁ ଶୁଣିଲି ଏକ ନୀରବତା, ଆଉ ସ୍ୱପ୍ନ ପାଲଟିଗଲା । ଲାଗିଲା ମତେ, ଅନିଚ୍ଛା ସତ୍ତ୍ୱେ ମତେ ଅଜଣା ବାଟସବୁରେ ଟାଣି ନେଇଗଲେ ଗୋଟିଏ ଶାନ୍ତ ବୁଢ଼ାଟିର ଦେଶକୁ ଯିଏ କିମ୍ବଦନ୍ତୀ ହେଇ ରହିଗଲା ପରବର୍ତ୍ତୀ ପିଢ଼ିଙ୍କ ପାଇଁ ।

ପରୀକ୍ଷା ମୋର ପାଖେଇ ଆସୁଥାଏ । ଅଳ୍ପ କେତୋଟି ପ୍ରାର୍ଥନା ସଭାକୁ ଯାଇ ପାରିଥିଲି ପାଟନାରେ । ପଢ଼ାପଢ଼ିରେ ମନ ଦେଉନଥିଲି, ମୁଁ ଥିଲି ଅସ୍ଥିର ପ୍ରକୃତିର, କ୍ଲାସ୍‌ରେ ମନଦେଇ ଶୁଣୁନଥିଲି । ପଦାର୍ଥ ବିଜ୍ଞାନ ପଢ଼ିବାକୁ ବି ଏତେ ଇଚ୍ଛାନଥିଲା । ମନ ଯାହା ଚାହୁଁଥିଲା, ତା କରୁଥିଲି, କେବେ ବି ଭାବିନଥିଲି ଯେ ଦିନେ ଲେଖି ବସିବି ବୋଲି । କବିତା ତ ଅତି ଦୂରର କଥା ଥିଲା । ଆଉ ସବୁବେଳେ ମନ ଭିତରେ ବିଭିନ୍ନ ପ୍ରକାରର ଇଚ୍ଛା ମତେ ବିଚଳିତ କରୁଥିଲା ।

ଏଇ ପ୍ରାର୍ଥନା ସଭାର ପ୍ରାୟ ତିନିମାସ ପରେ, ଜାନୁଆରୀ ୩୦ର ସନ୍ଧ୍ୟାରେ, ଏମିତି ଏକ ପ୍ରାର୍ଥନା ସଭାରେ, ଗାନ୍ଧୀଜିଙ୍କୁ ଗୁଳି କରି ହତ୍ୟା କରାହେଲା ଦିଲ୍ଲୀରେ । ସେଦିନ ସନ୍ଧ୍ୟାରେ, ଅନ୍ଧାର ହେଇନଥାଏ, ପାଟନା ବିଶ୍ୱବିଦ୍ୟାଳୟର ସେନେଟ୍ ହାଉସ୍ ପାଖେ ବୁଲୁଥିବାବେଳେ, ଫୁଟ୍‌ପାଥ୍ ଉପରେ ଧାଡ଼ି ଧାଡ଼ି ବହି ଗୁଡ଼ିକକୁ ଦେଖୁଥିଲାବେଳେ, ପାଖରେ ଟିକେ ଗୋଳମାଳ ମୋ ମନକୁ ସେଇଆଡ଼େ, ଟାଣିନେଲା । ପାଖକୁ ଘୁଞ୍ଚିଗଲି । ଖଣ୍ଡ ଖଣ୍ଡ କଥା ମୋ କାନରେ ପଡ଼ିଲା : "ଗାନ୍ଧୀଙ୍କ ହତ୍ୟା ହେଇଚି... ଗୁଳି କରିଛନ୍ତି ତାଙ୍କୁ.... ଯିଏ ମାରିଲା ସିଏ କ'ଣ ମୁସ୍‌ଲିମ ?" ଚୁପ୍ ହେଇ ଛିଡ଼ା ହେଇଗଲି ମୁଁ । ମୋ ଭିତରେ ଶବ୍ଦର ଗର୍ଜନ । ସମୟ, ବା ସମୟ ପରି ଯାହା ବି ହେଇପାରେ, ଯିଏ ମତେ ତା କାନ୍ଧରେ ବସାଇ ଆଗେଇ ଆଗେଇ ଚାଲିଚି, ଯିଏ ମତେ ଅନେକ ଦିନରେ ଆଣି ଛାଡ଼ିଛି, କିମ୍ବା ଶେଷରେ ଯିଏ କୋଉଠିକୁ ବି ନେଇପାରେ ନାଇଁ, ସେଇ ସମୟ ଆଜି ଜାନୁଆରୀ ୩୦,୧୯୪୮ର ସନ୍ଧ୍ୟାରେ ଚମତ୍କାର ପ୍ରଦର୍ଶନଟି କଲା । ହଠାତ୍ ସମୟ ବିପରୀତ ଦିଗରେ ବୁଲିବା ଆରମ୍ଭ କଲା, ଘଡ଼ିଟି ଡାହାଣରୁ ବାଁ ପଟକୁ ବୁଲିବା ଭଳି । ମୋ ଅବିଶ୍ୱାସ ଥିଲା ଅତିଶୟ ବୃହତ । ସତେ ଯେମିତି ଘଡ଼ଘଡ଼ିର ଟଣ୍ଟି ଚିପିଦେଲା କିଏ ଆକାଶରେ ଆମର । ମହେନ୍ଦ୍ରୁ ଘାଟରେ ମୋ ଛାତ୍ରନିବାସକୁ ଫେରି ଦେଖିଲି ସବୁଆଡ଼େ ଅନ୍ଧାର । ଆମ ମେସ୍ ବନ୍ଦ ଥିଲା, ଯୋଉ ମହାରାଜ ଆମକୁ ସକାଳେ ଓ ସଞ୍ଜରେ ମିଲ୍ ଦିଅନ୍ତି, ସିଏ ମଧ ନଥିଲେ । ଦୋକାନ ବଜାର ସବୁ ବନ୍ଦ ହେଇ ଯାଇଥିଲା । ରାସ୍ତା ପ୍ରାୟ ଖାଲି । ଯୋଉଠି ବି କିଛି ଲୋକ ଥିଲେ, ଫୁସୁରୁ ଫୁସୁରୁ ହେଇ କଥାବାର୍ତ୍ତା କରୁଥାନ୍ତି । ମୋ ଛୋଟ କୋଠରିରେ ପହଞ୍ଚି ଲଣ୍ଠଣକୁ ଲଗେଇଲି । ଥକା ଲାଗୁଥିଲା ମତେ, କୌଣସି କଥା ଭାବିବାକୁ ଇଚ୍ଛା କଲି ନାଇଁ । ଶେଷ ମିଲ୍ ଖାଇଥିଲି ସେ ଦିନ ସକାଳ ଦଶଟାରେ, ଆମ ମେସ୍‌ରେ । କ୍ଲାସ୍ ଯିବା ପୂର୍ବରୁ । ମୋ କୋଠରିରେ ପହଞ୍ଚିଲାବେଳକୁ ସନ୍ଧ୍ୟା ସାତଟା । ପାଟନା ଶୀତରେ ମତେ ଅସ୍ୱସ୍ତିକର ଲାଗୁଥାଏ । ମତେ ବେଶ୍ ଭୋକ ଲାଗି ଆସିଥାଏ । କମ୍‌ସେକମ୍ ଆହୁରି ବାର ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ଲ-କଲେଜର କ୍ୟାଫେଟେରିଆ ଖୋଲିବା ପର୍ଯ୍ୟନ୍ତ - ଏଇ କଥା ମୋ ମନକୁ ଆହୁରି ଚିନ୍ତିତ କରିଦେଲା । ରାତି ପାହିଗଲା । କିଏ କହିବ ଆମ ଛୋଟ ଛାତ୍ର ନିବାସ ବାହାରେ କ'ଣ ହେଉଥିଲା ? ରହିଗଲି ରୁମ୍‌ରେ ଏକାକୀ, ଗର୍ଭାଶୟରେ ରହିବା ପରି । ବିହାରୀ ଛାତ୍ରମାନେ ଚାଲି ଯାଇଥିଲେ କେଜାଣି କୁଆଡ଼େ । ଅନୁଭବ କରିବାର ଶକ୍ତି ମତେ ବି ଛାଡ଼ି ଚାଲି ଯାଇଥିଲା । ଗାନ୍ଧୀଙ୍କ ସଙ୍ଗେ ବଢ଼ିବା, ତାଙ୍କୁ ଅନୁଭବ କରିବା, ମୋ ପାଇଁ ସହଜ ହେଇନି । ବୋଧେ ଭଲ ମଣିଷଟେ ହେଇଥିଲେ ମନରେ ମୋର ଏକ ପ୍ରକାର ସିଦ୍ଧି ଆସିଥାନ୍ତା । ପଦାର୍ଥ ବିଜ୍ଞାନର ଅଧ୍ୟୟନ ତ କେବେ ବାଧା ଦେଇନାଇଁ ମତେ ତାଙ୍କ ଜୀବନଶୈଳୀ ଅନୁକରଣରେ ? ଯଦିବା ମୁଁ "ଚରଖା" କିମ୍ବା "ସର୍ବୋଦୟ"ର ଗୁରୁତ୍ୱ ବୁଝିବାକୁ ଅକ୍ଷମ ଥିଲି, ମୋ ଭିତରଟି କେମିତି ପାରି ହେଇଯାଏ ଯେବେ ଗାନ୍ଧୀଜୀଙ୍କ କଥା ମୋ ମନରେ ଆସେ । ସେ ସନ୍ଧ୍ୟା ଭୁଲିପାରିବି ନାଇଁ ମୁଁ । ଆକାଶରେ ବୋଧେ ଅନେକ ବେଶୀ ତାରା ଥିଲେ କି ଆଦୌ ତାରାନଥିଲେ । କିଏ ଜାଣେ ? କିଛି ପ୍ରଶ୍ନ ବି ମନରେ ନଥିଲ । ବୋଧେ କାହାର ମନରେ ବି ନଥିଲା । ଦୁଆର ପଡ଼ିଯାଇଥିଲା ସବୁଠି । ସତୁରି ବର୍ଷ ପରେ, ଆଜି, ମନକୁ ପ୍ରଶ୍ନ ଆସେ । ଆମ ସମାଜ କଥା, ଦେଶ କଥା । ସମାନ ଭାବରେ ଆମେ ସମସ୍ତେ ଯେ ବଞ୍ଚିବୋଲି ଗାନ୍ଧୀଜୀ ଯୋଉ ସ୍ୱପ୍ନ ଦେଖିଥିଲେ, କାହିଁ ସେ ସ୍ୱପ୍ନ ? ଯୋଉ ଦେଶକୁ ସିଏ ତାଙ୍କ ଭଲପାଇବା ଢ଼ାଳି ଦେଇଥିଲେ, କାହିଁ ସେ ଭଲପାଇବା ଆଜି ? କ'ଣ ସବୁ କିଛି ମିଥ୍ୟା ଥିଲା ; ଏ ବିସ୍ମୟକର ଦେଶ, ତା'ର ମାଟି, ତା'ର ଆକାଶ ? ସିଏ ? ପଛକୁ ଚାହୁଁ ନାଇଁ ମୁଁ । ପଛରେ ତ ଖାଲି ରାତି, ଖାଲି ଏକ ନୀରବତା । ଆଗରେ ? କିଏ ଜାଣେ ? ଆଜି ଏକା ଏକା ଯେବେ ଥାଏ ମୁହୂର୍ତ୍ତମାନଙ୍କ ଭିତରେ, ଆଉ କବିତା ଠେଲିଦିଏ ମତେ (ମୋ ଅନିଚ୍ଛା ସତ୍ତ୍ୱେ) ଏକ ପ୍ରଶସ୍ତ ନିଃସଙ୍ଗତାର

ଅଞ୍ଚଳକୁ, ତାଙ୍କରି କଥା ଭାବିବାକୁ ଇଚ୍ଛା ହୁଏ ମତେ, ତାଙ୍କ ସାହାସ, ତାଙ୍କ ବିଶ୍ୱାସ କଥା - ଯୋଉ ସାହସରେ ଖାଲି ଦେହରେ, ଧୋତିଟିଏ ପିନ୍ଧି ସେ ପଶିପାରିଥିଲେ ଲଣ୍ଡନ୍‌ର ପ୍ରସିଦ୍ଧ ଦଶ ନମ୍ବର ଘରକୁ। କେତେକ ବିଷୟରେ ତାଙ୍କ ସଙ୍ଗେ ମୁଁ ଏକମତ ହେଇନପାରେ, କିନ୍ତୁ ମୋ ନିରାଟ ନିର୍ଜନତାକୁ ସିଏ ମତେ ବାହାରକରି ମୋ ସାଧାରଣ ବଞ୍ଚିବା ସ୍ତରରୁ ଉଠେଇନେଇ ପାରୁଥିଲେ ଉଚ୍ଚକୁ, ଏକ ପ୍ରକାର ଊର୍ଦ୍ଧ୍ୱକୁ।

ପ୍ରଶଂସା କରିବା ଗାନ୍ଧୀଙ୍କୁ ମୋର ଉଦ୍ଦେଶ୍ୟ ନୁହଁ। କେତେ ନିଃସ୍ୱାର୍ଥପର ହେଇପାରନ୍ତି ଜଣେ। ପିଲାଟିଦିନରୁ ମୋର, ସିଏ ମୋ ପାଖେ ପାଖେ, ବର୍ଷ ବର୍ଷ ଧରି, ମୋର ସବୁ କବିତା ପଛରେ। ଛ ସାତ ବର୍ଷ ପୂର୍ବେ, ଗୋଟିଏ ବିଷାଦପୂର୍ଣ୍ଣ ମୁହୂର୍ତ୍ତ ମତେ ଟାଣି ନେଇଥିଲା ଯେବେ କବିତାଟିଏ ଲେଖିବାକୁ, ଗାନ୍ଧୀଜୀଙ୍କୁ ମୁଁ କହିଲି :

*"ଦେଶ, ଏଇ ଆମର ଦେଶ,*
*ଆମରି ଭିତରେ ଆଜି ଏତେ ଦେଶ !"*

କ୍ଷତି ଭୟର ସମ୍ମୁଖୀନ ସିଏ ଯେମିତି ହେଇପାରୁଥିଲେ, ଅନେକ କମ୍ ଲୋକ ସେମିତି ହେଇପାରନ୍ତି। ଦେଶ ଆମର ଯେତେବେଳେ ଆଗ୍ନେୟଗିରି ପରି ଜଳୁଥାଏ ଚାରିଆଡ଼େ, ଫୁଲଟିଏ ହେଇ ଗାନ୍ଧୀ ଫୁଟିଥିଲେ ସେ ନିଆଁରୁ। ଇତିହାସ ସିଏ, ଛୁଇଁବ କିଏ ତାଙ୍କୁ ?

ବକ୍ସି ବଜାର, କଟକ

୦୦୦

# ଅସଲି ନକଲି

*- ପ୍ରମୋଦ କୁମାର ଜେନା*

ବାବୁଙ୍କ ଉପର ହାକିମ ଆସିବେ। ସେଥିପାଇଁ ମାଆଙ୍କୁ ଆଜି ଫୁରୁସତ୍ ନାହିଁ। ସମସ୍ତେ ମାଆଙ୍କ ହାତ ପରସାକୁ ପସନ୍ଦ କରନ୍ତି। ଅଫିସ୍‌କୁ ଯିଏ ଆସିଲା, ବାବୁ ତା'କୁ ଘରକୁ ନିମନ୍ତ୍ରଣ କରିବେ। ସେ ଅଫିସ୍ କାମରେ ଆସନ୍ତୁ କି ନିଜ କାମରେ ବାବୁଙ୍କ ଘରେ ଖାଇକରି ଯିବେ ହିଁ ଯିବେ। ଏଣୁ ଏଠି ମାଆଙ୍କ ଘରେ ମାସର ଅଧାଦିନ ଭୋଜି କହିଲେ ଚଳେ।

ବାବୁଙ୍କ ଅଫିସରେ ଧନେଶ୍ୱର ଓ୍ୱାଚର ଅଛି । ଦରକାର ହେଲେ ମାଆ ତାକୁ ବଜାର ହାଟ କରିବାକୁ ଡକେଇ ପଠାନ୍ତି। ମାଆଙ୍କ କାମରେ ଟିକିଏ ହାତ ବଟେଇଲେ ଧନେଶ୍ୱରକୁ ବି ଖୁବ୍ ଭଲ ଲାଗେ। ଆଜି କିନ୍ତୁ ଗୁରୁବାର। ଘରେ ଆଇଁଷ ପଶିବନି। ତେଣୁ ଅଡୁଆ। କ'ଣ ରୋଷେଇ କରିବେ, କ'ଣ ଖାଇବାକୁ ହେବେ, ସେଇ ଚିନ୍ତା ମାଆଙ୍କର। ସେମାନେ ହୁଏତ ମାନୁ ନଥିବେ। ହେଲେ ଗୁରୁବାରେ ଓଡ଼ିଆ ଘରେ ଆଇଁଷ ଚିନ୍ତା କରିବା ବୃଥା। ଆଇଟମ୍ ତ ବହୁତ ହେଲାଣି। ସାଲାଡ୍ ଠାରୁ ଆରମ୍ଭ କରି ଜହ୍ନି ପୋସ୍ତ ପର୍ଯ୍ୟନ୍ତ। ଦେଖାଯାଉ ଗେଷ୍ଟମାନଙ୍କ ପସନ୍ଦ ହେଉଛି ନା ନାହିଁ। କିଛି ସମୟ ପରେ ବାବୁ ଆସି ପହଞ୍ଚିଲେ। ପଛେ ପଛେ ବଡ଼ ସାହେବଙ୍କ କାର୍। ତା' ଭିତରୁ ଦୁଇ ଜଣ ଓହ୍ଲେଇଲେ। ଆର ଜଣଙ୍କ ହାକିମଙ୍କ ପିଏ।

ଯଥା ବିଧି ଖାଇବା ପର୍ବ ଆରମ୍ଭ ହେଲା। ଡାଇନିଙ୍ଗ୍ ଟେବଲ୍ ଏପଟେ ହାକିମ୍, ଆଉ ତାଙ୍କ ସାମ୍ନାରେ ବାବୁ ଆଉ ସାହେବଙ୍କ ପିଏ। ସବୁ ଖାଇବା ଜିନିଷ ମାଆ ବଢ଼େଇ ଦେଉଥାନ୍ତି। ଆଉ ଧନେଶ୍ୱର ନେଇ ଟେବୁଲ ଉପରେ ରଖି ଦେଉଥାଏ। ବାବୁମାନେ ଖାଇବା ଆରମ୍ଭ କରିବାକୁ ଯାଉଥାଆନ୍ତି, ହଠାତ୍ ମାଆ ହାତ ଠାରି ଡାକିଲେ। ଧନେଶ୍ୱର ଦ୍ୱାରା ପଚାରିଲେ ଘିଅ ଖାଆନ୍ତି ନା ନାହିଁ।

ସାହେବ କହିଲେ, 'ହଁ....... ହଁ........ ଘୃତ ବିନା କୁ ଭୋଜନମ୍ ପଢ଼ିଥିଲୁ ପରା।' କହି ଠୋ ଠୋ ହୋଇ ହସି ଉଠିଲେ।

ତା' ପରେ ଘିଅ ବୋତଲଟା ମାଆ ବଢ଼େଇ ଦେଲେ। ମାଆ ନିଜେ କ୍ଷୀରରୁ ଘିଅ ବାହାର କରନ୍ତି। ବାବୁ ମଧ୍ୟ ଘିଅକୁ ଖୁବ୍ ଭଲ ପାଆନ୍ତି। ଖାଇବାର କିଛି ସମୟ ପରେ ପି.ଏ. ଆଜ୍ଞା ଟିକିଏ ଛିଗୁଲେଇ କହିଲେ, 'ଘିଅ ଟିକେ ମଧ ଭଲ ମିଳିଲାନି। ଏ ଯୁଗରେ ସବୁ ଭେଜାଲ।' ବାବୁ ଟିକିଏ ବିଚଳିତ ହୋଇ ପି.ଏ. ବାବୁଙ୍କ ମୁହଁଙ୍କୁ ଚାହିଁଲେ। କାଳେ ବିଗିଡ଼ିଯିବେ। ସେଥିପାଇଁ କହିବାକୁ ସାହସ କଲେ ନାହିଁ ଯେ ଏଇଟା ମାଆ ନିଜେ ତିଆରି କରିଛନ୍ତି।

କିନ୍ତୁ ସାହେବ ନିଜେ ପି.ଏ.ଙ୍କ କଥା ଶୁଣି କହିଲେ, 'ଆଜ୍‌କୁଆଲି ଭେଜାଲ ଖାଇ ଖାଇ ଆମେ ଏତେ ଅଭ୍ୟସ୍ତ ହୋଇ ଗଲୁଣି ଯେ, ଅସଲ କୋଉଟା ନିଜେ ବି ଜାଣି ପାରୁନୁ।'

*ଅନନ୍ତ ଭିଲ୍ଲା, ଭୁବନେଶ୍ୱର*

# ସନ୍ଥ ଗାନ୍ଧୀଙ୍କ ମାହାତ୍ମ୍ୟ

- ଡଃ ପାବକ କାନୁନ୍‌ଗୋ

ଭାରତୀୟମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ଯେ ସମଗ୍ର ବିଶ୍ୱକୁ ନୂଆବାଟ ଦେଖାଇବାରେ ସମର୍ଥ ହୋଇଛନ୍ତି ବୋଲି ଯେଉଁ ଅଳ୍ପ କେତେ ଜଣ ସନ୍ଥସ୍ରଷ୍ଟାଙ୍କ ସଂପର୍କରେ ଆଜିବି ଆଲୋଚନା ହେଉଛି ମହାତ୍ମା ଗାନ୍ଧୀ ସେମାନଙ୍କ ଭିତରୁ ଜଣେ ବୋଲି ସ୍ୱୀକୃତି ହୋଇଛନ୍ତି । ବିଶ୍ୱର ଅନେକ ଅଂଶରେ ପଣ୍ଡିତମାନେ, ଭାବୁକମାନେ ତାଙ୍କୁ କ୍ରମାଗତ ଭାବରେ ନୂଆ ନୂଆ ଢ଼ଙ୍ଗରେ ଆବିଷ୍କାର କରି ଚାଲିଛନ୍ତି ଓ ତାଙ୍କର ମୃତ୍ୟୁ ପରବର୍ତ୍ତୀ ଜୀବନ ମଧ ମଣିଷ ଜାତି ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଛି । ବହୁ ସମ୍ମିଳିତ ଆଦର୍ଶର ଏକ ଅପୂର୍ବ, ଅନୁପମ ଅଲୋକବର୍ତ୍ତିକା ହୋଇ କୋଟି କୋଟି ଲୋକଙ୍କୁ ସେ ଏବେବି ପ୍ରେରଣା ଦେଉଛନ୍ତି । ମହାନ ଦାର୍ଶନିକ ସର୍ବପଲ୍ଲୀ ଡଃ ରାଧାକୃଷ୍ଣନ୍‌ଙ୍କ ଭାଷାରେ, ଆମ ପାଇଁ ଗର୍ବର କଥା ଯେ ଇତିହାସର ବିରାଟତମ ବ୍ୟକ୍ତିମାନଙ୍କ ଭିତରୁ ଜଣେ ଆମ ପୁରୁଷରେ ଜନ୍ମଗ୍ରହଣ କରିଥିଲେ, ଆମରି ସହିତ ଚାଲ୍‌ବୁଲ କରୁଥିଲେ ଏବଂ ଆମକୁ ସଭ୍ୟ ଜୀବନଧାରଣ କରିବାର ପନ୍ଥା ଶିଖାଇଥିଲେ । ଦାର୍ଶନିକ ପ୍ଲେଟୋଙ୍କ ଉକ୍ତିକୁ ଉଦ୍ଧାର କରି ଜଣେ ଭାରତୀୟ ପଣ୍ଡିତ କହିଥିଲେ - ପୃଥିବୀରେ ସବୁବେଳେ କେତେଜଣ ଅନୁପ୍ରାଣିତ ବ୍ୟାକ୍ତିଥାନ୍ତି ଯେଉଁମାନଙ୍କ ସାନିଧ ଲାଭ କରିବା ଏକ ଅମୂଲ୍ୟ ଅନୁଭବ । ଗାନ୍ଧିଜୀ ଥିଲେ ସେହି ପରି ଜଣେ ଅନନ୍ୟ ମଣିଷ । ଭାରତର ମୁକ୍ତି ପାଇଁ ସେ ଯେଉଁ ସଂଗ୍ରାମର ଆଶ୍ରୟ ନେଲେ ତାକୁ ସେ ଅହିଂସା ଛାଞ୍ଚରେ ପକାଇଦେଲେ । ସେହି ଛାଞ୍ଚରୁ ବାହାରିପଡ଼ିଲା ଘୃଣାସହିତ ସଂଗ୍ରାମ । ବିଶ୍ୱପ୍ରେମ, ବିଶ୍ୱଭାତୃତ୍ୱ, ଶାନ୍ତି ଓ ସହଯୋଗର ସେ ହୋଇଗଲେ ଜୀବନ୍ତ ପ୍ରତୀକ ଏବଂ ତାଙ୍କର ଦେଶପ୍ରେମ ମାନବ ଜାତିର ସମୂହ କଲ୍ୟାଣ ସହିତ ଏକାକାର ହୋଇଗଲା ।

ଅହିଂସା ପ୍ରତିରୋଧ ଭିତରେ ଲୁଚି ରହିଥିବା ଅମାପ ଶକ୍ତି ଓ ସମ୍ଭାବନା ତଥା ଅନ୍ୟାୟ ବିରୋଧରେ ଲଢ଼ିବା ଦିଗରେ ଏହାର ପ୍ରାସାଙ୍ଗିକତା ସଂପର୍କରେ ଗାନ୍ଧିଜୀ ଏପରି ସ୍ଥିର ନିଶ୍ଚିତ ଥିଲେ ଯେ ଅନ୍ୟ କୌଣସି ବିକଳ୍ପର ଚିନ୍ତା ମଧ କରୁନଥିଲେ । ଏ ସଂପର୍କରେ ତାଙ୍କର ଚିନ୍ତା ଓ ଭାବନା ଦକ୍ଷିଣ ଆଫ୍ରିକା ଭୂମିରେ ଧୀରେ ଧୀରେ ସ୍ପଷ୍ଟ ହେଲା ଓ ସେହି ଅନୁଭୂତି ଓ ଅଭିଜ୍ଞତାକୁ ପୁଞ୍ଜିକରି ସେ ଭାରତୀୟ ରଙ୍ଗ ମଞ୍ଚରେ ଜଣେ ମହାନାୟକ ଭାବରେ ପରବର୍ତ୍ତୀ କାଳରେ ଉଭା ହେଲେ । କେବଳ ସେହି ଦେଶରେ ନୁହେଁ, ପୃଥିବୀର ଯେଉଁ ଅଞ୍ଚଳରେ ଲୋକେ ଅନ୍ୟାୟ, ଅତ୍ୟାଚାରର ଶିକାର ହେଉଛନ୍ତି, ସବୁଠାରେ ଏହାକୁ ସଫଳତାର ସହିତ ପ୍ରୟୋଗ କରି ହେବ । ନିକଟରେ ପ୍ରକାଶ ପାଇଥିବା ଗୋଟିଏ ଆକଳନ ଅନୁସାରେ, ଗଲାକେତେବର୍ଷ ଧରି ଏକଛତ୍ର ଶାସନକୁ ହଟାଇ ଯେଉଁଠି ଗଣତନ୍ତ୍ର ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି ତାହାର ପ୍ରାୟ ସତୁରୀ ଭାଗ ଅଂଶରେ ସତ୍ୟାଗ୍ରହର କୌଣସି ନା କୌଣସି ପନ୍ଥା ଗ୍ରହଣ କରାଯାଇଛି ।

ନବଭାବର ପ୍ରବର୍ତ୍ତକ ଏହି ବିସ୍ମୟକର ମଣିଷଟି କୁଳିବାରିଷ୍ଟର ଭାବରେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ସମ୍ମାନ ରକ୍ଷାକରିବା ପାଇଁ ଅଣ୍ଟାଭିଡ଼ି ଠିଆ ହେବାପଛରେ ଯେଉଁ କାହାଣୀ ରହିଛି ତାହା ଜାଣିଲେ ଯେ କୌଣସି ଭାରତୀୟ ଗର୍ବ କରିବ । ସତ୍ୟାଗ୍ରହରେ ଅଂଶ ଗ୍ରହଣ କରୁଥିବା ଲୋକେ କେବଳ ଉତ୍ତମ ଚରିତ୍ରର ଅଧିକାରୀ ହେଲେ ଚଳିବ ନାହିଁ, ସେମାନଙ୍କ ଭିତରେ ଘୃଣା ରହିଲେ ସତ୍ୟାଗ୍ରହ ସଫଳ ହେବ ନାହିଁ । ଏହିପରି ଚିନ୍ତା କରୁଥିବାରୁ ୧୯୧୩ରେ ଶହ ଶହ ଲୋକଙ୍କୁ ନେଇ ସେ ଯେତେବେଳେ ଗ୍ରେଟ୍ ମାର୍ଚ୍ଚରେ ଗଲେ, ସମସ୍ତଙ୍କ ପାଇଁ ନିର୍ଦ୍ଦେଶଥିଲା ଯେ କାହାର ସମ୍ପତ୍ତିରେ ହାତ ମାରିବ ନାହିଁ । ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଢ଼ଙ୍ଗରେ ଆଗେଇଯିବେ, ବାଟରେ କେହି ଗାଳିଦେଲେ ପ୍ରତିବାଦ ନକରି ସହିଯିବେ । ଆଗକୁ ଘୋର ଅନିଶ୍ଚିତତା ଓ ଅନ୍ଧାର ରହିଛି ବୋଲି ଜାଣିଲେ ମଧ କେତେବେଳେ ସେ ସତ୍ୟ, ଅହିଂସା ଓ ପ୍ରେମର ପଥରୁ ଓହରିଲେ ନାହିଁ । ଯେଉଁମାନେ ତାଙ୍କ ପ୍ରତି ନିଷ୍ଠୁର ଆଚରଣ ଜଣାଉଥିଲେ ସେମାନଙ୍କୁ ମଧ ସେ ବନ୍ଧୁବୋଲି ବିଚାରିଲେ । ଇଂରେଜ ଶାସକ ଜେନେରାଲ୍ ସ୍ମଟସ୍ ତାଙ୍କୁ ନାନା ଭାବରେ ଅପମାନିତ କରିଥିଲେ ମଧ ଜେଲ୍‌ରେ ଥିବାବେଳେ ହଳେ ଜୋତା ତିଆରି କରି କାରାମୁକ୍ତ ହେଲାବେଳେ ତାଙ୍କୁ ଉପହାର ଦେଇଥିଲେ । ଇଂଲଣ୍ଡକୁ ଫେରିବାପରେ ଚଉଦବର୍ଷ ଧରି ସ୍ମଟସ୍ ସାହେବ ସେ ଜୋତାକୁ ପିନ୍ଧୁଥିଲେ । ୧୯୧୫ରେ ଗାନ୍ଧିଜୀ ଯେତେବେଳେ ସବୁ ଦିନ ପାଇଁ ଭାରତକୁ ଫେରି ଆସିଲେ ସେ କହି ପକାଇଲେ - ସନ୍ଥ ଜଣକ ବୋଧହୁଏ ଚିରକାଳ ଲାଗି, ଚାଲିଯାଇଛନ୍ତି ।

- ସିଡିଏ, କଟକ

# ସେବା : ନାରୀ ଆତ୍ମସମ୍ମାନର ଏକ ଗାନ୍ଧିବାଦୀ ଆନ୍ଦୋଳନ

*- ଡକ୍ଟର ଦିପକ କୁମାର ଆର୍ଶୀବାଦ*

ଆମର ଜାତିର ପିତା ମହାତ୍ମାଗାନ୍ଧୀ ଅହିଂସାର ଏକ ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ । ତାଙ୍କର ଜୀବନ ବହୁଲୋକଙ୍କୁ ଆକୃଷ୍ଟ କଲା । ତାଙ୍କର ବ୍ୟକ୍ତିତ୍ୱ, ଧର୍ମଭାବ ଓ ବ୍ୟକ୍ତିଗତ ଉତ୍କର୍ଷର ଏକ ଜୀବନ୍ତ ସାକ୍ଷୀ ଥିଲା । ଏହି ସବୁ ସଦ୍‌ଗୁଣ ଯୋଗୁଁ ସେ ଭାରତର ଓ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳର ମଧ ଜୀବନର ବିଭିନ୍ନ ବୃତ୍ତିର ଲୋକମାନଙ୍କର ପ୍ରିୟ ହୋଇପାରିଥିଲେ । ଦରିଦ୍ର, ଅବହେଳିତ ଓ ଅତ୍ୟାଚାରିତମାନଙ୍କ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ଜୀବନ । ଜଣେ ନିଃସ୍ୱାର୍ଥପର ଭାରତୀୟ ଓ ଦରଦି ମାନବରୂପେ ଗାନ୍ଧୀ ତାଙ୍କର ଦୃଷ୍ଟାନ୍ତରୂପକ ଜୀବନରେ ଯେଉଁ ମାର୍ଗ ଦେଖାଇଛନ୍ତି, ସେହି ମାର୍ଗ ଅନୁସରଣ କରି ନାରୀମାନେ ସେବା ନାମକ ଏକ ଅନନ୍ୟ ଆନ୍ଦୋଳନର ସୂତ୍ରପାତ କରିଥିଲେ ।

ଗାନ୍ଧିଜୀ ନିଜର "ରଚନାତ୍ମକ ଯୋଜନା"ରେ ନାରୀକୁ ସମାନ ସୁବିଧା ସୁଯୋଗ ପ୍ରଦାନ ଦିଆନଯିବା ଦ୍ୱାରା କେଉଁ ଅସୁବିଧା ପରିସ୍ଥିତି ସୃଷ୍ଟି ହେଉଛି ତାହା ବର୍ଣ୍ଣନା କରିବାକୁ ଯାଇ କହିଥିଲେ "ପ୍ରାଚୀନକାଳରେ ଦାସମାନେ ଜାଣିନଥିଲେ ଯେ ସେମାନେ ମୁକ୍ତ ହୋଇପାରିବେ । ଆଜିର ଭାରତୀୟ ନାରୀଙ୍କର ମାନସିକ ଅବସ୍ଥା ଅନେକାଂଶରେ ସେହିପରି ଯେତେବେଳେ ଦାସ ମୁକ୍ତ ହେଲା ସେତେବେଳେ କେତେ ସମୟ ପର୍ଯ୍ୟନ୍ତ ସେ ତା'ର ସହାୟ ହରାଇଛି ଭାବି ଅସ୍ୱଚ୍ଛନ୍ଦ ଅନୁଭବ କଲା । ନାରୀମାନଙ୍କୁ ଏହା ବିଶ୍ୱାସ କରିବାକୁ ବୁଝାଇଦିଆ ହୋଇଅଛି ଯେ ସେମାନେ ନିଜକୁ ପୁରୁଷମାନଙ୍କର ଦାସ ବୋଲି ମନେ କରିବା ଉଚିତ୍ । ନାରୀମାନଙ୍କୁ ସେମାନଙ୍କର ଆତ୍ମସମ୍ମାନ, ପୁରୁଷମାନଙ୍କ ସହିତ ସଂପୂର୍ଣ୍ଣ ସମାନତା ବୁଝାଇଦେବା ଏବଂ ସମସ୍ତ ପ୍ରକାର ସାମାଜିକ କାର୍ଯ୍ୟରେ ଯୋଗଦେବାକୁ ପ୍ରବର୍ତ୍ତାଇବା ଆବଶ୍ୟକ । ଥରେ ଏ ପ୍ରକାର ମାନସିକ ବିପ୍ଳବ ହାସଲ କରିବାକୁ ଆମେ ଦୃଢ଼ପ୍ରତିଜ୍ଞ ହେଲେ ଏହା କରିବାରେ ସଫଳ ହେବା ଖୁବ୍ ସହଜ ହେବ । ଯେକେହି ବିଦେଶୀ ନିରପେକ୍ଷଭାବରେ ଆମର ସମାଜକୁ ପରୀକ୍ଷା କଲେ ଏହା ସ୍ୱୀକାର କରିବ ଯେ ଆଇନ ଓ ପ୍ରଥାମାନ ଆମର ନାରୀମାନଙ୍କୁ ଏକ ନିମ୍ନତର ସ୍ଥାନ ଦେଇଛି । ଏହା ମୌଳିକତଃ ଭୁଲ୍ ଏବଂ ଏହାକୁ ମୌଳିକତଃ ବଦଳାଇବାକୁ ହେବ । ନାରୀମାନଙ୍କୁ ନିମ୍ନତର ସ୍ଥାନ ଦିଆହେବା ଫଳରେ ଏପରି ଏକ ପରିସ୍ଥିତି ହୋଇଅଛି ଯେ ଭାରତୀୟ ସମାଜର ପୁର୍ନଗଠନ ପାଇଁ ଆମର ଉଦ୍ୟମ ସର୍ବଦା ଅପୂର୍ଣ୍ଣ ରହୁଅଛି ଓ ଆମର କ୍ରିୟାକଳାପ ନିର୍ଜୀବ ହୋଇଯାଉଅଛି" । ତେଣୁ ଗାନ୍ଧିଜୀ ନାରୀମାନଙ୍କର ଅର୍ଥିକ ବିକାଶ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ନିମେନ୍ତ ସେବା ଆନ୍ଦୋଳନର ଶୁଭାରମ୍ଭ କରିବା ନିମନ୍ତେ ଦିଗଦର୍ଶନ ଦେଇଥିଲେ ।

ସେବା ଆନ୍ଦୋଳନର କାହାଣୀ ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ ହୋଇଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୧୫ ମସିହାରେ ଦକ୍ଷିଣ ଆଫ୍ରିକାରେ ତାଙ୍କର ସଂଗ୍ରାମ ସାରି ଭାରତକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ବିହାରରେ ସେ ସଫଳତାର ସହିତ ଚମ୍ପାରଣ ସତ୍ୟାଗ୍ରହ ର ସଫଳତା ପରେ ଗାନ୍ଧିଜୀ ଅହମଦାବାଦ୍‌ରେ ତାଙ୍କ ଆଶ୍ରମରେ ଅବସ୍ଥାନ କରୁଥିଲେ । ସେହି ସମୟରେ ଲୁଗାକଳଗୁଡ଼ିକ ଭାରତରେ ଶିଳ୍ପ ବିପ୍ଳବର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା । ଏହି ସମୟରେ ଏହି ଲୁଗାଶିଳ୍ପଗୁଡ଼ିକରେ ମଜୁରୀ ଅଳ୍ପ ଥିଲା । କାମ କରିବାର ସମୟ ଦୀର୍ଘ ଥିଲା, କାମ କରିବାର ପରିସ୍ଥିତି ଏକାନ୍ତ କ୍ଲାନ୍ତିପ୍ରଦ ଥିଲା ଏବଂ ବାସଗୃହଗୁଡ଼ିକ ଅସୁନ୍ଦର ଓ ଅପରିଷ୍କାର ଥିଲା । ଶ୍ରମିକମାନେ ରହୁଥିବା ବସ୍ତିଗୁଡ଼ିକରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟାରେ ବସବାସ କରୁଥିଲେ ଏବଂ ସେଠାରେ ଅଧଃପତନର ବାୟୁମଣ୍ଡଳ ବିରାଜମାନ କରୁଥିଲା । ଏ ସମସ୍ତ ଶ୍ରମିକ ଥିଲେ ଭୂମିହୀନ କୃଷକ । ଦାରିଦ୍ର୍ୟ ସେମାନଙ୍କୁ ସେମାନଙ୍କ ଗ୍ରାମରୁ ମୂଳୋତ୍ପାଟନ କରିଦେଇଥିଲା । ସହରକୁ ଜୀବନ ଜୀବିକା ଉପାର୍ଜନ ନିମନ୍ତେ ତଡି ଆଣିଥିଲା । ସେମାନଙ୍କ ଭିତରୁ ଅନେକ ଅହମ୍ମଦାବାଦ ସଦା-ବର୍ଦ୍ଧମାନ ବସ୍ତ୍ରଶିଳ୍ପରେ କାମ ପାଇଥିଲେ ।

୧୯୨୨ ମସିହାରେ ଗାନ୍ଧିଜୀ ବସ୍ତ୍ରଶିଳ୍ପ ଶ୍ରମିକଙ୍କର ମଜୁରୀ ଅଧିକ କରିବା ନିମନ୍ତେ ସଂଘଟିତ ଗୋଟିଏ ଧର୍ମଘଟର ନେତୃତ୍ୱ ନେଇଥିଲେ । ଧର୍ମଘଟଟି ସଫଳ

ହୋଇଥିଲା ଧର୍ମଘଟ ସରିଲାପରେ ଏହି ବସ୍ତ୍ରଶିଳ୍ପ ଶ୍ରମିକଗଣଙ୍କୁ ଘେନି ସେ ଗୋଟିଏ ଶ୍ରମିକ ୟୁନିୟନ ସଂଗଠିତ କଲେ ଓ ଏହାକୁ ମଜୁଦୁର ମହାଜନ ନାମ ଦେଇଥିଲେ। ଏହା ଭାରତରେ ପ୍ରଥମ ଗାନ୍ଧୀପନ୍ଥୀ ଶ୍ରମିକ ସଂଗଠନଥିଲା ଏବଂ ବିଗତ ଦଶନ୍ଧିରେ ଏହାର ଶକ୍ତିର ବିରାଟ ଅଭିବୃଦ୍ଧି ଘଟିଛି। ଏହା ଶ୍ରେଣୀ ସଂଘର୍ଷରେ ବିଶ୍ୱାସ କରେ ନାହିଁ ଏବଂ ଧର୍ମଘଟ ନକରି ବା ଧର୍ମଘଟର ଧମକ ନଦେଇ ଓ ହିଂସାର ପ୍ରୟୋଗ ନକରି କାରଖାନା ମାଲିକମାନଙ୍କ ସହିତ ଉପୁଜୁଥିବା ଶ୍ରମିକ ସମସ୍ୟାଗୁଡ଼ିକର ସମାଧାନ କରିବାରେ ଏହାଏକ ରେକର୍ଡ ସୃଷ୍ଟି କରିଛି। ସେବା (SEWA) ଏହି ଶ୍ରମିକ ୟୁନିୟନର ମଜୁଦୁର ମହାଜନର ଏକ ଅପ୍ରତ୍ୟକ୍ଷ ଶାଖା ଅଟେ। ଶ୍ରୀମତୀ ଇଲା ଭଟ୍ଟ ନାମକ ଜଣେ ଶ୍ରମିକ ସଂଗଠନବାଦୀ ଓ ନାରୀମାନଙ୍କ ସ୍ୱାର୍ଥନିମନ୍ତେ କାର୍ଯ୍ୟରତ ଜଣେ ଆନ୍ଦୋଳନକାରିଣୀ ଏହାର ପ୍ରତିଷ୍ଠାତା ଥିଲେ। ଶ୍ରଦ୍ଧାରେ ତାଙ୍କୁ ଇଲାବେନ କୁହାଯାଏ। ବହୁବର୍ଷ ପର୍ଯ୍ୟନ୍ତ ସେ 'ମଜୁର ମହାଜନ'ର ନାରୀଶାଖାର ଭାର ବହନ କରିଥିଲେ। ସେହିପରି କାର୍ଯ୍ୟରେ ନିଯୁକ୍ତଥିବାରୁ ସେ ଶିଳ୍ପ ଶ୍ରମିକଗଣଙ୍କ ସମସ୍ୟା ଓ ସେମାନଙ୍କୁ ସଂଗଠିତ କରିବା ଦ୍ୱାରା ଉପଲବ୍ଧ ସୁଯୋଗ ସୁବିଧାମାନଙ୍କ ସହିତ ସୁପରିଚିତ ଥିଲେ।

ଇଲାବେନ ଆହମଦାବାଦ ସହରରେ ହାତଶଗଡ଼ମାନ ଟାଣୁଥିବା ନାରୀମାନଙ୍କର ହୀନ ଅବସ୍ଥା ଦେଖିଥିଲେ। ଏହି ନାରୀମାନଙ୍କର ନିଜ ଜୀବନ କଠୋର ପରିଶ୍ରମମୟ, ସୋମନଙ୍କର ସ୍ଥାନ ନୀଚ ପ୍ରାପ୍ୟ ସ୍ୱଳ୍ପ ଓ ଅକ୍ଷମତା ବହୁସଂଖ୍ୟକ ହୋଇଥିବା ସତ୍ତ୍ୱେ ସେମାନେ ଲୋକମାନଙ୍କୁ ନାନା ପ୍ରକାର ସେବା ଯୋଗାଇ ଦେଉଥିଲେ। ଏ ପ୍ରକାର ଆତ୍ମନିଯୁକ୍ତି ସଂପନ୍ନ ନାରୀମାନଙ୍କ ସଂଖ୍ୟା ଆକ୍ଷରିକ ଭାବରେ ବହୁ ସହସ୍ର ଥିଲା। ଏମାନଙ୍କର ମଙ୍ଗଳ ନିମନ୍ତେ ଇଲାବେନ ଗୋଟିଏ ସ୍ୱତନ୍ତ୍ର ଆତ୍ମନିଯୁକ୍ତି ନାରୀମାନଙ୍କର ସମିତି ସଂକ୍ଷେପରେ SEWA ଗଠନ କରିବାକୁ ସ୍ଥିର କଲେ।

ଇଲାବେନ ଅହମଦାବାଦ ନଗରର ହାତଶଗଡ଼ ଟାଣୁଥିବା ମହିଳାମାନଙ୍କର ଦୟନୀୟ ଅବସ୍ଥା ଦେଖି ଭୀତଚକିତ ହୋଇପଡ଼ିଥିଲେ। ପଡ଼ୋଶୀ ପ୍ରଦେଶ ରାଜସ୍ଥାନ ଓ ମହାରାଷ୍ଟ୍ରରୁ ଏହି ମହିଳାମାନେ ଆସିଥିଲେ। ସେମାନେ ଜୀବିକା ଅର୍ଜନ ପାଇଁ ଏଠାକୁ ଆସିଥିଲେ। ମହିଳାମାନେ ଡେଙ୍ଗା ଓ ଶାରିରୀକ ଦୃଷ୍ଟିରୁ ମଜଭୁତ ହୋଇଥିବାରୁ ନାନା ପ୍ରକାର ମାଲ ଯଥା - ଖାଦ୍ୟ ଶସ୍ୟ, ପରିବାପତ୍ର ଘରୋଇ ଆସବାବାପତ୍ର, ଷ୍ଟିଲ୍, ବିଭିନ୍ନ ପ୍ରକାର ଧାତୁଦ୍ରବ୍ୟ, ଭଙ୍ଗା ଯନ୍ତ୍ରପାତି, କଳ ଇତ୍ୟାଦି, ପୁରୁଣା କାଗଜ, ବଡ଼ ବଡ଼ ଢ଼ାବଲ ଇତ୍ୟାଦି ଲଦା ହୋଇଥିବା ହାତ ଶଗଡ଼ମାନ ସେମାନେ ଟାଣିପାରନ୍ତି। ସଂକ୍ଷେପରେ କହିଲେ ନଗର ଭିତରେ ପ୍ରାୟ ଅଳ୍ପ ପାଞ୍ଚମାଇଲ ଖଣ୍ଡେ ଯାହା କିଛି ବୁହା ହେବା ପାଇଁ ଦରକାର ପଡ଼େ ତାହା ଶଗଡ଼ରେ ବୋହିନିଅନ୍ତି। ଦିନ ଶେଷରେ ସେମାନେ ସଂପୂର୍ଣ୍ଣ କ୍ଳାନ୍ତ ହୋଇପଡ଼ନ୍ତି ଏବଂ ସେମାନେ ଯଦି ଦିନେ ମଧ ଅସୁସ୍ଥ ହୋଇପଡ଼ନ୍ତି ତା'ପରଦିନର ଭୋଜନ ଅନିଶ୍ଚିତ ହୋଇପଡ଼େ। ଏହି ବିଶ୍ୱାସଯୋଗ୍ୟ ମନେ ହୋଇପାରେ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲାଟିଏ ଜନ୍ମ କରିବାର ସପ୍ତମ ଦିନ ତାଙ୍କ କାମକୁ ଫେରିଆସନ୍ତି। ସାଧାରଣତଃ ହାତଶଗଡ଼ ଠିକ୍ ତଳେ ଝୁଲୁଥିବା ଗୋଟିଏ ଛୋଟ ଦୋଳିରେ ସେମାନେ ପିଲାଙ୍କୁ ନିଆଅଣା କରନ୍ତି।

ଇଲାବେନ ଭାବିଲେ "ସେମାନେ କ'ଣ ଏହିପରି କାମ କରିଚାଲିଥିବା ଉଚିତ୍? ସେମାନଙ୍କର ପରିସ୍ଥିତିର ଉନ୍ନତି ନିମନ୍ତେ କିଛି କରିବା ସମ୍ଭବକି ? ଏକା ଏକା କାମ କରିବାକୁ ବାହାରି ପଡ଼ି ସେ ଅଳ୍ପ କେତେକ ଉତ୍ସର୍ଗୀକୃତ ମନୋଭାବ ବିଶିଷ୍ଟ, ଅତି ଉଚ୍ଚଶିକ୍ଷିତା ଯୁବତୀଙ୍କୁ ସଂଗଠିତ କଲେ। ସେହି ଯୁବତୀଗଣ ସେମାନେ ବିଶ୍ୱାସ କରୁଥିବା କୌଣସି ଆଦର୍ଶ ପାଇଁ ପୁରସ୍କାରର କୌଣସି ପ୍ରକାର ଆଶା ନରଖି କଠୋର ପରିଶ୍ରମ କରିବାକୁ ରାଜିଥିଲେ। ସେମାନେ ୧୯୬୯ ମସିହାରେ ଅହମଦାବାଦ୍‌ଠାରେ SEWA ବା ଆତ୍ମ ନିଯୁକ୍ତି ନାରୀମାନଙ୍କର ସଙ୍ଘ ପ୍ରତିଷ୍ଠା କରିଥିଲେ। ଏହା SEWA ନାମରେ ଅଭିହିତ - ସଂକ୍ଷେପରେ ଏହାର ଅର୍ଥ ସେବା। ସେମାନେ ସେହି ନାରୀମାନଙ୍କୁ ବ୍ୟକ୍ତିଗତ ଭାବରେ ଜଣଜଣ କରିବା ଛୋଟ ଛୋଟ ଦଳଗତ ଭାବରେ ଭେଟିବାକୁ ଆରମ୍ଭ କଲେ। ଗୋଷ୍ଠୀଗତ ସଭାମାନଙ୍କରେ ଏହି ନାରୀମାନଙ୍କୁ ସେମାନଙ୍କର ସମସ୍ୟାମାନ ମୁକ୍ତ ଭାବରେ ପ୍ରକାଶ କରିବାକୁ ପ୍ରୋତ୍ସାହିତ କରାଗଲା। ସେମାନେ ସମସ୍ତେ ସମଷ୍ଟିଗତ ଭାବରେ ସେମାନଙ୍କର ସମସ୍ୟାମାନଙ୍କର ସମାଧାନର ସୂତ୍ର ବାହାର କରିବାକୁ ଉଦ୍ୟମ କଲେ। ବାସ୍ତବିକ ସମସ୍ୟାଗୁଡ଼ିକର ସଂଖ୍ୟା ଅଧିକ ଥିଲା ଓ ସେଗୁଡ଼ିକର ସମାଧାନ କିପରି ହେବ ତାହା ଭାବିହେଉ ନଥିଲା। କିନ୍ତୁ ଇଲାବେନ ତାଙ୍କର ସଂଗଠିକା ଦଳ ସେମାନଙ୍କ

କଥା ଶୁଣିଲେ ଓ ସେହିମାନଙ୍କୁ ସେମାନଙ୍କ ଘରକୁ ଯାଇ ଭେଟିଲେ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନର ପ୍ରତ୍ୟକ୍ଷ ଅନୁଭୂତିଲାଭ କଲେ। ଅବଶେଷରେ ସେମାନେ ସମସ୍ୟାଗୁଡ଼ିକର ସମାଧାନ ନିର୍ଦ୍ଧିଷ୍ଟରୂପେ ଚିହ୍ନିବାକୁ ସକ୍ଷମ ହୋଇଥିଲେ ଓ ତାପରେ ସେଗୁଡ଼ିକର ସମାଧାନ ଖୋଜିବା ନିମନ୍ତେ ଯୋଜନାବଦ୍ଧ ଭାବେ ଅଗ୍ରସର ହେଲେ।

ସେହି ନାରୀମାନଙ୍କର ସମସ୍ୟା ଥିଲା ଅନେକ ଯେପରିକି ଅତ୍ୟଧିକ ଦାରିଦ୍ର୍ୟ, ନିରକ୍ଷରତା, ଜ୍ଞାନର ଅଭାବ ଓ କର୍ମ କୌଶଳର ଅଭାବ। ଅର୍ଦ୍ଧକୁଶଳୀ ନାରୀମାନଙ୍କ ଦ୍ୱାରା କରାଯାଇଥିବା ପାରମ୍ପରିକ କାର୍ଯ୍ୟ ନିମନ୍ତେ ଅନେକ ସମୟରେ ଅତି ସ୍ୱଳ୍ପ ମଜୁରୀ ଦିଆଯାଇଥିଲା। ସାଧାରଣତଃ ପୁରୁଷମାନେ ହିଁ କୁଶଳତା ବା ଅର୍ଦ୍ଧକୁଶଳତା ଆବଶ୍ୟକ କରୁଥିବା କାର୍ଯ୍ୟ ହାତକୁ ନିଅନ୍ତି ଓ ଅଧିକ ରୋଜଗାର କରନ୍ତି। ଏହା ନାରୀମାନଙ୍କର ଭଲ ମଜୁରୀ ମିଳୁଥିବା କାମମାନ ପାଇବାର ଓ ନିଜନିଜର କର୍ମ କୁଶଳତାର ଉନ୍ନତି କରିବାର ସମ୍ଭାବନା ରୁଦ୍ଧ କରିଦିଏ, ଯାହାଦ୍ୱାରା ସେମାନଙ୍କର ଅବସ୍ଥାରେ ସ୍ଥାଣୁତ୍ୱ ଦେଖାଦିଏ। ଯେତେବେଳେ ସେମାନେ ଏପରି ବସ୍ତୁମାନ ଉତ୍ପାଦନ କରନ୍ତି ଯାହା ଜଣେ ମାଲିକକୁ ଯୋଗାଇବାକୁ ହେବ, ସେତେବେଳେ ଅତ୍ୟଧିକ ଶୋଷଣ ଘଟେ, ସୋମନଙ୍କ ଦ୍ୱାରା ଉତ୍ପାଦିତ ଗୋଟିଏ ବସ୍ତୁ ପାଇଁ ଦର ବଡ଼ କମ୍, ମାଲିକ ନିଜେ ଯୋଗାଇ ଦେଉଥିବା କଞ୍ଚାମାଲର ଦାମ୍ ଅତି ଅଧିକ ହୋଇଥାଏ ଓ ଶେଷରେ ପ୍ରସ୍ତୁତ ବସ୍ତୁଗୁଡ଼ିକର କିଛି ଭାଗ ଅକାରଣରେ ଅଗ୍ରାହ୍ୟ କରାଯାଏ। ସେମାନେ କଞ୍ଚାମାଲ୍‌ଗୁଡ଼ିକୁ ଯୁକ୍ତିଯୁକ୍ତ ଦରରେ କିଣିବାକୁ ଅସମର୍ଥ ହୁଅନ୍ତି। ଏ ପ୍ରକାର କଞ୍ଚାମାଲର ଦୃଷ୍ଟାନ୍ତ ହେଲା ଟୋକେଇ ବୁଣିବା ନିମନ୍ତେ ବାଉଁଶ ଦଣ୍ଡାମାନ, ବିଡ଼ି ବିକିବା ନିମନ୍ତେ କେନ୍ଦୁପତ୍ର ଓ ତମାଖୁ, କନାରେ ଲୁଗାରେ ଛପାଛପି କାମ ନିମନ୍ତେ ରଙ୍ଗମାନ, ଶେଯ, କନ୍ଥାମାନ କରିବା ନିମନ୍ତେ ଲୁଗାକଲମାନଙ୍କର ଆନିଆ, କଣ୍ଢେଇମାନ କରିବା ପାଇଁ ଛିଣ୍ଡାକନା ଇତ୍ୟାଦି। ନାନା ପ୍ରକାର ବସ୍ତୁମାନ ଉତ୍ପାଦନ କରୁଥିବା ଏହି ମହିଳାମାନଙ୍କର ନିଜ ନିଜ ଘରଛଡ଼ା କାମ କରିବାକୁ ଅନ୍ୟ କୌଣସି ସ୍ଥାନ ନାହିଁ। ସେହି ଘରଗୁଡ଼ିକ ଛୋଟ, ଏକବଖରିଆ ଓ ଅସୁବିଧାଜନକ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତୁଗୁଡ଼ିକୁ କିପରି ବିକିଲେ ବା ପ୍ରଦତ୍ତ ସେବା ନିମନ୍ତେ କିପରି ମୂଲ୍ୟ ଆଦାୟ କଲେ ଲାଭ ହେବ, ସେ ବିଷୟରେ ସେମାନଙ୍କର ପ୍ରାୟ କିଛି ଜ୍ଞାନ ନାହିଁ।ଏହାର ଦୁଇଟି ମୁଖ୍ୟ କାରଣ ରହିଥିଲା ଯଥା - ପ୍ରଥମତଃ ସେମାନଙ୍କୁ ପ୍ରତିଦିନ ରୋଜଗାର କରିବାକୁ ହେବ, ଅପେକ୍ଷା କଲେ ତାଙ୍କର ଚଳିବ ନାହିଁ। ଦ୍ୱିତୀୟତଃ, ପରିବହନ ଓ ପ୍ରସ୍ତୁତି ବସ୍ତୁର ସଂରକ୍ଷଣ କଷ୍ଟସାଧ ହୋଇଥିବାରୁ ସେମାନେ ଦୂରରେ ଥିବା ବଜାରମାନଙ୍କୁ ବିକିବାକୁ ଯାଇପାରନ୍ତି ନାହିଁ।

ସେମାନଙ୍କ କାର୍ଯ୍ୟରେ ଅନ୍ୟ ଏକ ପ୍ରତିବନ୍ଧକ ଭାବେ ସାଂସ୍କୃତିକ କାରଣ ଓ ପାରିବାରିକ ଦାୟିତ୍ୱ ଉଭା ହୋଇଥିଲା। କର୍ମଜୀବି ମହିଳାମାନେ ଯେତେବେଳେ ସେମାନଙ୍କର କାର୍ଯ୍ୟରେ ବ୍ୟସ୍ତ ରହନ୍ତି, ସେତେବେଳେ ସେମାନଙ୍କର ସନ୍ତାନ ସନ୍ତତିଙ୍କର ଯତ୍ନ ନେବା ନିମନ୍ତେ ଦୃଢ଼ ସହାୟତା ଆବଶ୍ୟକ କରନ୍ତି। ସେହିପରି ସହାୟତା ଶିଶୁପାଳନାଗାରମାନ ଦେଇପାରିବ। ସେଗୁଡ଼ିକରେ ଜଣେ ତାଲିମପ୍ରାପ୍ତ ଓ ଦକ୍ଷବ୍ୟକ୍ତିର ଯତ୍ନରେ ଛୋଟ ଛୋଟ ପିଲାମାନଙ୍କୁ ଛାଡ଼ିହେବ। ସେହିପରି ଶିଶୁପାଳନାଗାର ସେମାନଙ୍କ ପାଇଁ ନାହିଁ। ଏହା ସେମାନଙ୍କୁ ପିଲାମାନଙ୍କୁ ନିଜ ପାଖରେ ରଖିବା କିମ୍ବା ସେମାନଙ୍କୁ ଅବହେଳା ପ୍ରଦର୍ଶନ କରିବା ନିମନ୍ତେ ବାଧ କରେ।

ପୁରୁଷଲୋକଙ୍କର ମଦପିଇ ମାତାଲ ହେବା ପରି ଦାୟିତ୍ୱହୀନ ବ୍ୟବହାର ପରିବାରରେ ଭୀଷଣ ଅଶାନ୍ତିର ସୂତ୍ରପାତ କରିଥାଏ। ଭାରତରେ ଏପରି ଅନେକ ସାମାଜିକ ପ୍ରଥା ରହିଛି ଯେଉଁଗୁଡ଼ିକ ଅର୍ଥହୀନ ଓ ଅତ୍ୟାଚାରମୂଳକ। କିନ୍ତୁ ସ୍ୱଳ୍ପ ବ୍ୟକ୍ତି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥାନ୍ତି। ସାଧାରଣତଃ ମହିଳାମାନେ ଏହି ପ୍ରଥାଗୁଡ଼ିକ ଦ୍ୱାରା ନାନାପ୍ରକାର କଷ୍ଟ ସ୍ୱିକାର କରିଥାନ୍ତି। ଯେତେବେଳେ ଖାଦ୍ୟପଦାର୍ଥମାନଙ୍କର ମୂଲ୍ୟ ଅତ୍ୟଧିକ ହୁଏ ଓ ପରିବାରର ସମସ୍ତଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଥାଏ ସେତେବେଳେ ଘରର ମହିଳା ସଦସ୍ୟ ସର୍ବଶେଷରେ ଭୋଜନ କରେ ଓ ସର୍ବାପେକ୍ଷା କମ୍ ଖାଏ। ପୃଷ୍ଟିକର ଖାଦ୍ୟର ଏହି ସ୍ୱଳ୍ପତା ସେମାନେ ଯେଉଁ କଠିନ ପରିଶ୍ରମ କରନ୍ତି ସେଥିସହିତ ମିଶି ସେମାନଙ୍କୁ ଅସୁସ୍ଥ କରିପକାଏ। ନଗରମାନଙ୍କର ବସ୍ତିଗୁଡ଼ିକରେ ଏହି ମହିଳାମାନଙ୍କୁ ବସ୍ତି ମାଲିକମାନେ ଓ ସ୍ଥାନୀୟ ଗୁଣ୍ଡାମାନେ ହଇରାଣ ହରକତ କରନ୍ତି। ଭାରତରେ ପ୍ରଚଳିତ ଜାତିପ୍ରଥା ଦ୍ୱାରା ନୀଚଜାତିର ମହିଳାମାନେ ଜାତିଗତ କୁସଂସ୍କାରର ଶିକାର ହୁଅନ୍ତି। ତାହା ସେମାନଙ୍କୁ ଅଧିକ ଭଲକାମ କରିବାକୁ ଦିଏ ନାହିଁ। ପାଣି ଆଣିବା ଓ ଜାଳେଣି କାଠ ଗୋଟାଇ ବା ଭାଙ୍ଗି ଆଣିବା

ଅନେକ ସମୟରେ ଗୋଟିଏ ନାରୀର ଦାୟିତ୍ୱ ଏବଂ ବୋଝକୁ ବଢ଼ାଇଦିଏ। ଯେତେବେଳେ ସେ ଅସୁସ୍ଥ ହୋଇପଡ଼େ, ସେ କିଛି ଯଥାଯଥ ଚିକିତ୍ସା ପାଏ ନାହିଁ ଓ ଗର୍ଭବତୀ ଥିଲାବେଳେ ତାକୁ କ୍ରମାଗତ ଡାକ୍ତରୀ ପରୀକ୍ଷାରେ ସୁବିଧା ମିଳେନାହିଁ। ଯଥାର୍ଥରେ ସେମାନଙ୍କୁ "ଦରିଦ୍ର, ଶକ୍ତିହୀନ ଓ ଅନେକ ସମୟରେ ଗର୍ଭବତୀ" ଭାବେ ଅଭିହିତ କରାଯାଏ।

ସେବା ସଂଗଠନ ଏହି ମହିଳାମାନଙ୍କ ନିମନ୍ତେ ତ୍ରାଣକର୍ତ୍ତାଭାବେ ଉଭାହେଲା। ଏହିସବୁ ସମସ୍ୟାଗୁଡ଼ିକର ନିର୍ଦ୍ଦିଷ୍ଟ ରୂପେ ଚିହ୍ନଟ କରାଗଲା ପରେ କାମ କିପରି କରିବାକୁ ହେବ ସେ ବିଷୟରେ ସେବାର କର୍ମୀମାନେ ଯୋଜନା କରିବାକୁସ୍ଥିର କଲେ। ସେମାନେ ମହିଳାମାନଙ୍କର ସମସ୍ୟା ଚିହ୍ନଟ କଲେ। ସେଥିମଧ୍ୟରୁ କେତେଗୁଡିଏ ସମସ୍ୟା ସବୁ ମହିଳାମାନଙ୍କର ଥିବାବେଳେ ଆଉ କେତେଗୁଡ଼ିଏ ସମସ୍ୟା ବିଶେଷତଃ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୁକ୍ତ ଗୋଟିଏ କ୍ଷୁଦ୍ର ମହିଳାଗୋଷ୍ଠୀର କେବଳ ଥିଲା। ସେବାର ପ୍ରତ୍ୟେକ ଗୋଷ୍ଠୀକୁ ସେହି ମହିଳା ଗୋଷ୍ଠୀର ମୌଳିକ ସମସ୍ୟା ଉପରେ କାର୍ଯ୍ୟ କରିବାକୁ କୁହାଯାଉଥିଲା ପ୍ରଥମ ପଦକ୍ଷେପରୂପେ, ସେବାର ନେତ୍ରୀଗଣ ଓ ମହିଳା ଗୋଷ୍ଠୀଙ୍କ ମଧ୍ୟରେ କ୍ରମାଗତ କଥାବର୍ତ୍ତା, ଆଦର୍ଶ ପାଇଁ ପ୍ରଦର୍ଶିତ ନିଷ୍ଠାପରତା ଦ୍ୱାରା ଏକ ପାରସ୍ପରିକ ବିଶ୍ୱାସର ସଂପର୍କ ପ୍ରତିଷ୍ଠା କରାଯାଇଥିଲା ଥରେ ଯେମିତି ଏହି ବିଶ୍ୱାସ ସୃଷ୍ଟି ହୋଇଗଲା, ସେହି ମହିଳାମାନେ ସମସ୍ତ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ରାଜି ହୋଇଗଲେ।

ସେବାର ମୌଳିକ ଲକ୍ଷ୍ୟ ଓ ପନ୍ଥାଥିଲା ସମସ୍ତେ ମିଶି ଗୋଟିଏ ସଂଗ୍ରାମ କରିବାକୁ ମହିଳାମାନଙ୍କୁ ସଂଗଠିତ କରିବା। ଏ ପ୍ରକାର ସଂଗଠନ ଘରୋଇ ମହାଜନମାନଙ୍କର, ବସ୍ତିମାଲିକଙ୍କର, ବଡ଼ ବ୍ୟବସାୟୀଙ୍କର, ମଦ ସମ୍ରାଟଙ୍କର କିମ୍ବା ଛୋଟ ଛୋଟ ରାଜନେତାମାନଙ୍କର ସଂରକ୍ଷିତ ସ୍ୱାର୍ଥକୁ ଆଘାତ କଲା। ଏପରିକି କେତେକ ସମୟରେ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ବ୍ୟବସାୟିକ ବା ଆର୍ଥିକ ପ୍ରତିନିଧିତ୍ୱ କରୁଥିବା ଅନୁଷ୍ଠାନମାନ ଏ ପ୍ରକାର ସଂଗଠିତ ଗୋଷ୍ଠୀମାନଙ୍କର ବିରୋଧି ହୋଇଯାଆନ୍ତି। ଏହା ଘଟିଥିଲା ସେବା କ୍ଷେତ୍ରରେ । ଅର୍ଥନୈତିକ ଧମକର ସମ୍ମୁଖୀନ ହେବା ନିମନ୍ତେ ସେମାନେ ଏକ ବ୍ୟାଙ୍କ ଗଠନର ଚିନ୍ତାଧାରା ଖୋଜିବାହାର କଲେ। ଏହି ଆନ୍ଦୋଳନକୁ ସଫଳତାର ସହିତ ଆଗକୁ ନେବା ନିମନ୍ତେ ମହିଳା ଗୋଷ୍ଠୀର ସଭ୍ୟମାନେ ନିଜ ନିଜର ସମସ୍ୟାମାନ ସମ୍ଭାଳିବା ନିମନ୍ତେ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ନିଜର ଆତ୍ମବିଶ୍ୱାସ ବିକାଶ କରିବା ଆବଶ୍ୟକ ହୋଇପଡ଼ିଲା। ତେଣୁ ଖୋଜାଗଲା ଗାନ୍ଧିଜୀ ଓ ତାଙ୍କ ନୀତିକୁ। ଏଠି ଅନୁସୃତ ହେଲା ଗାନ୍ଧିଜୀଙ୍କ ଚିନ୍ତାଧାରା। କାରଣ ବହୁବର୍ଷ ପୂର୍ବେ ଯେତେବେଳେ ମହାତ୍ମାଗାନ୍ଧୀ ତାଙ୍କର ପରଲୋକଗତା ପତ୍ନୀ କସ୍ତୁରବାଙ୍କ ନାମରେ ଆଦାୟ କରାଯାଇଥିବା ପ୍ରଚୁର ପରିମାଣର ଅର୍ଥର ପୁଞ୍ଜି କେବଳ ନାରୀମାନେ ପରିଚାଳନା କରିବା ଉଚିତ୍ ବୋଲି ଜିଦ୍ ଧରିଲେ। ସେତେବେଳେ ତାଙ୍କୁ କୁହାଗଲା "କିନ୍ତୁ ସେମାନଙ୍କର ଅର୍ଥପୁଞ୍ଜି ପରିଚାଳନା କରିବାର କୌଣସି ଅଭିଜ୍ଞତା ନାହିଁ। ସେମାନେ ଭୁଲ୍ ଭଟକା କରିବେ"। ଗାନ୍ଧିଜୀ ରହସ୍ୟମୟ ଭାବରେ ଉତ୍ତର ଦେଲେ, "କରନ୍ତୁ ଭୁଲ୍ ସେମାନେ" । ସେବା ନେତ୍ରୀଗଣ ସେହି ନୀତି ଅନୁସାରେ କାର୍ଯ୍ୟକରିଥିଲେ। ସେମାନେ ଭୁଲ କରନ୍ତି, କିନ୍ତୁ ସେମାନେ ଶିଖନ୍ତି, ଆଉ ସେମାନେ ସ୍ୱାଧୀନ ହୁଅନ୍ତି।

ସେବା ଅହମଦାବାଦ ନଗରରେ ଏକ ସହରୀସଂଗଠନ ରୂପେ ଆରମ୍ଭ ହୋଇଥିଲେ ମଧ୍ୟ ଏହାର ବାର୍ତ୍ତା ଓ କାର୍ଯ୍ୟଧାରା ସୁଦୂର ପ୍ରସାରୀ ହେବା ଅନିବାର୍ଯ୍ୟ ହୋଇପଡ଼ିଥିଲା। ସର୍ବପ୍ରଥମେ ଏହି ସଂଗଠନ ବିଡ଼ି ଆନ୍ଦୋଳନକୁ ସଫଳ କରାଇ ପାରିଥିଲା। ନିମ୍ନ ଅର୍ଥନୈତିକ ସ୍ତରର ପୁରୁଷମାନେ ପିଉଥିବା ବିଡ଼ି କେନ୍ଦୁଗଛ ପତ୍ରରୁ ପ୍ରସ୍ତୁତ ହେଉଥିଲା ଏବଂ ମହିଳାମାନେ ଏହି ବିଡ଼ି ବୁଣୁଥିଲେ। ସେହି ପତ୍ରରେ ନିମ୍ନମାନର ଅଳ୍ପକିଛି ତମାଖୁ ଗୁଡାଇଦିଆଯାଏ ଆଉ ଦୁଇଟିଯାକ ମୁଣ୍ଡରେ ସୂତା ଖଣ୍ଡେ ବାନ୍ଧି ଏକାଠି ରଖାହୁଏ। ଏହିକାମ ଅଳ୍ପ କୁଶଳତା ଦରକାର କରେ ଓ ସର୍ବଦା ଏହା ସଂପୂର୍ଣ୍ଣ ଭାବରେ ମହିଳାମାନଙ୍କ ଦ୍ୱାରା କରାଯାଏ। ସେମାନେ ନିଜନିଜ ଘରେ ରହି ଏହି କାମ କରନ୍ତି। ବ୍ୟବସାୟୀ ଠାରୁ ସେମାନେ ଏକାଠି ମୋଟରେ ପତ୍ର ଓ ତମାଖୁ ସଂଗ୍ରହ କରନ୍ତି ଓ ଅଳ୍ପ କେତେଦିନ ଅନ୍ତରରେ ପ୍ରସ୍ତୁତ ବିଡ଼ିଗୁଡ଼ିକ ଗୋଛା ଗୋଛା କରି ତାଙ୍କୁ ଦିଅନ୍ତି । ପ୍ରତି ଗୋଛା ବା ବିଡ଼ାରେ ହଜାରେ ଲେଖାଁଏ ବିଡ଼ିଥାଏ। ବ୍ୟବସାୟୀ ସେମାନଙ୍କୁ କିଛି ରୀତିମତ ନିଯୁକ୍ତି ଦିଏ ନାହିଁ ସେ କେବଳ ସେମାନଙ୍କୁ ସଂଖ୍ୟାଭିତ୍ତିକ ଦରରେ ଟଙ୍କା ଦିଏ। ହଜାରେ ବିଡ଼ି ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ପ୍ରଦାନ କରାଯାଏ। ଅନେକ ସମୟରେ ସେ ମହିଳାମାନେ ଆଣିଥିବା ବିଡ଼ି ଗୋଛାମାନଙ୍କରୁ କେତେକକୁ ଯଥାର୍ଥ କାରଣ ନ ଦର୍ଶାଇ

ଅଗ୍ରାହ୍ୟ କରିଦେଇଥାଏ। କିନ୍ତୁ ତା'ପରେ ଅପେକ୍ଷାକୃତ କମ୍ ଦରରେ ସେଗୁଡ଼ିକୁ କିଣିନିଏ। ମହିଳାମାନେ ଏହି କାମ କେବଳ ସେମାନଙ୍କ ଘରେ କରନ୍ତି। ସେହି ଘରମାନଙ୍କର ପ୍ରାୟତଃ ବେଶୀ ଜାଗାନଥାଏ। ଖୋଲା ଓ ବିକ୍ଷିପ୍ତ ଭାବେ ତମାଖୁ ଚାରିଆଡ଼େ ପଡ଼ିଥିବା ସମୟରେ ଅତି ଛୋଟ ଛୋଟ ପିଲା ଯଦି ପାଖେ ପାଖେ ଚାରିପଟେ ବୁଲୁଥାନ୍ତି, ତେବେ ଅତି ଅଳ୍ପ ପରିମାଣର ତମାଖୁ ଟିକିଏ ଗୋଟାଇ ପକାଇ ତାହା ଚୋବାଇବାର ଅଭ୍ୟାସ ସେମାନେ ଶିଖନ୍ତି। ତମାଖୁ ସ୍ୱାସ୍ଥ୍ୟପ୍ରତି ବିପଦଜ୍ଜନକ ଓ ଏହିପରି ପିଲାମାନେ ସେହିବିପଦ ମୁହଁରେ ପଡ଼ନ୍ତି।

ବିଡ଼ି ପ୍ରସ୍ତୁତ ଶିଳ୍ପ ଏକ ଅର୍ଥକାରୀ ଶିଳ୍ପ, ମୂଳତଃ ଏହା ଏକ କୁଟୀର ଶିଳ୍ପ ଗୁଜୁରାଟରେ ଏହି ଶିଳ୍ପ ବିରାଟ ଆକାରରେ ଅହମଦାବାଦରେ ଅବସ୍ଥିତ। ଗୁଜୁରାଟରେ ବିଡ଼ି ବିକିବାରେ ନିଯୁକ୍ତ ମହିଳାମାନେ ବିଭିନ୍ନ ସଂପ୍ରଦାୟରୁ ଆସିଥାନ୍ତି। ମୂଳରୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ଗୋଟିଏ ଗୋଷ୍ଠୀରେ ଅଛନ୍ତି ପଦ୍ମେଶଲୀ ସଂପ୍ରଦାୟର ମହିଳାମାନେ ଓ ଏହି ଗୋଷ୍ଠୀ କେତେ ଦଶକ ଧରି ବିଡ଼ି ବଳିବା କମ କରୁଅଛନ୍ତି। ଅନ୍ୟଗୋଟିଏ ଗୋଷ୍ଠୀ ମୁସଲମାନ ସଂପ୍ରଦାୟର ମହିଳା ଅଟନ୍ତି। ସେମାନେ ଅହମଦାବାଦ ଓ ନିକଟବର୍ତ୍ତୀ କ୍ଷୁଦ୍ର ସହରମାନଙ୍କରେ ପଟନ ନାମକ ଏକ ସହରରେ କାମ କରନ୍ତି ତୃତୀୟ ଗୋଷ୍ଠୀଭାବେ କୋଷ୍ଠା ମହିଳାମାନେ କାର୍ଯ୍ୟ କରନ୍ତି। ସହରୀ ମହିଳାମାନେ ଚଲ ବୋଲି କୁହାଯାଉଥିବା ବସ୍ତିମାନଙ୍କରେ ରହନ୍ତି ଓ ଅଧିକାଂଶ କ୍ଷେତ୍ରରେ ସେମାନଙ୍କର ସ୍ୱାମୀମାନେ, ପିତାମାତାମାନେ ଶିଳ୍ପ କାରଖାନାମାନଙ୍କରେ ଶ୍ରମିକରୂପେ କାର୍ଯ୍ୟକରନ୍ତି। ବହୁ ବିଧବା ସ୍ୱାମୀମାନଙ୍କ ଦ୍ୱାରା ପରିତ୍ୟକ୍ତା ମହିଳା ସେମାନଙ୍କର ପରିବାର ଗୁଡ଼ିକର ମୁଖ୍ୟ ଓ ସେମାନଙ୍କର ଆୟରେ ପରିବାରର ଭରଣପୋଷଣ ହୋଇଥାଏ।

ଭାରତ ସରକାର ଏହି ମହିଳାମାନଙ୍କୁ କିଛି ସର୍ବନିମ୍ନ ମଜୁରୀ ଓ ମାଗଣା ସ୍ୱାସ୍ଥ୍ୟ ସେବା ଦେବା ନିମନ୍ତେ ଆଇନ ପ୍ରଣୟନ କରିଥିଲେ। କିନ୍ତୁ ବ୍ୟବସାୟୀମାନେ ଦୃଢ଼ଭାବେ ସଂଗଠିତ ହୋଇସେହି ଆଇନଗୁଡ଼ିକୁ ବିଫଳ କରିବା ନିମନ୍ତେ ବିଭିନ୍ନ ଉପାୟ ବାହାର କଲେ। ରେନାନା ଝାବୱାଲା ନାମ୍ନୀ ସେବା ର ଜଣେ ଦୃଢ଼ ପ୍ରତିଜ୍ଞା ସଂପନ୍ନ ମହିଳା ପ୍ରଥମେ ସମସ୍ୟାଟିକୁ ଅନୁଧ୍ୟାନ କଲେ ଓ ତାପରେ ମହିଳାମାନଙ୍କୁ ସେମାନଙ୍କର ଆଇନ ସମ୍ମତ ପ୍ରାପ୍ୟ ଦାବି କରିବାକୁ ସଂଗଠିତ କଲେ। ତେଣୁ ବ୍ୟବସାୟୀମାନେ ପ୍ରଥମେ କଟୁକଥା ଓ ପରେ ନାନାପ୍ରକାର କଷ୍ଟପ୍ରଦାନ କରିବା ସହିତ ଧମକ ଚମକ ଦେବାକୁ ଲାଗିଲେ। ୧୯୭୧-୭୨ ମସିହାରେ ସଂଗଠିତ ବିଡ଼ି ଶ୍ରମିକଗଣଙ୍କର ଏହି ଆନ୍ଦୋଳନ ସଫଳ ହୋଇଥିଲା ଓ ପରେ ଏହି ଆନ୍ଦୋଳନ ଭାରତର ବିଭିନ୍ନ ଅଞ୍ଚଳରେ ଏକ ଆଦର୍ଶ ରୂପେ ଅନୁକରଣ ଯୋଗ୍ୟ ଦୃଷ୍ଟାନ୍ତ ରୂପେ କାମଦେଲା।

୧୯୭୪ ମସିହାରେ ଅନ୍ୟଏକ ସଂଗ୍ରାମ ଅନୁଷ୍ଠିତ ହୋଇଥିଲା। ଅହମଦାବାଦ ନଗରୀରୁ ଆସିଥିବା ଓ ଲୁଗାକଳମାନଙ୍କର ଆଳିଆରୁ ରେଜେଇ ଓ ପିଲାଙ୍କ ଜାମାପଟା ତିଆରି କରୁଥିବା ମୁସଲମାନ ମହିଳାମାନେ ଏହି ସଂଗ୍ରାମ କରିଥିଲେ। ଅହମଦାବାଦର ଲୁଗା କାରଖାନାଗୁଡ଼ିକ ଛୋଟ ଛୋଟ ଅଳିଆ କନାମାନ ଉତ୍ପାଦନ କରନ୍ତି। ସବୁଠାରୁ ବଡ଼ କନା ଗୋଟିଏ ରୁମାଲ ଠାରୁ ବଡ଼ ହେବ ନାହିଁ। ଏହି ଅଳିଆ କନାଖଣ୍ଡମାନଙ୍କୁ ସେହି ସ୍ଥାନରେ ଚିଣ୍ଡି କୁହାଯାଏ। ଚିଣ୍ଡିଗୁଡ଼ିକୁ ସେମାନଙ୍କର ଆକାର ଅନୁଯାୟୀ ବଡ଼, ମଝିମଝିକା ଓ ସାନ ଶ୍ରେଣୀରେ ବିଭକ୍ତ କରାଯାଇଥାଏ ଯଥା - ପରିଷ୍କାର, ଅପରିଷ୍କାର ଓ ଅତିଅପରିଷ୍କାର । ଏହି ଚିଣ୍ଡିଗୁଡ଼ିକୁ ଦୁଇଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ - ପ୍ରଥମତଃ ଅପେକ୍ଷାକୃତ ବଡ଼ଗୁଡ଼ିକୁ ଯତ୍ନର ସହିତ ଏକାଠି ସିଲାଇ କରି ପିଲାଙ୍କ ନିମନ୍ତେ ଶସ୍ତା ରେଡ଼ିମେଡ୍ ଜାମାପଟା ତିଆରି କରାଯାଏ, ଦ୍ୱିତୀୟତଃ, ସବୁଠୁ ଛୋଟଗୁଡ଼ିକ ତକିଆ ଓ ରେଜେଇମାନଙ୍କରେ ଭର୍ତ୍ତିକରିବାରେ ବ୍ୟବହୃତ ହୁଏ। ସମୃଦ୍ଧଶାଳୀ ବ୍ୟବସାୟୀମାନେ ଏକ ପ୍ରକାର ଚିଣ୍ଡିଗୁଡ଼ିକ ପ୍ରଚୁର ପରିମାଣରେ କିଣିବାର ଏକଚାଟିଆ ବ୍ୟବସାୟ ସୃଷ୍ଟି କରନ୍ତି। ତା'ପରେ ସେମାନେ ଏହି ଚିଣ୍ଡିଗୁଡ଼ିକୁ ମହିଳାମାନଙ୍କୁ ବାଣ୍ଟିକରି ଦିଅନ୍ତି। ସେମାନେ ସେମାନଙ୍କର ନିଜ ନିଜର ଅନ୍ଧାରୁଆ ସଂକୀର୍ଣ୍ଣ ଘରମାନଙ୍କରେ ପିଲାଙ୍କ ପାଇଁ ଜାମାପଟାମାନ ସିଲାଇ କରନ୍ତି ଓ ରେଜେଇମାନ ତିଆରି କରନ୍ତି। ସେହି ଜିନିଷଗୁଡ଼ିକ ପ୍ରସ୍ତୁତ ହେଲାପରେ ବ୍ୟବସାୟୀମାନଙ୍କୁ ଫେରାଇ ଦିଅନ୍ତି। ବ୍ୟବସାୟୀମାନେ ସେମାନଙ୍କୁ ସାମାନ୍ୟ ପରିମାଣରେ ମଜୁରୀ ଦିଅନ୍ତି। ମହିଳାମାନଙ୍କର ଆୟକମ୍ ହେଉଥିଲା। ଏହା ପ୍ରତିବାଦରେ ବ୍ୟବସାୟୀମାନେ ଧନୀ ହେଉଥିଲେ ଓ ପ୍ରଚୁର ଲାଭ ଅର୍ଜନ କରୁଥିଲେ।

ମହିଳାମାନଙ୍କୁ ଏ ସମସ୍ତ ଦୁର୍ଦ୍ଦଶା ଓ ଯନ୍ତ୍ରଣାମୁକ୍ତ କରିବା ନିମନ୍ତେ "ସେବା" ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ

କରିଥିଲା । ଏମାନଙ୍କର ଏକ ସମବାୟ ଅନୁଷ୍ଠାନ ଗଠନ ନିମନ୍ତେ 'ସେବା' ଉତ୍ସାହ ପ୍ରଦାନ କରିଥିଲା 'ସେବା'ର ନେତ୍ରୀଗଣ ପଚାରିଲେ "କାହିଁକି ତୁମେ ସବୁ ମିଳିମିଶି ଗୋଟାଏ ସମବାୟ ଅନୁଷ୍ଠାନ କରୁନାହଁ? ଏହାଦ୍ୱାରା ତୁମେ ନିଜେ ଲୁଗାକଳମାନଙ୍କରୁ ସିଧାସଳଖ ଚିଣ୍ଡି ସଂଗ୍ରହ କରିପାରିବ, ପିଲାଙ୍କ ପୋଷାକ ପତ୍ର ଓ ରେଜେଇମାନ ତିଆରି କରି ସମବାୟ ଭିତ୍ତିରେ ତୁମର ମାଲିକାନାରେ ଥିବା ଦୋକାନମାନଙ୍କ ଜରିଆରେ ବିକ୍ରି କରିପାରିବ।" ମହିଳାମାନେ ଉତ୍ସାହର ସହିତ ନେତ୍ରୀମାନଙ୍କର ପ୍ରସ୍ତାବ ଅନୁଯାୟୀ କାମକଲେ, କିନ୍ତୁ ଶୀଘ୍ର ସେମାନଙ୍କୁ ଏକ ଆଘାତ ପାଇବାକୁ ହେଲା । ଯେଉଁମାନେ ଲୁଗାକଳରେ ଚିଣ୍ଡିମାନ ବିକ୍ରିବଟା କରନ୍ତି, ସେମାନଙ୍କ ଉପରେ ବ୍ୟବସାୟୀମାନଙ୍କର ଏପରି ଦୃଢ଼ ଅକ୍ତିଆର ଥିଲା ଯେ, ମହିଳାମାନେ ଚିଣ୍ଡି ପାଇବାରୁ ସମ୍ପୂର୍ଣ୍ଣ ରୂପେ ବଞ୍ଚିତ ହେଲେ । କିନ୍ତୁ ସେମାନେ ସେମାନଙ୍କର କାର୍ଯ୍ୟଧାରା ଦୃଢ଼ତା ସହିତ ଚଳାଇ ରଖିବା ଫଳରେ ଏହି ଅଚଳଅବସ୍ଥା ଭାଙ୍ଗିଲା । ଏହା ପରଠାରୁ ବାକିକାମ କରିବା ଆଉ କଷ୍ଟକର ହେଲା ନାହିଁ ।

୧୯୭୬ ମସିହାରେ ଆଉ ଏକ ସଂଗ୍ରାମ ସଂଗଠିତ ହୋଇଥିଲା । ଏଥିରେ କପାଲୁଗା ଓ କନାମାନଙ୍କ ଉପରେ କାଠ ଛାଞ୍ଚରେ ଛପେଇ କାମ କରୁଥିବା ମହିଳାମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ଶୋଷଣର କାହାଣୀ ମଧ୍ୟ ଏକାପ୍ରକାର ଥିଲା । ବ୍ୟବସାୟୀ ସେମାନଙ୍କୁ ସବୁଜିନିଷ ଯଥା କନା, ଛପେଇବା ନିମନ୍ତେ କାଠ ଛାଞ୍ଚ, ସମ୍ମିଶ୍ରିତ ରଙ୍ଗ ଯୋଗାଇଦେଇଥାଏ । କିନ୍ତୁ କେଉଁ ରଙ୍ଗ କିପରି କାହା ସହିତ ମିଶ୍ରିତ ହୁଏ ତାହା ସେ ଗୁପ୍ତ ରଖିଥାଏ । ଏ କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କ ମଜୁରୀ କମ୍ ଥିଲା ଏବଂ ସେମାନଙ୍କୁ ପୁଣି ନିଜର ଅନ୍ଧାରୁଆ ଓ ଅପରିଷ୍କାର ଘରମାନଙ୍କରେ କାମ କରିବାକୁ ହେଉଥିଲା । ମହିଳାମାନେ ଗୋଟିଏ ସମବାୟ ସମିତି ଗଠନ କରିବାକୁ ସ୍ଥିର କଲେ । ସେମାନେ କନା ଆଣିଲେ, କାଠ ଛାଞ୍ଚମାନ ଆଣିଲେ ଏବଂ ନିଜର ପ୍ରଚେଷ୍ଟାରେ ରଙ୍ଗମାନ ତିଆରି କରିବାର ବିଭିନ୍ନ ସୂତ୍ରମାନ ଆବିଷ୍କାର କଲେ । ନିଜର ସମବାୟ ଗଠନ ସହିତ ମାଲିକଙ୍କ ସହିତ ଉତ୍ତମ ସଂପର୍କ ପ୍ରତିଷ୍ଠା ହେଲା ।

ଉପରୋକ୍ତ ତିନୋଟି ସଂଗ୍ରାମ ବିଜୟ ସହଜ ହୋଇନଥିଲା ଏଥିରେ ଗାନ୍ଧିଜୀଙ୍କ ପନ୍ଥା ଅବଲମ୍ବନ କରାଯାଇଥିଲା । ଏହି ସଂଗ୍ରାମରେ ବହୁ ମହିଳା ଧମକ ଚମକର ଓ ଅନ୍ୟାୟରେ ଦଣ୍ଡ ପ୍ରଦାନର ସମ୍ମୁଖୀନ ହୋଇଥିଲେ ଓ ତାଙ୍କ ଭିତରୁ କେତେକ ଏ ପ୍ରକାର ଚାପ ଆଗରେ ହାର ମାନିଥିଲା । ଅନେକ ସମୟରେ ଏହି ମହିଳାମାନଙ୍କର ସ୍ୱାମୀମାନେ ଓ ବାପାମାନେ ଆମର ପରିବାରର ସ୍ତ୍ରୀ ଲୋକମାନେ ଶୋଭାଯାତ୍ରା ଓ ସାଧାରଣ ସଭାମାନଙ୍କରେ ଯୋଗଦେବାକୁ ଘୋର ବିରୋଧ କରିଥିଲେ । ସମବାୟ ଅନୁଷ୍ଠାନ ମହିଳାମାନଙ୍କଦ୍ୱାରା ଗଠନ କରାଯାଇଥିଲେ ମଧ୍ୟ ତାହାକୁ ଚଳାଇବା ଏତେ ସହଜ ନଥିଲା କାରଣ ସେମାନଙ୍କୁ ହିସାବକିତାବ ରଖିବା ଜଣାନଥିଲା ଓ ବ୍ୟବସାୟିକ କାରବାର ଚଳାଇବାରେ ସେମାନଙ୍କର କୁଶଳତା ନଥିଲା । ସରକାରୀ କର୍ମଚାରୀଗଣ ବା ପୁଲିସଙ୍କ ପରି ସାଧାରଣଙ୍କ ସହିତ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହିତ କାରବାର କରିବା ସବୁବେଳେ ଅତି ଦୁଃସାଧଥିଲା । ଯଦି ହାତଶଗଡ଼ ଟାଣୁଥିବା ମହିଳାମାନେ ନିଜର ହାତଶଗଡ଼ର ମାଲିକ ହେବାକୁ ଚାହିଁଲେ ତେବେ ସେମାନଙ୍କୁ ଗୋଟିଏ ଲାଇସେନସ ନେବାକୁ ହେଉଥିଲା ଏବଂ ସେଥିନିମନ୍ତେ ସେମାନେ ଯେଉଁ ପୁଲିସଙ୍କୁ ଭୟ କରୁଥିଲେ ତାଙ୍କରି ପାଖକୁ ଯିବା ଆବଶ୍ୟକ ହେଉଥିଲା । ସେହିପରି ଗୋଟିଏ ସମବାୟ ଅନୁଷ୍ଠାନର ହିସାବକିତାବ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ଯାଞ୍ଚ୍ କରାହେବା ଓ ତାହା ନିର୍ଭୁଲ ଅଛିବୋଲି ସେମାନଙ୍କ ଠାରୁ ସାର୍ଟିଫିକେଟ ପାଇବାର ଆବଶ୍ୟକତା ଥିଲା । ଯଦି ଗୋଟିଏ ମକଦ୍ଦମା ପୁଲିସ ରୁଜୁ କରିଦେଉଥିଲା, ତେବେ ସେମାନଙ୍କୁ କୋର୍ଟକଚେରୀ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହେଉଥିଲା । ଆଉ ସେହି ବ୍ୟବସ୍ଥା ତାର କାର୍ଯ୍ୟ କରିବାର ଧାରା ଓ ବିଳମ୍ବ ଯୋଗୁଁ ସେମାନଙ୍କୁ ଚିନ୍ତାଗ୍ରସ୍ତ କରିଦେଉଥିଲା । ସେମାନେ ତାଙ୍କ ବ୍ୟବସ୍ଥା ବୁଝିପାରୁନଥିଲେ କିମ୍ବା ବ୍ୟବସାୟିକ ଜଗତକୁ ବୁଝିପାରୁନଥିଲେ । ସେମାନଙ୍କର ଶିଖିବାର ଗତି ବଡ଼ ମନ୍ଥରଥିଲା । ସେମାନେ ଅନେକ ସମୟରେ ଝୁଣ୍ଟିପଡୁଥିଲେ, କିନ୍ତୁ ବିଚଳିତ ନ ହୋଇ ପୁଣି ଆଗକୁ ମାଡ଼ିଚାଲୁଥିଲେ ।

ସେବା ନେତୃତ୍ୱରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଂଗ୍ରାମ ସଂଗଠିତ ହୋଇଥିଲା । ଯେଉଁଥିରେ ଅହମଦାବାଦ ନଗରୀର ପରିବା ବିକାଳୀମାନେ ସାମିଲ୍ ହୋଇଥିଲେ । ବୁଲାବିକାଳିମାନେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ନ ରହି ବିଭିନ୍ନସ୍ଥାନ ବୁଲି ବୁଲି ନିଜର ପରିବା ବିକିଥାନ୍ତି କିନ୍ତୁ ପରିବାବିକାଳିମାନେ ବଡ଼ ବଡ଼ ରାସ୍ତାକଡ଼ରେ

ପେଭମେଣ୍ଟମାନଙ୍କ ବା ପାଦଚଲା ରାସ୍ତା ଉପରେ ଖାଲି ଗୋଟିଏ ସ୍ଥାନରେ ସେମାନଙ୍କର ଜିନିଷ ବିକିବାକୁ ବସନ୍ତି। ଗୋଟିଏ ସଂଗଠିତ ପରିବା ବଜାରରେ ରହି ବିକିବାକୁ ଯଥାରୀତି ଗୋଟିଏ ଘରଭଡ଼ା ନେବାର ସମ୍ବଳ ପରିବାବିକାଳୀମାନଙ୍କର ନଥାଏ କାରଣ ସେହି ଦୋକାନଘରଗୁଡ଼ିକର ଭଡ଼ା ଅତି ଅଧିକ ଓ ପରିସର ସଂକୀର୍ଣ୍ଣ ଥିଲା। ଆର୍ଥିକ ଆବଶ୍ୟକତା ଓ ଦୋକାନ କରିବା ନିମନ୍ତେ ସ୍ଥାନର ଗୁରୁତର ଅଭାବ ବହୁ ନରନାରୀଙ୍କୁ ପେଭମେଣ୍ଟମାନଙ୍କ ଉପରେ, ରାସ୍ତା କୋଣରେ, ରେଳବାଇ ପ୍ଲାଟଫର୍ମରେ, ସମୁଦ୍ର କୂଳରେ, ଏପରିକି ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ପାର୍କମାନଙ୍କରେ ସୋମନଙ୍କର ଜିନିଷପତ୍ର ବିକିବାକୁ ବାଧ କରୁଥିଲା। ଛୋଟ ପୁଲିସ କର୍ମଚାରୀମାନେ ଏହି ବିକାଳୀମାନଙ୍କୁ ଅନେକ ସମୟରେ ହୀନସ୍ଥା କୁଥବଲେ । ସେମାନେ ଲାଞ୍ଚ ଦାବି କରୁଥିଲେ, ରୁକ୍ଷ ଓ କର୍କଶ ଭାଷାରେ କଥାବାର୍ତ୍ତା କରୁଥିଲେ ଏବଂ ସର୍ବଦା ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ। ହଠାତ୍ ଦିନେ ସହରର କର୍ତ୍ତୃପକ୍ଷ ଏହି ମହିଳା ପରିବା ବିକାଳୀମାନେ ଯାନବାହାନ ଓ ପଦଚାରୀଙ୍କ ଯାତାୟତରେ ବାଧା ହେଉଛନ୍ତି କହି ସେମାନଙ୍କୁ ଅପସାରଣ କରିବା ନିମନ୍ତେ ପ୍ରଚେଷ୍ଟା କଲେ। ତେଣୁ ସେମାନେ 'ସେବା'ର ସାହାଯ୍ୟନେଲେ। 'ସେବା' ସଂଗ୍ରାମ ଆରମ୍ଭ କଲା।

ଏହି ମହିଳାମାନଙ୍କୁ ହଟାଇବା ଅତି ସହଜ ବୋଲି ସହର କର୍ତ୍ତୃପକ୍ଷ ଭାବିଥିଲେ, କିନ୍ତୁ ସେମାନଙ୍କର ସଂଗଠିତ ବିରୋଧ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ। 'ସେବା' ପ୍ରଥମେ ଏହି ମହିଳାମାନଙ୍କର ଶୋଚନୀୟ ଅବସ୍ଥା କର୍ତ୍ତୃପକ୍ଷଙ୍କୁ ବୁଝାଇଥିଲେ ଯେ ସେମାନେ ଗରୀବ ଓ ଜନସାଧାରଣଙ୍କୁ ଏକ ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଥିଲେ। କାରଣ ସେମାନଙ୍କଠାରୁ କ୍ରେତାମାନେ ସହଜରେ ଓ ଅଧିକ ସଂଖ୍ୟାରେ ଆସିପାରୁଥିଲେ। 'ସେବା' ସ୍ପଷ୍ଟ କରିଥିଲା ଯେ ଯଦି ମହିଳାମାନଙ୍କୁ ଯୁକ୍ତିଯୁକ୍ତ ଭାବେ ବିକ୍ରି କରିବା ନିମନ୍ତେ ସ୍ଥାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଏ ତେବେ ସେହି ମହିଳାମାନେ ସେମାନଙ୍କର ବ୍ୟବସାୟ ନିୟମିତ ପରିବା ବଜାରକୁ ଘୁଞ୍ଚାଇଦେବେ। କିନ୍ତୁ ଦୁର୍ଭାଗ୍ୟବଶତଃ ସହରର କର୍ତ୍ତୃପକ୍ଷଗଣ ଏହି ପ୍ରତିଶ୍ରୁତି ଦେଲେ ନାହିଁ। 'ସେବା' ବିଷୟଟିକୁ ସୁପ୍ରିମକୋର୍ଟକୁ ନେଲା ଓ ମୋକଦ୍ଦମାରେ ବିଜୟଲାଭ କଲା। ଏହି ପରିବା ବିକାଳୀଙ୍କୁ ନିୟମିତ ମାର୍କେଟମାନଙ୍କରେ ବିକଳ୍ପସ୍ଥାନ ଯୋଗାଇ ନଦେବା ପର୍ଯ୍ୟନ୍ତ ସେମାନଙ୍କୁ ଅପସାରିତ ନକରିବା ପାଇଁ ସର୍ବୋଚ୍ଚନ୍ୟାୟାଳୟ ମ୍ୟୁନିସପାଲଟି କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଲେ।

'ସେବା' ଗୁଜୁରାଟର ସହରାଞ୍ଚଳରେ ଅନେକ କାର୍ଯ୍ୟକଳାପରେ ଗ୍ରାମାଞ୍ଚଳକୁ ନିଜର କାର୍ଯ୍ୟକ୍ରମ ପ୍ରସାରିତ କରିବାକୁ ଲାଗିଲା। ଦେବ ଧୋଲେରା ନାମକ ଗ୍ରାମରେ ସାଧାରଣ ଛାଞ୍ଚୁଣି ଓ ଶସ୍ତା ଟୋକେଇମାନ ତିଆରି କରୁଥିବା ଗ୍ରାମ୍ୟ ମହିଳାମାନଙ୍କର ସେମାନଙ୍କର କର୍ମକୁଶଳତାର ଉନ୍ନତି କରିବା ନିମନ୍ତେ କୌଣସି ସୁଯୋଗ ନଥିଲା। 'ସେବା' ଉତ୍ତରପୂର୍ବ ଭାରତରୁ କୁଶଳୀ କାରୀଗରମାନଙ୍କୁ ଆଣି ସେମାନଙ୍କୁ ନୂଆ କୌଶଳମାନ ଶିଖାଇବାର ଏକ ସାହସିକ ପଦକ୍ଷେପ ଗ୍ରହଣ କଲେ। ସେମାନେ ଅତିଶୀଘ୍ର ସାଜସଜ୍ଜା କରିବା ନିମନ୍ତେ ବାଉଁଶ ଜିନିଷମାନ, ଲ୍ୟାମ୍ପସେଡ୍‌ମାନ ଓ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷମାନ ତିଆରି କରିବାକୁ ଶିଖି ସେଗୁଡ଼ିକ ବିକ୍ରୟ କରି ଅଧିକ ମୂଲ୍ୟ ପାଇଲେ।

ଦୁଗ୍ଧ ଉତ୍ପାଦନ ଶିଳ୍ପକ୍ଷେତ୍ରରେ ସର୍ବଦା ପୁରୁଷଙ୍କ ଅଧିକାରଭୁକ୍ତ ବୋଲି ବିଚାର କରାଯାଉଥିଲା, କିନ୍ତୁ ବାସ୍ତବରେ ଏହି ଶିଳ୍ପରେ ମହିଳାମାନେ ସମସ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ଏଥିରୁ ହେଉଥିବା ଆୟକୁ ପୁରୁଷମାନେ ନିଜର ଭାବି ନାରୀକୁ ଅଂଶ ପ୍ରଦାନ କରୁଥିଲେ। ଏହି ସମସ୍ୟା ମଧ୍ୟ ଗୁଜରାଟରେ ଦେଖାଯାଇଥିଲା। ପୁରୁଷମାନଙ୍କର ପ୍ରାଧାନ୍ୟ ଏ କ୍ଷେତ୍ରରେ ଦେଖାଯାଉଥିଲା। ଏହା ଧରିନିଆଯାଇଥିଲା ଯେ ମହିଳାମାନେ ଗୋଟିଏ ଦୁଗ୍ଧ ସମବାୟ ସମିତି ଆରମ୍ଭ କରିପାରିବେ ନାହିଁ। 'ସେବା ସେ ବିଷୟରେ ଆଗଭର ହୋଇ ବାହାରିଲା ଓ ଗ୍ରାମ୍ୟ ମହିଳାମାନଙ୍କର ଦୁଗ୍ଧ ସମବାୟ ସମିତିମାନ ଗଠନ କରିବାରେ ସଫଳ ହେଲା।

ଗୁଜୁରାଟରେ ୧୯୮୪ରୁ ଲଗାତାର ଭାବେ ୧୯୮୭ ମସିହା ପର୍ଯ୍ୟନ୍ତ ମରୁଡ଼ି ଦେଖାଯିବା ଦ୍ୱାରା ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଜନସାଧାରଣଙ୍କ ନିମନ୍ତେ କାମ କରିବାକୁ ଅଣ୍ଟା ଭିଡ଼ିଥିଲା। ଗ୍ରାମମାନଙ୍କର ମହିଳାମାନଙ୍କ ଜରିଆରେ ଗୋଖାଦ୍ୟ ଓ ଖାଦ୍ୟଶସ୍ୟ ଖୁବ୍ ବ୍ୟାପକ ଭାବରେ ବଣ୍ଟନ କରାଗଲା। 'ସେବା' ମରୁଡ଼ିର ଉତ୍ସ ଓ ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେଇ ଗ୍ରାମ୍ୟ ମହିଳାମାନଙ୍କୁ ବୁଝାଇଥିଲା। "ଗଛଗୁଡ଼ିକ ଚାଲିଯାଉଛି, ଘାସ ଚାଲିଯାଇଛି, ମାଟି ଟାଣ ହୋଇଯାଉଛି, ଆଉ ପ୍ରାୟ କିଛି ଉତ୍ପାଦନକରୁ ନାହିଁ, ଯେତେବେଳେ ମୌସୁମୀ ବେହନାହିଁ।, ବର୍ଷା ଆସେ ନାହିଁ,

ସେତେବେଳେ ଆମେ ମହିଳାମାନେ ହିଁ ସବୁଠାରୁ ଅଧିକ କଷ୍ଟପାଉ । ପାଣି ଏବଂ ଗାଇଗୋରୁଙ୍କ ନିମନ୍ତେ ଖାଦ୍ୟ ଦୂରକୁ ଯାଇ ଆଣିବା ଭିଡ଼ ଓ କଷ୍ଟ ସାଧ୍ୟ । ଦିନକୁ ଦିନ ସେହି କାମ ଅସହ୍ୟ ହୋଇପଡୁଛି । ବାର୍ତ୍ତାଥିଲା ସୁସ୍ପଷ୍ଟ "ମରୁଡ଼ି ପୁଣି ଆସିବ ଅଞ୍ଚଳଟିକୁ ମରୁଭୂମିରେ ପରିଣତ କରିଦେବ । ଚାଲ ଆମେ ଗଛସବୁ ଲଗାଇବା, ବୁଦା ଘାସସବୁ ଲଗାଇବା । ସେସବୁକୁ ରକ୍ଷା କରିବା 'ସେବା' ସାମାଜିକ ବନପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ନିମନ୍ତେ ମହିଳାମାନଙ୍କୁ ମୂଳରୁ ବାଟବତାଇଲା ଓ ଆବଶ୍ୟକୀୟ ନେତୃତ୍ୱ ପ୍ରଦାନ କଲା ।

'ସେବା' ସାଂପ୍ରଦାୟିକ ଦଙ୍ଗା ରୋକିବାକୁ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଗୁଜୁରାଟରେ ସପ୍ତମ ଦଶକର ଶେଷଭାଗରେ ଓ ଅଷ୍ଟମ ଦଶକର ପ୍ରାରମ୍ଭରେ ଦୁଇଥର ସାଂପ୍ରଦାୟିକ ହିଂସା ଓ ଦଙ୍ଗା ସଂଗଠିତ ହୋଇଥିଲା । ଏ ପ୍ରକାର ହିଂସା ହିନ୍ଦୁ ଓ ମୁସଲମାନ ଉଭୟ ସଂପ୍ରଦାୟର ନାରୀମାନଙ୍କର ଜୀବନ ବିପର୍ଯ୍ୟସ୍ତ କରିଦିଏ । ଦୁଇଟି ଯାକ ସଂପ୍ରଦାୟର ନାରୀମାନେ ଏହି ସାଂପ୍ରଦାୟିକ ଉନ୍ମାଦନା ବିରୁଦ୍ଧରେ ସଂଗ୍ରାମ କରିବା ନିମନ୍ତେ ଏକତ୍ର କାର୍ଯ୍ୟକରିବାକୁ ନିଷ୍ପତ୍ତି ନେଲେ । ଇଲାବେନଙ୍କ ଭାଷାରେ "ମହିଳାମାନେ ସେମାନଙ୍କର ନିଜ ନିଜର କ୍ରୋଧାନ୍ୱିତ ପତିମାନଙ୍କୁ, ପିତାମାନଙ୍କୁ ଘେରାଉ କଲେ ଓ ସେମାନଙ୍କର ହାତ ଅଟକାଇଲେ ।"

'ସେବା' ଗଣତାନ୍ତ୍ରିକ ପନ୍ଥା ଯଥା ଆଲୋଚନା ଓ ଭାବ ଆଦାନପ୍ରଦାନରେ ବିଶ୍ୱାସ କରେ । ମହିଳାମାନେ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀରେ ଏକତ୍ର ହୋଇ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନାରେ ଭାଗ ନେଇଥାନ୍ତି । ସେହିପରି ଖୋଲା ଆଲୋଚନା ମହିଳାମାନଙ୍କୁ ପରସ୍ପରର ନିକଟବର୍ତ୍ତୀ ହେବାକୁ, ପରସ୍ପର ମଧ୍ୟରେ ବିଶ୍ୱାସ ଓ ନିର୍ଭରତାବୋଧ ସୃଷ୍ଟି କରିବାକୁ ଏବଂ ପରସ୍ପର ପ୍ରତି ସହାୟତାଶୀଳ ହେବାକୁ ସମର୍ଥକରେ । ଏପରି ସଭାମାନ ବାରମ୍ବାର ହେଲେ ତାହା ସେମାନେ ସଫଳ ହେବାପର୍ଯ୍ୟନ୍ତ ଦୀର୍ଘକାଳ ପର୍ଯ୍ୟନ୍ତ ଏକତ୍ର କାର୍ଯ୍ୟ କରିବାର ସାମର୍ଥ୍ୟସେମାନଙ୍କ ମଧ୍ୟରେ ନିଶ୍ଚିନ୍ତଭାବରେ ବିକାଶ ଲାଭକରେ । ବିଭିନ୍ନ ସମୟରେ ସେବା ଯେଉଁ ଗ୍ରାମ୍ୟ ମହିଳାମାନେ ପାହାଡ଼ମାନଙ୍କରୁ ଜାଳେଣି ସଂଗ୍ରହ କରନ୍ତି । ଯେଉଁ ମହିଳାମାନଙ୍କରୁ ସେମାନଙ୍କ ସ୍ୱାମୀ ଛାଡ଼ି ଚାଲିଯାଇଛନ୍ତି, ଯେଉଁ ମହିଳାମାନେ ଶାଳୀନତା ଓ ବ୍ୟକ୍ତିଗତ ଗୋପନୀୟତା ସୁନିଶ୍ଚିତ କରିବା ନିମନ୍ତେ ଯଥୋଚିତ ସ୍ନାନାଗାର, ଶୌଚାଳୟ ଦାବି କରିଛନ୍ତି, ସେମାନଙ୍କ ଦାବିକୁ ଦୃଢ଼ ସମର୍ଥନ ଦେଇଅଛି । ଏହା ଅନସୂୟା ନାମକ ଏକ ଗୁଜୁରାଟି ପତ୍ରିକା ପ୍ରକାଶିତ କରୁଅଛି । ଏହି ପତ୍ରିକା ଦରିଦ୍ର, ଯଥାଯଥ ସୁବିଧା ସୁଯୋଗରୁ ବଞ୍ଚିତ ମହିଳାମାନଙ୍କର ସମସ୍ୟା ଖୋଲାଖୋଲି ଭାବେ ଆଲୋଚନା କରେ । ସମୟାନୁକ୍ରମେ 'ସେବା' ଆମ ଦେଶର କୋଣ ଅନୁକୋଣରେ ଏହାର ଶାଖା ପ୍ରତିଷ୍ଠା କରି ମହିଳା ସଶକ୍ତିକରଣ କାର୍ଯ୍ୟରେ ନିଜକୁ ନିୟୋଜିତ କରାଯାଇଛି । ୨୦୧୩ ମସିହା ସୁଦ୍ଧା 'ସେବା' ର ରହସ୍ୟ ସଂଖ୍ୟା ହେଉଛି ୧,୯୧.୬୭୬ । ୧୯୯୬ ମସିହାରେ ଏହାର ସଦସ୍ୟ ସଂଖ୍ୟା ୩୦ ହଜାର ଥିଲା । ଏହାର ସଂଖ୍ୟାବୃଦ୍ଧିରୁ ଜଣାପଡ଼େ ଯେ ଏହା କେତେ ଲୋକପ୍ରିୟ ଅଟେ । ଏହାର ଶ୍ରୀ ମହିଳା ସେବା ସହକାରୀ ବ୍ୟାଙ୍କ ବା 'ସେବା ବ୍ୟାଙ୍କ' ନାମରେ ଏକ ବ୍ୟାଙ୍କ ପରିଚାଳନା କରୁଅଛି

'ସେବା' ର କାର୍ଯ୍ୟ ଅଧୁନା ବିସ୍ତାରିତ ଓ ସୁଦୂରପ୍ରସାରୀ । ଏହା ନିଯୁକ୍ତି, ଖାଦ୍ୟ ଓ ପୋଷଣ, ସ୍ୱାସ୍ଥ୍ୟ, ଶିଶୁଯତ୍ନ, ଗୃହନିର୍ମାଣ, ଶ୍ରମ ନେତୃତ୍ୱ, ଆତ୍ମନିର୍ଭରଶୀଳ, ସାକ୍ଷରତା କ୍ଷେତ୍ରରେ କାର୍ଯ୍ୟରତ, ସାରା ଭାରତରେ ଅନୁନ୍ନତମହିଳାମାନଙ୍କର ସମସ୍ୟା ଠିକ୍ ଏକାପରି - ସେମାନଙ୍କୁ ଶୋଷଣ କରୁଥିବା ଦାରିଦ୍ର୍ୟ, ପ୍ରଚଳିତ ପ୍ରଥାମାନଙ୍କର ଅତ୍ୟାଚାର, ସେମାନଙ୍କର ନୀଚ ସାମାଜିକ ସ୍ଥିତି ଓ ଆତ୍ମବିଶ୍ୱାସର ଅଭାବ । 'ସେବା' କରୁଥିବା ଉଜ୍ଜ୍ୱଳ ସମ୍ଭାବନାମୟ କାର୍ଯ୍ୟ ଏକ ଅତ୍ୟୁତ୍ତମ ଆଦର୍ଶ । ତାହାର ନେତ୍ରୀମାନେ ଦାରିଦ୍ର୍ୟଗ୍ରସ୍ତା ମହିଳାମାନଙ୍କ ସହ କାର୍ଯ୍ୟକରୁଛନ୍ତି ଓ ସେମାନଙ୍କୁ ସେମାନଙ୍କର ନିଜ ନିଜର ଉନ୍ନତି ପାଇଁ ଗୃହୀତ କାର୍ଯ୍ୟଧାରାରେ ନିଜେ ସଂପୂର୍ଣ୍ଣ ରୂପେ ଜଡ଼ିତ ହେବାକୁ ପ୍ରେରଣା ଦେଉଛନ୍ତି । ପ୍ରତ୍ୟେକ ବାଧାକୁ ସାହସର ସହିତ ଅତିକ୍ରମ କରାଯାଉଅଛି ଓ ପ୍ରତ୍ୟେକ ସଫଳତାକୁ ଦୃଢ଼ମନୋବଳ ଗଢ଼ିବା ନିମନ୍ତେ ବ୍ୟବହାର କରାଯାଉଅଛି ।

'ସେବା' ନାରୀମାନଙ୍କର ଓ ନାରୀମାନଙ୍କଦ୍ୱାରା ସଞ୍ଚାଳିତ ଏକ ପ୍ରାଥମିକ ପଥ ପ୍ରଦର୍ଶକ ଆନ୍ଦୋଳନ । ଭୀରୁ, ଆତ୍ମପ୍ରତ୍ୟୟହୀନ ଓ କ୍ଷମତାହୀନ ନାରୀମାନଙ୍କୁ ସେବା ସାହାସ, ଆତ୍ମବିଶ୍ୱାସ ଓ ନିଜ ନିଜର ଜୀବନ ଉପରେ ନିୟନ୍ତ୍ରଣାଧିକାର ପ୍ରଦାନ କରିଛି । 'ସେବା' ର ସଫଳତା ସାରା ସମାଜକୁ ଯୁଗୁଯୁଗ ଧରି ନାରୀମାନଙ୍କ ବିଷୟରେ ଏହା ଯାହା ବିଚାର କରିଆସିଛି, ତାହା ନାରୀର ଭାଗ୍ୟ ଓ ଭବିଷ୍ୟତକୁ ବଦଳାଇବାରେ ସହାୟକ ହୋଇଛି, ଏଥିରେ ସନ୍ଦେହ ନାହିଁ ।

ରାଜନୀତି ବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

୦୦୦୦

# ସର୍ବଦା ସତ୍ୟ କୁହ

- ପ୍ରାଚୀ ପ୍ରଯୁକ୍ତା

ଗୋଟିଏ ଗାଁରେ ସତ୍ୟବାନ ବୋଲି ଜଣେ ଲୋକ ବାସ କରୁଥିଲେ। ତାଙ୍କ ନାମ ସତ୍ୟବାନ୍, ସେ ପ୍ରକୃତରେ ସତ୍ୟବାନ୍ ପୁରୁଷ। ଯେ କୌଣସି ପରିସ୍ଥିତିରେ ସେ ଆଦୌ ମିଛ କହନ୍ତିନି। ସରଳ, ମିଷ୍ଟଭାଷି, ପର ଉପକାରୀ, ଗୁରୁ ବ୍ରାହ୍ମଣ, ସାଧୁ, ସନ୍ଥମାନଙ୍କ ପୂଜ୍ୟପୂଜାରେ ସେ କେବେ ଅବହେଳା କରନ୍ତିନି। ଗାନ୍ଧିନୀତିକୁ ଭାରି ସମ୍ମାନ କରନ୍ତି। ଅନ୍ୟ ପିଲାମାନଙ୍କୁ ସ୍ନେହ ଦେବାରେ ସ୍ୱାମୀ ସ୍ତ୍ରୀ କେବେ ପର ଅପର ଭାବନ୍ତିନି। ସବୁବେଳେ ହସ ହସ ମୁହଁ, କିନ୍ତୁ ଏତେ ଆନନ୍ଦ ଭିତରେ ତାଙ୍କୁ ଗୋଟିଏ ଦୁଃଖ ଅବସର୍ଣ୍ଣ କରାଇ ଦିଏ। ସେ ଥିଲେ ନିଃସନ୍ତାନ, ବିଭାଘର କୋଡ଼ିଏ ବର୍ଷ ବିତି ଯାଇଥିଲେ ମଧ ଗୋଟିଏ ସନ୍ତାନ କି ସନ୍ତତି ତାଙ୍କ କୋଳ ମଣ୍ଡନ କରି ପାରିଲାନି।

ତାଙ୍କ ଧର୍ମପତ୍ନୀ ବାରବ୍ରତ ତେରଓଷା କରନ୍ତି। ସତ୍ୟବାନ୍ ମଧ ଦାନ ପୂଣ୍ୟ କରନ୍ତି, ତାଙ୍କ ପ୍ରବେଶ ଦ୍ୱାର ଉପରେ ସେ ଲେଖି ଦେଇଛନ୍ତି ସର୍ବଦା ସତ୍ୟକୁହ "ସତ୍ୟ କହିବାକୁ କିଆଁ ଡରବି, ସତ କହିପଛେ ମଲେ ମରିବି"। ସେ ପିଲାମାନଙ୍କୁ ଡାକି ପାଖରେ ବସାଇ ଏହି ଉପଦେଶ ଦିଅନ୍ତି ଦିନେ ଜଣେ ସାଧୁ ଆସି ସତ୍ୟବାନ୍‌ଙ୍କର ସତ୍ୟନିଷ୍ଠ ଆଚରଣରେ ବହୁତ ଖୁସି ହୋଇ ଆଶୀର୍ବାଦ କଲେ। କହିଗଲେ ଖୁବ୍ ଶ୍ରୀଘ୍ର ତୁମର ପୁତ୍ର ସନ୍ତାନଟିଏ ଆସିବ, କିଛିଦିନ ପରେ ଶ୍ରୀଜଗନ୍ନାଥ ଡାକ ଶୁଣିଲେ, ତାଙ୍କର ପୁଅଟିଏ ଜନ୍ମହେଲା। ଅପୁଆ ଘରେ ପୁଅ, ଖୁସି ଆନନ୍ଦରେ ଦୁଇଜଣ ସ୍ୱାମୀ ସ୍ତ୍ରୀ ଫାଟି ପଡୁଥାନ୍ତି। ପୁଅଟି ଧିରେ ଧିରେ ବଡ଼ହେଲା। ପାଠ ପଢ଼ିଲା, କିନ୍ତୁ ସତ୍ୟବାନ୍‌ଙ୍କର ବିପରୀତ ହୋଇ ସେ ବଡ଼ହେଲା। ସତ୍ୟବାନ୍ ଚାହୁଁଥିଲେ ତାଙ୍କ ପୁଅ, ତାଙ୍କରି ପଥ ଅନୁସରଣ କରୁ କିନ୍ତୁ ତାହା ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା।

ଦିନେ ସେହି ବାକ୍‌ସିଦ୍ଧ ସାଧୁ ଆସି ସତ୍ୟବାନ୍‌ଙ୍କ ଘରେ ପହଞ୍ଚିଲେ, କାରଣ ସେ ଗାଁରେ ଏକମାତ୍ର ଧର୍ମାତ୍ମା ଲୋକ ସତ୍ୟବାନ୍। ଯେକି ସାଧୁସନ୍ଥଙ୍କର ଆଗମନକୁ ସ୍ୱାଗତ କରନ୍ତି। ସେବା ଶୁଶ୍ରୁଷା କରନ୍ତି । ଏଥର ଠିକ୍ ସେହିପରି ହେଲା। ସାଧୁ ଚତୁଃର୍ମାସ ବ୍ରତ କରିବାକୁ ସତ୍ୟବାନ୍‌ଙ୍କ ଘରେ ରହିଲେ, ବିଧି ବିଧାନ ପୂର୍ବକ ସ୍ୱାମୀ ସ୍ତ୍ରୀ ତାଙ୍କ ସେବା ଧର୍ମ କିରବାକୁ ଲାଗି ପଡିଲେ। ସାଧୁ ତ ସିଦ୍ଧ ଯୋଗୀ ଅତୀତ, ଭବିଷ୍ୟତ ସବୁ ଜାଣି ପରନ୍ତି। ସେ ଦେଖିଲେ, ସ୍ୱାମୀ ସ୍ତ୍ରୀଙ୍କ ସେବାରେ କିଛି ତ୍ରୁଟି ନାହିଁ, କିନ୍ତୁ ମନରେ କିଛି ବିଷାଦର ଛାୟା ଘୋଟି ରହିଛି।

ସାଧୁ କହିଲେ.... ବତ୍ସ... ଯେଉଁଥି ପାଇଁ ତୁମେ ବିମର୍ଷ ଥିଲ, ସେ କଥା ତ ଜଗନ୍ନାଥ ପୂରଣ କଲେ, ଆଉ ପୁଣି ଦୁଃଖ କ'ଣ ? ବିନମ୍ର ସହ ସତ୍ୟବାନ୍ କହିଲେ... ସ୍ୱାମୀଜୀ ମୋର ଦୁଃଖ ମୋ ପୁଅ । ସର୍ବଦା ମିଛ କହୁଛି, ଅତିଥି ଅଭ୍ୟାଗତଙ୍କୁ ଅସଦାଚାରଣ କରୁଛି ଯଦି ବା କରୁଛି ଲୋକ ଦେଖାଣିଆ। ପ୍ରତ୍ୟେକ କ୍ଷେତ୍ରରେ କପଟ ଆଚରଣ କରି ମୋତେ ଦୁଃଖୀ କରି ଦେଉଛି। ମୁଁ ପ୍ରବେଶ ଦ୍ୱାରରେ ଯେଉଁ, ସାଧୁବାଣୀ ଲେଖିଛି ସେ ସର୍ବଦା ସତ୍ୟକୁହ, ତାକୁ ଅନ୍ୟ ପିଲାମାନେ ମୋ କଥା ମାନି ବାଣୀ କୁ ପ୍ରଣାମ କରି ଘରେ ପ୍ରବେଶ କରନ୍ତି। ସେହି ସାଧୁବାଣୀକୁ ସେ ଅସମ୍ମାନ କରେ। ତାକୁ ଦେଖିଲେ ଲୋକମାନେ ଟାହୁଲି କରନ୍ତି, ଦେଖରେ ସତ୍ୟବାନ୍ ପୁଅ ମିଥ୍ୟାବାନ୍ ଯାଉଛି। ତା'ର ନାମ ନବ କୁମାର ପରିବର୍ତ୍ତେ ମିଥ୍ୟାବାନ୍ ହୋଇଗଲାଣି। ଅପୁତ୍ରିକ ଥିବା ଦୁଃଖ ଠାରୁ ଏ ଦୁଃଖ ଭୟଙ୍କର ହୋଇଗଲାଣି।

ସାଧୁ ଅଳ୍ପ ହସି କହିଲେ ତୁମେ ଚିନ୍ତା କରନା, ଜଗନ୍ନାଥ ସବୁ ଠିକ୍ କରି ଦେବେ। ଏହା କହି ସେ ଡାକି ପକାଇଲେ ନବକୁମାର ମୋ ପାଖକୁ ଆସ। ନବ କୁମାର ଆସିଲା, ଲୋକ ଦେଖାଣିଆ ଭୂମିଷ୍ଠ ପ୍ରଣାମ କରି ହାତ ଯୋଡ଼ି ଠିଆହେଲା। ସାଧୁ ପଚାରିଲେ ପାଠ ପଢୁଛ ? ଆଜ୍ଞା ହଁ। ଭଲ ପଢୁଛ ? ଆଜ୍ଞା ହଁ, ବାଃ ମୁଁ ତୁମ ଉପରେ ଭାରି ଖୁସି, ମୁଁ ତୁମକୁ ଗୋଟିଏ ରତ୍ନମାଳା ଦେବି। ତୁମେ ନିଅ ପିନ୍ଧ। ନବକୁମାର ରତ୍ନମାଳା ଦେଖି ବହୁତ ଖୁସି ହୋଇଗଲା। ସେ ମାଳକୁ ପିନ୍ଧି ସ୍କୁଲକୁ ଗଲା। ସବୁ ପିଲା ଦେଖି କହିଲେ..... ଦେଖ ଦେଖ ନବ କୁମାର କେଡ଼େ ସୁନ୍ଦର ମାଳି ପକାଇଛି। ନବକୁମାର ତୁମେ ଏ ମାଳି କେଉଁଠୁ ଆଣିଛ ? ତୁମକୁ କିଏ ଦେଇଛି ? ନବ କୁମାର କହିଲା.... ମୁଁ ଭଲ ପାଠପଢୁଛି ବୋଲି ଶୁଣି ମୋ ବାପା ଖୁସିହୋଇ ମୋତେ ଦେଇଛନ୍ତି। ଏତିକି କହନ୍ତେ ମାଳିଟା ବେକରୁ ଅନ୍ତର୍ଦ୍ଧାନ ହୋଇଗଲା। ନବକୁମାର ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା।

ସ୍କୁଲ୍ ଛୁଟି ହେଲା, ନବକୁମାର ମନ ଦୁଃଖରେ ଘରକୁ ଫେରିଲା। ସାଧୁ ପଚାରିଲେ... ନବକୁମାର ତୁମ ବେକରେ

ମାଳି କାହିଁ ? ନବକୁମାର କହିଲା.... ସାଧୁ ମହାତ୍ମା ମୋ ବେକରୁ ମାଳିଟା କ'ଣ ଅନ୍ତର୍ଦ୍ଧାନ ହୋଇଗଲା ! କାହିଁକି ହେଲା ମୁଁ ଜାଣିନି ! ସାଧୁ ପଚାରିଲେ... ନବକୁମାର ତୁମେ ମିଛି କହିଛ କି ? କାହିଁକି ନା ସେ ମାଳିଟା ହେଉଛି ସତ୍ୟମାଳି । ଯିଏ ସତ କହିବ, ତା ପାଖରେ ରହିବ । ସାମାନ୍ୟ ଟିକେ ମିଛ କହିଲେ, ସେ ମନକୁ ଚାଲିଯିବ । ନବକୁମାର କହିଲା.... ହଁ ମହାତ୍ମା ମୁଁ ମିଛ କହିଥିଲି । ଏତିକି କହିଲାପରେ ମାଳି ଆସି ବେକରେ ଝୁଲିଗଲା । ନବକୁମାର କହିଲା.... ଆଉ ଏଣିକି ମିଛ କହିବିନି । ଏମିତି ଧିରେ ଧିରେ ଅଭ୍ୟାସ କରୁ କରୁ ନବକୁମାର ପ୍ରକୃତରେ ସତ କହିବା ଶିଖିଗଲା । ସାଧୁ ତାଙ୍କ ପ୍ରବଚନରେ କହୁଥିଲେ "ଅଭ୍ୟାସ ବଳେ ଏ ଜଗତ... ସର୍ବଦା କହୁଥିବ ସତ... । ସତକୁ ସତ ସତ୍ୟବାନଙ୍କ ଘର ସତ୍ୟଧର୍ମର ସଂସାର ହୋଇଗଲା । ସାଧୁ ଚତୁର୍ମାସ ବ୍ରତ କରି ପ୍ରସ୍ଥାନ କଲେ । ଆଉ ସତ୍ୟବାନ୍ ଓ ତାଙ୍କ ସହଧର୍ମିଣୀଙ୍କ ସହ ଆନନ୍ଦରେ ଦିନ ବିତାଇଲେ । ଜୟ ଜଗନ୍ନାଥ....

*- ସମ୍ପାଦନା ସହଯୋଗୀ, ପ୍ରାଚୀ ପତ୍ରିକା*




# ଜଣେ ଜଙ୍ଗଲୀ ମାଆକୁ ଚିଠି

- ସୁକାନ୍ତି ରାଉତ

ମାଆ, ଏତେ ଖୁସି ବାଂଟିବାକୁ ଆଜି ଖୁସି ବି ଲୁହ ହୋଇଗଲାଣି, ତୋ ଜଙ୍ଗଲୀ ଭାଷାରେ । ଏହା ଭିତରେ ବିତିଯାଇଛି ଦୀର୍ଘ ୨୭ବର୍ଷ । ଲୁହ ଆଉ ଲହୁ ଏକା କରି ମୋତେ ମଣିଷ କରିଛୁ । ଏତେ ଦିନ ପରେ ଆଜି ବୁଝିଛି ଭଗବାନ ଅଛନ୍ତି । ସଂଘର୍ଷ କରିବାକୁ ବଳ ଯୋଗାଉଥିଲେ ଆଉ ତୁ ହିଁ ମୋର ପାଇଁ ଦେବୀ । ମନ୍ଦିର କେବେ ଯାଇନାହିଁ । କାରଣ ମୋର ଭୟ ଥିଲା ଛୋଟବେଳେ ପଡ଼ିଶା ଘର ମାରିବା ପରି ଯଦି ମନ୍ଦିର ଭିତରେ କେହି ମାରିଲେ । କ'ଣ କରିବି ? ? ଏହା ଭାବି ଘର ଭିତରେ ତୁ ଦେଇଥିବା ସେଇ ଫଟୋକୁ ସବୁଦିନେ ପ୍ରଣାମ ବାଢ଼େ ଶୋଇବା ପୂର୍ବରୁ ଆଉ ଶୋଇକି ଉଠିବା ପରେ । ମା, ତୁ ବୁଝିପାରିବୁ ନାହିଁ ତୋ ମାଣ୍ଡିଆ ଜାଉକୁ ମୁଁ କେତେ ଝୁରେ । ତୋ ମାଣ୍ଡିଆ ଜାଉ ଖାଉ ଖାଉ ମୁଁ ସାହେବ ହୋଇଗଲି । ମୁଁ ଜାଣେ ତୁ ବୁଝିପାରିବୁ ନାହିଁ ସାହେବ କ'ଣ, ତୁ ଖାଲି ଏତିକି ଜାଣୁ ମୁଁ ଏବେ ବାବୁ ହୋଇଗଲି । ଆଉ ମୁଁ ଏବେ ବୁଝିଗଲି ଔକାତ କେମିତି ବଦଳେ । ମାଆ, ଖୁବ୍ ଶୀଘ୍ର ମୁଁ ଯିବି ତୋତେ ଆଣିବି ଦେଶ ବିଦେଶର ସବୁ ସ୍ଥାନ ବୁଲାଇବି । ଆଉ ଦେଖିବି କିଏ ଏବେ ଆମକୁ କହିବ । ମାଆ ଏବେ ତୋ ପୁଅ ସାହେବ ହୋଇଗଲା । ଏଣିକି ଆଉ କେହି ପଦେ ବି ଆଖି ଉଠେଇ କହିବେ ନାହିଁ । ପାଖରେ ପଇସା ନ ଥିବାବେଳେ କେହି ପଚାରୁଥିଲେ ଆଉ ଆଜି ପୁଅ ମୋର ସାହେବ ହୋଇଗଲା ବୋଲି କାହିଁରେ କେତେ ଆଦର । କେଡ଼େ ସ୍ୱାର୍ଥପର ଏଇ ମଣିଷମାନେ । ପଶୁର ବି ମାନବିକତା ରହିଛି, କିନ୍ତୁ ଏଇ ମଣିଷମାନଙ୍କର ନୁହେଁ । ଏହା ହିଁ ମନେ ମନେ ଭାବୁଥିଲା । ମାଆ, ଆଜି ଜୀବନର ସବୁଠୁ ଖୁସିର ଦିନ । ଖୁସି କହିଲେ ମୁଁ ଏବେ ବୁଝେ ତୁ, ତୁ କହିଲେ ମୁଁ । ଏତେ ବର୍ଷ ଭିତରେ ତୋତେ କେବେ ହସିବାର ଦେଖିନାହିଁ । ତୁ ତ ସବୁବେଳେ କାନ୍ଦୁ ଆଉ ମୁଁ ପଚାରିଲେ କହୁ ଗରିବର ଲୁହ ବି ହସ ପରି । ମୁଁ ସେତେବେଳେ ବୁଝିପାରୁ ନ ଥିଲି । ଏବେ ମାଆ, ଆଉ ବୋକା ବନେଇ ପାରିବୁ ନାହିଁ । ଜାଉ ଖୁଆଇ ମୁଁ ବି ତୋ ପରି ଚାଲାକ୍ ହୋଇଗଲିଣି । କାଲି ପରି ଲାଗୁଛି । କେତେ କେତେ ଘଟଣା ସବୁ ଘଟିଯାଇଛି । ସେଇ ନୂଆଁଣିଆ ଚାଳଘର ତାର ସାକ୍ଷୀ । କେତେ ଝଡ଼ି ବର୍ଷା ତୁ ସହିଛୁ । ବର୍ଷା ହେଲେ ତୁ ଘର ଭିତରେ ରହି ଭିଜିଯାଉ ଅଥଚ ମୋ ଦେହରେ ଟୋପେ ପାଣି ପଡ଼େନି । ତୋ ଚିରା ପଣତ କାନିର ଏତେ ଦମ୍ ଅଛି ବୋଲି ମୁଁ ସେତେବେଳେ ଜମା ବୁଝିପାରୁ ନ ଥିଲି । ତୁ ତ କହୁ ସବୁ ସେଇ ଭଗବାନଙ୍କ ଇଚ୍ଛା । ଆଜି ଅନେକ ବର୍ଷ ପରେ ମନେ ପଡ଼ୁଛି, ତୃତୀୟ ଶ୍ରେଣୀରେ ପଢୁଥିବାର ସେଇ ଛୋଟ ଛୋଟ ଘଟଣା ।

ଏବେ ବି ମୋର ପୁରା ମନେ ଅଛି ଆଉ ସେଇ ଘଟଣା ମନେ ପଡ଼ିଲେ ମୁଁ ଆପେ ଆପେ ସଶକ୍ତ ହୋଇଯାଏ ଆଉ ପୁଣି ପଣ କରେ । ମାଆ ତୋତେ ପୁଣି ଥରେ ଆଜି ମନେ ପକାଇ ଦେଉଛି, ସେଇ କଥା । ସେଦିନ ଥିଲା ରବିବାର । ବାବୁଙ୍କ ଘରେ ଅଧିକ କାମ । ତୁ ମୋତେ ପିଙ୍କୁ ଘରେ ଛାଡ଼ି ବାବୁଘରକୁ କାମ କରିବାକୁ ଗଲୁ । ସେଦିନ ପିଙ୍କୁ ଘରକୁ ଟିକେ ଖେଳିବାକୁ ଯାଇଥିଲି ଯେ, ତା ମାମା କହିଲା କି, ତୋ ବାପା ମରିଯାଇଛନ୍ତି ଆଉ ତୋର ମୋ ପୁଅ ସହିତ ଖେଳିବାକୁ ଔକାତ୍ ନାହିଁ । ଆଉ ମୁଁ ଜୋର କରି କହିଲି ନାଇଁ ଆମେ ଭଲ ସାଙ୍ଗ, ସନ୍ଧ୍ୟାରେ ମୋ ମାମା କାମ କରି ଆସିଲେ ମୁଁ ପଳାଇବି । ସେଇଠୁ ସେ ମୋତେ ବହୁତ ପିଟିଲେ, ଦେଖ୍ ମାଆ, ମୋ ପିଠି ଆଉ ଗାଲ ରକ୍ତ ବାହାରୁଛି । ଆଉ ମୁଁ ପଳାଇ ଆସିଲି । କାନ୍ଦି କାନ୍ଦି ତୋତେ ପଚାରିଲି- ମାଆ କହ ତ ଔକାତ କେମିତି ବଦଳେ ଆଉ ମୁଁ କ'ଣ କଲେ ପିଙ୍କୁ ସାଙ୍ଗରେ ଖେଳିପାରିବି ଆଉ ତାଙ୍କ ଘରକୁ ଯାଇପାରିବି । ମାଆ, ତୁ କାଲି ଠାରୁ ମୋତେ କାମ କରିବାକୁ ଗଲେ ସାଥିରେ ବି ନେଇଯିବୁ । ତୁ ତ ଗଲା ସବୁବେଳେ କହୁଛୁ- ଭଗବାନ ଅଛନ୍ତି, ଯଦି ଭଗବାନ ଅଛନ୍ତି- ଆମ ଭାଗ୍ୟ କାହିଁକି ବଦଳୁନାହିଁ । ମାଆ, ତୁ ଆଉ କାଲିଠାରୁ କାମ କରିବାକୁ ଯିବୁନି, ଯଦି ଯିବୁ ମୋତେ ବି ସାଥିରେ ନେଇଯିବୁ । ଏହା କହି ମାଆକୁ ଟାଣିନେଲା ଘର ଭିତରକୁ ଆଉ କହିଲା- ମାଆ ଆମ ଉପରେ ସମସ୍ତେ କାହିଁକି ଚିଡୁଛନ୍ତି । ମୋ ବାପା କ'ଣ ଖରାପ ଲୋକ ଥିଲେ । ବାପାଙ୍କୁ ଛୋଟ ଦୋକାନକୁ କାହିଁକି ସରକାରୀ ଲୋକ ଉଠାଇଥିଲେ । କାହିଁକି ବାପାଙ୍କୁ ସେମାନେ ନେଇଯାଇଛନ୍ତି ସେ ଅଜଣା

ଇଲାକାକୁ । ତୁ ତ ଖାଲି ସବୁବେଳ କହୁଛୁ- ଆଜି ଦୁଃଖ ଅଛି କାଲି କି ନ ଥିବ । ସେ କାଲି କେବେ ଆସିବ । କାଲି ଆମ ଘରେ ବି ଫୁଟିଥିବ ହସର ପାରିଜାତ ।

ଏମିତି ପ୍ରଶ୍ନରେ ନିର୍ବାକ୍ ମୋର ନିର୍ବାକ୍ ହୋଇଯାଉଥିଲୁ ତୁ । ମୋତେ ଆଶ୍ୱାସନା ଦେବା ପାଇଁ ଆଙ୍କି ଦେଉ କାହିଁରେ କେତେ ଭଲ ପାଇବାର ଚୁମା ଆଉ ଛାତିରେ ଜାବୁଡ଼ି ଧରି କହିଥିଲୁ- ଭଗବାନ ଏମିତି ପରୀକ୍ଷା କରନ୍ତି ଆଉ ଯିଏ ପରୀକ୍ଷାରେ ଜିତିଯାଏ ସେ ହିଁ ମୁକୁଟ ପିନ୍ଧେ । ତୁ ବି ଦିନେ ସାହେବ୍ ହେବୁ । ଆଉ ପିଙ୍କୁ ଘରକୁ ଖେଳିବାକୁ ନୁହେଁ, ସେମାନେ ତୋତେ ସମ୍ବର୍ଦ୍ଧନା ଦେବା ପାଇଁ ଡାକିବେ । ତୋ ଉପରେ ତୋ ମାଆର ଆଶୀର୍ବାଦ ଅଛି । ତୋର କେହି କିଛି କରିପାରିବେ ନାହିଁ । ଏହା କହି ମାଡ଼ ମାରିଥିବା ପିଠିରେ ଆଙ୍କି ଦେଇଥିଲୁ କେତେ ଚୁମା । ମାଆ, ତୁ ସେସବୁ ଭୁଲିଯାଇଥିବୁ, ମୋର କିନ୍ତୁ ସବୁ ମନେ ଅଛି । ଯେମିତି ଆଇଆଇଟିରେ ଏରୋନଟିକାର ଇଞ୍ଜିନିୟରିଂ ପାଠ ସବୁ ମନେ ରଖିଛି ।

ମାଆ ତୋର ମନେ ଅଛି ନା, ପିଙ୍କୁର ବଢ଼ିଆ ସ୍ଲେଟ ତା ବାପା ଆଜି ଆଣିଥିଲେ । ସେଥିରେ ଟିକେ ଓଡ଼ିଆ ଅକ୍ଷର ଲେଖିଦେଲି ଆଉ ତାକୁ ଶିଖାଉଥିଲି ବର୍ଣ୍ଣବୋଧର କଷ୍ଟ କଷ୍ଟ ଅକ୍ଷର । ସେଇଠୁ ତା ମାମା ଆସି ମୋତେ ମାରିଲା ଆଉ କହିଲା ଦାମିକା ସ୍ଲେଟରେ ମୋର ଲେଖିବାର ଔକାତ୍ ହୋଇ ନାହିଁ ଆଉ କହିଲେ- ତୋ ମାଆ ପଦାଘରେ କାମ କରୁଛି- ତୁ କ'ଣ ମୋ ପୁଅକୁ ପାଠ ଶିଖାଉଛୁ । ସେଦିନ ବି ମାଆ ତୋତେ କହିଥିଲି, ମାଆ ତୁ ମୋ ପାଇଁ ମାଟି ସିଲଟ କାଲି ଆଣି ଦେବୁ । ମୁଁ ସେଥିରେ ପାଠ ପଢ଼ିବି । ମାଆ ତୁ କହ ତ ମୁଁ କ'ଣ କଲେ ମୋର ଦାମିକା ସ୍ଲେଟ୍‌ରେ ଲେଖିବାର ଔକାତ୍ ହେବ । ତୋତେ ସେଦିନ ବହୁତ ପଚାରିବା ପରେ ତୁ କହିଥିଲୁ ତୋର ମନକଥା । ମୋ ପିଠିରେ ହାତ ରଖ କହିଥିଲୁ- ତୁ ଆମର ଦିନେ ଅଫିସର ହେବୁ, ଅଫିସର ହେଲେ ସବୁ ବଦଳି ଯିବ । ବାବୁ ହେବୁ, ବାବୁ ହେଲେ ସେମାନେ ଆଉ କହିବେନି । ଏବେ ଆମେ ଯାହା କଲେ ବି କହିବେ । କହିବା ପରା ଲୋକଙ୍କର କାମ । ତୋ ବାପାଙ୍କୁ ମୁଁ ଦେଖିଛି କେମିତି ସେ ଭୋକରେ ଦିନ କାଟନ୍ତି ଆଉ ମୁଁ ପଚାରିଲେ କହନ୍ତି- ତୁ ଖାଇଦେ, ମୁଁ କାମରୁ ଖାଇ ଆସିଛି । ଏଇ ଘରେ ଆମେ ସହିଛୁ କାହିଁରେ କେତେ ଦୁଃଖ । ଭଗବାନଙ୍କୁ ପୂଜା କରିଛି, ଦୁଃଖର ଦିନ ଦୂର କରିବାକୁ । କରିଛି ହଜାରେ ମାନସିକ । ତୁ ଯେଉଁଦିନ ଜନ୍ମ ହେଲୁ ତୋ ବାପା ପାଖରେ ୫୦ ଟଙ୍କା ହିଁ ଥିଲା । ସେଥିରେ ତୁଟୁବା ଔଷଧ ଆଣିଲେ ଆଉ ଡାକ୍ତର ବି ମନାକଲେ ଆମ ଘରକୁ ଆସିବେନି । ତୋ ବାପା ଡାକ୍ତର ଫି ଦେଇପାରିବେନି ବୋଲି । ଏହି ଦୁର୍ଗମ ଇଲାକାରେ ରାତିରେ ମୋତେ ଏକା ଛାଡ଼ି ତୋ ବାପା ସାହସ କରିପାରିଲେନି ସାହି ଭାଇକୁ କହିବାକୁ । ପାଖ ଡାକ୍ତରଖାନାରେ ଟିକେ ନେଇ ଯିବାକୁ । ଯାହା ହେଉ ଭଗବାନଙ୍କ ଦୟାରୁ ତୁ ଭଲରେ ଭଲରେ ଜନ୍ମ ହେଲୁ । ଅଭାବ ଭିତରେ ଥିଲା ଖୁସି, ଅନ୍ଧାର ଘରେ ତୁ ଥିଲୁ ଆମର ଆଲୋକ । ଆମେ ତୋତେ ନେଇ ବେଶ୍ ଖୁସିରେ ଥିଲୁ । ସରକାରଙ୍କ ଦୟାରୁ ଚାଳକୁଡ଼ିଆରୁ ଇନ୍ଦିରା ଆବାସଟି ମିଳିଲା । ଆଉ ତାର କିଛି ଦିନ ପରେ ସରକରୀ ବାବୁ ମାନେ କ'ଣ କଲେ କେଜାଣି, ସେ ଇନ୍ଦିରା ଆବାସକୁ ପୁଣି ଫେରାଇନେଲେ । ତୋ ବାପା ଏତେ ଟଙ୍କା କେଉଁଠୁ ଆଣିବେ । ମୋର ଅଳ୍ପ କିଛି ଗହଣା ଥିଲା ସେଇତକ ବିକ୍ରି କରି ଗାଁରେ ଗୋଟେ କେବିନ୍ ଦୋକାନ ଦେଲେ । ସେଥିରୁ ଯାହା କିଛି ହେଲା ଘର ଚଳିଲା ଆଉ ବାକି ପଇସା ତୋ ପାଇଁ ସଂଚୟ କଲୁ । ସେଇଦିନରୁ ତୋତେ ତୋ ବାପା ପଣ କରିଥିଲେ ତୋତେ ଅଫିସର କରିବେ ।

ପର ଘରେ ମୂଲ ମଜୁରି ଲାଗି, ଆମ୍ବ, କେନ୍ଦୁ ଜଙ୍ଗଲରୁ ସାଉଁଟି ତାକୁ ବିକ୍ରି କରୁ । ସେଥିରେ ଆମେ ଚଳୁ । କିନ୍ତୁ ହଠାତ୍ ଦିନେ ସେ ଆମକୁ ଛାଡ଼ି ଏକା କରି ଆରପରିକି ଚାଲିଗଲେ । ପରେ ଜାଣିଲି କି ଗାଁରେ କନ୍ଦଳ ଥିବାରୁ ସେମାନେ ବାପାଙ୍କୁ ମାରିଦେଇଥିଲେ । କିନ୍ତୁ ମଲାବେଳେ ମୋତେ ଏତିକି କହିଥିଲେ- ତୁ ଯେମିତି ହେଲେ ଆମ ପୁଅକୁ ଅଫିସର କରିବୁ । ସାହେବ ହେଲେ ଲୋକ ଆଉ ଆମକୁ ମୁହଁ ଟେକି କିଛି ବି କହିବେନି । ସେଥିପାଇଁ ତୋତେ ଘର ଠାରୁ ସବୁବେଳେ ବାହାରେ ରଖେ । ତୋତେ କେବେ ଭଲ ଖାଦ୍ୟ ଟିକେ ଟିକେ ଖାଇବାକୁ ଦେଇପାରିନି । ମାଣ୍ଡିଆ ଜାଉ ତୋତେ ଖୁଆଇ ଦିଏ ଆଉ ତୁ ବି ଖୁସିରେ ଖୁସିରେ ଖାଉ । ସରକାରୀ ସାହାଯ୍ୟ ଥିଲା ଆମ ପାଇଁ ଅପହଂଚ ଇଲାକା । କିନ୍ତୁ ତୋର ପ୍ରତିଟି ସଫଳତାରେ ମୁଁ ଖୁସି ହୁଏ କାରଣ ଧୀରେ ଧୀରେ ମୁଁ ନିଜକୁ ଦୃଢ଼ ମନେ କରୁଥିଲି- ତୋ ବାପାଙ୍କୁ ଦେଇଥିବା କଥା ମୁଁ ରଖିପାରିବି ବୋଲି । ଛୋଟବେଳେ ତୁ ବହୁତ ଦୁଷ୍ଟ ଥିଲୁ । ଦାରିଦ୍ର୍ୟତା ହିଁ ତୋତେ ଅଧିକ ଦୁଷ୍ଟାମୀ କରୁଥିଲା । ପ୍ରଗତିର କୋଳାହଳଠାରୁ ବହୁତ ଦୂରରେ ଥିଲା ଆମ ଘର । ଦିନେ ଦିନେ କିରୋସିନି ନଥାଏ, ତେଲ ଲୁଣ ବିନ ଥାଏ । ଆଉ ତୁ ଜିଦ୍ କରୁ- ପିଙ୍କୁ ଘରେ ଖାଇବାକୁ । ତୋତେ ବୁଝାଇ ବି ବୁଝାଇ

ପାରେନା କେବେ । ମୋତେ ନିଜକୁ ଅସହାୟ ଲାଗେ । ତୋତେ ସେଥିପାଇଁ ବହୁତ ଛୋଟବେଳୁ ସଂସ୍କାର ଶିଖାଇଛି । ଅବୁଝାପଣର ଶୀର୍ଷରେ ଥିଲା ତୋର ପିଲାଦିନ । ତୁ ଧୀରେ ଧୀରେ ବଡ଼ ହେଉଥିଲୁ ଆଉ ବଦଳୁଥିଲା ଆମ ଜୀବନର ନକ୍ସା । ସ୍କୁଲ ପରେ ଆରମ୍ଭ ହୋଇଥିଲା କଠୋର ପାରିବାରିକ ପରିସ୍ଥିତି ସହ ଲଢ଼େଇ । ତୋର ଗୋଟେ ଗୋଟେ କ୍ଲାସ ବଢୁଥାଏ ଆଉ ମୋର ପରିଶ୍ରମ ବି ବଢୁଥାଏ । ତୋର ଅଧିକ ଅଧିକ ପଇସା ଦରକାର ପଡ଼ିଲା ଆଉ ମୁଁ ତୋତେ ପଇସା ଯୋଗାଇବାକୁ ଅକ୍ଷମ ହୋଇପଡ଼ିଲି । ମୋ ପାଖରେ ଆଉ କୌଣସି ରାସ୍ତା ନଥିଲା । ବାବୁଙ୍କ ଘରେ କାମ କରୁଥିଲି । ତାଙ୍କର କିଡ଼ନୀ ଦରକାର ପଡ଼ିଲା ଆଉ ମୋ କିଡ଼ନୀ ମୁଁ ବିକ୍ରି କରି ପଇସା ଆଣିଲି । ସେଇ ପଇସା ତୋତେ ଫି ମାସରେ ପଠାଉଥିଲି । ତୁ ମୋତେ ସବୁବେଳେ ପ୍ରଶ୍ନ କରୁ କି ମାଆ- ଏତେ ପଇସା ତୁ କୋଉଠୁ ଆଣୁଛୁ । ମୁଁ ତୋତେ କଥା ଭୁଲାଇ ଦିଏ । ତୁ ସେତେବେଳେ ଜାଣିଥିଲେ ପାଠ ପଢ଼ି ପାରି ନ ଥାନ୍ତୁ ଆଉ ଦିଲ୍ଲୀରୁ ଘରକୁ ଆସିବାକୁ ଜିଦ୍ ଧରିଥାନ୍ତୁ । ମୋର ମୋ ଭାଗ୍ୟ ଉପରେ ଯେତିକି ବିଶ୍ୱାସ ନ ଥିଲା ତା ଠାରୁ ଢ଼େର ଅଧିକ ବିଶ୍ୱାସ ଥିଲା ତୋ ଉପରେ । ମୁଁ ଜାଣିଥିଲି ତୁ ଦିନେ ସତରେ ସାହେବ ହେବୁ । ସଂଘର୍ଷମୟ ଅତୀତ ଓ ଗରିବିର କଥାକୁ ମନେ ପକାଇ ଢ଼େର କାନ୍ଦିଛି ଆଉ ନିଜ ଲୁହକୁ ନିଜେ ପୋଛିଦିଏ । ଭାବେ ଖାସ୍ ତୋ ବାପା ଥାଆନ୍ତେ କି ଆମ ପାଖରେ । ନୁଆଁଣିଆ ଚାଳଘରେ ଚାଲିଥିଲା କଟିଛି ମୋ ଜୀବନ । ଯେଉଁଠି ଶୋଇବାକୁ ଜାଗା ମିଳେନି, ସେଠି ପଢ଼ିବା ପାଇଁ ପରିବେଶ ଖୋଜିବା ତୋ ପାଇଁ କେମିତି ତିଆରି କରିଥାନ୍ତି । ପରଘରେ ଲୁଗାସଫା ଆଉ ବାସନ ମଜାରେ ଯାହା ମିଳେ ସେଥିରେ କଷ୍ଟେ ମଷ୍ଟେ ଚଳିଯାଏ ଆମ ଅଭାବୀ ସଂସାର । ଏସବୁ ତୁ ମୁଁ ବଡ଼ ହେବା ପରେ କହିଲୁ । ମାଆ, ତୁ ଯଦି ସେତେବେଳେ କହିଥାନ୍ତୁ, ମୁଁ ପାଠପଢ଼ା ଛାଡ଼ିଦେଇଥାନ୍ତି କିନ୍ତୁ ତୋତେ ଏତେ କଷ୍ଟ କରିବାକୁ ଦେଇ ନଥାନ୍ତି ।

ମାଆ, ତୋର ଏତେ ସବୁ କଥା ଯେଉଁଦିନ ମୁଁ ଶୁଣିଥିଲି- ସେଦିନ ବି ଶପଥ କରିଥିଲି- ଯେମିତି ହେଲେ ତୋ ଜଙ୍ଗଲୀ ଭାଷାରେ ମୁଁ ସାହେବ ହେବି । ଆଜି ହେଲି । ଏଇ ୨୭ ବର୍ଷ ମୁଁ କେବଳ ତୋର କଥା ମାନୁଥିଲି । ଏଥର କିନ୍ତୁ ତୁ ମୋର କଥା ମାନିବୁ । ଆଉ ଜଙ୍ଗଲକୁ କେନ୍ଦୁ ସାଉଁଟିବାକୁ ଯିବୁନି କି ପରଘରେ କାମ କରିବାକୁ ଯିବୁନି । ଆମର ସେମାନଙ୍କ ପରି ଘର କରିବା । ସେଠି ତୁ ଆଉ ମୁଁ ରହିବା ଆଉ ତୁ ପସନ୍ଦ କରିବା ପରେ ମୁଁ ତୋ ପାଇଁ ଗୋଟେ ବୋହୂ ଆଣିବି । ଯିଏ ତୋ ପରି ତା ପିଲାମାନଙ୍କୁ ବି ସାହେବ କରିପାରି । କିନ୍ତୁ ମାଆ, ମୁଁ ଏଇ ଗ୍ୟାରେଂଟି ଦେଇଦେଉଛି ଆଜି ଠାରୁ, ସେ କିନ୍ତୁ ତୋ ପରି ଜମା ଚାଲାକ ହୋଇ ନଥିବ କି ଜଙ୍ଗଲରେ ଏତେ ପରିଶ୍ରମ କରବନି । ଦେଖ, ଯଦି ସେ ତୋ କଥା ନ ମାନେ, ଜାଣିଥା, ମୁଁ ବି କାହାକଥା ଶୁଣିବାର ନାହିଁ । କାହାର ପ୍ରେମ ମୋତେ ଯେମିତି ନ ବାନ୍ଧେ । ମୁଁ ସବୁଜନ୍ମରେ ତେରି ପୁଅ ହେବାକୁ ଚାହେଁ । ଗଲେ ଆଉ ସବୁ କଥା । ଇତି ତୋର, ଅମାନିଆ ଦୁଷ୍ଟ ପୁଅ ।

- ରାଘବପୁର, କେଉଁଝର




# କାର୍ତ୍ତିକ ପୁନେଇଁ

*- ସନ୍ତୋଷ କୁମାର ନାୟକ*

ବଡ଼ପୋଖରୀ କ'ଣ କେଜାଣି ଠାରି ହେଉଛି ସେତେବେଳୁ ! ମିଞ୍ଜିମିଞ୍ଜି ଦୀପ, ମହମବତୀର ଆୟୁଷ ସରି ଆସୁଥାଏ । ଅବଶିଷ୍ଟ ଆଲୁଅ ମିଟିମିଟି କରି କ'ଣ କହିବାକୁ ଚାହୁଁଥିଲା ପରି ଲାଗୁଥିଲା । ସତେ ଯେପରି ପୋଖରୀ ଛାତି ଉପରେ ଛାଟିପିଟି ହେଉଛନ୍ତି ସେମାନେ ! ସଂଘର୍ଷ ଚାଲିଛି ଅନ୍ଧାର ସହ । ଅନ୍ଧାର ପରାସ୍ତ ହେଉଥାଏ ପ୍ରତିଥର ଓ ଶୀତରାତି ସରମରେ ଲୁଚିବା ସାର ହେଉଥିଲା ମିଞ୍ଜିମିଞ୍ଜି ଆଲୁଅର ଚିନ୍ତଚେତନା, ସଂଘର୍ଷ ଓ ପରିଶ୍ରମପୂର୍ଣ୍ଣ ପ୍ରଚେଷ୍ଟା, ଅନ୍ଧାରକୁ ଦୂର କରିବାର ଚେଷ୍ଟା, ଶୀତରାତିକୁ ବେଖାତିର କରି କାକର, ଶିଶିର ଟୋପା ଗହଳରେ ମିଟିମିଟି ଆଖିରେ ଚ୍ୟାଲେଞ୍ଜ କରିବା ଢଙ୍ଗୀର ଭିଡ଼ ଭିତରେ ।

ବାବୁଘର କଲୋନୀ ସେପାଖର ନଇଁଜୁଡ଼ି ପଚାନାଳ କଡ଼ର ଘର ଚାଳତଳେ ଜୁଳୁଜୁଳୁ କରୁଥିଲା ଦୁଇଟା ଆଖି କତରା ତଳୁ । କନ୍ଥା-କତରା ଆବୋରି ହୋଇଥିବା ତିନିହାତ ଲମ୍ବର ମଣିଷ ଛୁଆଟାର ଆଖି ଯୋଡ଼ିକ କାଖେଇ ଧରିଥିଲା ଚିନ୍ତାରେ ପୂରିଉଠିଥିବା ବୋଝ ଯୋଡ଼ାଏ ଲେଖାଏଁ । ଅନେକ ଚିନ୍ତା ତା' ମନରେ । ସେ ଜାଣିପାରିଛି ବାପାର ଅଭାବ । ମା'ର ବାରଦୁଆରେ ଖଟି, ହାତପତେଇ ଆଣୁଥିବା ଦି'ପଇସାର ମୂଲ, ନିଅଣ୍ଟିଆ ହସକୁ ଟାଣିଓଟାରି ଅଜାଡ଼ି ଦେଉଥିବା ମୁହଁକୁ, ମୁହଁ ପଛର ମୁହଁକୁ, ମନକୁ, ଇଚ୍ଛାକୁ, ସବୁକିଛିକୁ । ଅନ୍ତତଃ ବୁଝିପାରୁଥିଲା ସେ କିଛି କିଛି । ସ୍କୁଲ ଯାଉଛି ଯେ, ନିଜେ ସାଙ୍ଗମାନଙ୍କ ପାଖରେ ମଜାମଜଲିସ୍ କରିପାରୁନି । ଖେଳଛୁଟିରେ ଦି'ପଇସାର କିଣି ଖାଇପାରୁନି ଅନ୍ୟ ପିଲାଙ୍କ ପରି । ତୃତୀୟ ଶ୍ରେଣୀର ପିଲା ସେ । ସେ ବୁଝିଲାଣି । ହେଲେ ମନୁ କି ବୁଝିପାରୁଛି ଏତେ କଥା ? ସେ ପ୍ରଥମ ଶ୍ରେଣୀରେ ଏବେ ପଢୁଛି । କାଲି ପୁଣି ପଢ଼ିବାକୁ ଆସିଛି ସେ । ପାଠରେ ତା'ମନ କମ୍ ଲାଗୁଛି, ଖେଳକୁଦ, ଖାଇବା ପିଇବା, ନୂଆଲୁଗା ପ୍ରଭୃତି ତା'ର ଆକର୍ଷଣର କାରଣ । ପ୍ରତିଦିନ ଖେଳଛୁଟିରେ ମନୁର ଆଖିକୁ ଧରିହୁଏନି ଅଟକାଇ । ସେ ଚାଟବାଲା କି ଆଇସ୍‌କ୍ରିମ୍ ବାଲାର ଡାଲା ଭିତରେ ଥାଏ । ଆଖି ଜୁଳୁଜୁଳୁ କରିବା ଛଡ଼ା ବା ଜିଭ ଚାରିପଟେ ବୁଲାଇବା ଛଡ଼ା ଆଉ ବାଟ ନାହିଁ । ମନୁ କହୁଥିଲା ସେ ଆଉ ସ୍କୁଲ ଯିବନି । ସପ୍ତାହେ ହେଲା କାନ୍ଦୁଛି ଖାଲି ଭେଁ ଭେଁ ସ୍କୁଲକୁ ଗଲାବେଳେ ଓ ଫେରିଲାବେଳେ । ତା'ର କୁଆଡ଼େ ରଙ୍ଗିନ୍ ବହିଖଣ୍ଡେ ନାହିଁ ଅନ୍ୟ ପିଲାଙ୍କ ପରି । ସେ ରଙ୍ଗିନ୍ ଚିତ୍ର ଦେଖିପାରିନି ଓ କାନ୍ଦୁଛି । ଶିଶୁ ସୁଲଭ ମନ ତା'ର କାନ୍ଦିଉଠିଛି, ବିକଳ ହୋଇଛି । ସାଙ୍ଗମାନେ ଆମ୍ବ, କମଳା ପ୍ରଭୃତି କେତେରକମର ସିଲଟରେ ଲେଖୁଛନ୍ତି । ମନୁ କିନ୍ତୁ ତା'ର ଦରଭଙ୍ଗା ପୁରୁଣା ମାଟି ସିଲଟକୁ ନେଉଛି । ମନ ବୁଝୁନି । ଛକପକ ଡାକୁଛି ।

ରାତିସାରା ଚିନ୍ତା କରି କରି ସୁନୁ କେତେବେଳେ ଶୋଇପଡ଼ିଛି । ସକାଳୁ ସାନଭାଇ ମନୁକୁ ଧରି ଯାଇଛି ସ୍କୁଲକୁ । ଖେଳଛୁଟିରେ ସୁନୁ ଖେଳୁ ଖେଳୁ ସ୍କୁଲ ପାଖ ଶିଆଳ ପଦାକୁ ଯାଇଛି । କ୍ଲାସ୍‌କୁ ଆଉ ଫେରିନି । ପଦାରେ ଫୁଟବଲ ମ୍ୟାଚ୍ ହବ । ଜିତିଲା ପଟକୁ ଜଣକା ମିଳିବ ଦଶଟଙ୍କା ଲେଖାଏଁ । ଏପଟେ ସାନଭାଇ ମନୁ ସ୍କୁଲସାରି ଭାଇକୁ ଖୋଜାଖୋଜି କରିଛି । ପାଇନି । କାନ୍ଦିଛି । ଭେଁ...ଭେଁ... ରଡ଼ି ଛାଡ଼ିଛି । ବଡ଼ ଶ୍ରେଣୀର ପିଲାମାନେ ଜାଣିପାରିଛନ୍ତି ଯେ ସେ ତା' ଭାଇକୁ ପାଇନି ଆଉ ସେଥିପାଇଁ କାନ୍ଦୁଛି । ତାକୁ ଘରେ ନେଇ ପହଞ୍ଚାଇ ଦେଇଛନ୍ତି । ପରଦୁଆରେ କାମ କରି ହାଲିଆ ହୋଇ ଫେରିଛି ସରଳୀ । ସୁନୁକୁ ନଦେଖି ପଚାରିଛି ମନୁକୁ । ମନୁ କାନ୍ଦିଛି । ସରଳୀ ରାଗି ତମ୍ ତମ୍ । "ଛୋଟିଆ ଛୁଆଟାକୁ ଛାଡ଼ି କୁଆଡ଼େ ଯାଇଛି ଆଜି ଆସୁ ସେ । ଦେଖିବି କେଡ଼େ ବୁଲିଲାବାଲା ହୋଇଛି ।" "ବାପ ଭଳିଆ ବେପରୁଆ । କାହାର ଚିନ୍ତା ନାହିଁ । ଯାହାକୁ ତାହାକୁ ଯେଉଁଠି ପାରି ସେଇଠି ଛାଡ଼ି ଚାଲିଯିବ ।""ବାପ ଚାଲିଗଲା । ଛାଡ଼ି ଦେଇଗଲା ମୋତେ ମରିତେ ଏଇଠି । ଯା'ଙ୍କରି ଭିତରେ । ଆଉ ଏ...." "ଆସୁ ଆଜି ।"

ସଞ୍ଜ ସାତଟା ଆସି ହେଲାଣି । ସୁନୁ ଫେରିନି ଏ ଯାଏଁ । ମା' ସରଳୀ ବ୍ୟସ୍ତ ହେଲାଣି । ପାଖଆଖ ଛୁଆଙ୍କୁ ଯାଇ ଘରେ ପଚାରି ବୁଝିଲାଣି । ଲୋକମୁହଁ ଫେରାଇ ନେଇଛନ୍ତି । ଓଲଟି କେତେକ କହିଛନ୍ତି- "ଆମେ କ'ଣ ତ ପୁଅ ଠିକା ନେଇଛୁ ନା ?"

ମୁଣ୍ଡରୁ ଏପଟେ ଧାର ଧାର ଲୁହ । ସରଳୀର ଗାଳିବର୍ଷଣ ଏକାଥରେ ଠପ୍ । ଟୁଂଗି ଆଲରେ ଜଣାପଡୁନଥାଏ । ଦେଖୁଁ ଦେଖୁଁ ସରଳୀ ପିଠିରେ ଚାରିଚାପୁଡ଼ା ମାରିସାରିଛି । ହଠାତ୍ ହାତରେ ଲହୁକୁ ଦେଖି ସେ ଚେତିଛି । ଟୁଂଗି ଆଲରେ ରକ୍ତ ଶୀତଳ କଲିଜା ଗାଢ଼ ଦେଖାଯାଉଛି । ଥରିଉଠିଛି ସରଳୀ ଛାତି । ମୋ' ପୁଅର କ'ଣ ହେଲା... ମା' ଲୋ... ମୋ' ଧନ ଲୋ... ମୋ' ଛୁଆ ଲୋ କହି ଗଡ଼ିଯାଇଛି ସେ । ବାଡ଼ିକୁ ଧାଇଁଯାଇ ଦୂବଘାସ ଆଉ ଗେଣ୍ଡୁପତ୍ର

ଦଳି ମାରିଛି ତା' ରସ ସେ କ୍ଷତରେ । ଥାପି ଦେଇଛି ସେ ବଟା ଦୂବ ଓ ଗେଣ୍ଡୁ ପତ୍ରକୁ । ସବୁରାଗ ତା'ର ଶୀତଳେଇ ଯାଇଛି । ବଟା ହୋଇ ଥପା ହୋଇଛି ତା' ବାଁ କପାଳ ଉପରେ । ମା' ରାଗ ପାଲଟି ଯାଇଛି ମହୌଷଧିରେ । ଆଗ୍ନେୟଗିରିର ଗର୍ଭ ପାଲଟିଛି ମେରୁର ଶୀତଳ ବରଫ । ଛାତି ଓ ନିଶ୍ୱାସ ତା'ର ହୋଇଯାଇଛି ବାଷ୍ପକୁଳ । ରାଗତମ ଶବ୍ଦର ବିଷ ସବୁ ହୋଇଯାଇଛି ବିଶଲ୍ୟକରଣୀ ।

ସରଳୀ ଠାକୁର ଘର କୋଣରେ କାନ୍ଦୁଛି... ଲୁହ ବହିଯାଉଛି ଧାର ଧାର ହୋଇ... ମୁଣ୍ଡବାଳ ଅସଜଡ଼ା... ସେ ଆଉ ସହିପାରୁନି... ଦେଖିପାରୁନି ତା' ସପନ ସେଇ ଛୁଆଙ୍କ ଦେହରୁ ଲହୁଧାର । ସ୍ୱାମୀ ଚାଲିଗଲା ପରେ ସୂନ୍ଥାରେ ସିନ୍ଦୁର ନାହିଁ ସିନା... ଆଖିରେ ରହିଛି ଯୋଡ଼ାଏ ସପନ । ସେଇ ଶେଷ ସପନ ହଜିବା ଅବା ତା' ଦେହରୁ ଲହୁ ବହିବା ସେ ଭଲା କେମିତି ଦେଖିବ ? ଠାକୁରଙ୍କୁ ଚାହିଁ କ'ଣ ଗୁରୁଗୁରୁ ହୋଇ ମନେ ମନେ ଜଣାଉଛି ସରଳୀ ।

ସୁନୁ ଆଖିରେ ଭାବନା ଭାସୁଛି ସୁଲୁପ ପରି । ସବୁ କଷ୍ଟ ଦବିଯାଉଛି ତଳକୁ ତଳକୁ, ମାଂସ, ହାଡ଼ ତଳକୁ । ଶୋଷି ଯାଉଛି ମା' ହାତଲଗା ଦୂବବଟା ଭିତରକୁ । ଫୁଟବଲ ଖେଳୁ ଖେଳୁ ଝୁଣ୍ଟିପଡ଼ି ଛେଚି ଯାଇଛି ମଥା । ତଥାପି ପରବାୟ ନାହିଁ । ଦଶଟଙ୍କା ପାଇବ ସେ ଜିତିଲେ । 'ତାକୁ ଜିତିବାକୁ ପଡ଼ିବ ।'

"ନହେଲେ ମନୁର ସିଲଟ କଥା କ'ଣ ହେବ ?"

ତା' ଦଳ ବହୁତ କଷ୍ଟ କରୁଥିଲା । ସେ ତାର ସବୁ ଜୋର୍ ଲଗାଇ ଦେଇଛି । ଜିତିଛି । ଦଶଟଙ୍କା ଧରି ପେଣ୍ଟ ପକେଟ୍‌ରେ ରଖିଛି । ପାଞ୍ଚ ଟଙ୍କିଆ ନୋଟ୍- ଟେ ଆଉ ସବୁ ଟଂକେ ଆଠଣି । ମନଖୁସିରେ ଧାଇଁଯାଇଛି ସ୍କୁଲ ସେପାଖ ଦୋକାନକୁ । ସିଲଟ୍‌ ଦର ବୁଝିଛି । କେତେ ରକମ ସିଲଟ । ଖେଳନା ଦେଖିଛି । ଖଡ଼ି ଦେଖିଛି । ତା' ମନଟା ବି ହଜିଯାଇଛି କ୍ଷଣକ ପାଇଁ । ପକେଟ୍‌ରୁ ପଇସା କାଢ଼ି ଗଣିଛି । ଆଗରୁ କେବେ ଦେଖିନି ଏତେ ପଇସା ଏକା ସାଙ୍ଗରେ । ତିନିଥର ଗଣିଲାଣି । ଦି'ଟଙ୍କା ନାହିଁ । ତା' ମୁଣ୍ଡଖରାପ । ଆଖିରେ ଅଜବ ଆଶଙ୍କା, ଭୟ, କାତରତା । ସ୍ୱପ୍ନ ଭାଙ୍ଗିଯିବାର ଆତଙ୍କ । ଆଖି ଛଳଛଳ ହୋଇଗଲା । ସେ ଧାଇଁଯାଇଛି ସବୁଜାଗାକୁ । ରାସ୍ତାଘାଟର ସବୁ ଅଂଶ ଧୂଳୀଆଡ଼େଇ ସେ ଦେଖିଛି । ପଡ଼ିଆଟା ସାରା ସଂଜଯାଏ ଖୋଜିଛି ତା' ମେହେନତ୍‌ର କମାଣି ଓ ସ୍ୱପ୍ନର ପାଥେୟକୁ । ତା' ଛାତି ଥରିଛି । ଭୋ ଭୋ ହୋଇ କାନ୍ଦିଛି । ଦୁଃଖକୁ କାଖେଇ ମୋହଭଂଗକୁ ମୁଣ୍ଡେଇ, ନିଅଣ୍ଟିଆ ପଇସାକୁ ଧରି ସେ ଭାବିଚାଲିଥିଲା କିମିତି ପାଇବ ସିଲଟ, ଖଡ଼ି, ଖେଳନା ଆଉ ମନୁର ହସକୁ ।

"ସତରେ କ'ଣ ମନୁର ହସ ଆଉ ବୋଉର ଗେହ୍ଲାକୁ ମୁଁ ଚେଷ୍ଟା କରି ଫେରେଇ ପାରିବିନି ?" "ବହୁତ ଦିନ ହେଲା ବୋଉ ଗେହ୍ଲ କରିନି, ହସିନି, ଗାଲରେ ଚୁମାଦେଇ କୋଳେଇ ନେଇନି । ଜହ୍ନ, ତାରା ରାଇଜର କଥା କହିନି ।"

"କେମିତି ଆଣିବ ସେ ସବୁ ?"

"ବୀର ସାର୍ କହୁଥିବା ଗପ ପରି ଫେରିଆସନ୍ତା କି ସେସବୁ ଦିନ ! ଯଦି ଏମିତି ସବୁ ଗପଟେ କହିଦେଲେ ସତ ହୋଇଯାଆନ୍ତା ସବୁ, ସତସତିକା ମଣିଷମାନେ ଆସନ୍ତେ, ତା ହେଲେ ସାରଙ୍କୁ କହି, ନେହୁରା ହୋଇ କୁହାଇ ଦିଅନ୍ତି ହେଲେ ଗପଟିଏ ମୋ' ସପନ ଅନୁସାରେ, ମୋ ଇଚ୍ଛା ମୋ ବୋଉ ଇଚ୍ଛା ଅନୁସାରେ । ନହେଲେ ସାରଙ୍କ ସମୟ ନହେଲେ କି ଅରାଜି ହେଲେ ନିଜେ ଚେଷ୍ଟାତ କରନ୍ତି ବୋଉ ଅଜାଣତରେ ସେମିତି ଗପ ଓ ଗପରୁ ସତସତିକା ମଣିଷଙ୍କୁ ଆଣିବାକୁ ।" "ଆଉ ବୋଉ ଖୁସିରେ କୁଣ୍ଢେଇ ନିଅନ୍ତା । ମୋତେ ସବୁ ଗେହ୍ଲା ସେ ଏକାବେଳେ କରିପକାନ୍ତା । ଆଉ କହନ୍ତା ମୋ ପୁଅ ପରି ଆଉ କେହି ନାହିଁ ।"

"ନହେଲେ ବାସୁ ସାର୍‌ଙ୍କ ପରି ଚିତ୍ର ଆଙ୍କୁ ଆଙ୍କୁ ଯଦି ସତସତିକା ମଣିଷ ବାହାରି ଆସନ୍ତେ, ତାହେଲେ ଚେଷ୍ଟା କରନ୍ତି ଚିତ୍ର ଆଙ୍କିବାକୁ ଓ ସବୁ ଠିକ୍ ହୋଇଯାଆନ୍ତା ପୂର୍ବପରି ।"

"କାହାର ପରା ଚିତ୍ରଟେ ସତ ହୋଇ ବାହାରିଥିଲା ପୃଥିବୀର କେଉଁ ଜାଗାରେ" ସାର୍ କହୁଥିଲେ ।

"ଧେତ୍, ସବୁ ମିଛ କଥା, ଭାବନା । ଏଗୁଡ଼ାକ ସତ ହୁଏନି ।"

"ସାର ପରା କହୁଥିଲେ ପରିଶ୍ରମ କଲେ ସବୁ ଇଚ୍ଛା ପୂରା ହୁଏ ।"

"ହେଲେ ଏବେ କ'ଣ କରିବି ?" "ମନୁ... ବୋଉ...ଗେହ୍ଲ..."

ସେ ପୁଣି କାନ୍ଦ କାନ୍ଦ ମୁହଁ ଧରି ଓହଳେଇ ଚାଲିଛି ମୁଣ୍ଡକୁ । କାନ୍ଧରେ ଝୁଲା । ବହିବସ୍ତାନି । ରାସ୍ତାସାରା ଠାକୁରଙ୍କୁ ଡାକୁଛି । ବୋଉ ପରି ଆରପୁରରେ ଥିବା ବାପାଙ୍କୁ ମନେପକଉଛି । ମନକଥା କହୁଛି । ହଠାତ୍ ରାସ୍ତା ପାଖରେ କିଛି ପିଲା କଥା ହେଉଥିବାର ଶୁଣିଲା କାଲି ଡଙ୍ଗାଭସା ପୁନେଇଁ । " ବୋଉବି ଡଙ୍ଗା ଭସାଇବ ବୋଲି କଦଳୀ ପାଟୁଆ ପାଣି ଡଙ୍ଗାଟେ ତିଆରି କରି ରଖିଛି ।"

"କଦଳୀ ପଟୁଆରେ କୁଚକାଠି ଲଗା ଡଙ୍ଗା ସେ ।"

ରାସ୍ତା ସାରା ସେଇକଥା ଗୁଡ଼ାକ ମନେ ମନେ ଭାବି ଭାବି ସେ ଚାଲିଛି । "ସେମାନେ କହୁଥିଲେ ଲୋକେ ଡଙ୍ଗା ସାଙ୍ଗରେ ପାନ ଗୁଆ, ପଇସା ଭସାଇ ଦିଅନ୍ତି ।"

ତା' ମନରେ ପୁଣି ଆଶା ସଞ୍ଚାର ହେଲା । ଶୀତଦିନିଆ ସଞ୍ଜରେ, ଅନ୍ଧାରରେ ତା' ଭିତରେ ଆଲୁଅ ପୁଣି ଜଳିଉଠିଲା । ଏମିତି ଭାବି ଭାବି ସେ ଘରଦୁଆର ମୁହଁ ଡେଇଁଗଲା । ବାଟ ଜଣାପଡ଼ିନି ।

ରାତିଟା କିମିତି ସରିବ, ସକାଳ କିମିତି ପାହିବ ସେ ଚାହିଁଛି । ସାନଭାଇ ମନୁକୁ ପାଖରେ ଧରି ବହେ ଗେହ୍ଲା କରିଛି । ତାକୁ ବି ସେ କିଛି କହିନି । ହଠାତ୍, ତାକୁ ତା' ମନପସନ୍ଦର ଜିନିଷ ଆଣିଦେବ । ହଠାତ୍ ସୁଖଦୀପ ଲିଭିଗଲା ପରି ସେ ଲିଭାଇ ଦେବ ଦୁଃଖର ଦୀପ । "ଆଲୁଅ ହବ, ହସ ଖେଳିଯିବ । ବୋଉ ଖୁସିହେବ ।"

ରାତି ଚାରି, ସାଢ଼େ ଚାରି । ସୁନୁ କହିଛି "ମନୁ, କାଲି ବଡ଼ିଭୋରୁ ବଡ଼ ପୋଖରୀ ଆଡ଼ିକି ଯିବା । ଉଠିବୁ । ମଜା ହବ ଦେଖିବୁ ।"

ସରଳୀ ଡଙ୍ଗା ସଜେଇ ଯାଇଛି ପାଖ ପୋଖରୀକୁ ବନ୍ଦାଣ କରିବାକୁ । ନିଷ୍ଠାପର ତିଳେ ଊଣା ନାହିଁ ତା'ଠି ।

ସେ ପାଖରେ ସୁନୁ ସାନଭାଇକୁ ଧରି ଉପାସରେ ଧାଇଁଛି ନିଷ୍ଠାପର ଇଚ୍ଛାକୁ କାଖେଇ ବଡ଼ ପୋଖରୀ ଆଡ଼ିକି । ବଡ଼ ବଡ଼ ଲୋକ ଡଙ୍ଗା ଭସାଉଛନ୍ତି କୂଳରେ । ଡଙ୍ଗା ଆସି ଲାଗୁଛି ଗଡ଼ିଆ ଆଡ଼ିରେ । ଝିମାଝିମା ଅନ୍ଧାର ବିଛେଇ ପଡ଼ିଛି ପାଣି ଓ ପୋଖରୀ ଆଡ଼ିରେ । ପୋଖରୀର ଗଭୀରତା ଆହୁରି ଜଣାପଡୁଛି ଏ ଅନ୍ଧାରରେ । ସତେକି ପାତାଳକୁ ଲାଗିଛି ତା' ଗଭୀର ପାଣି !

"ଲୋକେ କହନ୍ତି ନେଉଳା ଅଛି ସେ ପୋଖରୀରେ । ଲୋକଙ୍କୁ ଟାଣି ନିଏ, ବାନ୍ଧି ନିଏ, ଗୋଡ଼କୁ ଝଞ୍ଜିରରେ ଝିଙ୍କିନିଏ ।"

"ସେ ତ ଖରାପ ଲୋକଙ୍କୁ ଟାଣିନିଏ । ଅଚିହ୍ନା ଲୋକଙ୍କୁ ବାନ୍ଧିନିଏ । ହେଲେ ଏଠି କ'ଣ ସବୁ ଲୋକ ଚିହ୍ନା ଏ ପୋଖରୀର ! କେହି ଖରାପ ନୁହଁନ୍ତି ? ସା'ରେ ତ କ୍ଲାସରେ କହୁଥିଲେ କିଛି ଲୋକଙ୍କ ପାଇଁ ସମାଜରେ ଗରିବ, ଦୁଃଖୀ, ରଙ୍କମାନଙ୍କର ଖରାପ ପରିସ୍ଥିତି । ତାହେଲେ ଏଠି...."

ସେମାନେ ତ କହୁଥିଲେ ବଡ଼ ବଡ଼ ଧନୀଲୋକ ସବୁ ଏଠିକି ଆସନ୍ତି ଭସାଇବାକୁ...."

ହଠାତ୍ ଭାସିଆସିଲା ଛୋଟ ସୋଲ ଡଙ୍ଗାଟେ । କୂଳରେ, ଆଡ଼ିରେ ଲାଗିଲା ।

"ମନୁ, ଏଇଠି ଥା' । ଟିକିଏ ରହ । ମୁଁ ଦେଖେଁ । ତୁ ଥାଆ । କହିଲେ ହାତ ବଢ଼େଇବୁ । ଥିଇରିକିନି ଏଇଠି ଥିବୁ । ପାଟି କରିବୁନି ।"

ଟବ୍ କରି ପାଣିକୁ ଓହ୍ଲାଇ ପଡ଼ି ସୁନୁ ଆଣିଛି ସୋଲ ଭିତରେ ଚକ୍‌ଚକ୍ କରୁଥିବା ପଚାଶ ପଇଶିଟିକୁ । ବଢ଼େଇ ଦେଇଛି ମନୁର କୁନି ହାତକୁ । ପାଖକୁ ଆସିଛି ଆଉ ଏକ ଡଙ୍ଗା । ଦୁଇଟି ଚକ୍‌ଚକ୍ କରୁଛି । ଆଉ ଦି'ପାଦ ତଳକୁ ଯାଇଛି । ଅଣ୍ଟେ ପାଣି । ପାଖରେ ଦଳ । ପଛକୁ ଫେରି ହାତରେ ଦେଇଛି ଆଉ ଟଙ୍କେ । ଆରକ ଥିଲା ପାଣି ଟୋପାର ଭ୍ରମ । କିଛି ସମୟ ଅପେକ୍ଷା କରିଛି । ସାନଭାଇ ମୁହଁକୁ ଚାହିଁଛି । ଓଠରେ ପାଖୁଡ଼ାରେ ଖେଳିଛି ହସର ଭଅଁର । "ତୋ ସିଲଟ ହେବ ଏଥର, ମନଲାଖି, ଆଉ ଖେଳଣା... ଆହୁରି ଖଡ଼ି...ସବୁ...ବୁଝିଲୁ ।"

"ହେଇ ଆସିଲାଣି ଡଙ୍ଗା...ମୁଁ ଯାଉଛି...ତୁ ଥା'...କୁଆଡ଼େ ଯିବନି... ସିଲଟ କଥା ଭାବୁଥା... ଏଇଠି ଥା'..."

ହଠାତ୍ କିଛି ବୁଡୁବୁଡୁ ଶବଦ ଆସିଲା । ଢେଉ ଖେଳି ନିସ୍ତରଂଗ ହୋଇଗଲା ପୋଖରୀ ଉପର ଡଙ୍ଗାଟା । ଜଣେ କିଏ ଡଙ୍ଗାକୁ ଚଢ଼ିଲା ପରି ।

*– ବିକାଶନଗର, ଅଂଗାରଗଡ଼ିଆ, ବାଲେଶ୍ୱର*



# ଥିଲା ଜଣେ ପଡ଼ୋଶୀ

- ଦିପୁନ୍ ପୁହାଣ

ଶାବୀ ବୁଢ଼ୀ ଶୋଇଛି । ଉଁ ନାହିଁ କି ଚୁଁ ନାହିଁ । ମାଣ୍ଡିଟା ସାମାନ୍ୟ ମୁଣ୍ଡ ଉପରକୁ ଘୁଞ୍ଚି ଯାଇଛି । ଚିରା କନ୍ଥାଟା ଗୋଟେ କରିଆ ହୋଇ ଦଉଡ଼ିଆ ଖଟରୁ ଫାଳେ ତଳକୁ ଖସିଯାଇଛି । ହାଡୁଆ ଦିହଟାକୁ ଆବୁରୁ ଯାବୁରୁ କରି ଗୁଡ଼େଇ ରଖିଥିବା ଶାଢ଼ୀଟା ଛାତି ଉପରୁ ତଳକୁ ଖସି ଯାଇଛି । ଚମ ଧୁଡୁ ଧୁଡୁ ଦେହରୁ ମାଂସଳ ଛାତି ଦି'ଟା ବେଶ୍ ବାରି ହୋଇ ପଡୁଛି । ଗୋଡ଼ ପାଖରୁ ଜଂଘ ଯାଏ ଟେକି ହୋଇପଡ଼ିଛି ଲୁଗା । ବାଁ ଗୋଡ଼ରେ ପଟି ଗୁଡ଼ା ହୋଇଛି । ଖଟ ଗୋଡ଼କୁ ଲାଗି ଔଷଧ ଶିଶି, ତାଟିଆ, ପାଣିଲୋଟା ଓ ଭୂଇଁରେ ଗଡୁଥିବା ଷ୍ଟିଲ ଗିଲାସ, ସବୁଠି ମାଛି ଭଣ ଭଣ । ଶାବୀ ବୁଢ଼ୀର ପଟି ଗୁଡ଼ା ହୋଇଥିବା ଗୋଡ଼ରେ, ଶାବୀ ବୁଢ଼ୀର ମୁହଁରେ, ହାତରେ, ପେଟରେ, ଜଂଘରେ, ସବୁଠି ମାଛି-ମାଛି-ମାଛି । ହେଲେ ବି ଶାବୀ ବୁଢ଼ୀଶୋଇଛି । ଉଁ ନାହିଁ କି ଚୁଁ ନାହିଁ ।

ହେ ! ତାକୁ ଉଠାଅନି । ବରଂ ସେ ସେମିତି ଶୋଇଥାଉ । ଆଉ କିଛି ଘଣ୍ଟା, କିଛି ଦିନ, କିଛି ମାସ, କିଛି ବର୍ଷ, ଯୁଗ ପରେ ଯୁଗ । ବରଂ ଶାନ୍ତିରେ, ସେ ବୁଢ଼ୀକୁ ଶୋଇବାକୁ ଦିଅ । ଶାଲୀ ବୁଢ଼ୀ କମ ହଇରାଣ ନକରିଛି ଏଇ କିଛିଦିନ ହେବ । ସାହିଟା ଯାକର ସବୁ ଲୋକଙ୍କ ନାକରେ ପାଣି ପିଏଇ ଛାଡ଼ିଛି । ଆଗରୁ ତ ଯାହା ଯେମିତି ବୁଢ଼ୀ ଟାକୁ ଚଳାଇ ଆସୁଥିଲୁ । ହେଲେ ଗୋଡ଼ଟା ଭାଙ୍ଗୀ ଗଲା ଦିନୁ ବୁଢ଼ୀର ଉତ୍ପାତ ଅସହ୍ୟ ହୋଇ ପଡ଼ିଛି । ନାଁ ନିଜେ ଶୋଉଛି ନାଁ କାହାକୁ ଶୁଏଇ ଦୋଉଛି । ରାତି ଟିକେ ଗଡ଼ିଗଲେ ଯେତେବେଳେ ସାହୀଟା ଯାକର ଲୋକ ଘରର ପାଇଟି ସବୁ ସାରି ଖାଇ ପି ଶୋଇବାକୁ ଯାଉଥିଲେ । ଆଉ ସାହୀ ଖଣ୍ଡଟାରୁ ଗହଳ ଚହଳ କ୍ରମେ ନିଶ୍ଚିହ୍ନ ହେବାକୁ ବସୁଥିଲା ଠିକ୍ ସେତିକିବେଳେ ଆରମ୍ଭ ହୋଇ ଯାଉଥିଲା ଏ ବୁଢ଼ୀର ବାହୁନୀ ବାହୁନୀ କାନ୍ଦିବା । ପୁଅ ପାଖକୁ ଯିବ । ପୁଅ ପାଖକୁ ଯିବ ବୋଲି କହି ଭାଁ ଭାଁ ରଡ଼ି କରି ଫଟାଉଥିଲା ବୁଢ଼ୀ ।

ମୋ ଝିଅ ନବୁ, ଗୋକୁଳି ବାବୁଙ୍କ ପୁଅ ସୁବ୍ରତ ଆଉ ସେପଟେ ଶାନ୍ତି ନାନୀର ଭଣଜା ରାଜୁ; ତିନି ଜଣଙ୍କ ମୁଣ୍ଡ ଉପରେ ପରୀକ୍ଷାର ଭାର । ଆଉ ଦିନ ଚାରିଟା ରହିଲା ଯୁକ୍ତ ଦୁଇ ପରୀକ୍ଷା । ତା' ଛଡ଼ା ରାତି ପାହିଲେ ଦିନ ଦଶଟାରେ ମୋ ଅଫିସ୍, ରାଉତ ବାବୁଙ୍କ ସ୍କୁଲ ଆଉ ବିନୋଦର ଷ୍ଟୁଡ଼ିଓ । ଦିନ ଯାକ କାମ କରି କରି ଥକି ପଡ଼ିଥିବା ମୋ ଘରଣୀ ଜୟଶ୍ରୀ । ସେପଟେ ମିସେସ୍ ସୁନୀତା, ମିସେସ୍ ଅଞ୍ଜଳୀ, ବିମଳା ଭାଉଜ ଆହୁରି ଯେତେ ଯିଏ । ସାହିଟା ଯାକର ସଭିଙ୍କର ଟିକେ ସୁଖନିଦ୍ରା ଲୋଡ଼ା । ରାତିଟା ଟିକେ ଶାନ୍ତିରେ ଶୋଇଗଲେ ସକାଳୁ ଯେଝା ଜଂଜାଳରେ ଯିଏ । ହେଲେ ଏ ବୁଢ଼ୀ କ'ଣ ସେତକ କରାଇ ଦୋଉଥିଲା ।

ତୁମେ ମାନେ କହିବ ବୁଢ଼ୀ ଲୋକ, ନିଆଶ୍ରୀ ଲୋକ । ତା'ର କ'ଣ ଗୋଟେ ଦୋଷ ଧରୁଛ ? ହେଲେ ତୁମେ ମାନେ କ'ଣ ଜାଣିଛ ସେ ବୁଢ଼ୀ ବିଷୟରେ ଶୁଣେ ? ଏଇ ଶାବୀ ବୁଢ଼ୀ, ତା'ର କ'ଣ କମ୍ ବହପ ? ଦିହ ଭଲ ଥିଲା ବେଳେ ସେ କ'ଣ ଇନ୍ଦ୍ରଚନ୍ଦ୍ର ମାନୁଥିଲା ? କଣ୍ଟାବାଡ଼ରେ ଲୁଗା ପକାଇ ଗାଳି ଦେବାକୁ ଟାକି ବସିଥିବ । କେଡ଼େ ବଡ଼ ବାରି । ଶହେରୁ ଅଧିକ ନଡ଼ିଆ ଗଛ, ପଣସ, ଗୁଆ, ପିଜୁଳି, ଆମ୍ବ ଗଛରେ ଭର୍ତ୍ତି । କମଳା, ଲେମ୍ବୁ, ଡାଳିମ୍ବ ଠୁ ଆରମ୍ଭ କରି ଶାଗ ଗଛ ଯାଏଁ କ'ଣ ଏ ଫଳେଇଛି ବୁଢ଼ୀ ? ହେଲେ ଯଦି କିଏ ହାତପାତି ମାଗିଦେଲା କଦଳୀ ଟାଏ କି ଆମ୍ବ ଟାଏ ସେତେବେଳେ ବୁଢ଼ୀର ମୁହଁକୁ ଦେଖିବାର କଥା । ଏମିତି ମୁହଁ କରିବ ଯେମିତି କିଏ ତା'ର ଶହେ ଷାଠିଏ ଖାଇଗଲା । ଆଉ ତ ଆଉ ଘରେ ଦିପହରରେ ମୋ ଶାଶୁ ଶ୍ୱଶୁର ଆସିଥିଲେ ଘରକୁ । ଘରେ ସର୍ବତ ଟିକେ ବନାଇବା ପାଇଁ ଲେମ୍ବୁଟାଏ ନଥାଏ ବୋଲି ପୁଅ ମଣ୍ଟୁକୁ ପଠାଇଲି ଶାବୀ ବୁଢ଼ୀ ପାଖକୁ । ଶାବୀ ବୁଢ଼ୀ ମୁହାଁ ମୁହିଁ ମନା କରିଦେଲା । କ'ଣ ନା ଆଗ ପଇସା ଦିଅ ତା' ପରେ ଯାହା । ମୁଁ କ'ଣ ପଇସା ଦେଇ ନଥାନ୍ତି । ନାଁ ଘର ଭାଙ୍ଗିକି କୁଆଡ଼େ ପଳାଉଥିଲି । ଶାଲୀ ବୁଢ଼ୀର ନାକ ଆସି ତଳେ ଲାଗିଲାଣି ହେଲେ ଲୋଭ ଛାଡୁନି ।

ଯାହାବି ହାରି ଗୁହାରି । ଭଲମନ୍ଦ ହେବ ଆସି ଅଧିଆ ପଡ଼ିବ ମୋରି ଦୁଆରେ । ହେଲେ ଦେବା ବେଳକୁ କିଛି ବୋଲି କିଛି ନାହିଁ । ଶାବୀ ବୁଢ଼ୀ ର ପୁଅ ବୋହୂ ରହନ୍ତି ଭୁବନେଶ୍ୱରରେ । ବୁଢ଼ୀ ମଲା କି ଗଲା ପଚାରିବାର ନାହିଁ । କି କେବେ ଥରୁଟିଏ ଗାଁ ଆଡ଼େ ଆସି ବୁଢ଼ୀଟାକୁ ଦେଖି ଯିବାକୁ ମନଡାକେ ନାହିଁ । ହେଲେ ଏ ନିଲଠି ବୁଢ଼ୀ ହପ୍ତାକୁ ଥରେ

ଧାଇଁ ଆସିବ ମୋରି ପିଣ୍ଡାକୁ । କେଡ଼େ କାକୁତି ମିନତୀ ନହେବ ସତେ । ମୋତେ ଦେଖିଲା ମାତ୍ରେ କହି ଉଠିବ-

"ବାବା ଚଇତନ ! ସପ୍ତାହେ ହେଲା ପୁଅଟା ସହ କଥା ହେଇନି । ଟିକେ କଥା କରେଇ ଦେ । ଭଗବାନ ତୋର ମଙ୍ଗଳ କରିବେ ।"ମଙ୍ଗଳ ନା ଛତୁ । ମୁଁ ବି ବୁଢ଼ୀକୁ ରୋକ୍‌ଠୋକ୍ କହି ଦେଇଛି-"ପୁଅ ସହ କଥା ହେଲେ ହୋ ମନା ନାହିଁ । ହେଲେ ମୋବାଇଲ ତ ଆଉ ପାଣିରେ ଚାଲୁନି । ମୋବାଇଲରେ କଥା ହେବାକୁ ହେଲେ ତା ବାବଦକୁ ଟଙ୍କା ଦେବାକୁ ପଡ଼ିବ ।" କିନ୍ତୁ ବୁଢ଼ୀର ସେଥିରେ ହେଳା ନାହିଁ । ସବୁ ରବିବାର ଦିପହର ବେଳକୁ ଟଙ୍କା ପଚାଶଟି ହାତରେ ଧରି ଆସି ମୋ ଦୁଆର ମୁହଁରେ ହାଜର । ହେଲେ ସେଦିନ କ'ଣ ହେଲା ଜାଣିଛ ? ପୁଅ ସହ କଥା ହେବ ବୋଲି ଭଂଗା ଗୋଡ଼ରେ ଘୋଷାରି ମୋସାରି ହେଇ ଆସି ପହଂଚିଗଲା ମୋ ଘରେ । ଏ ହେ ! କି ଅପରିଷ୍କାର ଅପରିଛନ୍ନିଆ ବୁଢ଼ୀଟା ସତେ ! ଦିହରେ ଶାଢ଼ୀ ନାହିଁ, ମୁଣ୍ଡ ବାଳ ଆଲୁରୁ ବାଲୁରୁ । ଦିହଯାକ ଗୋଟାପଣି ଧୂଳିରେ ଯୁଡୁ ବୁଡୁ । ମାଛି ଭ'ଣ ଭ'ଣ । ଦିହଟା ଯାକରୁ କିମିତିଆ ଗୋଟେ ବିଚିକିଟିଆ ଗଂଧ ବାହାରୁଛି । କୁହା ନାହିଁ ବୋଲା ନାହିଁ ଦୁଆର ବଂଧ ଡେଇଁ ସିଧା ପଶି ଆସିଲା ମୋ ଘର ଭିତରକୁ ।

ମୁଁ, ମୋ ଘରଣୀ ଜୟା, ଝିଅ ନିବୁ, ପୁଅ ମଣ୍ଟୁ ସବୁ ଏକାଠି ଖାଇ ବସିଥାଉ । ବୁଢ଼ୀର ଏ ଅବସ୍ଥା ଦେଖି ନିବୁଟା ମୋର ଖାଇବା ପାଖରୁ ଉଠିଯାଇ ଭକ୍ ଭକ୍ କରି ବାନ୍ତି କଲା ବେସିନ୍‌ରେ । କେତେ ଭଲ ଖାଇବାଟା ମୋର ନଷ୍ଟ ହେଇଗଲା ସେଇ ବୁଢ଼ୀ ପାଇଁ । ସେହିଦିନ ବୁଢ଼ୀକୁ ମୁଁ ଯବତ୍ କରି କହିଥିଲି-

"ଦେଖ୍ ବୁଢ଼ୀ ! ଆଜି ତତେ ଶେଷଥର ପାଇଁ ହୁସଆର କରି କହୁଛି ତୁ ଆଉ ଏମିତି ଘୋଷାରି ମୋସାରି ହେଇ ମୋ ଘରକୁ ଆସିବୁନି । ନହେଲେ ଗୋଇଠା ମାରି ଘରୁ ବିଦା କରି ଦେବି । ବେଶି ଗୋଟେ ପୁଅ ସୁଆଙ୍ଗ ଦେଖେଇ ହୋଉଛି ।" ସୁରୁଜାଟା ବି କେମିତିକା ପୁଅ କେଜାଣି । ମା'ର ଗୋଡ଼ ଭାଙ୍ଗି ଦି'ମାସ ହେଲା ପଡ଼ିଛି । ଦେଖା ନାହିଁ କି ବୁଝା ନାହିଁ । ଫୋନ୍ କଲାରୁ କହୁଛି- "ଚଇତନ ମଉସା ! ଯାହା ଟଙ୍କା ଦରକାର ମୁଁ ଦେବି । ମୋ ବୋଉ କଥା ଟିକେ ବୁଝୁଥାଅ । ମୁଁ ଟିକେ କାର୍ଯ୍ୟ ବ୍ୟସ୍ତରେ ଯାଇପାରୁନି । ଯିବି ଖୁବ୍ ଶୀଘ୍ର । ମୋ ବୋଉର ଦେଖା ଚାହାଁ ପାଇଁ ଗୋଟେ ଲୋକଟେ ତା' ପାଖକୁ ରଖିଦିଅ । ମୁଁ ତୁମକୁ ବୋଉର ଖର୍ଚ୍ଚ ବାବଦକୁ ମାସକୁ ୫୦,୦୦୦ ଟଙ୍କା ପଠେଇ ଦେଉଛି ।"

ହଁ ଗୋଟେ ରକମ ଦେଖିବାକୁ ଗଲେ ସୁରୁଜାଟା ଭିତରେ ଟିକେ ମଣିଷ ପଣିଆ ଅଛି । ଭୁବନେଶ୍ୱରରେ ରହିଲା ଦିନୁ ବୁଢ଼ୀର ଖର୍ଚ୍ଚ ବାବଦକୁ ଚାରିହଜାର ଲେଖାଏଁ ଟଙ୍କା ପଠାଇଦିଏ ମୋ ଆକାଉଣ୍ଟକୁ । ଆଉ ଏ ଦୁଇମାସ ହେଲା ପଚାଶ୍ ହଜାର ଲେଖାଏଁ ପଠାଇ ଦୋଉଛି ବୋଲି ସିନା ମୁଁ ନୂଆ ଘର ତିଆରି ବେଳେ ଯୋଉ କରଜ କରିଥିଲି ତାକୁ ସୁଝିବାକୁ ଅଣ୍ଟା ଭିଡ଼ିଛି । ନହେଲେ ମୋର ଯୁ' କାହିଁ ଯେ ଚାକିରୀ ଖଣ୍ଡକରୁ ଯୋଉ ଦରମା ଗଣ୍ଡାକ ମିଳୁଛି ସେତିକିରେ ପରିବାର ଚଳେଇ ଏତେ ଗୁଡ଼ାଏ କରଜ ସୁଝିପାରିଥାନ୍ତି ? ହଁ ବୁଢ଼ୀର ଖର୍ଚ୍ଚବାବଦକୁ ପୁଣି ମାସକୁ ହଜାରେ ଟଙ୍କା ଲେଖା ବୁଢ଼ୀକୁ ଦେବାକୁ ପଡ଼େ । ହେଲେ ଦେଖ ! ସେତିକି ଟଙ୍କା ବି ସେ ବୁଢ଼ୀକୁ ନିଅଣ୍ଟ ପଡୁଛି ।

ବାଡ଼ି ବଗିଚାରେ ନଡ଼ିଆ, ଆମ୍ବ, ପଣସ, ଲେମ୍ବୁ, କମଳା ଯାହାବି ଫଳିବ ତାକୁ ବିକ୍ରି କରି ଟଙ୍କା ସଂଚି । ବର୍ଷକୁ ଥରେ ଧାନ ଅମଳ କରି ସବୁତକ ବିକ୍ରି କରି ଯାହା ଯେତିକି ଟଙ୍କା ହେବ ସବୁତକ ରୁଢ଼ କରି ଆଣି ପହଞ୍ଚିବା ମୋରି ପାଖରେ । କହିବ- 'ଏ ଟଙ୍କାତକ ପୁଅ ସୁରୁଜା ପାଖକୁ ପାଖକୁ ପଠେଇଦେ । ଭୁବନେଶ୍ୱର ଗାଁରେ ପୁଅଟା ମୋର କେମିତି ଚଳୁଥିବା କେଜାଣି ?" ହେଲେ ଏ ବୁଢ଼ୀ କ'ଣ ବୁଝେ ଯେ ତା' ପୁଅର ଚଳଣି ଠାରୁ ବେଶୀ ଶୋଚନୀୟ ଅବସ୍ଥାରେ ମୁଁ ମୋ ପରିବାରକୁ ଚଳଉଛି ବୋଲି ।

ବୁଢ଼ୀ ଗୁହାଳକୁ ପାଞ୍ଚହାତ ଡଂଚା କାଳୀଗାଈ ପଟେ ବେସ୍ ମାନେ । ଗାଈଟାରେ ଖୀର ଖୁବ୍ ମିଠା । ମାଣେ ଖୀରରେ ଦି'ମାଣ ପାଣି ମିସେଇ ଦେଲେ ବି ଜଣା ପଡ଼େନି । ଗଉଡ଼ ହାତରେ ନିତି ସକାଳ ସଂଜେ ଗାଈ ଧୁଇଁବ ଆଉ ଗଉଡ଼କୁ ପାଉଣା ବାବଦକୁ ମାଣେ ଖୀର ଦେଇ ବାକି ସବୁତକ ବିକ୍ରୀ କରି ଦେଉଥିଲା ବୁଢ଼ୀ । କହନ୍ତିନି ଅତି ଲୋଭରୁ ମୃତ୍ୟୁ ବୋଲି । ଏତେ ଧନ ସଂଚି ସଂଚି କ'ଣ ସରଗକୁ ନେଇଥାନ୍ତା ବୁଢ଼ୀ । ସେଦିନ ଗାଈ ଧୁଇଁଲାବେଳେ ଓଲେଇ ଗାଈଟା ପଘା ଘୋଷାରି ନେଲା ।

ଯେ, ବୁଢ଼ୀଟାର ଗୋଡ଼ ମୋଡ଼ିହୋଇ ଲଥ୍‌କିନା ପଡ଼ିଗଲା ତଳେ । ଥିଲା ଥିଲା ଦୁଷ୍ଟ ଗାଈଟା ଚଢ଼ିଗଲା ବୁଢ଼ୀର ଗୋଡ଼ ଉପରେ । ହାଃ- କି ଛଟପଟ ନ ହେଇଛି ବୁଢ଼ୀଟା ସତେ । ଯୋଗକୁ ମୁଁ ଥିଲି ବୋଲି ସିନା, ସାଂଗେ ସାଂଗେ ମୋ ସ୍କୁଟରରେ ବସାଇ ବୁଢ଼ୀକୁ ହସ୍‌ପିଟାଲକୁ ନେଇଗଲି । ନହେଲେ ଏ ସାହିଟା ଯାକ ଏମିତି କୋଉ ମଣିଷଟା ଅଛି ଶୁଣେ, ଯିଏ ତାକୁ ଏ ଅବସ୍ଥାରେ ସାହା ହୋଇ ଥାଆନ୍ତା । ହଁ ପରେ ଲୋକ ଦେଖାଣିଆ ଆଃ. ଚୁ. ଚୁ କହି କୁମ୍ଭୀର କାନ୍ଦଣା କାନ୍ଦିବା କଳାଟା ବେଶ୍ ଜଣା ଏଇ ଲୋକମାନଙ୍କୁ । ମୁଁ ନ ଥିଲେ କ'ଣ ଯେ ହେଇ ଥାଆନ୍ତା ।

ବୁଢ଼ୀର ମେଡ଼ିକାଲ ବାବଦକୁ ଯାହା ଯେମିତି ଖର୍ଚ୍ଚ ହେଲା ସବୁ ଗଲା ମୋହରି ମୁଣ୍ଡକୁ । ହଁ ପୁଅ ସୁରୁଜା ପାଖକୁ ଖବରଟା ଗଲାରୁ ସେ କିଛି ଟଙ୍କା ପଠାଇଥିଲା ସତ । ମାତ୍ର ଟଙ୍କା ଟାଣ ବଡ଼ କଥା ନୁହେଁ ବଡ଼ କଥା ହେଲା ବୁଢ଼ୀର ଦାୟିତ୍ୱ ନେବା, ସେବା ଯତ୍ନ କରିବା । ବୁଢ଼ୀଟା ମେଡ଼ିକାଲରୁ ଫେରିବା ପରେ କମ୍ ହଇରାଣ ନ ହେଇଛି ମୁଁ । ଖାଇବା ପିଇବା ଠାରୁ ଆରମ୍ଭ କରି ସୌଚ ହେବା ଯାଏଁ କେତେ ସେବା ଯତ୍ନ ମୁଁ ନ କରିଛି ସତେ । ହେଲେ ଏ ବୁଢ଼ୀ କ'ଣ ସେସବୁର ମୂଲ୍ୟ ବୁଝିଲା ? କାଲି ରାତିରେ ଏ ବୁଢ଼ୀକୁ କେତେ ସଲା ସୁତରା କଲି । କେତେ ନେହୁରା ହେଲି ଗାଁ ମୁଣ୍ଡ ପଶିରେ ଯେଉଁ ବାର ଏକର ଜମି ଅଛି ତାକୁ ମୋ ନାଁରେ କରିଦେବା ପାଇଁ । ହେଲେ ଏ ବୁଢ଼ୀ କ'ଣ ଶୁଣିଲା ? ଏତେ ଲୋଭୀ ବୁଢ଼ୀ ମୁଁ ମୋ ବୁନିଆଦିରେ ଦେଖିନି । ଛାଡ଼ ! ଯିଏ ଯାହା ହେବ ତା' ନିଜ ପାଇଁ । ମୋର କ'ଣ ଯାଉଛି ।

କାଲି ରାତିରୁ ବୁଢ଼ୀ ଶୋଇଛି ଯେ ଦିନ ଆସି ଦିପହର ହେଲାଣି ଉଠିବାର ନାଁ ନେଉନି । ଲୋକ ସବୁ ଜଣେ ପରେ ଜଣେ ଆସି ରୁଣ୍ଡ ହେଲେଣି । କାନ୍ଦ ବୋବାଳୀ ପଡ଼ିଲାଣି । ଶାବୀ ବୁଢ଼ୀ ଆଉ ଏ ଦୁନିଆରେ ନାହିଁ ବୋଲଇ ପୁଅ ସୁରୁଜା ପାଖକୁ ଗୋକୁଳି ବାବୁ ଫୋନ୍‌ଯୋଗେ ଜଣାଇ ସାରିଲେଣି । ହେଲେ ଏ କ'ଣ ବୁଢ଼ୀର ଖଟତଳେ ଗଡୁଥିବା ଔଷଧ ଶିଶିଟାକୁ ଉଠାଇ ଆଣି ସେଥିରେ କ'ଣ ଗୋଟେ ମିଶିଛି ବୋଲି ମିଶ୍ରଣକୁ ଚିଲ୍ଲାଇ ଚିଲ୍ଲାଇ କହୁଛନ୍ତି କାହିଁକି ? ହେଇ ତ ବିମଳା ଭାଉଜ ଶାବୀ ବୁଢ଼ୀର ଡାହାଣ ହାତ ବୁଢ଼ା ଆଙ୍ଗୁଳି ଟିପାରେ ଲାଗିଥିବା କାଳିଦାଗକୁ ନିଠେଇ ନିଠେଇ ଦେଖୁଛନ୍ତି ।

ହେ ଭଗବାନ୍ ! ଏବେ ମୋର କ'ଣ ଯେ ହେବ ?

*- ସ୍ନାତକୋତ୍ତର ଓଡ଼ିଆ, ଭାଷା ଓ ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

WISDOM
TUTORIALS & COMPUTER
+2 SCIENCE (INT.), COMMERCE, ARTS (CHSE)
+3 SCIENCE, ARTS (ALL SUBJECTS) PASS & HONS.
COLLEGE SQUARE, NEAR DURGA MANDAP, CUTTACK
MOBILE : 7809862247, 9337257797

MS ESTD : 2009
MATRUSHAKTI STUDY POINT
(A Unit of Innovation, Dedication & Care)
NAYABAZAR, CUTTACK - 753 004
STUDENT CARE : 9437107857, 9437563030, 9776340495, 9861268704
E-mail : matrushakti2009@gmail.com
FOR CLASS V TO X, +2 ARTS, SCIENCE & COMMERCE

# ଜୀବନ ବଦଳ

- ସଚ୍ଚିଦାନନ୍ଦ କର

ନରହରି ସବୁଦିନେ ତା' ପୁଅ ସହିତ ପିଲା ପରି ବ୍ୟବହାର କରେ। ଦଶ କି ବାର ବର୍ଷ ବୟସର ପୁଅ। ମା' ଛେଉଣ୍ଡ।

ତାକୁ କିଛି ଦେବା କଥାଟାକୁ ଛାଡ଼ିଦେଲେ ଆଉ ସବୁକଥା ତା'ର ନରହରି ରଖେ। ଅଭାବ କାରଣରୁ ତାକୁ କିଛି ଦେଇପାରେନି। ରୋଜଗାର ନାହିଁ ଯେତେବେଳେ ଆଉ ଉପାୟ କ'ଣ ? ସେ ଦୁଃଖୀ ହୁଏ।

ବଡ଼ଘରର ପିଲାଙ୍କୁ ଦେଖିଲେ ନିଜ ପୁଅର ଚେହେରା ନରହରି ଆଖି ସାମ୍ନାରେ ନାଚିଯାଏ। ତାକୁ କାନ୍ଦ ମାଡ଼େ। ସେ ନିଜ ଭିତରେ ଲୁଚି ଲୁଚି ବହେ କାନ୍ଦି ପକାଏ।

ନିଜ ପୁଅକୁ ଖୁବ୍ ଭଲପାଏ ନରହରି।

ସ୍ତ୍ରୀ ମରିବାର ଅନେକ ଦିନ ହୋଇଗଲାଣି। ଏବେ ସେ ତା ପୁଅର ବାପା, ମା ବି। ତାକୁ ପେଟ ପୂରା ମୁଠେ ଖାଇବାକୁ ଦେଇପାରେ ବୋଲି ତା' ମନରେ କିଛି ଟା ସାନ୍ତ୍ୱନା ଥାଏ। ହେଲେ ଅନ୍ୟ ସବୁକଥା ଭାବିଲା ବେଳକୁ ତାକୁ ଭାରି ବାଧିଯାଏ।

-ବାପା ! ମୁଁ କିଛି କାମ କରିବାକୁ ଚାହେଁ। ଦିନେ ତା' ପୁଅ ତାକୁ କହିଲା।

ଦୁଃଖୀ ଦୁଃଖୀ ଜଣାପଡୁଥାଏ ପିଲାଟା। ଅନ୍ୟମନସ୍କ ଥିଲା ସେ। ଅନ୍ୟମନସ୍କତା ଜୁଟାଇ ଚାହିଁଲା ପୁଅଆଡ଼େ। ପ୍ରଥମେ ଆଶ୍ଚର୍ଯ୍ୟ ହେଲା। ପରେ କହିଲା- 'କାମ କରିବାର ଗୋଟେ ବୟସ ଥାଏ। ତୋର କ'ଣ ସେ ବୟସ ହେଲାଣି ? ତୁ ଖେଳିବୁ ଯା'।'

ପିଲାଟା ଦୋହୋରାଇଲା ନାହିଁ ତା'ର କଥା।

ବାପର ଅଭାବ ଅସୁବିଧା ପୁଅ ବୁଝିବ ନାହିଁ ତ ଆଉ କିଏ ବୁଝିବ ? ସେ ମନକୁ ମନ କହିଲା। ପୁଣି ପୁଅକୁ କହିଲା- 'ମୋର ଅଭାବ, ଅସୁବିଧାକୁ ନେଇ ଚିନ୍ତା କରିବାର ବୟସ ତୋର ହେଇନି। ତୁ ଖେଳିବୁ ଯା।'

ପିଲାଟା ଖେଳିବାକୁ ଚାଲିଗଲା।

ଯାଉଯାଉ ପିଲାଟା ଗୋଟେ ବଡ଼ଘର ପାଖରେ ଅଟକିଗଲା। ଘରୁ ଭାସି ଆସୁଥାଏ ସୁନ୍ଦର ବାସ୍ନା।- 'ଆହା ! କିସୁନ୍ଦର ବାସ୍ନା।' ସେ କହିପକାଇଲା ମନକୁ ମନ।

ଏତିକି ବେଳେ ତା' ବୟସର ପିଲାଟିଏ ଆସି ତା' ପାଖରେ ପହଂଚିଲା। ହାତରେ ଧରିଥାଏ ଖଣ୍ଡେ ପୁରି। ଦାନ୍ତରେ ଟିକେଟିକେ ଛିଣ୍ଡେଇ ଖାଉଥାଏ।

ଏହା ପୁରିର ବାସ୍ନା ବୋଲି ବୁଝିଗଲା ସେ।

ପିଲାଟି ତାକୁ କହିଲା- 'ମା ପୁରି ଛାଣୁଛନ୍ତି। ତୋ ପାଇଁ ଆଣିଦେବି ?'

ପିଲାଟିଏ କଥା ଶୁଣି ତା' ପାଟିରୁ ସଙ୍ଗେ ସଙ୍ଗେ ଲାଳ ଗଡ଼ି ଆସିଲା। ତାକୁ ଧୀରେ ଢୋକିଦେଇ ସେ କହିଲା- 'ନା', ମୋ ମା' ବି ଆଜି ପୁରି ଛାଣିଥିଲେ। ମୁଁ ଏବେ ପୁରି ଖାଇ ଖେଳିବାକୁ ଆସିଲି।' ଏତିକି କହିଦେଇ ଆଗକୁ ଚାଲିଚଳଣ ସେ। ଆଉ ରହିଲାନି ସେଇଠି।

- 'ଆହା ! ପୁରି ଦୁଇଟା ଖାଇଥିଲେ କେତେ ଭଲ ଲାଗିଥାନ୍ତା। ମିଛ କହି ଚାଲି ଆସିଲି।' ଯାଉ ଯାଉ ମନକୁମନ କହିହେଲା ସେ। ଭାବିଲା- 'ମୋ ମା' ଥିଲେ ମୋ ପାଇଁ ନିଶ୍ଚେ ପୁରି କରିଦେଉଥାନ୍ତା !'

ତାକୁ କାନ୍ଦ ମାଡ଼ିଲା। ତା' ଛାତିରେ କୋହ ଉଠିଲା।

ମା' କଥା ମନେ ପଡ଼ିଛି।

କିନ୍ତୁ ଯେତେବେଳେ ତା'ର ମନେ ପଡ଼ିଲା ଯେ ତା' ବାପା ତାକୁ ପେଟ ପୂରା ଖାଇବାକୁ ଦେଉଛି କାନ୍ଦ ଆପେ ଆପେ ବନ୍ଦ ହୋଇଗଲା।

ସେ ପୁଣି ଖେଳି ଖେଳି ଆଗକୁ ଚାଲିଲା। ଆସି ଠିଆ ହୋଇଗଲା ପୁଣି ଗୋଟେ ବଡ଼ଘର ପାଖରେ।

- 'ପୁଙ୍ଗୁଳା ଦିହ ! ମୋର ବହୁତ ସୁନ୍ଦର ସୁନ୍ଦର ଡ୍ରେସ୍ ଅଛି। ସେଥିରୁ ହଳେ ଆଣିଦେବି ?' ତା' ପାଖରେ ପହଂଚି କହିଲା ତା' ବୟସର ପିଲାଟିଏ। କଥା ଶେଷରେ ଡ୍ରେସ୍ ଆଣିବାକୁ ଘରକୁ ଦୌଡ଼ିଲା।

ସେ କାବ୍‌ବା ହୋଇ ଠିଆ ହୋଇଥିଲା।

ହାତରେ ହଳେ ସୁନ୍ଦର ଡ୍ରେସ୍। ପିଲାଟି ଦୌଡ଼ି ଦୌଡ଼ି ଆସି ତା' ପାଖରେ ପହଞ୍ଚିଲା। ତାକୁ ଡ୍ରେସ୍ ଦେଲା। ହସି ହସି କହିଲା- 'ନେ' ପିନ୍ଧିପକା। ତୁ ସୁନ୍ଦର ଦିଶିବୁ।'

- 'ଏତେ ସୁନ୍ଦର ଡ୍ରେସ୍ !' ଡ୍ରେସ୍ ଦେଖୁ ଦେଖୁ ସେ କହି ପକାଇଲା ମନକୁ ମନ। ତା'ର ଲୋଭ ହେଲା, ହେଲେ ଆଣିବାକୁ ହାତ ଯାଉନଥିଲା।

- 'ପିଙ୍ଗୁଳା ଦିହରେ ରହନ୍ତିନି। ମୋ ମା' ମୋତେ

ସବୁବେଳେ ଏକଥା କହନ୍ତି । ନଉନୁ..., କ'ଣ ଭାବୁଛୁ ?' ପିଲାଟି ପୁଣି କହିଲା । ଖୁବ୍ ଆନ୍ତରିକତା ଥିଲା ତା' ସ୍ୱରରେ ।

ନିଜକୁ ସମ୍ଭାଳି ପାରିଲା ନାହିଁ । ଏଥର ସେ ବଦଳାଇ ଦେଲା ତା'ର ଡ୍ରେସ୍ ।

ନୂଆ ଡ୍ରେସ୍ ପିନ୍ଧିଲା ପରେ ତା'ର ମନଟା ଭାରି ଖୁସି ଖୁସି ହୋଇଗଲା । ଏକମୁହାଁ ହୋଇ ଘରଆଡ଼େ ଦୌଡ଼ିଲା ।

ଏବେ ସେ ତା' ନିଜକୁ ତା' ବାପାକୁ ଦେଖେଇବା ପାଇଁ ଇଚ୍ଛା କଲା । ଏକମୁହାଁ ହୋଇ ଘରଆଡ଼େ ଦୌଡ଼ିଲା

ବାପା ପାଖରେ ପହଞ୍ଚିଲା ସେ ।

- 'ମୁଁ କେଡ଼େ ସୁନ୍ଦର ଦିଶୁଛି !' ଖୁସି ଖୁସି ସ୍ୱରରେ ବାପାକୁ କହିଲା । ଠିଆ ହୋଇ ରହିଥିଲା ବାପା ସାମ୍ନାରେ ।

ବାପା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ତାକୁ ।

ଏହାପରେ ଏଡ଼େ ସୁନ୍ଦର ଡ୍ରେସ୍ ସେ କିପରି ପାଇଲା ତା'ର ଗୋଟେ ବର୍ଣ୍ଣନା ଦେଲା ସେ ବାପା ଆଗରେ । ବାପା ଖୁସି ହେବ ବୋଲି ଭାବୁଥିଲା । ଅପେକ୍ଷା କରୁଥିଲା ବାପାର ଖୁସିର ଚେହେରାକୁ ।

ସେଯାଏ ସବୁକିଛି ଠିକ୍‌ଠାକ୍ ଥିଲା । ହଠାତ୍ ବଦଳିଗଲା ତା' ବାପା । ରାଗିଯାଇ ରୁକ୍ଷସ୍ୱରରେ କହିଲା- 'କାଲି ଯଦି ତୋ ବାପାକୁ କେହି ବଦଳାଇ ଦେବାକୁ ତତେ କହେ । ଦେଖୁଛି ତୁ ବଦଳାଇ ଦେବୁ !'

ଆଜି ଯାଏ ତା' ପ୍ରତି ପିଲା ପରି ବ୍ୟବହାର କରିଆସିଥିବା ବାପାର ଏଇ ରୁକ୍ଷତା ତାକୁ ଭାରି ବାଧିଲା । ନିଜର ଭୁଲ୍ ବୁଝିପାରିଲା ସେ । ପିନ୍ଧିଥିବା ଡ୍ରେସ୍‌କୁ ତୁରନ୍ତ ଖୋଲିପକାଇଲା ।- 'ଯାଉଛି ଫେରାଇ ଦେବି । କ'ଣ ହବ ମୋର ଏ ଡ୍ରେସ୍ ? ମୋ ବାପା ପାଖରେ ଥିଲେ ମୋର ସବୁ ଅଛି ।' ଏତିକି କହି ଯେଉଁ ପିଲାଠାରୁ ଆଣିଥିଲା ତାକୁ ତାହା ଫେରାଇ ଦେବା ଉଦ୍ଦେଶ୍ୟରେ ଏକମୁହାଁ ଧାଇଁଲା ।

- 'କେହି ଜଣେ କୁହନ୍ତାକି ଆସି ! ନରହରି ! ତୁ ଏତେ ଦିନ ଯାଏଁ ତାର ବାପା ହେଲୁ । ଏବେଠୁଁ ମୁଁ ତାର ବାପା ହେବାକୁ ଚାହେଁ । ଯାହା ହେଲେ ହୁଅନ୍ତା ପଛେ, ନିଜକୁ ବଦଳ କରିଦିଅନ୍ତି । ସୁନ୍ଦର ଖାଦ୍ୟ, ସୁନ୍ଦର ବସ୍ତ୍ର, ସୁନ୍ଦର ବାସଗୃହ,ସୁନ୍ଦର ଶିକ୍ଷା- ଏସବୁ ଆବଶ୍ୟକତା କେବଳ ସୁନ୍ଦର ବାପା ଜଣେ ପୂରଣ କରିପାରେ । ଧିକ ଏ ଦରିଦ୍ର, ଦୁଃଖୀ, ଅସୁନ୍ଦର ଜୀବନକୁ । ପିଲାଟା ପାଇଁ ତା' ବାପା ବଦଳିଯାଉ ।

ତା ପାଖରୁ କେତେବେଳୁ ଚାଲିଗଲାଣି ପିଲାଟା । ହେଲେ ଘର ବାରଣ୍ଡାରେ ଏକା ଏକା ବସି ମନଦୁଃଖରେ ଏଇକଥାକୁ ବାରମ୍ବାର ନିଜକୁ କହୁଥିଲା ନରହରି ।

*ନିର୍ମାଲ୍ୟ, ନୂଆପଡ଼ା, ନୟାବଜାର,କଟକ-୪*

# ଅବ୍ୟକ୍ତ

**- ଶ୍ରୀ ନିରଞ୍ଜନ ତ୍ରିପାଠୀ**

ସେ ଦିନ ଇଚ୍ଛା ନ ଥିଲେ ମଧ ମୋ ଭାଇର ଶଳା ସହ ତା ଶ୍ୱଶୁର ଘରକୁ ଗଲି । ବେଳେବେଳେ ଏମିତି ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ । ଭାଇ ଶଳାର ଶ୍ୱଶୁର ଅବସରପ୍ରାପ୍ତ ପ୍ରଧାପକ । ନିକଟ ଅତୀତରେ ତାଙ୍କ ପତ୍ନୀଙ୍କର ଦେହାନ୍ତ ଘଟିଛି । ଭଦ୍ରଲୋକଙ୍କର ଦୁଇ ପୁଅ । ଜଣେ ରହୁଛି ଭୁବନେଶ୍ୱରରେ, ଆଉ ଜଣେ ବ୍ରହ୍ମପୁରରେ । ଭଦ୍ରଲୋକ ରହୁଛନ୍ତି ଜଟଣୀରେ । ଏକା....... । ମୋତେ ଦେଖି ବହୁତ ଖୁସି ହୋଇଗଲେ ଓ ଆଦରରେ ଘରକୁ ଟାଣି ନେଲେ । ତାଙ୍କର ଏ ପରିବର୍ତ୍ତି ରୂପ ଦେଖି ଆଶ୍ଚର୍ଯ୍ୟ ହୋଇଗଲି ମୁଁ । କାରଣ ତାଙ୍କର ସାନ ପୁଅ ପାଇଁ ମୁଁ ଦିନେ ମୋ ଝିଅର ପ୍ରସ୍ତାବ ନେଇ ଆସିଥିଲି ଓ ଭଦ୍ରଲୋକ ଆଗ୍ରାହ୍ୟ କରି ଦେଇଥିଲେ । କାହିଁକି ? ତାର କାରଣ ମୁଁ ଏ ପର୍ଯ୍ୟନ୍ତ ଜାଣିପରିଲି ନାହିଁ । ମୋ ଝିଅ ଅବଶ୍ୟ ଭଲ ପରିବାରରେ ବାହା ହୋଇଛି । ତା ଶାଶୁଶ୍ୱଶୁରଙ୍କ ମେଳରେ ରହୁଛି । ଆହୁରି ଆଶ୍ଚର୍ଯ୍ୟ ଲାଗିଲା, ଯେତେବେଳେ ଭଦ୍ରଲୋକ ମୋ ଝିଅର ପ୍ରଶଂସା କଲେ । ମୁଁ ଦେଖିଲି ମୋ ଭାଇର ଶଳା ମୁହଁ ସଙ୍କୋଚରେ ଛୋଟ ହୋଇଗଲା ।

:ବୁଝିଲେ ଭାଇନା ! ମୋ ଶଳା ଭାଉଜ ବହୁତ ଭଲ । ପ୍ରତି ସପ୍ତାହାନ୍ତରେ ଜଟଣୀ ଆସି ସପ୍ତାହକ ପାଇଁ ରାନ୍ଧି ଦେଇ ଫ୍ରିଜରେ ରଖି ଦେଇ ଯାଆନ୍ତି । ଆଉ ଜଣେ ମେଡ୍ ସର୍ଭେଣ୍ଟ ଆସି ଅନ୍ୟ କାମ ସବୁ କରିଦିଏ । ବୁଢ଼ାଙ୍କର କିଛି ଅସୁବିଧା ହୁଏନି । ମୁଁ କିନ୍ତୁ କହି ପାରିଲି ନାହିଁ ଯେ, ତା ଯାଆଁଳା ଠାରୁ ଜଟଣୀ ବିଶେଷ ଦୂର ନୁହେଁ । ତେଣୁ ସେମାନେ ଜଟଣୀରେ ବି ନିଜ ଘରେ ରହିପାରିଥାନ୍ତେ, ଭଦ୍ରଲୋକଙ୍କୁ ଏକା ରହିବାକୁ ନ ଦେଇ । ନୀରବରେ ହସି ଦେଲି କେବଳ ।

***ଶ୍ରୀନଗର ସାହି, ଛତ୍ରପୁର, ଗଞ୍ଜାମ***

# ଚଳଚ୍ଚିତ୍ର ଜଗତ

– ସ୍ୱରୂପା ପ୍ରିୟଦର୍ଶିନୀ ପଣ୍ଡା ସାମନ୍ତ

କାହିଁ କେଉଁ କାଳରୁ ମନକୁ ଆନ୍ଦୋଳିତ କଲା ଭଳି ସିନେମାଟିଏ ନଜରକୁ ଆସିନାହିଁ । ଅତ୍ୟଧିକ କାମର ଚାପକୁ ଆଡ଼େଇ, ମନ ଫୂର୍ତ୍ତି କରିବା ଆଶାରେ, ଗତ ସପ୍ତାହରେ ଦେଖିଥିବା ସିନେମାର କିୟଦଂଶ ବେଳ ଅବେଳରେ ମନକୁ ଆସି ବିବ୍ରତ କରୁଛି । ଆଉ ଯଦି କାହାଣୀ ଉପରେ ଟିପ୍ପଣି କରାଯାଏ, ତେବେ କାହାଣୀ ଲେଖିଥିବା ଭଦ୍ରଲୋକଙ୍କ ମସ୍ତିଷ୍କ ବିକୃତ ଭଳି ମନେ ହୁଏ । ସାଙ୍ଗକୁ ସିନେମାର ଶୀର୍ଷକ ପ୍ରଚଣ୍ଡ ଅରୁଚିକର । ଆମ ଭାଷାରେ ଖୁବ୍ ଭଲ କାହାଣୀ ଅଛି । ଅନେକ ବିଜ୍ଞ ଲେଖକ ଅଛନ୍ତି । ଦକ୍ଷ ନିର୍ଦ୍ଦେଶକ ଓ ଅଭିନେତା ଅଭିନେତ୍ରୀ ଅଛନ୍ତି । ତଥାପି ସିନେମା ଜଗତରେ ଏ ବିପର୍ଯ୍ୟୟର କାରଣ କ'ଣ ହୋଇପାରେ ! ଏମିତି କିଛି ସମ୍ଭାବ୍ୟ ପ୍ରଶ୍ନରେ ରାଜୁ କଲବଲ ହେଉଥିଲା । ସମ୍ଭବତଃ ସେ କିଛି କରିବାକୁ ଚାହୁଁଥିଲା । କିନ୍ତୁ ଅନୁଭୂତି ଅଭାବରୁ ଦ୍ୱନ୍ଦରେ ପଡୁଥିଲା ।

"କଲେଜର ବାର୍ଷିକ ଉତ୍ସବ ନିମନ୍ତେ ତୁ ନାଟକ ଲେଖୁଥିଲୁ । ମନେ ଅଛି ?" ହଠାତ୍ ସେଦିନ ତା' କଲେଜ ବେଳର ବନ୍ଧୁ ଆଶିଷ୍ କହିବାରୁ, ସେ ଚମତ୍କୃତ ହେଲା ।

କୌଣସି ବିଖ୍ୟାତ ଲେଖକଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଲେ କେମିତି ହୁଅନ୍ତା ! ଗତ ଦୁଇବର୍ଷ ଭିତରେ ସେ ଯେତେ ସିନେମା ଦେଖିଛି ସବୁର ସଂଳାପ ଖୁବ୍ ନିମ୍ନ ମାନର । ଚରିତ୍ର ଗୁଡ଼ିକ ମଧ ଦୁର୍ବଳ । କାହାଣୀ ପ୍ରସଙ୍ଗ ନ ଉଠାଇବା ଭଲ । ସେ ଯନ୍ତ୍ରବତ୍ ନିଜ କୁନି ପାଠାଗାର ଭିତରକୁ ପଶିଲା । ଅନେକ କାଳଜୟୀ କାହାଣୀ ମଧରୁ ଗୋଟିଏ କାହାଣୀ ବାଛିବା ଖୁବ୍ କଷ୍ଟସାଧ । ଦୀର୍ଘ ମାସେ କାଳ ସେ ନିଜକୁ ବହିଗୁଡ଼ିକ ଭିତରେ ହଜାଇଲା ପରେ ତା' ହାତରେ ଥିଲା, ଏକ ଭାବପୂର୍ଣ୍ଣ ଉପନ୍ୟାସ । ସଂଳାପ ଲେଖିବା ପୂର୍ବରୁ ଉପନ୍ୟାସଟିକୁ ଭଲ ଭାବେ ପଢ଼ିବାକୁ ହେବ । ନଚେତ୍ ସଂଳାପ ଲେଖିବା ସମ୍ଭବ ହେବନି । ଉପରକୁ ସହଜ ମନେ ହେଉଥିବା କାମଟି ଯେ ଅସଲରେ କେଡ଼େ କଷ୍ଟକର, ଏକଥା ତା' ମଗଜକୁ ଢୁକିଲା, ଯେତେବେଳେ ସେ ସଂଳାପ ଲେଖିବା ଆରମ୍ଭ କଲା ।

ଦେଢ଼ବର୍ଷ ଗତ ହୁଅନ୍ତେ, ସାଧାରଣ ରାଜୁରୁ ସେ ପାଲଟି ଯାଇଥିଲା ଜଣେ ସଂଳାପ ଲେଖକ । ଏଣିକି ଅନେକ ତାକୁ ଲେଖକ ବାବୁ ବା ଲେଖକ ମହାଶୟ ବୋଲି ଡାକୁଥିଲେ । ତା'ଛଡ଼ା କେତେକ ବଳିଷ୍ଠ କାହାଣୀକୁ ସଂଳାପର ରୂପ ଦେଇଥିବା ସଂଳାପ ହିସାବରେ ବନ୍ଧୁ ମହଲରେ ସେ ସମ୍ମାନର ପାତ୍ର ମଧ ହୋଇଥିଲା । ସମସ୍ତେ ତାକୁ ପ୍ରଶଂସା କରୁଥିଲେ । ଅବଶ୍ୟ ଏ ସଂଳାପ ଲେଖିବା ସମୟରେ ସେ କଠିନ ପରିଶ୍ରମ କରିଛି । ସହାୟତା ସକାଶେ ଅନେକ ଲେଖକଙ୍କ ପାଖକୁ ଦୌଡ଼ିଛି । ଅନେକ ବହି ପଢ଼ିଛି । ଟିକିନିଖି ଅନୁଧ୍ୟାନ କରିଛି । ବିଭିନ୍ନ ଭାଷାର ସିନେମା ଦେଖିଛି । ବିଜ୍ଞଙ୍କ ସଙ୍ଗେ ଚର୍ଚ୍ଚା କରିଛି । ନିଜେ ରାତାରାତି ଅନିଦ୍ରା ରହି ବିଷୟ ବସ୍ତୁକୁ ତର୍ଜମା କରିଛି । ତେବେ ଯାଇଁ ଆଶାନୁରୂପ ସଂଳାପ ଲେଖିବାକୁ ସେ ସକ୍ଷମ ହୋଇଛି ।

ଯଦିଓ ସେ ସଂଳାପ ଲେଖିଥିବା ସିନେମାଗୁଡ଼ିକ, ଇତି ମଧରେ ଅନେକ ପୁରସ୍କାର ପାଇଛି, ତଥାପି ବିଶେଷ ଲୋକପ୍ରିୟ ହୋଇ ପାରିନାହିଁ । ସିନେମା ଲୋକପ୍ରିୟ ହେବା ପାଇଁ, ପ୍ରକୃତରେ କ'ଣ ଆବଶ୍ୟକ ? ରାଜୁ ଭାବୁଥିଲା ।

"ବିଶିଷ୍ଟ କଥାକାର ଶ୍ରୀଯୁକ୍ତ ରାୟଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ, ଯେଉଁଟି ଗତବର୍ଷ ପୁରସ୍କାର ପାଇଲା । ଯେଉଁଟି ତିନିବର୍ଷ ତଳେ ବିଦେଶର ଦୁଇଟି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି । ଆପଣ ଜାଣିଛନ୍ତି ! ଅତି ଚମତ୍କାର ବିଷୟବସ୍ତୁ । ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅତ୍ୟନ୍ତ ଉଚ୍ଚକୋଟୀର । ମୋ ମତରେ, ତା' ଉପରେ ସିନେମାଟିଏ କଲେ ଖୁବ୍ ଭଲ ହୁଅନ୍ତା । ସମାଜକୁ ଭଲ ବାର୍ତ୍ତା ମିଳନ୍ତା । ମୁଁ ସେ ଉପନ୍ୟାସକୁ ନେଇ ସଂଳାପ ଲେଖିଛି । ଆପଣ ଥରେ ନଜର ପକାନ୍ତୁ । ମୋର ବିଶ୍ୱାସ ଆପଣ ନିରାଶ ହେବେନି ।" ନାମୀ ନିର୍ଦ୍ଦେଶକଙ୍କୁ ରାଜୁ ପ୍ରାୟ ମିନତି କଲା । ସଗର୍ବେ ନିର୍ଦ୍ଦେଶକ ମହୋଦୟ ସଂଳାପଟିକୁ ହାତକୁ ନେଲେ । ଦୁଇ ତିନି ପୃଷ୍ଠା ଓଲଟାଇ, ପୁଣି ଟେବୁଲ ଉପରେ ରଖିଦେଲେ । ବଡ଼ ଆଶାୟୀ ଦୃଷ୍ଟିରେ, ରାଜୁ ନିର୍ଦ୍ଦେଶକଙ୍କୁ ଚାହିଁଥାଏ ।

"ନା' ଚଳିବନି । ଅସଲ ଦୃଶ୍ୟ କାହିଁ !" ନିର୍ଦ୍ଦେଶକ ଭ୍ରୂକୁଞ୍ଚନ କଲେ ।

"ଅସଲ ଦୃଶ୍ୟ !" ରାଜୁ ବିଚଳିତ ହେଲା ।

"ସଂଳାପ ଲେଖୁଛ ! ଅଥଚ ଅସଲ ଦୃଶ୍ୟ ବୁଝୁନାହିଁ ! ଯେଉଁ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ଗୁଡ଼ିକ ପାଇଁ ପବ୍ଲିକ୍ ଥିଏଟରକୁ ଟାଣି ହୋଇଆସେ । ଯେଉଁଥିପାଇଁ ସିନେମାର ବ୍ୟବସାୟ କୋଟି କୋଟି

ଟଙ୍କା ହୁଏ ।" ନିର୍ଦ୍ଦେଶକ ଦକ୍ଷିଣ ପଟ କାନ୍ଥକୁ ଆଙ୍ଗୁଳି ନିର୍ଦ୍ଦେଶ କଲେ । ରାଜୁର ନଜର, ନିର୍ଦ୍ଦେଶକଙ୍କ ଆଙ୍ଗୁଳିକୁ ଅନୁସରଣ କଲା । କାନ୍ଥରେ ଏକ ଅଶ୍ଳୀଳ ଚିତ୍ର । ରାଜୁ ଚମକି ପଡ଼ିଲା । "ଅଭିନେତା, ଅଭିନେତ୍ରୀ ଏସବୁ ପାଇଁ କ'ଣ ରାଜି ହେବେ ।" ରାଜୁ ସଂଶୟ ପ୍ରକାଶ କଲା ।

"ହଇଓ ବାବୁ ! ସିନେମା ସମ୍ବନ୍ଧୀୟ କୌଣସି ଜ୍ଞାନ ବୋଧେ ତୁମର ନାହିଁ । ଏଭଳି ବିଶେଷ ଦୃଶ୍ୟ ନିମନ୍ତେ ବିଦେଶରୁ ଅଭିନେତ୍ରୀ ଅଣାଯାଏ ।" ନିର୍ଦ୍ଦେଶକ ନିଜ ଜ୍ଞାନର ସୂଚନା ଦେଲେ । ରାଜୁ ଦ୍ୱନ୍ଦରେ ପଡ଼ିଲା । ଅନେକ ସମୟ ଭାବିଲା ପରେ ସେ କହିଲା, "ମାନୁଛି ସିନେମାରେ ମୋର ବିଶେଷ ଜ୍ଞାନ ନାହିଁ । କିନ୍ତୁ ସିନେମାଟିଏ ପାଇଁ ପ୍ରଥମେ ଆବଶ୍ୟକ ଭଲ କାହାଣୀ ଏବଂ ଉତ୍ତମ ସଂଳାପ । ବାକି ରହିଲା ନିର୍ଦ୍ଦେଶନା ଓ ଅଭିନୟ । ମୁଁ ଜାଣେ, ଆପଣ ଜଣେ ଦକ୍ଷ ନିର୍ଦ୍ଦେଶକ । ଅତଏବ ଚରିତ୍ରକୁ ଖାପ ଖାଇଲା ଭଳି ଅଭିନେତା ଏବଂ ଅଭିନେତ୍ରୀ ଆପଣ ଅଚିରେ ବାଛିନେବେ । ସେ ବିଶ୍ୱାସ ମୋର ଅଛି । କିନ୍ତୁ ଏସବୁ ପର କଥା । ପ୍ରଥମେ ଆପଣ ସଂଳାପ ପଢ଼ନ୍ତୁ ।"

ଦୁଇ ଢୋକ ପାଣି ପିଇ ନିର୍ଦ୍ଦେଶକ କହିଲେ, "ଏଭଳି କାହାଣୀ ଏବଂ ସଂଳାପ ଦେଖି କୌଣସି ପ୍ରଯୋଜକ ଖର୍ଚ୍ଚ କରିବାକୁ ଚାହିଁବେନି । ତଥାପି ମୁଁ ଚେଷ୍ଟା କରିବି । ତମେ ଯାଅ । ପନ୍ଦର ଦିନ ଛାଡ଼ି ଆସିବ ।"

ଦୁଇଦିନ ତଳେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶକଙ୍କ ଇଣ୍ଟରଭ୍ୟୁ ରାଜୁ ଟିଭିରେ ଦେଖିଥିଲା । ସଦ୍ୟ ତାଙ୍କର ଏକ ସିନେମା, ସିନେମା ଜଗତକୁ ଭିନ୍ନମୋଡ଼ ଦେଇଛି । ସେ କୁଆଡ଼େ ଅଦ୍ଭୁତ ସିନେମାମାନ ନିର୍ମାଣ କରିପାରନ୍ତି । ତାଙ୍କ ନିର୍ଦ୍ଦେଶନା ଶୈଳୀ ଏକବାର ଭିନ୍ନ । ଶୁଣାଯାଉଛି ପ୍ରଯୋଜକ ବୃନ୍ଦ ତାଙ୍କ ପଛରେ ଗୋଡ଼ାନ୍ତି । ତେବେ ନିଃସନ୍ଦେହ ନିର୍ଦ୍ଦେଶକ ମହୋଦୟ ଜଣେ ଗୁଣୀ ଲୋକ । ଅତଏବ ଅନେକ ଆଶା ନେଇ ସେ ଆସିଥିଲା । ରାଜୁ ଦୀର୍ଘଶ୍ୱାସ ନେଲା ।

ପନ୍ଦର ଦିନ ପରେ, ରାଜୁ ନିର୍ଦ୍ଦେଶକଙ୍କ ଅଫିସ୍ ମୁହାଁ ହେଲା । ତାକୁ ଦେଖି ନିର୍ଦ୍ଦେଶକ ଗୋଲାକାର ପେପରଓ୍ୱେଟ ଟିକୁ ଘୁରାଇବାକୁ ଲାଗିଲେ ।

"ଆଜ୍ଞା ! କିଛି ହେଲା ?" ନମ୍ରଭରେ ରାଜୁ ପଚାରିଲା ।

"ହବ କ'ଣ !" ନିର୍ଦ୍ଦେଶକ ପାଲଟା ପ୍ରଶ୍ନ କଲେ ।

ରାଜୁ ସାମାନ୍ୟ ବ୍ୟସ୍ତ ହେଲା । "ଓଃ ! କଥା କହିବାର ଶୈଳୀ କହିବାର ତାକୁ ଜଣାନାହିଁ । "ମନେ ମନେ ସେ ନିଜକୁ ତାଗିଦ୍ କଲା । ପରେ ମୁହଁରେ ସାମାନ୍ୟ ହସ ଫୁଟାଇ, ସେ କହିଲା, "ମୋ କହିବାର ଅର୍ଥ, ସିନେମା କରିବା ବିଷୟରେ ଆପଣ କ'ଣ ସ୍ଥିର କଲେ ?"

"ହଁ ! ସେ ପ୍ରସଙ୍ଗକୁ ନେଇ ମୁଁ ଦ୍ୱନ୍ଦରେ ପଡ଼ିଛି । ମୋ ପାଖରେ ଭିନ୍ନ ଭିନ୍ନ ଭାଷାର ଅନେକ କାହାଣୀ ଅଛି । କେଉଁଟିକୁ ନେଇ ସିନେମା କରିବି ଚିନ୍ତାରେ ପଡ଼ିଛି । ଏଣେ ଏ ବର୍ଷ ହଲିଉଡ଼ରେ କେତେକ ଆକର୍ଷଣୀୟ ସିନେମା ବାହାରିଛି । ସେଥିରୁ ଗୋଟାଏ ନକଲ କଲେ ମଧ ଭଲ ଲାଭ ହୁଅନ୍ତା ।" ମୁହଁ ଶୁଖାଇ ନିର୍ଦ୍ଦେଶକ କହିଲେ । ବାସ୍ତବିକ ସେ ଚିନ୍ତିତ ଜଣା ପଡୁଥିଲେ ।

"ଆଜ୍ଞା ! ଆମ ଭାଷାରେ ଅନେକ ମୁଗ୍ଧକର କାହାଣୀ ଥାଉ ଥାଉ, ଅନ୍ୟ ଭାଷାର କାହାଣୀ ନେଇ ସିନେମା କରିବା କ'ଣ ଉଚିତ୍ ହେବ ! ଆମ ଭାଷାରେ ଏମିତି ଅନେକ କାହାଣୀ ଅଛି ଯାହା ବିଦେଶରେ ମଧ ଆଦୃତ ହୋଇଛି । ଏବଂ ମୁଁ ଯେଉଁ ସଂଳାପ ଲେଖିଛି, ସେ କାହାଣୀ ଖୁବ୍ ଶକ୍ତିଶାଳୀ । ଆପଣ ସେ କଥା ଜାଣନ୍ତି । ଅତଏବ୍... ।"

"ତମ ମତ ଗ୍ରହଣ ଯୋଗ୍ୟ ନୁହେଁ । ବିଦେଶରେ ଆଦୃତ ହେଲେ କ'ଣ ହେବ ? ଆମ ଲୋକଙ୍କୁ ଭଲ ଲାଗିଲେ ତ ! ଉପନ୍ୟାସ ଲେଖିବାକୁ ପଇସା ଲୋଡ଼ା ନାହିଁ । କିନ୍ତୁ ବିନା ପଇସାରେ ସିନେମା ହୁଏନା । ଏକଥା ମନେ ରଖିବାକୁ ହେବ ।" ନିର୍ଦ୍ଦେଶକ ତାକୁ ବାଧା ଦେଲେ ।

"ତମ ଯୋଗୁଁ ମୁଁ ମଧ ଅପମାନ ପାଉଛି । ବଡ଼ ବଡ଼ ପ୍ରଯୋଜକ ମାନେ ମୁହଁ ଫେରାଉ ନେଉଛନ୍ତି । ମତେ ଥଟ୍ଟା କରୁଛନ୍ତି ।" ରାଜୁ ଅବୋଧ ଶିଶୁଟିଏ ଭଳି ନିର୍ଦ୍ଦେଶକଙ୍କ ମୁହଁକୁ ଚାହିଁଥାଏ ।

"ଚାହିଁଛ କ'ଣ ? ବୁଝିଲ ଲେଖକ ମହାଶୟ ! କାହାଣୀକୁ ଭିତ୍ତି କରି ସିନେମା କଲେ, ଏଣିକି କେହି ପସନ୍ଦ କରୁ ନାହାନ୍ତି । ସମସ୍ତେ ପ୍ରତ୍ୟେକ ଦୃଶ୍ୟରେ ରୋମାଞ୍ଚ ଚାହୁଁଛନ୍ତି । ଯାହା ତାଙ୍କୁ କ୍ଷଣିକ ଉତ୍ତେଜନା ଦେଉଛି । ବର୍ତ୍ତମାନ ସଭିଏଁ କ୍ଷଣିକ ଆନନ୍ଦ ପଛରେ ମତ୍ତ । ହାଲୁକା ବିଷୟବସ୍ତୁ ଲୋକଙ୍କ ନିମନ୍ତେ ଠିକ୍ । ତମେ ଯେଉଁ କାହାଣୀ ନେଇଛ, ସତ କହିବାକୁ ଗଲେ ଗୋଟିଏ ଦିନବି ଚାଲିବନି । ଅତଏବ ମୋ ନା' ମଧ ଖରାପ ହେବ ।" ନିର୍ଦ୍ଦେଶକ ଗଭୀର ଶୋକ ପ୍ରକାଶ କଲେ ।

ରାଜୁ ନିରବ ରହିଲା । ହୁଏତ କ'ଣ କହିବ ଭାବୁଥିଲା । ନିର୍ଦ୍ଦେଶକ କହିଲେ, " ମାସେ ପରେ ଆସିବ । ଏବେ ଯାଅ । ମୋର ଅନେକ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଛି ।" ନିର୍ଦ୍ଦେଶକ ଅଫିସରୁ ବାହାରିଗଲେ । ଜମାଟ ବାନ୍ଧି ଯାଇଥିବା ନିରବତା ଭିତରେ ରାଜୁ ଏକୁଟିଆ ବସି ରହିଲା । ମନେ ହେଲା, ସତେ ଅବା ସେ ନିରବତା ନିମିଷକ ମଧରେ ରାଜୁକୁ ଗିଳି ପକାଇବ । ରାଜୁ ଭୟରେ ପ୍ରାୟ ଧାଇଁଲା । ମୁଖ୍ୟ ରାସ୍ତା ଧରିବା ପର୍ଯ୍ୟନ୍ତ, ତା' ଦୌଡ଼ ଅବ୍ୟାହତ ରହିଲା ।

"ଅନେକ ଧାଁ ଦଉଡ଼ ପରେ ଜଣେ ପ୍ରଯୋଜକ ରାଜି ହୋଇଛନ୍ତି । ଅବଶ୍ୟ କାହାଣୀ ଏବଂ ସଂଳାପକୁ ମୁଁ ସାମାନ୍ୟ ସଜାଡ଼ି ଦେଇଛି । ତମେ ଥରେ ନଜର ପକାଅ । ଜରୁରୀ ପରିସ୍ଥିତିରେ ଆହୁରି ପରିବର୍ତ୍ତନ ହୋଇପାରେ । ପ୍ରଯୋଜକ ଯେମିତି ଚାହିଁବେ, ସେମିତି କରିବାକୁ ହେବ ।" ମାସଟିଏ ପରେ ମନରେ ଅନେକ ଆଶା ବାନ୍ଧି, ରାଜୁ ନିର୍ଦ୍ଦେଶକଙ୍କ ଅଫିସରେ ପାଦ ଦିଅନ୍ତେ ନିର୍ଦ୍ଦେଶକ ସୂଚନା ଦେଲେ ।

"ମୁଁ ଏ କ୍ଷେତ୍ରରେ ନୂଆ । କିନ୍ତୁ ଆପଣ ତ ପ୍ରବୀଣ । ଅତଏବ ପରିବର୍ତ୍ତନ କରି ଆପଣ ଏକବାର ଠିକ୍ କରିଛନ୍ତି ।" ରାଜୁ ଉଲ୍ଲସି ଉଠିଲା । ଖୁସିରେ ଫାଟି ପଡ଼ି କାହାଣୀ ପଢ଼ିବା ଉଦ୍ଦେଶ୍ୟରେ ଫର୍ଦ୍ଦ ପରେ ଫର୍ଦ୍ଦ ସେ ଓଲଟାଇବାକୁ ଲାଗିଲା । ମାତ୍ର କେଇ କ୍ଷଣ ଭିତରେ, ତା ହସହସ ମୁହଁ ଧୀରେ ଧୀରେ ବିକୃତ ହେବାକୁ ଲାଗିଲା । ସାମ୍ନାରେ ଅନ୍ୟ ଗ୍ରହର ପ୍ରାଣୀ ଦେଖିଲା ପରି, ସେ ହତବାକ୍ ହେଲା ।

ସର୍ବଦା ନିମ୍ନ ସ୍ୱରରେ କଥା କହୁଥିବା ରାଜୁ ଚିତ୍କାର କଲା, "ଏ କ'ଣ ! ଏଥିରେ ଶ୍ରୀଯୁକ୍ତ ରାୟଙ୍କ ଉପନ୍ୟାସର ଲେଶ ମାତ୍ର ନାହିଁ । ଆଉ ଆପଣ ସଂଳାପ ନା' ରେ ଯାହା ମୋତେ ପଢ଼ିବାକୁ ଦେଇଛନ୍ତି ତାହା କେବଳ ଅନେକ ଶବ୍ଦର ମେଳ ଯାହାର ଅର୍ଥ କିଛି ନାହିଁ । ଏତେ ଗୁଡ଼ିଏ ଅଯଥା ଦୃଶ୍ୟ ପୁରାଇବାର କାରଣ କହିବେ କି !" ସେ ଜେରା କଲା । ନିର୍ଦ୍ଦେଶକ ହସିଲେ ଏକ ମନଖୋଲା ହସ । ସତେ ଅବା ସେ ଏପରି ଏକ ଅଜବ ପ୍ରାଣୀଟିଏ ଦେଖୁଛନ୍ତି, ଯାହାକୁ ଦେଖିବାର ସୌଭାଗ୍ୟ ଆଜି ପର୍ଯ୍ୟନ୍ତ କାହାରି ହୋଇନି । ତାଳିମାରି ସେ କହିଲେ, "ହସାଇଲ ବନ୍ଧୁ ! ହସାଇଲ । ବୋଧ ହୁଏ ତମେ ଜାଣିନାହିଁ, ପରିବର୍ତ୍ତନ କଲା ପରେ, ପ୍ରଯୋଜକ ରାଜି ହୋଇଛନ୍ତି । ତମେ କ'ଣ ଭାବୁଛ ! ରାୟବାବୁଙ୍କ କାହାଣୀ ପଢ଼ି ପଯୋଜକ ପ୍ରୀତ ହୋଇଛନ୍ତି । ତମେ ଯେଉଁ ଦୃଶ୍ୟକୁ ଅନାବନା କହୁଛ, ସେହି ଦୃଶ୍ୟ ହିଁ ସିନେମାକୁ ହିଟ୍ କରାଇବ । ନହେଲେ ରାୟବାବୁଙ୍କ କାହାଣୀ ଦେଖିବାକୁ ବା ତୁମ ସଂଳାପ ଶୁଣିବାକୁ ଲୋକ ଆସିବେ ! ଲୋକଙ୍କୁ ଏତେ ମୂର୍ଖ ଭାବିଛ !"

ବିଷାଦ ମନରେ ରାଜୁ ଉଠିଲା । ହାତଯୋଡ଼ି ନମ୍ରଭରେ ସେ ନିର୍ଦ୍ଦେଶକଙ୍କୁ କହିଲା, "ସିନେମାର ଏ ଅବସ୍ଥା ମୁଁ ଜାଣିନଥିଲି । ମୋତେ କ୍ଷମା କରିବେ । ବିକଳାଙ୍ଗ ସିନେମା ତିଆରି କରିବା ସପକ୍ଷରେ ମୁଁ ନୁହେଁ ।" ଏକ ପ୍ରକାର ଅସୁସ୍ଥ ମନ ନେଇ ସେ, ନିର୍ଦ୍ଦେଶକଙ୍କ ଅଫିସ ଛାଡ଼ିଲା ।

ମନେ ମନେ ବିଚାର କରୁଥିଲା ଘରକୁ ଯିବ ନା ଡାକ୍ତରଖାନା.... ।

*- ସିନସିନାଟି, ଓହାୟୋ, ଯୁକ୍ତରାଷ୍ଟ୍ର ଆମେରିକା*


॥ ଶାରଦୀୟ ଅଭିନନ୍ଦନ ॥



**ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ଦୀପକ କୁମାର ଦାଶ**
ଅଧ୍ୟାପକ
ଡ୍ରିମ୍ସ, ଟାଙ୍ଗୀ, କଟକ

॥ ଶାରଦୀୟ ଅଭିନନ୍ଦନ ॥



**ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ଡକ୍ଟର ରଞ୍ଜନ କୁମାର ଜତି**
ଆସୋସିଏଟ୍ ପ୍ରଫେସର୍
ଡ୍ରିମ୍ସ, ଟାଙ୍ଗୀ, କଟକ

# ସତ୍ୟର ଶକ୍ତି

- ବନଲତା ସିଂହ

ଯୌଥ ପରିବାର କହିଲେ ଲୋକମାନେ ଆଙ୍ଗୁଳି ଦେଖାନ୍ତି କଲ୍ୟାଣ ପୁରର ହରେକୃଷ୍ଣ ବାବୁ ଙ୍କ ଘରକୁ । ସେ ପରିବାର ଗୋଟିଏ ଏମିତି ପରିବାର ତାଙ୍କ ଘରେ କଳି କଜିଆ, ହିଂସା ରାଗ କେହି କେବେ ଦେଖି ନାହାନ୍ତି । ପୂଜ୍ୟ ପୂଜା, ସଦାଚାର ସେ ପରିବାରରେ ବଡ଼ରୁ ସାନ କ୍ରମାନୁସାରେ କାହିଁ କେତେ ପିଢ଼ୀରୁ ଲାଗି ରହିଛି । ସେ ପରିବାରରେ ସବୁଠାରୁ କନିଷ୍ଠ ହେଲେ ଦେବାଶୀଷ । କିନ୍ତୁ ସେ ଏକ ବ୍ୟତିକ୍ରମ । ସେ ସବୁ ବୁଝନ୍ତି, ଜାଣନ୍ତି, କିନ୍ତୁ ନ ଜାଣିବାର ଅଭିନୟ କରନ୍ତି । କାମ ଧନ୍ଦା ଶିକ୍ଷା ଦୀକ୍ଷା ଘର ସଂସାର ଏ ସବୁରେ ସେ ଉଦାସୀନ । ତାଙ୍କୁ କିଏ ବୁଝାଇ ପାରନ୍ତିନି କି ସେ ନିଜେ ବୁଝିବାକୁ ପ୍ରୟାସ କରନ୍ତିନି । ତାଙ୍କର ଯାହା ମନ ସେ ସେଇଆ ହିଁ କରନ୍ତି । ଦିନେ ଘରଲୋକ ବିଚାର କଲେ, ବେକରେ ଯୁଆଳି ପଡ଼ିଲେ ବଳେ ସବୁ ଶିଖିଯିବ । ଏଣୁ ତାଙ୍କର ବିଭାଘର କରିବାକୁ ମନସ୍ଥ କଲେ । ପ୍ରକାରାନ୍ତରେ ଦେବାଶୀଷ ଜାଣି ପାରିଲେ ତାଙ୍କର ବାହାଘର କରିବାକୁ ଘର ଲୋକେ ପ୍ରସ୍ତୁତ ହେଉଛନ୍ତି ।

ମୁଁ ଟିକେ ବାହାରକୁ ଯାଉଛି, ମୋତେ କେହି ଖୋଜିବାକୁ ଚେଷ୍ଟା କରିବନି କହି ଛୋଟିଆ କାଗଜରେ ଲେଖି ତକିଆ ତଳେ ରଖି ସମସ୍ତଙ୍କ ଅଜାଣତରେ ବାହାରି ଗଲେ । କାରଣ ଏ ସଂସାର ଆଉ ସଂସାରର ବୋଝ ତାଙ୍କୁ ଅତିଷ୍ଠ କରୁଥିଲା । ତାଙ୍କର କିଛି ଲକ୍ଷ ସାଧନ କରିବାକୁ ମନ ନଥିଲା କି ଉଦ୍ଦେଶ୍ୟ ବି କିଛି ନଥିଲା । ଏମିତି ଯାଇଁ ଯାଇଁ ସେ ହିମାଳୟରେ ପହଞ୍ଚିଗଲେ । ସେଠାରେ ସେ **ଯେଉଁ ଆଡ଼କୁ ଚାହିଁ**ଲା । କେବଳ ସାଧୁ ମାନଙ୍କୁ ଦେଖିଲା । ଯେଉଁଠାରେ ସାଧୁ ମାନେ ବସନ୍ତି । ସେ କେବଳ ତାଙ୍କ କଥା ଶୁଣେ ଆଉ ତାଙ୍କର କାର୍ଯ୍ୟ କଳାପ ସବୁ ବସି କରି ଦେଖେ । ଜଣେ ଅଭ୍ୟାଗତ ବସି ଥିବାର ଦେଖି ତାକୁ ସାଧୁମାନେ ଖାଇବାକୁ ଦିଅନ୍ତି । ଖଣ୍ଡେ ବସ୍ତ୍ର ଧୋଇ ଶୁଖାଇ ପିନ୍ଧିବାର ଦେଖି ସାଧୁମାନେ ତାଙ୍କୁ ଗେରୁଆ ବସ୍ତ୍ର ପ୍ରଦାନ କଲେ । ସେ ମଧ ବିନା ଆପତ୍ତିରେ ଖାଦ୍ୟ ବସ୍ତ୍ର ଗ୍ରହଣ କରେ ।

ସେ ଗୋଟିଏ ଜାଗାରେ ସ୍ଥିର ହୋଇ ରହେନା । ସେ ସବୁ ଆଡ଼େ ବିନା ଉଦ୍ଦେଶ୍ୟରେ ବୁଲେ । ମିଳିଲେ ଖାଏ । ନହେଲେ ଆରାମରେ ଶୋଇପଡ଼େ । କିଛି ବର୍ଷ ଗଲା ପରେ ସାଧୁ ମାନଙ୍କ ସାଙ୍ଗରେ ରହି ସେମାନଙ୍କ ପରି ଗେରୁଆ ବସ୍ତ୍ର ପିନ୍ଧି, ସାଧୁଙ୍କ ଖାଦ୍ୟ ଖାଇ ସାଧୁ ପରି ଚାଲି ଚଳନ ଶିଖିଲା ସିନା କିନ୍ତୁ ସାଧୁଙ୍କର ପ୍ରଭାବ କିଛି ତା' ଉପରେ ପଡ଼ିଲା ନାହିଁ । ଜଟା, ଦାଢ଼ି ଗେରୁଆ ବସ୍ତ୍ରରେ ଲୋକଟି ପୁରା ସାଧୁଙ୍କ ପରି ଦେଖା ଯାଉଥାଏ । ଦେଖିଲା ମାତ୍ରେ ଭକ୍ତି ଭାବ ଆସି ଯାଉଥାଏ । ଦିନେ ଭାବିଲା.... ମୁଁ ଏତେ ଦିନ ହେଲା ଆସିଲିଣି । ଗାଁରେ ଘର ଲୋକ କିପରି ଅଛନ୍ତି ଦେଖି ସାରି ପୁଣି ଚାଲି ଆସିବି । ଏହା ଭାବି ସେ ଗାଁ ଅଭିମୁଖେ ଯାତ୍ରା ଆରମ୍ଭ କଲା । ଅନେକ ବାଟ ଗଲା ପରେ, ଗୋଟିଏ ଗାଁ ବାଟେ ଯାଉ ଯାଉ ରାତି ହୋଇଗଲା । ଅନ୍ଧାର ରାତିରେ କୁଆଡ଼େ କିପରି ଯିବି କେଉଁଠି ରହିବି ଏମିତି ବସି ଭାବୁଛି । ସେହି ବାଟ ଦେଇ ଗୋଟିଏ ଲୋକ ଯାଉଥିଲା, ତାକୁ ଡାକି ପଚାରିଲା.... "ଆଜ୍ଞା" ଏଠି କେଉଁଠି ଅତିଥି ଭବନ ଅଛି କି ? ରାତ୍ରି ଯାପନ କରିବାକୁ । ସେ ଲୋକଟି କହିଲା... "ଆଜ୍ଞା" ଗାଁ ମାନଙ୍କରେ ଅତିଥି ଭବନ କେଉଁଠୁ ଆସିବ, ଆମର ଗଛ ମୂଳ କିମ୍ବା କାହାର ଦାଣ୍ଡ ପିଣ୍ଡା ଆମ ଅତିଥିଙ୍କର ଅତିଥି ଶାଳା । ତେବେ ଏହି ଗାଁ ମୁଣ୍ଡରେ ଜଣେ ଧର୍ମ ପରାୟଣ ବ୍ୟକ୍ତି ତାଙ୍କ ପରିବାର ସହିତ ବାସ କରୁଛନ୍ତି । ତାଙ୍କ ନାଁ ଧର୍ମାନନ୍ଦ । ସେ ସାଧୁ ସନ୍ଥ, ଅତିଥି ଅଭ୍ୟାଗତ ଦେଖିଲେ ବହୁତ ଆଦର କରି ଆଶ୍ରୟ ଦେବା ସହିତ ଖାଦ୍ୟପେୟ ବସ୍ତ୍ର ସବୁ ପ୍ରକାର ସତ୍କାର ଉତ୍ତମ ରୂପେ କରନ୍ତି । ଆପଣ ସେଇଠିକୁ ଯାଆନ୍ତୁ । ରାତ୍ରିଯାପନ ଆରାମରେ କରିପାରିବେ ।

ସାଧୁ ବେଶୀ ଭଦ୍ରଲୋକ ଅତ୍ୟନ୍ତ ଖୁସି ହୋଇ ଧର୍ମାନନ୍ଦଙ୍କ ଘରକୁ ଗଲେ । ଏବଂ ତାଙ୍କ ଆତିଥ୍ୟ ଗ୍ରହଣ କଲେ । ପ୍ରକୃତରେ ସେ ଲୋକଟି ଯାହା କହୁଥିଲେ । ତାହା ପ୍ରକୃତରେ ସତ୍ୟ । ଧର୍ମାନନ୍ଦ ଙ୍କ ବ୍ୟବହାର ରେ ଖୁସି ହୋଇ ସାଧୁ ବେଶଧାରୀ ଦିନକ ବଦଳରେ କିଛି ଦିନ ରହିଗଲେ । ଦିନେ ଧର୍ମାନନ୍ଦଙ୍କର ଛୋଟ ପୁଅଟି ବଗିଚାରେ ବଲ୍ ଖେଳୁ ଖେଳୁ ଗୋଟିଏ ଗାତରେ ବଲ୍‌ଟି ପଡ଼ିଗଲା । ପୁଅଟି ଦଉଡ଼ି ଯାଇ ଗାତ ଭିତରେ ହାତ ପୁରାଇ ବଲ୍‌ଟି ଆଣିଲା ବେଳକୁ ସେ ଗାତରେ ଗୋଟିଏ ଛୋଟ ନାଗସାପ ପୁଅ ହାତକୁ କାମୁଡ଼ି ଦେଲା । ପୁଅଟି ସାଙ୍ଗେ ସାଙ୍ଗେ ସେଇଠି ଓଲଟି ପଡ଼ିଗଲା ।

ଧର୍ମାନନ୍ଦ ବହୁତ ବ୍ୟସ୍ତ ହୋଇ ଯେତେ ଗୁଣିଆ ବଇଦ, ସାଧୁ ସନ୍ଥ ସମସ୍ତଙ୍କର ସାହାଯ୍ୟ ନେଇ ଶେଷକୁ ନିରାଶ ହୋଇ ଏହି ସାଧୁ ବେଶଧାରୀଙ୍କୁ ବାଧ କଲେ କିଛି କରିବା ପାଇଁ କିନ୍ତୁ ଲୋକଟି ତ ପ୍ରକୃତରେ ସାଧୁ ନୁହେଁ । ତାଙ୍କୁ କିଛି ଜଣା ମଧ ନାହିଁ । ଧର୍ମାନନ୍ଦଙ୍କର ବିକଳ ଦେଖି ସାଧୁ ନିଜକୁ ପ୍ରସ୍ତୁତ କରି ପୁଅ ପାଖକୁ ଗଲେ । ନିଜ ହାତଟିକୁ ପୁଅର ମୁଣ୍ଡ ଉପରେ ରଖି କହିଲେ..., "ଶୁଣ ସୁଜନେ ମୁଁ ବର୍ତ୍ତମାନ ନିରାଟ ସତ୍ୟ କହିବାକୁ ଯାଉଛି । ମୁଁ ପ୍ରକୃତରେ ସାଧୁ ନୁହେଁ । ମୋତେ ମଧ କିଛି ଜଣା ନାହିଁ । ଆମ ଘର ଭୁବନ ଗାଁରେ । ମୋର ଯୌଥ ପରିବାର । ମୁଁ କିନ୍ତୁ ଘରର କିଛି କାମ କରେନି କି କରିବାକୁ ଆଗ୍ରହ ପ୍ରକାଶ କରେନି । ମୋତେ ବିଭାଘର କରିବାକୁ ଏକ ପ୍ରକାର ଆଗ୍ରହ ପ୍ରକାଶ କରେନି । ମୋତେ ବିଭାଘର କରିବାକୁ ଏକ ପ୍ରକାର ବାଧ କଲେ । ତାଙ୍କର ଯୁକ୍ତି, ବେକରେ ଯୁଆଳି ପଡ଼ିଲେ ବଳେ କାମ ଶିଖିବ । ଏଣୁ ମୋର ସଂସାର କରିବାକୁ ଇଚ୍ଛା ନ ଥିଲା । ମୁଁ ଦିନେ ସମସ୍ତଙ୍କୁ କହିଲି ମୁଁ

ଟିକେ ବାହାରକୁ ଯାଉଛି । ମୋତେ ଖୋଜିବାକୁ ଚେଷ୍ଟା କରିବନି । ମୁଁ ଫେରିଲେ ଯାହା କରିବି କହି ଘର ଛାଡ଼ି ଲକ୍ଷହୀନ ପଥରେ ଯାଉଁ ଯାଉଁ ହିମାଳୟରେ ପହଞ୍ଚିଗଲି । ସାଧୁମାନଙ୍କ ପାଖରେ ରହି, ତାଙ୍କ ଗତି ବିଧି କୁ ନିରୀକ୍ଷଣ କଲି । ତାଙ୍କ ବେଶକୁ ଧାରଣ କଲି, କିନ୍ତୁ ଏହା ସତ୍ୟ ଯେ ମୁଁ ଆଦୌ ତାଙ୍କଠାରୁ କିଛି ଶିଖିପାରିଲିନି । ଶିଖିବାକୁ ଚେଷ୍ଟା ମଧ କରିନି । ଏଣୁ ମୁଁ ସତ୍ୟ କହୁଛି ମୁଁ ସାଧୁ ନୁହେଁ । କେବଳ ଗେରୁଆ ବସ୍ତ୍ର ପିନ୍ଧିଛି । ମୁଁ ଜଣେ ଉଦାସୀନ ଲୋକ ।

ଏତିକି କହନ୍ତେ ପିଲାଟିର ଗୋଡ଼ ହାତ ହଲିବାକୁ ଲାଗିଲା । କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ହେଲାନି । ଲୋକଟି ଭାବିଲା ଏହା ବୋଧ ହୁଏ ସତ୍ୟ କହିବାର ଫଳ । ସେ ତତ୍‌କ୍ଷଣାତ କହି ଉଠିଲେ ଏଠାରେ ଯେତେ ଲୋକ ଅଛ ସମସ୍ତେ ଜଣ ଜଣ କରି ପୁଅ ମୁଣ୍ଡରେ ହାତ ରଖି କେବଳ ସତ୍ୟ କଥା କୁହ ତା ହେଲେ ପୁଅ ବଞ୍ଚିଯିବ । ଏହି କଥା ଶୁଣି ଧର୍ମାନନ୍ଦ ପୁଅ ମୁଣ୍ଡ ଉପରେ ହାତ ରଖି କହିଲେ....ଆଜ୍ଞା... ମୁଁ ଜଣେ ଦାନୀ ନୁହେଁ କି ଭକ୍ତ ନୁହେଁ । ମୋର ବାପା ମଲା ବେଳକୁ ମୋତେ ତାଙ୍କ ମୁଣ୍ଡ ଉପରେ ହାତ ରଖି ଶପଥ କରାଇଥିଲେ... ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କର ଯାହା ଗଚ୍ଛିତ ଧନ ଅଛି, ତାକୁ ସାଧୁ ସନ୍ଥ ଅଭ୍ୟାଗତଙ୍କ ସେବାରେ ଲଗାଇବୁ । କେବେ ଲୋଭ କରିବୁନି । ଯେଉଁଦିନ ଲୋଭ କରିବୁ ସେଇଦିନ ଏ ଧନ ସବୁ ଉଭାନ ହୋଇଯିବ । ମୁଁ ସେହି ଭୟରେ ଏ ସବୁ ଲୋକ ଦେଖାଣିଆ ଭକ୍ତି କରେ । କିନ୍ତୁ ମୋ ଅନ୍ତରରେ ସ୍ନେହ, ଶ୍ରଦ୍ଧା କି ଭକ୍ତି କିଛି ନ ଥାଏ ।

ମୁଁ ମିଛ, ଖଚ, ଲାଞ୍ଚ କୁ ବହୁତ ଭଲ ପାଏ । ଏ ସବୁ ମୋ ଅନିଚ୍ଛା ସତ୍ତ୍ୱେ କରୁଛି । ମୁଁ ପ୍ରକୃତରେ ଜଣେ ବିଧର୍ମୀ, କପଟି, ମୋର ଏ ସବୁ ଅଭିନୟ ମାତ୍ର । ଏତିକି ଶୁଣନ୍ତେ ପୁଅଟି ଆଖି ଖୋଲି ଚାହିଁଲା । ଏଥର ଧର୍ମାନନ୍ଦଙ୍କର ସ୍ତ୍ରୀ ପାଳି ପଡ଼ିଲା । ସେ ପୁଅ ମୁଣ୍ଡ ଉପରେ ହାତ ରଖି କହିଲେ, "ମୁଁ ଯାହା କହିବି, ସବୁ ସତ କଥା କହିବି । ମୁଁ ମୋ ସ୍ୱାମୀଙ୍କୁ ବିଭା ହୋଇଛି ସତ । କିନ୍ତୁ ମୁଁ ସନ୍ତୁଷ୍ଟ ନୁହେଁ । ସେ ଜଣେ କୃପଣ, ନିର୍ଦ୍ଦୟ. ଅତ୍ୟାଚାରୀ । ତାଙ୍କର ଭଦ୍ର ମୁଖା ତଳେ ଗୋଟିଏ ଭୟଙ୍କର ରୂପ ଲୁଚି ରହିଛି । ଯାହା କେବଳ ମୋ ଛଡ଼ା ଆଉ କେହି ଦେଖି ନାହାନ୍ତି କି ଜାଣି ନାହାନ୍ତି । ଯେମିତି ଏତକ କହିଛନ୍ତି ପୁଅଟି ଉଠି ପଡ଼ି ମାଆ ବୋଲି ଡାକି ଦେଲା ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ମଧ ପୁଅ ବଞ୍ଚିବା ଦେଖି ଆନନ୍ଦରେ ନାଚି ଉଠିଲେ । ଏହି ସମୟରେ ସାଧୁବେଶଧାରୀ ଲୋକଟି କହିଲେ, ଦେଖିଲ ତ.... ସତ୍ୟର କେତେ ଶକ୍ତି ? ମୃତ ପୁଅକୁ ଜୀବିତ କରିଦେଲା । ଏଣୁ ଆଜିଠାରୁ ସମସ୍ତେ ସମସ୍ତଙ୍କର ମିଛ ଅଭିନୟ ପରିତ୍ୟାଗ କରି ସତ୍ୟ ପଥର ଅନୁସରଣ କରିବା । ନଚେତ୍ ପୁଣି ଅଘଟଣ ଘଟିପାରେ । ସମସ୍ତେ ଯଥା ଅବନତ କରି ଆଦେଶକୁ ଗ୍ରହଣ କଲେ । "ଜୟ ଜଗନ୍ନାଥ" କହି 'ସାଧୁବାଣୀ'କୁ ଗହଣ କଲେ ।

**ଗଣ୍ଡରପୁର, କଟକ-୩**


॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

ଡକ୍ଟର କାନାଇଲାଲ ପାଣ୍ଡେ
ଅବସରପ୍ରାପ୍ତ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ

॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

କୈଳାଶ ଚନ୍ଦ୍ର ଦାସ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ବନହରା ୟୁ.ପି. ସ୍କୁଲ

# ଅଭୁଲା ସ୍ମୃତି

*- ଅଶ୍ୱିନୀ କୁମାର ସେଠୀ*

କର୍ମମୟ ଜୀବନର ଅବସାନ ପରେ ଅବସର ନେଇଥିବା ମଣିଷ ଯେତେବେଳେ ନିଜକୁ ପଚାରେ ମୁଁ କିଏ, କେଉଁଠାରୁ ଆସିଲି, କୁଆଡ଼େ ଯିବି, କାହା ପାଖକୁ ଯିବି, ମନକଥା କାହା ଆଗରେ କହିବି, ମନର ଦୁଃଖ- ବ୍ୟଥା କିଏ ବୁଝିବ ଏ ଦୁନିଆରେ କାରଣ ମୁଁ ଜାଣି ପାରୁ ନଥିଲି ଏତେ ବଡ଼ ଦୁନିଆ ଯାହାକି କଳ୍ପନା ବାହାରେ ; କାହିଁକି ନା, କୂପ ମଣ୍ଡୁକ ପରି ମୋର ବାପା, ମାଆ, ପୁଅ, ଝିଅ କର୍ମ କ୍ଷେତ୍ର ଛଡ଼ା ଆଉ କେହି ନାଆନ୍ତି ଏ ଦୁନିଆରେ କିନ୍ତୁ ଆଜି ଯେତେବେଳେ ସମୟ ପାଉଛି ସମ୍ବାଦପତ୍ର ପଢ଼ିବାରେ, ଟେଲିଭିଜନ ମାଧମରେ ଦେଶବିଦେଶର ଖବର ଦେଖିବାରେ ମନେ ପକାଉଛି ମୋର ଅତୀତ ଜୀବନର ଘଟଣାବଳୀର ମୂହୁର୍ତ୍ତ ସମୟକୁ କିଛି ସଫଳତାର ଓ କିଛି ବିଫଳତା ଶେଷ ସମୟରେ ବାର୍ଦ୍ଧକ୍ୟଜନିତ ଅକ୍ଷମତା, ଅସହାୟତା, ପୁଅ ବୋହୂଙ୍କର ଅବହେଳା, ନିର୍ଯ୍ୟାତନା, ନିଃସଙ୍ଗତାର କାହାଣୀ ଥିଲା ଏକ ଜରାଶ୍ରମ ର ଦମ୍ପତିଙ୍କର ।

ସମ୍ବାଦପୁତ୍ର ପଢୁପଢୁ ପଢ଼ିଲି ଜରାଶ୍ରମ ନୁହେଁ ଶାନ୍ତି ଆଶ୍ରମ । ଆଶ୍ରମ ର ଠିକଣା ନେଇ ଭାରି ଇଚ୍ଛା ହେଲା ଦମ୍ପତିଙ୍କ ସହିତ କିଛି ସମୟ ବାର୍ତ୍ତାଳାପ କରିବା ପାଇଁ । ପହଞ୍ଚିଗଲି ଓ ସେମାନଙ୍କ ସହିତ ଦେଖା କରି ସମସ୍ତ କଥା ମୋ ମନରେ ଯାହା ଆସିଲା ପଚାରି ବୁଝିଲି । ବସି ପଡ଼ିଲି ନିକଟରେ ଥିବା ବଗିଚା ଭିତରେ ଯେଉଁଠାରେ ଉଭୟ ସ୍ୱାମୀ ସ୍ତ୍ରୀ ଗଛମାନଙ୍କ ରେ ପାଣି ଦେଉଥିବାର ଦେଖିଲି । ଆଶ୍ରମର ଦେଖା ଶୁଣା କରୁଥିବା ସଦାନନ୍ଦ ବାବୁଙ୍କ ଠାରୁ ମଧ ସେମାନଙ୍କ ପରିଚୟ ପାଇ ସାରି ଯାଇ ପଚାରିଲି, ଆଜ୍ଞା ! ଆପଣ ରମେଶ ବାବୁ ; ଆପଣ ବାବୁଙ୍କ ସ୍ତ୍ର ସୁନୀତା ମା' । ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଆପଣ ଆମ୍ଭକୁ କିପରି ଚିହ୍ନିଲେ, କଣ କିଛି କାମ ଥିଲା କି ? ମୁଁ ଉତ୍ତର ଦେଲି, ହଁ ଆଜ୍ଞା ଥିଲା କାରଣ ଆପଣ ଘରଦ୍ୱାର, ପୁଅ, ବୋହୂ, ନାତି, ନାତୁଣୀ, ବିରାଟ ଦ୍ୱିତଳ ପ୍ରସାଦ, ବିଳାସମୟ ଜୀବନ ଯାପନ ର ସୁଖମୟ ସଂସାର ଛାଡ଼ି ଏ ଜରାଶ୍ରମରେ ରହି କିପରି ଆପଣ ଜରାଶ୍ରମକୁ ଶାନ୍ତି ଆଶ୍ରମ ବୋଲି ମନ୍ତବ୍ୟ ଦେଇଛନ୍ତି । ଉଭୟେ କିଛି ସମୟ ନୀରବ ରହି, ହସି ହସି ରମେଶ ବାବୁ କହିଲେ ଦୀର୍ଘ ତିରିଶ ବର୍ଷ ପୂର୍ବର ପାରିବାରିକ ଚିତ୍ର ମୋ ଆଖିରେ ସିନେମାର ଛବି ପରି ଭାସି ଯାଉଅଛି । ନା ମୁଁ କାନ୍ଦିପାରୁଛି ନା ମୁଁ ହସିପାରୁଛି । ମୋ ଦୁଃଖ କାହାକୁ କହି ପାରୁଛି । ଶୁଣନ୍ତୁ, ଆମର ଏକମାତ୍ର ପୁଅ, ନା ତାର ଆନନ୍ଦ ମିଶ୍ର ବର୍ତ୍ତମାନ ସେ ରାଜ୍ୟସରକାରଙ୍କ ଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ । ମୋର ଖୁସି କହିଲେ ନ ସରେ କାରଣ ମୁଁ ଥିଲି ଜଣେ ଜଙ୍ଗଲ ବିଭାଗର କର୍ମଚାରୀ । ମୋର ପୁଅ ପାଇଁ ସର୍ବଗୁଣ ସମ୍ପର୍ଣ୍ଣା ଦେଖିବାକୁ ବହୁତ ସୁନ୍ଦର ଏମିତି ଖୋଜି ଖୋଜି ମୋର ଜଣେ ବନ୍ଧୁ ଶ୍ରୀଧର ମିଶ୍ର ତାଙ୍କ ଝିଅକୁ ବୋହୂ କରି ଆଣିଲି । ସେ ଦେଖିବାକୁ ଯେମିତି, ଗୁଣ ମଧ ସେମିତି । କିଛିଦିନ ସୁଖରେ ଘରଟିଏ ହସି ଉଠିଲା । ଭଗବାନ ବୋଧ ହୁଏ ପରିବାର ପ୍ରତି କଠୋର ହୋଇଗଲେ । କାହିଁକି କେଜାଣି ବୋହୂର ମନ ପରିବର୍ତ୍ତନ ହୋଇଗଲା । ନିଜ ପୁଅ, ଝିଅକୁ ବଡ଼ ମଣିଷ କରିବା ପାଇଁ ସହରରେ ଥିବା ବଡ଼ସ୍କୁଲରେ ପାଠ ପଢ଼ାଇବାକୁ ଜିଦ୍ ଧରିଲା । ନିଜ ପତ୍ନୀର ଜିଦ୍ ପାଖରେ ହାର ମାନିଲା ପୁଅ ଆନନ୍ଦ । ଶେଷରେ ନିଷ୍ପତ୍ତି ନେଲା ସମସ୍ତଙ୍କୁ ଧରି ସହରରେ ରହିବ । ଆମ୍ଭେମାନେ ମଧ ତା ସହିତ ରହିଲୁ । କିଛିଦିନ ଭଡ଼ାଘରେ କଟିଗଲା ସହରୀ ଜୀବନ, ସହି ପାରିଲାନି ପତ୍ନୀ ଇତିଶ୍ରୀ, ଶାଶୁ, ଶ୍ୱଶୁରଙ୍କ ଖର୍ଚ୍ଚ, ଘରଭଡ଼ା, ମାସିକ ଘର ଖର୍ଚ୍ଚ, ପିଲାଙ୍କ ସ୍କୁଲ ଦରମା ଓ ଟିଉସନ୍ ଦରମା ଇତ୍ୟାଦି... ଆନନ୍ଦର ଅଜାଣତରେ ଧିରେ ଧିରେ ଶାଶୁ , ଶ୍ୱଶୁରଙ୍କ ପ୍ରତି ଅବହେଳା କଲା ଓ ମାନସିକ , ଶାରୀରିକ ନିର୍ଯ୍ୟାତନା ଦେଲା । ସକାଳୁ ବାହାରିଯାଇ ରାତି ଦଶଟାରେ ଫେରୁଥିବା ନିଜ ପୁଅ ମନରେ ଦୁଃଖ ଦେବାକୁ ଚାହୁଁ ନଥିଲେ ବାପା ଓ ମାଆ । ରାତିରେ ଫେରିଲା ବେଳେ ଆନନ୍ଦ ହସି ହସି ଆସି କହେ- ମାଆ କେମିତି ଅଛୁ ଲୋ ? ତୋ ଦେହ ଭଲ ଅଛି ନା ? ବାପା କେମିତି ଅଛନ୍ତି ? ଖାଇବା ପିଇବାରେ ଅସୁବିଧା ହେଉନି ତ ? ଏମିତି କେତେ କ'ଣ ? ହସି ହସି ମାଆ କହେ, ଇତି ଭଳି ବୋହୂ ପାଇ ଆମ୍ଭେମାନେ ବହୁତ ଖୁସିରେ ଅଛୁ । ସେ ତୋ ଭଳି ସବୁବେଳେ ଆମ୍ଭର କଥା ବୁଝୁଛି, କୌଣସି ଥିରେ ଆମ୍ଭର ଅଭାବ ରଖୁନି । ଯା, ଅଫିସରୁ ଆସିଛୁ, କ୍ଳାନ୍ତ ହୋଇଅଛୁ ଖାଇ କରି ଶୋଇପଡ଼ିବୁ ଯା । ତୁ ଜମା ଆମ କଥା ଚିନ୍ତା କରନା । ଆମେ ଏଠାରେ ଭଲରେ ସମୟ କଟାଉଛୁ ।

କାହାକୁ କହିବେ ନିଜର ଦୁଃଖ ମାଆ ସୁନିତା । ଅଜାଗା ଘାଆ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ । ସେମାନେ ଭଲ ଭାବେ ଜାଣିଛନ୍ତି, ଆନନ୍ଦ କେବେ ଆମ ଦୁଃଖ ସହି ପାରିବ ନାହିଁ । ସତ କଥା ଜାଣିଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ହେବ, ପରିବାରରେ ଅଶାନ୍ତି ସୃଷ୍ଟି ହେବ ।

ସେ ଦିନ ଥିଲା । ଜାନୁଆରୀ ଛବିଶ ତାରିଖ । ଆନନ୍ଦବାବୁ ପତକା ଉତ୍ତୋଳନ ଅଫିସରେ କରି ସାରି ଘରକୁ ଫେରି ଆସିଲେ । ପୁଅ କ୍ରିଷ୍ଣା ଓ ଝିଅ ଲୀନାଙ୍କୁ ଧରି ଶିଶୁ ଉଦ୍ୟାନ ବୁଲିବାକୁ ଗଲେ । ଉଦ୍ୟାନ ରେ ଥିବା ସିମେଣ୍ଟ ଚେୟାରରେ ବସି ପିଲାଙ୍କର ଖେଳ ଦେଖୁଥିଲେ । ହଠାତ୍ ଝିଅ ଲୀନା ପଳାଇ ଆସି ବାପାଙ୍କ ପାଖରେ କଇଁ କଇଁ ହୋଇ କାନ୍ଦି ବସିଲା । ଆନନ୍ଦ ବାବୁ ଆଶ୍ଚର୍ଯ୍ୟ ହୋଇ କ'ଣ ହୋଇଛି ବୋଲି ପଚାରିବାରୁ, ସେ ମାମା ଇତିଙ୍କ ବ୍ୟବହାର କିପରି ଜେଜେ ବାପା ଓ ଜେଜିମା ଙ୍କୁ କରୁଛି ସେ ଟିକିନିକି ସବୁ କାନ୍ଦି କାନ୍ଦି କହିଲା । ସେମାନେ ସହି ନ ପାରି ଲୁଚି ଲୁଚି କାନ୍ଦନ୍ତି କିନ୍ତୁ ତୁମେ ଆସିଗଲେ ସେମାନେ ହସି ହସି

ଲୁଚାଇ ସବୁ ମିଛ କଥା ତୁମ ସହିତ କଥା ହୁଅନ୍ତି । କେବେ ବି ଦୁଃଖ କହନ୍ତିନି ? ମୁଁ ଯେତେବେଳେ ସେମାନଙ୍କୁ କୁହେ, ବାପାଙ୍କୁ କାହିଁକି ମାମା ବିଷୟରେ କହୁନ ? ସେମାନେ ହସି ଦିଅନ୍ତି ଓ ମୋତେ କୋଳେଇ କୁହନ୍ତି, ଆଲୋ ତୋ ବାପା ନାଆଁ ଦେଇଛୁ ଆନନ୍ଦ ! ସେ ତ ଆମକୁ ସୁଖରେ ଦେଖୁଛି ହସି ହସି ଆମ ଭଲ ମନ୍ଦ ବୁଝୁଛି, ସେଥିପାଇଁ ଆମର ଦୁଃଖ ଲାଘବ ହୋଇଯାଉଛି । ମାମା ନା ! ଔଷଧ, କ୍ଷୀର, ଜେଜେ ମାଆଙ୍କୁ ନଦେଇ ହିସାବ ଖାତାରେ ଲେଖି ଦିଅନ୍ତି । ସକାଳେ ନାଲି ଚା ଦିଅନ୍ତି । ରାତିରେ ଦୁଇଟି ଲେଖା ରୁଟି ଖାଇବାକୁ ଦିଅନ୍ତି । ଥର ଥର ହାତରେ ଜେଜି ମା ସେମାନଙ୍କ ଲୁଗା ସଫା କରନ୍ତି, ଘର ଓଳା ଠାରୁ ବାସନ କୁସନ ସବୁ ଧୂଅନ୍ତି ।

ସବୁ କଥା ଝିଅ ଲୀନା ଠାରୁ ଶୁଣି ସେମାନେ ଘରକୁ ଚାଲି ଆସିଲେ । ଆନନ୍ଦ ଜାଣିଥିଲା ଏକଥା ପ୍ରକାଶ କଲେ ବହୁ ଅନର୍ଥ ସୃଷ୍ଟି ହେବ । ତେଣୁ ଯେତେବେଳେ ରାତି ଦଶଟାରେ ସ୍ତ୍ରୀ ଇତିଶ୍ରୀ ଖାଇବାକୁ ଡାକିଲେ ସେ କହିଲେ ତୁମେ ଖାଇ ଶୋଇପଡ଼ ମୋର ବହୁତ ଅଫିସ କାମ ବାକି ଅଛି, ଫାଇଲ କାମ ସାରି ମୁଁ ଖାଇ ଶୋଇବି । କିନ୍ତୁ ମନ ମଧରେ ଝିଅର କଥାଗୁଡ଼ାକ ବାରମ୍ବାର ମନେ ପଡୁଥାଏ ଓ ଭାବୁଥାଆନ୍ତି ଏହାର ସମାଧାନ କିପରି ହେବ । ପରଦିନ ଅଫିସରେ କାମରେ ମନଲାଗୁ ନଥାଏ । ଶୀଘ୍ର ଘରକୁ ଫେରି ବାହାନା ଦେଖାଇ ମିଛରେ ବାପା, ମାଆଙ୍କ ନିକଟକୁ ଚାଲିଗଲେ, ହସି ହସି ସବୁ କଥା ବୁଝିଲେ ଶେଷ ରେ ମନଦୁଃଖରେ ବସି ଯାଇ କହିଲେ, ମାଆ, ମୋର ବଦଳି ହୋଇ ଯାଇଛି ମାଲକାନାଗିରି ତହସିଲଦାର । ସେଠାରେ ପ୍ରବଳ ଗରମ ତ ପ୍ରବଳ ଥଣ୍ଡା । ପାହାଡ଼ିଆ ଜଙ୍ଗଲ ଅଞ୍ଚଳ । ତୁମେ ସେଠାରେ ଚଳି ପରିବ ନାହିଁ । ଆଉ ଗାଁରେ କିଏ ଅଛି ତୁମ କଥା ବୁଝିବାକୁ । ସେଥିପାଇଁ ମୁଁ ମନସ୍ଥ କରିଛି ତୁମକୁ ଜରାଶ୍ରମରେ ଛାଡ଼ି ଆସିବି । ସେଠାରେ ତୁମର ସମସ୍ତ ଖର୍ଚ୍ଚକୁ ବହନ କରିବି । ପ୍ରତି ମାସରେ ଯାଇ ଦେଖା କରିବି । ତୁମର କିଛି ଅସୁବିଧା ହେବନି । ସେଠାରେ ସେବା କରିବା ପାଇଁ ପୁଅ ଝିଅ ପରି ସେବକ ସେବିକା ଅଛନ୍ତି । ମାଆ- ସୁନୀତା କହୁଥିଲେ ହଁ ରେ ପୁଅ, ତୁ ଯାହା ଭାବିଥିବୁ ନିଶ୍ଚୟ ଭଲ ଭାବିଥିବୁ । ତୋର ଇଛା ଯାହା କରୁଛୁ କର । ଏହା ଶୁଣି ଇତିଶ୍ରୀ ମନେ ମନେ ଖୁସି ହେଉଥିଲେ କିନ୍ତୁ ଆନନ୍ଦ, ନାତି କ୍ରିଷ୍ଣା, ନାତୁଣୀ ଲୀନା ମନରେ କୋହ ଚାପି ରଖି ଘର ଭିତରକୁ ଚାଲିଯାଇଥିଲେ । ତା ପରଦିନ ଆନନ୍ଦ ବାବୁଙ୍କ ଅଫିସ ଜିପ୍ ଆସି ପହଞ୍ଚିଲା ଓ ତା ସହିତ ମିନି ଟ୍ରକରେ ବାପା, ମାଆଙ୍କର ଆସବାବ ପତ୍ର ବୁହାଇ ନେଇ ଗାଡ଼ି ଚାଲିଲା ଜରାଶ୍ରମ ଆଡ଼କୁ । ଜେଜେବାପା ଓ ଜେଜି ମା କୋଳେଇ ନେଲେ ନିଜ ନାତି ନାତୁଣୀଙ୍କୁ । ବୋହୂ ସୁନିତା ଛଳନା ଭଙ୍ଗୀରେ ଆଖିରେ ଲୁହ ଛଳ ଛଳ କରି ମୁଣ୍ଡିଆ ଟିଏ ମାରି କହିଲା ମାଆ, ବାପା, କିଛି ଚିନ୍ତା କରନ୍ତୁନା ଆମେ ସବୁବେଳେ ଖବର ରଖୁଥିବୁ ।

ଆନନ୍ଦବାବୁ ବାପା ମାଆଙ୍କୁ ଛାଡ଼ି ଆସିବା ଦିନ ଠାରୁ ଭଲରେ ଖାଇପାରୁଛନ୍ତି ନା ଶୋଇପାରୁଛନ୍ତି । ଦୀର୍ଘ ତିରିଶ ବର୍ଷର ବାପାମାଆ ଙ୍କର ଯେଉଁ କଷ୍ଟ ସହି, ସବୁ ସୁଖକୁ ତ୍ୟାଗ କରି, ଏକମାତ୍ର ପୁଅ ବୋଲି କେଉଁଥିରେ ଯେପରି ଅଭାବ ନ ଜାଣିବ, ସେ କିପରି ଭଲ ପାଠ ପଢ଼ି ଗାଁରେ, ବାପା ମାଆଙ୍କ ଟେକ ରଖିବ, ସେହି କଥା ଭାବି ଭାବି ଚୁପଚାପ ରହଉଥିଲେ । ଏହା ମଧରେ ଦଶହରା ଛୁଟି ଆସିଗଲା । କିପରି ଯାଇ ବାପା ମାଆଙ୍କୁ ଦେଖି ଆସିବ ମନରେ ବ୍ୟସ୍ତତା ବଢୁଥାଏ । ତହସିଲଦାର ଆନନ୍ଦ ମିଶ୍ର, ଓ.ଏ.ଏସ୍ଙ୍କ ର ଜିପ୍‌ଟା ପହଞ୍ଚିଗଲା ଜରାଶ୍ରମର ଗେଟ୍ ନିକଟରେ । ଜିପ୍‌ରୁ ଓହ୍ଲାଇ ଆନନ୍ଦ ବାବୁ ଏକମୁହାଁ ହୋଇ ଚାଲିଲେ ବାପା ମାଆ ଥିବା ଜରାଶ୍ରମର ଘର ଭିତରକୁ । ଦୁଆର ବନ୍ଧ ନିକଟରୁ ପଚାରିଲେ, କେମିତି ଅଛୁ ମାଆ ? ତୋ ଦେହ କେମିତି ଅଛି ? କିଏ ଆନନ୍ଦ କିରେ ; ହଁ ମାଆ, କହୁ କହୁ ଆନନ୍ଦ ବାବୁଙ୍କର ଓ ମା'ର ଆଖିରୁ ଲୁହ ଚାଲି ଆସିଲା । ଛଳ ଛଳ ହୋଇ ମାଆ କହିଲେ ମୁଁ ଓ ତୋର ବାପା ବହୁତ ଭଲ ରେ ଅଛୁ । ତୁ ଆମ କଥା ଚିନ୍ତା କରନା, ଜମା ଟେନ୍‌ସନ୍ ନେବୁ ନାହିଁ । ଦେଖୁଛୁ ନା ଆମ ପରି କେତେ ବାପା ମାଆ ମାନେ ଏଠାରେ ଅଛନ୍ତି । ତାଙ୍କ ମେଳରେ ଆମର କିମିତି ସମୟ ଚାଲି ଯାଉଛି ଆମେ ଜାଣି ପାରୁନୁ । ତମ କଥା ଭାବିବା ପାଇଁ ବେଳ ପାଉନୁ । ଆଉ ଦୁଇ ଚାରି ବର୍ଷ ଆଗରୁ ଆସିଥିଲେ ଆମେ ବହୁତ ଖୁସି ହୋଇ ଥାଆନ୍ତୁ । ଆନନ୍ଦବାବୁ ବାପାଙ୍କୁ ପ୍ରଣାମ କରିବା ସମୟରେ କାନ୍ଦି କାନ୍ଦି କହିଲେ ବାପା ତୁମେ ମୋତେ କ୍ଷମା କରିଦିଅ ସେଦିନ ତୁମ ନାତୁଣୀ ଠାରୁ ସବୁ କଥା ଶୁଣିବା ପରେ କ'ଣ କରିବି ବୋଲି ଚିନ୍ତାଶୂନ୍ୟ ହୋଇ ନିରୂପାୟ ଅବସ୍ଥାରେ ରହି ବାଧ୍ୟ ବାଧକରେ ମୋତେ ଏଠାକୁ ଆଣିବାକୁ ହୋଇଥିଲା । ମୋତେ ତୁମେ କ୍ଷମା କରିଦିଅ, ମୁଁ ତୁମର ଏମିତି ହତଭାଗ୍ୟ ପୁଅ ତୁମର କିଛି କରିପାରିଲି ନାହିଁ । ତୁମେ ଭଗବାନ ଙ୍କୁ ଡାକ ମୋ ଭଳି ପୁଅ ତୁମ କୋଳରେ ଜନ୍ମ ଜନ୍ମାନ୍ତରରେ କେବେ ବି ଜନ୍ମ ନ ହେଉ । ମାଆ ସୁନିତା କୋଳେଇ ନେଇ ପିନ୍ଧିଥିବା ଲୁଗା ପଣତରେ ଆନନ୍ଦବାବୁଙ୍କ ଆଖିରୁ ଲୁହକୁ ପୋଛି ଦେଇ କହିଲେ ବାବୁରେ, ଜମା ଆମ ପାଇଁ ମନଦୁଃଖ କରିବୁନି । ଏଠାରେ ସକାଳ ଠାରୁ ଶୋଇବା ପର୍ଯ୍ୟନ୍ତ ସମସ୍ତ ଖାଇବା, ପିନ୍ଧିବା, ଠାକୁରଙ୍କ ସେବା, ପୂଜାର୍ଚ୍ଚନା, ପର୍ବପର୍ବାଣୀ ମାନଙ୍କରେ ମହୋତ୍ସବ କରିବା ଇତ୍ୟାଦି ସବୁ ଜରାଶ୍ରମର ଦାୟିତ୍ୱରେ ଥିବା ଅଧିକାରୀ ବାବୁମାନେ ଆମ ମାନଙ୍କ ସହିତ ବହୁତ ଆନନ୍ଦରେ ପାଳୁଅଛନ୍ତି । ଆମ୍ଭମାନଙ୍କର ସମସ୍ତ ଦାୟିତ୍ୱ ମଧ ସୁଚାରୁ ରୂପେ ତୁଲାଉ ଅଛନ୍ତି । ଆମ୍ଭେମାନେ କିଛି ବି ଅସୁବିଧା ଜାଣି ପାରୁନାହିଁ । ଆମ୍ଭେମାନେ ବହୁତ ଖୁସିରେ ଏଠାରେ ରହିଛୁ । ତେଣୁ ଆମ୍ଭେମାନେ ଉପଲବ୍ଧି କରୁଅଛୁ ଯେ, ଏହା ଜରାଶ୍ରମ ନୁହେଁ ଶାନ୍ତିର ଆଶ୍ରମ । ଏହା ଶୁଣି ଆନନ୍ଦବାବୁ ଛଳଛଳ ଆଖିରେ ଫେରି ଆସିଲେ ଜିପ୍ ନିକଟକୁ ଜିପ୍ ଚାଲିଗଲା ରାସ୍ତାରେ ଧୂଳି ଉଡ଼େଇ । ସେହି ଜିପ୍ ଚାହିଁ ରହି କାନ୍ଦୁଥିଲା ମାଆ ସୁନିତା । ବାପା ଦେଉଥିଲେ ଆଶ୍ୱସନା । ଜରାଶ୍ରମ ଅନ୍ୟ ମାଆ ମାନେ ଆସି ବୁଝାଉଥିଲେ, ଆସ ଦିଦି, ଆସ ଏ ମିଛ ମାୟା ସଂସାର, କେହି ନୁହେଁ କାହାର । ଏଠି ସବୁ କିଛି ମାୟା । ଭୁଲି ଯିବାକୁ ହେବ ମାୟାର ବନ୍ଧନ । ଆଜି ଯେ ନିଜର କାଲି ସେ ପର । ଥିବ ଆମର ସ୍ମୃତି ଏ ଜରାଶ୍ରମ, ଶାନ୍ତିର ଆଶ୍ରମରେ ଏହା ଥିଲା ଜରାଶ୍ରମରେ ରହୁଥିବା ଏକ ଦମ୍ପତ୍ତିଙ୍କ କାହାଣୀ ।

***ଚାଉଳିଆଗଞ୍ଜ, କଟକ***

# ନୂଆ କାହାଣୀ

- *ସୁଧାଂଶୁ ଦ୍ୱିବେଦୀ*

ଶୁଭାଶିଷକୁ ଯେତେବେଳେ ମାତ୍ର ତିନି-ଚାରିବର୍ଷ, ଠିକ୍ ସେହିବେଳେ ତା ବାପା, ମା' ଗାଁରେ ଛାଡ଼ି ଚାଲିଗଲେ ସହର ସଭ୍ୟତାକୁ । ବାପା ତା'ର ଚାକିରି କରୁଥିଲେ ଦୂର ସହରରେ । ଜେଜେ ଓ ଜେଜେମା' ର ଆନ୍ଦୋଳାୟିତ ସ୍ନେହ ଶ୍ରଦ୍ଧାରେ ସେ ଚେଷ୍ଟା କରୁଥିଲା ଗୋଟେ ଭଲ ପିଲା ହେବ । ତାକୁ କେହି ପଦେ-ଅଧେ ରାଗରେ କହିଦେଲେ ଜେଜେମା'ର ବିପି ବଢ଼ିଯାଏ । ଅଣ୍ଟାରେ ଲୁଗା ଗୁଡ଼େଇ ନିଜ ଶବ୍ଦରେ କଷିଚାଲେ କହିଥିବା ଲୋକଟିକୁ । ବିଚରା ସେ ଅନ୍ୟ ଲୋକ ହେଉ କି ନିଜ ଲୋକ ହେଉ ତୁଚ୍ଛାରେ କାନ-ମୁଣ୍ଡ ଆଉଁସି ହୁଏ । ଅନନ୍ୟ ଚୁମ୍ବକୀୟ ଆକର୍ଷଣ ଥିଲା ଜେଜେମା' ଓ ନାତି ମଧ୍ୟରେ ।

ତାପରେ ସେ ଗାଁ ସ୍କୁଲକୁ ପଢ଼ିବାକୁ ଗଲା । ପ୍ରଥମରୁ ଘର ପରିଜନଙ୍କ ସ୍ନେହ ଓ ମୋହକୁ ଭୁଲି ସ୍କୁଲ ଯିବାକୁ ବାହାରୁ ନଥିଲା । ସେଥିପାଇଁ ମୂଲିଆ କମଳା ପରିଡ଼ା ଟାଣି ଘୋସାରି ନେଇଥାଏ ଗୁରୁଜୀଙ୍କ ପାଖକୁ । ଯଦିଓ ସେ ବି ଜେଜେମା' ଠାରୁ ଦି'ପଦ କଡ଼ା କଥା ଶୁଣେ । ହେଲେ ଜେଜେଙ୍କ ତାଗିଦ୍‌ରେ ସେ ଜେଜେମା'ର କଡ଼ା କଥାକୁ ଜର୍ଦାପାନ ଭାବି ହଜମ କରିଦିଏ । ସ୍କୁଲରେ ଗୁରୁଜୀଙ୍କ ନାଲିଆଖି ଓ ପାଖରେ ପଡ଼ିଥିବା ବେତବାଡ଼ିକୁ ଦେଖି ତା କାନ୍ଦ ସିନା ବନ୍ଦ ହେଇଯାଏ ହେଲେ ପ୍ୟାଣ୍ଟରେ ସୁ...ସୁ କରିଦିଏ । ମୂତ୍ର ଦୁର୍ଗନ୍ଧରୁ ବିରତି ପାଇଁ ନାକରେ ରୁମାଲ ଗେଞ୍ଜି ଗରଗର ହୋଇ ଗୁରୁଜୀ କୁହନ୍ତି, 'ତୁରନ୍ତ ନେଇଯା ଏଇଟାକୁ । ଏଇଟାର ପାଠ ହେବନି କି ଶାଠ ହେବନି ।' ଗୁରୁଜୀଙ୍କ ଆଜ୍ଞାମାନି ତାକୁ ପୁଣି ଘରକୁ ଫେରାଇ ଆଣେ କମଳା ପରିଡ଼ା ।

ଏଇମିତି କିଛିଦିନ ରିହଲସେଲ ପରେ ସ୍କୁଲର ମୋହକୁ ଆପଣେଇଲା ଶୁଭାଶିଷ । ଭଲ ପିଲାଟିଏ ହେବା ପାଇଁ ଚେଷ୍ଟା କଲା । ମଣିଷ ଭଳି ମଣିଷଟିଏ ହେବା ପାଇଁ ପାଠପଢ଼ାରେ ମନ ଦେଲା । ହେଲେ ସବୁ ଭାବନା ଓ ଇଚ୍ଛାର ମାଲିକ ଯଦି ମଣିଷ ହୋଇଯାନ୍ତା ତାହେଲେ ଭଗବାନଙ୍କ ସତ୍ତା ରହନ୍ତାନି !

ଅଧାପଢୁରିଆ ଭାବେ ବହିପତ୍ରରେ ଡୋରୀ ବନ୍ଧାହେଲା ତାର । ଏ ଘର ସେ ଘର ହୋଇ ଟ୍ୟୁସନ୍ କଲା । ଚାକିରିଟିଏ ପାଇଁ ଘୁରିଲା ସହରଠୁ ସହର । ଭୋକ ଦାଉରେ ରାସ୍ତାକଡ଼ ପାଣି ଟ୍ୟାପ୍‌ରୁ ପେଟେ ପାଣିପିଇ ଉଦର ଶାନ୍ତ କଲା । ବିନା ଭଡ଼ାରେ ଟ୍ରେନ୍‌ରେ ଯାଇ ରେଲଓ୍ୱେ ଜି.ଆର.ପିଙ୍କଠୁ ମାଡ଼ ଖାଇ ଥାନାରେ ରହିଲା । ପୋଲିସ୍ ପଡ଼ିଆରେ ଇଣ୍ଟରଭ୍ୟୁ ଦେଉଥିବା ସିଲେକ୍‌ସନ୍ ଲାଇନ୍‌ରେ ଲାଇନ୍‌ଚ୍ୟୁତ ହୋଇ ପୋଲିସ ଲାଠିର ପାହାର ଖାଇ ଆଣ୍ଠୁଗଣ୍ଠି ଜଖମ କଲା । ଗାଁର କୁଜିନେତାଙ୍କଠୁ ଆରମ୍ଭ କରି ସରପଞ୍ଚ, ସଦର ବିଧାୟକ ପର୍ଯ୍ୟନ୍ତ ଚାକିରିଟିଏ ପାଇଁ ସଭିଙ୍କ ପାଖେ ହାତ ଯୋଡ଼ିଲା । ସଭିଙ୍କ ପ୍ରତିଶ୍ରୁତିର ମୁଖା ଆଢୁଆଳରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ଚାକିରିଟିଏ ଦେବାର ପ୍ରହସନ ହେଲା ସକାଳୁ ସଞ୍ଜ ଯାଏ ।

ଶେଷରେ ତାକୁ ଗୋଟେ ଟେମ୍ପରାରୀ ଶିକ୍ଷକ ଚାକିରି ମିଳିଗଲା ନିଜ ଗାଁ ଇଂଲିଶ ମିଡ଼ିୟମ ସ୍କୁଲରେ । ପ୍ରାୟତଃ ଏହି ଶିକ୍ଷକ ଜୀବନରୁ ଆରମ୍ଭ ହୋଇଥିଲା ତା ଜୀବନର ନୂଆ କାହାଣୀ... ।

ଭଲପାଇବାର ନିଶା ଘାରିଲା ଶୁଭାଶିଷକୁ । ଝିଅଟିଏ । ଝିଅଟି କକାଝିଅ ସଙ୍ଗେ କଲେଜରେ ପଢୁଥିଲା । ଅନେକ ଦିନ ତାଙ୍କ ଘରକୁ ଯା-ଆସ କରେ । କକାଝିଅ ଭଉଣୀ ସଙ୍ଗେ ଗପମାରେ । ହସେ, ହସାଏ । ସଭିଙ୍କୁ ଆପଣାର କରିବାକୁ ପ୍ରୟାସ କରେ ।

ହଠାତ୍ ଦିନେ ଶୁଭାଶିଷ ମନକୁ ଛୁଇଁଗଲା, ଝିଅଟି ସହ ମିଶିବ, ଗପିବ, ଭଲପାଇବ ଓ ତାକୁ ଜୀବନସାଥୀ କରିବ । କଥାରେ ଅଛି, 'ଯାହାକୁ ଯିଏ ରସେ କିଆଫୁଲ ପରି ବାସେ ।'

ସେଇୟା ହେଲା । ଜଣେ ଅନ୍ୟଜଣକ ପାଖେ ମନର ଭାଷାକୁ ବଖାଣିବା ପରେ ଭଲପାଇବାର ନୂଆ କାହାଣୀଟିଏ ଗଢ଼ି ଉଠିଲା ଦୁହିଁଙ୍କ ଭିତରେ । ଦୁହିଁଙ୍କ ମନ ମଧ୍ୟରେ ଦୃଶ୍ୟ ହେଲଶ ଭଲପାଇବାର ପ୍ରତିଛବି, ଅସୁମାରି ଆଶାର ଉଦାହରଣ ।

ଅଥଚ ଦୁହିଁଙ୍କ ଅଭିଭାବକ ଏଭଳି ଭଲପାଇବାକୁ ସମ୍ମତି ଦେଲେନି । ପରିସ୍ଥିତିକୁ ସହ୍ୟ କରି ଦୁହେଁ ବୃହନ୍ନଳାର ଜୀବନ ବିତେଇଲେ କିଛିଦିନ । ଝିଅଟି ତା ବାପା, ମା'ର ଶାସନ ଶିକୁଳିରେ ବନ୍ଧାହୋଇ ଛଟପଟ ହେଲା । ଆଉ ଶୁଭାଶିଷ ଭଲପାଇବାର ଅଙ୍କକୁ ବୁଝି-ନବୁଝି ଉତ୍ତର ପାଇବା ଭରସାରେ ଅପେକ୍ଷା କଲା ।

ସବୁ ଅପେକ୍ଷାର ଅନ୍ତ ଥାଏ । ଦିନେ ସେହି ଝିଅଟି ଆସି ଶୁଭାଶିଷକୁ କହିଲା, 'ଚାଲ ବାହା ହୋଇ ପଡ଼ିବା ନହେଲେ ମୋ ବାପା, ମା' ଆଉ କୋଉଠି ବାହା ଦେଇଦେବେ ।'

ବାସ୍ ! ତାପରେ ଆଉ କ'ଣ ?

ଦୁହେଁ ଛନ୍ଦି ହୋଇଗଲେ ଏକ ନୂଆ ବନ୍ଧନ ସୂତ୍ରରେ । ବାଜା-ମହୁରୀ ବାଜିଲାନି କି ବାଣ-ରୋସଣୀ ଫୁଟିଲାନି । କନକ ଦୁର୍ଗା ମନ୍ଦିର ଓ କୋର୍ଟଜଜ୍‌ଙ୍କ ସମ୍ମୁଖରେ ଫୁଲମାଳର ଆଦାନ-ପ୍ରଦାନ ହେଲା । ସେହିଦିନଠୁ ଦୁହେଁ ହୋଇଗଲେ ନବ ଦମ୍ପତ୍ତି.... ।

ଶୁଭାଶିଷ ଲଭ୍‌ମ୍ୟାରେଜ୍ କଲା ବୋଲି ଘରେ କେହି ପ୍ରଶ୍ରୟ ଦେଲେନି । ଘରର ସମସ୍ତ ସଦସ୍ୟ ଛୁଆଠୁ ବୁଢ଼ାଯାଏ ସଭିଏଁ ବିଗିଡ଼ି ଗଲେ । ବିଗିଡ଼ିଯିବା ସ୍ୱାଭାବିକ । କୁହା ନାହିଁ ବୋଲା ନାହିଁ ଝିଅଟିକୁ ନେଇଗଲା କୋଉ ମନ୍ଦିରରେ ଫୁଲମାଳଟିଏ ଗଳେଇ ନେଇଆସିଲା ।

ଏଇଟା କ'ଣ ବାହାଘର ।

ବାହାଘର ନାଁ ଠାଇଁଘର ?

ସଭିଙ୍କ ମନରେ ସମାନ ପ୍ରଶ୍ନ । ବାଜା ବାଜିଲାନି, ବାଣ ଫୁଟିଲାନି ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ହେଲାନି । ହାତଗଣ୍ଠି ପଡ଼ିଲାନି । ଏପରିକି ବାପା, ମା', ଭାଇ-ବନ୍ଧୁ-କୁଟୁମ୍ବ କେହି ଜାଣିପାରିଲେନି । ଅଥଚ ଶୁଭାଶିଷ ବାହା ହୋଇଗଲା ?

ବାହା ହୋଇଗଲା ତ କ'ଣ ହେଲା ? ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ସାରା ଦୁନିଆରେ ଲୋକ ତ ବାହା ହୁଅନ୍ତି । ପିଲା-ଝିଲା କରନ୍ତି । ଏଇଟା କୋଉ ନୂଆ କଥା ଯେ... । ହଁ ବେଦିରେ ବସି ବାହା ହୋଇଥାନ୍ତା ନ ହେଲେ ମନ୍ଦିରରେ ହେଇଗଲା । ଜର୍ଜ୍‌ଙ୍କ ସମ୍ମୁଖରେ ହେଇଗଲା, ଏକା କଥା । ଯେମିତି ହେଉ ବାହାସାହା ହୋଇ ସଂସାର ଚକକୁ ଚଳେଇ ପାରିଲେ ହେଲା ।

ସଂସାର ବାନ୍ଧିବାର ନୂଆ ଜୀବନ ଆରମ୍ଭ ହେଇଗଲା । ଗଢ଼ିଉଠିଲା ଶୁଭାଶିଷ ଓ ତା ସ୍ତ୍ରୀ ଭିତରେ ନୂଆ କାହାଣୀର ଆଉ ଏକ ପୃଥିବୀ । ଯେଉଁଠି ସେ ନିଜେ ଓ ତା ସ୍ତ୍ରୀ । ସ୍ୱପ୍ନ ବିଭୋରିତ ରାତି । ରାତିସାରା ଖାଲି ସ୍ୱପ୍ନ । ସ୍ୱପ୍ନ ଭିତରେ ଅନେକ ମିଠା ମିଠା ଗୀତ । ଗୀତ ଭିତରେ କୋଇଲିର ସାରେ-ଗା-ମା-ପା । ମଧୁ ମଳୟର ସିର୍‌ର ସିର୍ ହାୱା । ହାୱା ଭିତରେ ଦାମୀ ପରଫ୍ୟୁମ୍‌ର ମହକ । ଫୁଲଶେଯରେ ବସିଥିଲା ତା ସ୍ତ୍ରୀ । ଧୀମା ବେଡ଼ ଲାଇଟ୍‌ରେ ବାରି ହେଉଥିଲା ଚନ୍ଦ୍ରବଦନୀକୁ । ଧିରେ ଧିରେ ବେଡ଼ରୁମ୍‌କୁ ପ୍ରବେଶ କଲା ଶୁଭାଶିଷ । ଇସ୍.... ! ତା ସମ୍ମୁଖରେ ଏ କି ଦୃଶ୍ୟ ! ଯୌବନର ମନଲୋଭା ମାନଚିତ୍ର । ମାନଚିତ୍ର ଭିତରେ ପ୍ରଲୋଭିତ କାମନା । କାମନାର ପ୍ରଲୋଭନରେ ଅଙ୍ଗ-ପ୍ରତ୍ୟେଙ୍ଗରେ ଶିହରଣ । ପୁଣି କାମନାର ତୃପ୍ତି ପାଇଁ ଆଦମ ଓ ଇଭର ଦୈହିକ ସମ୍ପର୍କ ।

ଦେହ ଭିତରେ ଦେହଟିକୁ ନ ଛୁଇଁଲେ ମନ ତଳର ମନଟିକୁ କେବେ ଛୁଇଁ ହୁଏ ନାହିଁ ।

ଦୁହେଁ ଜାଣିଥିଲେ ଦେହଟା ଆରମ୍ଭ ନୁହେଁ କି ଶେଷ ନୁହେଁ । ମାଧ୍ୟମ ମାତ୍ର । ଆଉ ସେଇ ମାଧମଟା ଚମତ୍କାର ବିନ୍ଦୁ ସଦୃଶ ।

ପୃଥିବୀ ଓ ଆକାଶ-

ଭଅଁର ଓ ଫୁଲ-

ଜହ୍ନ ଓ କଇଁ-

ଜୀବନ-ଯୌବନ-

ସବୁ ଏକାକାର ଯେମିତି... । ଯାହାର ପ୍ରାପ୍ତିରେ ସାରାଜଗତ ମହିୟାନ ହୋଇଥାଏ ।

ସାରାଜଗତ ଫର୍ଚ୍ଚା । ରାତିଏ ସ୍ୱପ୍ନ ସକାଳର ଫର୍ଚ୍ଚାରେ ସରିଯିବ । ସରିଯିବ କାମନା-ବାସନାର ଦୈହିକ ଖେଳ । ଆରମ୍ଭ ହେବ ଜୀବନ ଯନ୍ତ୍ରଣାର ଦୌଡ଼ ।

ଜୀବନ, ଖୁବ୍ ଲମ୍ବା । କାରଣ ସୁଖର ଅନୁଭବଟା ଅତି ଶୀଘ୍ର ସରିଯାଏ । ବାକି ଦିନ ଯାକ ଖାଲି ଦୁଃଖ ରାଜୁତି କରେ ।

ସେଇ ଦୁଃଖକୁ ଆପଣାର କରି ସୁଖର ସନ୍ଧାନକୁ ଅଣ୍ଡାଳିବେ ଶୁଭାଶିଷ ଓ ତା ସ୍ତ୍ରୀ । ନିଜ ଲୋକମାନେ ତାଙ୍କ ପାଇଁ ପର । ଚାଖଣ୍ଡେ ଜାଗା ପାଇଁ ପରିସ୍ଥିତି ସହ ମୁକାବିଲା କରିବେ ଦୁହେଁ । ତଥାପି ଅତିନିଜର ଲୋକଟି ମା' ବିଲେଇ ଯେମିତି ତା ଛୁଆକୁ ପାଟିରେ କାମୁଡ଼ି ଧରି ଏଠି ସେଠିକୁ ହୁଏ, ସେହିଭଳି ଚକ୍ରାନ୍ତରେ ଚକାଭଉଁରୀ ଖେଳିବେ ଦୁହେଁ । ଅଭାବକୁ ଦୂର କରିବା ପାଇଁ ଲୋକଙ୍କ ଘରେ ମୂଲ ଲାଗିବ ଶୁଭାଶିଷ । ସାଇକେଲ କେରିଅରରେ ବସ୍ତା ବସ୍ତା ଚାଉଳ ବୋହିନେଇ ସହରରେ ବିକ୍ରି କରିବ । ବାବୁ ଲୋକଙ୍କ ମାର୍ବଲ ଘରକୁ ମୋଜାଇକ୍ ପଥରରେ ଘସି ଘସି ପାପୁଲି ଓ ଆଙ୍ଗୁଳିରେ ଲହୁଲୁହାଣ ହେବ । ତଥାପି ତା ଦୁଃଖ ସରିବିନି ।

ପୁଣି ନିଜଲୋକଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇଯିବ ତା ସ୍ତ୍ରୀ । ଅତ୍ୟାଚାର ସହି ସହି ତୁଠପଥର ପାଲଟିଯିବ । କୋଳରେ ଛୋଟ ଝିଅକୁ ଧରି କଇଁ କଇଁ ବାହୁନିବ । ଅମାନିଆ ଲୁହର ଧାର ତା ଆଖି କୋଣରୁ ବୋହିଯିବ ଶ୍ରାବଣର ବାରିପର... ।

ଦୁହେଁ ଯେତେ ପରିମାଣରେ ଜୀବନଟାକୁ ଆୟତ୍ତାଧିନ କରିବାକୁ ଚେଷ୍ଟା କରିବେ କୋଉଠି ନା କୋଉଠି ଝୁଣ୍ଟି ପଡ଼ିବେ । ଅନ୍ଧଗଳିର ଅନ୍ଧାରକଣା ପରି ଠିକଣା ଅଣ୍ଡାଳିବେ । ହୁଏତ ଅଭିଶପ୍ତ ଜୀବନ ପରି ନିଜ ଠିକଣା ଅଣ୍ଡାଳୁଥିବେ ଦିନ ପ୍ରତିଦିନ... । ସେ ଠିକଣା ଦୁହିଁଙ୍କ ପାଇଁ ନିରାଶର ମରୁଭୂମି ହୋଇପାରେ ଅବା ଆଶା-ଅସୁମାରୀର ନୂଆ କାହାଣୀଟିଏ ଗଢ଼ିପାରେ, ତାହା କେବଳ ସମୟ ଜାଣେ... ।

*ବିସି-୭୪, ସେକ୍ଟର-୧, କଲିକତା-୬୪*

# ଅବ୍ୟକ୍ତ ମନର ବ୍ୟଥା

***- ଶାଶ୍ୱତୀ ସାମଲ***

ଟ୍ରେନ ଟି ଧିରେ ଧିରେ ପ୍ଲାଟଫର୍ମ ଛାଡ଼ି ଆଗକୁ ବଢ଼ିବାକୁ ଲାଗିଲା ନ ଚାହିଁଲେ ବି ଅରୁପା ଆଖିରୁ ଲୁହ ଅନବରତ ବୋହି ଚାଲିଛି, ନିଜ ମନ କୁ ଯେତେ ବୁଝେଇଲେ କଣ ହେବ ଅବୁଝା ମନ ଟା ଅତୀତ ଆଡ଼କୁ ଟାଣି ହୋଇଯାଇଛି, ଆଖି ମୁଦିବା ମାତ୍ରେ ବାହାଘର କାନ୍ଥ ର ଝୋଟି, ବେଦୀ, ସଜାସଜି, ବରଯାତ୍ରୀ ଙ୍କ ନାଚ ଗୁଡ଼ାକ ଯେମିତି ଟାଣି ହୋଇ ଆଖି ଉପରେ ଲଦି ହୋଇ ପଡୁଛି ଓ ତା ସାଙ୍ଗ କୁ ବର ଚେହେରା...

ପିଲା ଦିନରୁ ବାହାଘର ପ୍ରତି ତାର ବହୁତ ଆସକ୍ତି, ସେତେବେଳେ ଦ୍ୱିତୀୟା କି ତୃତୀୟ ଶ୍ରେଣୀରେ ପଢୁଥିବ, ସାହି ରେ ଯାହା ଘରେ ବି ବାହାଘର ହୁଏ ବୋଉ ଆଗରେ ମିଛ ବାହାନା କରି ସୁଯୋଗ ଦେଖି ସେ ଆଡ଼େ ବୁଲିଆସେ, ଭୋଜିରେ ରନ୍ଧା ହେଉଥିବା ବିଭିନ୍ନ ଖାଇବାର ବାସ୍ନା ତାକୁ ଯେମିତି ଟାଣି ଆଣେ କିନ୍ତୁ ସେ ବୁଝିପାରେନି ଏତେ ସୁନ୍ଦର ଖାଇବା ଜିନିଷକୁ ନଦେଖି ଏ ସାହି ଝିଅ ମାନେ କନିଆ ପାଖରେ କାହିଁକି ଭିଡ଼ ଜମାନ୍ତି କେଜାଣି ଆସ୍ତେ ଆସ୍ତେ ବୟସ ବଢ଼ିବା ସାଂଗ କୁ ବାହାଘର ପ୍ରତି ତାର ଆକର୍ଷଣ ବି ବଢ଼ିଚାଲିଲା ଖାଲି ତଫାତ୍ ଏତିକି ଥିଲା ଯେ ସେତେବେଳର ଭୋଜି ଖାଦ୍ୟ ପଦାର୍ଥର ସ୍ଥାନ ବାହା ହୋଉଥିବା କନିଆ ଟି ନେଇ ସାରିଥିଲା, ଯେଉଁଠିକି ସେ ଯାଏ ଅପଲକ ନୟନରେ ରେ କନିଆ କୁ ଦେଖେ, ତାପରେ ମନେ ମନେ ନିଜକୁ ତା ଜାଗାରେ ବସେଇ ଦିଏ, ରାତି ରେ ନିଜ ବାହାଘର ପୁରା ଛବି ଟିକୁ ମନ ଭିତରେ କଳ୍ପନା କରେ, ଏମିତି ସ୍ୱପ୍ନ ସେ କେତେଥର ଦେଖିଛି, ସ୍ୱପ୍ନ ଓ ବାସ୍ତବତା ଭିତରେ ସେ ବିବାହ ବୟସରେ ପହଁଚି ପାରିଥିଲା ।

ବାପାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲେ ମଧ ବଡ଼ ଦୁଃଖ କଷ୍ଟରେ ପଢ଼ଉ ଥିଲେ, ତାଂକର ଝିଅ ତା ନିଜ ଗୋଡ଼ରେ ଛିଡ଼ା ହୋଇସାରିଲା ପରେ ତା ବାହାଘର କରିବେ, ସେ ବି ସ୍ନାତକ ରେ ପଦାର୍ଥବିଜ୍ଞାନ ରେ ପ୍ରଥମ ଶ୍ରେଣୀ ପାଇଲା । ସେଦିନ ବାପାଙ୍କ ଖୁସି କହିଲେ ନ ସରେ, ସ୍ନାତକୋତ୍ତର କରିବା ପାଇଁ ତାକୁ ଘର ଠାରୁ ଦୂରରେ ରହିବାକୁ ପଡ଼ିଲା, ନୂଆ ନୂଆ ବିଶ୍ୱବିଦ୍ୟାଳୟ କୁ ଯାଉଥାଏ, ସାଂଗ ସାଥୀ ବିଶେଷ ହୋଇ ନଥାନ୍ତି, ସେହି ସମୟରେ ଶୁଭେନ୍ଦୁ ଙ୍କ ସହିତ ତାର ପରିଚୟ, ସେ ସେଠାରେ ପି.ଏଚ୍.ଡି କରୁଥିଲେ, ଦେଖିବାକୁ ଗଲେ ଦୁଇ ଜଣଙ୍କ ଘର ଏକା ସହରରେ ଓ ବାପା ଙ୍କ ବନ୍ଧୁ ପୁଅ ହୋଇ ଥିଲେ ବି ପରସ୍ପର କୁ ଚିହ୍ନିବା ତ ଦୂରର କଥା ଆଗରୁ କେବେ ଭେଟି ନଥିଲେ ।

ଆସ୍ତେ ଆସ୍ତେ ଚିହ୍ନା ପରିଚିତ ରୁ ଦେଖାସାକ୍ଷାତ । ଏହିପରି ବର୍ଷେ ବିତିଗଲା । ବହୁତ ଥର ପାଠ ବୁଝିବାକୁ ହେଉ ବା ଅନ୍ୟ କିଛି କାରଣ ବଶତଃ ଶୁଭେନ୍ଦୁ ଙ୍କ ସହିତ ମିଶିବାର ସୁଯୋଗ ମିଳିଥିଲା, ତାଙ୍କର ଚାଲିଚଳନ, ଆଚାର ବ୍ୟବହାର ଓ ନମ୍ରତା ତାକୁ ଆକୃଷ୍ଟ କରିଥିଲା, ନ ଚାହିଁଲେ ବି ସେ ଯେମିତି ତାଙ୍କ ଆଡ଼କୁ ଟାଣି ହୋଇ ଯାଉଥିଲା, କିନ୍ତୁ ମନର ଭାଷା ଖୋଲି କହିବାକୁ ତାର ସାହସ ନ ଥିଲା । ବର୍ଷ ସରିଲା ବେଳକୁ ଶୁଭେନ୍ଦୁ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିଦେଇଥିଲେ ବିଦାୟ ନେବା ପୂର୍ବଦିନ ହଠାତ୍ ଆସି ତା ଛାତ୍ରାବାସ ପହଂଚିଥିଲେ ତାକୁ ଗୋଟେ ବହି ଉପହାର ଦେଇ କହିଥିଲେ, "ଅରୁପା ମୁଁ କାଲି ଚାଲିଯିବି ଯଦି ତୁମେ ସ୍ୱୀକୃତି ଦେବ ତା ହେଲେ ଆମର ଏ ବନ୍ଧୁତ୍ୱ କୁ ବୈବାହିକ ବନ୍ଧନରେ ପରିଣତ କରିବାକୁ ଚେଷ୍ଟା କରିବି, ତମ ପଢ଼ା ସରିଲା ପରେ ବାପାଙ୍କ ସମ୍ମତି ନେଇ ତମ ଘରକୁ ଆମ ବିବାହ ପ୍ରସ୍ତାବ ପଠେଇବି ।" ସେ ବି ବାନା ଦ୍ୱିଧା ରେ ପ୍ରସ୍ତାବ ରେ ରାଜି ହୋଇଯାଇଥିଲା । ରାତି ସାରା ଭବିଷ୍ୟତ ସ୍ୱପ୍ନରେ ବିଭୋର ହୋଇଉଠୁଥିଲା । ମନରେ ଆଶା ଆକାଂକ୍ଷା ର ମିନାର ଗଢ଼ିଥିଲା, ଏତେ ସହଜରେ ନିଜର ମନର ମଣିଷକୁ ଜୀବନସାଥୀ ରୂପେ ପାଇଯିବି ସେ କଳ୍ପନା ବି କରିନଥିଲା । ଏହା ଭିତରେ ତା ପାଠପଢ଼ା ସରିଯାଇଥାଏ ଘରେ ସବୁବେଳେ ବା ବାହାଘର ବିଷୟ ଚର୍ଚ୍ଚା ହୁଏ, ସେ କଥା ଶୁଣି ତା ଭାବନା ରେ ଜୁଆର ଆସେ । କେତେଥର ଭାବେ ବାପାଙ୍କ ଆଗରେ ଶୁଭେନ୍ଦୁଙ୍କ କଥା କହିବା ପାଇଁ ପୁଣି ଲୋକଲଜ୍ଜା କୁ ଡରି ଚୁପ୍ ରୁହେ । ହେଲେ ସବୁ ସ୍ୱପ୍ନ ତାର ବାଲିଘର ପରି ଭାଂଗିଯାଇଥିଲା ଯେଉଁ ଦିନ ବାପାଙ୍କର ମୃତ ଦେହକୁ ଆଣି ଅଗଣାରେ ଶୁଆଇ ଦେଇ ଥିଲେ । ସେଦିନ ସେ କାନ୍ଦିବା ଭୁଲି ଯାଇଥିଲା । ଜୁଇ ଜଳୁଥାଏ, ସେ କିନ୍ତୁ ଅନୁଭବ କରୁଥାଏ ସତେ ଯେପରି ଜୁଇ ର ସେଇ ଲେଲିହାନ ଶିଖା ତାର ସବୁକିଛି ପୋଡ଼ି ଛାରଖାର କରିଦେଉଛି । ତା ଭିତରେ ଶୁଭେନ୍ଦୁ ଙ୍କ କନିଆ ସାଜିବାର ପ୍ରିୟ ସ୍ୱପ୍ନ ଟି ମଧ ଅନ୍ତର୍ଭୁକ୍ତ । ବଡ଼ ଝିଅ ର କର୍ତ୍ତବ୍ୟ ତାକୁ କରିବାକୁ ହେବ, ମା ଓ ସାନଭାଇ ଓ ଭଉଣୀ ର ଦାୟିତ୍ୱ ତାକୁ ଉଠାଇବାକୁ ପଡ଼ିବ ।

କିଛିଦିନ ପରେ ସତକୁ ସତ ଶୁଭେନ୍ଦୁ ତାଙ୍କ କଥା ରକ୍ଷା କରି ପଡ଼ୋଶୀ ରମା ମାଉସି ଙ୍କ ମାଧମରେ ଘରକୁ ବିବାହ ପ୍ରସ୍ତାବ ପଠେଇଥିଲେ । ସେଦିନ ସକାଳୁ ମାଉସି ଆସି ମା କୁ କହୁଥିଲେ "ବୁଝିଲ ନା ଦେଇ ମୁଁ ଅରୁ ପାଇଁ ଭଲ ପାତ୍ରଟିଏ ଦେଖିଛି, ସେମାନେ ବି ଅରୁ କୁ ଆଗରୁ ଜାଣିଛନ୍ତି, ତମେ ଯଦି ହଁ କରନ୍ତ ମୁଁ ସବୁ ଠିକ୍ କରିଦିଅନ୍ତି ।" କିନ୍ତୁ ତାର ରୋକ୍ ଠୋକ୍ ଜବାବ ଶୁଣି ସେ ସ୍ଥାଣୁ ହୋଇଯାଇଥିଲେ । "ଦେଖ ମାଉସି ମୋ ପାଇଁ ଆପଣ ପାତ୍ର ଟିଏ ନଦେଖି ଭଲ ଚାକିରିଟିଏ ଯଦି ଯୋଗାଡ଼ କରିପାରନ୍ତେ ମୁଁ ଆପଣଙ୍କ ପାଖରେ ଚିରଋଣୀ ହୋଇ ରୁହନ୍ତି ।" ପିଲା ଦିନରୁ ବାହାଘର ସ୍ୱପ୍ନ ଦେଖୁଥିବା ଝିଅ ଟିର ଏପରି ଉତ୍ତର ରେ ଉଭୟ ସ୍ତବ୍ଧ ହୋଇଯାଇଥିଲେ । ମାଉସୀ କହିଥିଲେ, "ଏମିତି କଣ କହୁଛୁ ତୁ କ'ଣ ଆଉ ବାହା ହବୁନି ।" ଆଖିର ଲୁହକୁ ସମସ୍ତ ଙ୍କ ଠୁ ଲୁଚେଇ କହିଲା "ମତେ ଆଉ ବାହା ବେଦୀର ସ୍ୱପ୍ନ ଦେଖାନା ମାଉସୀ, ସେ ସ୍ୱପ୍ନ ମୁଁ

କେବେଠୁ ପଛରେ ପକେଇ ଆସିଛି । ଏବେ ମୋତେ ବାପାଙ୍କ ସ୍ୱପ୍ନକୁ ସାକାର କରିବାକୁ ପଡ଼ିବ, ତାଙ୍କ ଅସମ୍ପୂର୍ଣ୍ଣ କାମକୁ ମୋତେ ପୂରା କରିବାକୁ ହେବ । ଆପଣମାନେ ସେଥିରେ ଆଉ ବାଧା ଦିଅନ୍ତୁ ନାହିଁ । ସେହିଦିନ ପରଠୁ ସେ ସାଂଗ ମାନଙ୍କ ବାହାଘର କୁ ଯାଏ ତାଙ୍କୁ ନିଜ ହାତରେ ସଜେଇ ଦିଏ ହେଲେ ତାଙ୍କ ଜାଗାରେ ନିଜକୁ ରଖିପାରେନି । କେବଳ ବଧୂ ବେଶୀ ସାଙ୍ଗ ଟିକୁ ମନ ପୁରେଇ ଦେଖିନିଏ । ତଥାପି କେବେକେବେ ସ୍ୱପ୍ନଟା ଅମାନିଆ ପିଲାଟି ପରି ତା ଭାବନା ରାଇଜ ଭିତରକୁ ପଶିଆସେ, ଚମକି ଉଠେ ସେ, ମନ ଇଚ୍ଛା ଗାଳି ଦିଏ ନିଜକୁ, ଦୋଷୀ ମନେ କରେ ପୁଣି ନିଜ କାର୍ଯ୍ୟରେ ଲାଗିଯାଏ । କିନ୍ତୁ ମା ସେ କେମିତି ଭୁଲିବ କିଛି ନ କହିଲେବି ତା ଅସହାୟତା ତାକୁ ଆହୁରି ରୋଗଗ୍ରସ୍ତ କରି ଦେଇଛି । ଭାଗ୍ୟକୁ ଏକ ବେସରକାରୀ କଲେଜରେ ଅଧ୍ୟାପିକା ଚାକିରି ବାହାରିଥାଏ । ସମ୍ପୂର୍ଣ୍ଣ ବିବରଣୀ ସହିତ ଦରଖାସ୍ତ କରିଥିଲା । କିଛି ଦିନ ପରେ ଚାକିରି ପାଇଁ ଆଦେଶ ପତ୍ର ମିଳି ଯାଇଥିଲା । ଦୂର ସହରରେ କଲେଜ ହୋଇଥିଲେ ବି ଆବଶ୍ୟକତା ଦୃଷ୍ଟିରୁ ଚାକିରି କରିବାକୁ ବାଧ ହୋଇଥିଲା । ପ୍ରଥମେ ପ୍ରଥମେ ପାଠ ପଢ଼େଇ ବାକୁ ଟିକିଏ କଷ୍ଟ ହୋଇଥିଲା । ମାତ୍ର ସହକର୍ମୀ ମାନଙ୍କ ପ୍ରେରଣ ଓ ସହଯୋଗ ଏସବୁ ଅସୁବିଧା କୁ ଦୂରେଇ ଦେଇଥିଲା । ଭଡ଼ାଘରର ସୁବିଧା ଥିଲା ସେଥିପାଇଁ ରହିବାରେ କିଛି ଅସୁବିଧା ନଥିଲା । ଏହା ଭିତରେ ସେ ବତିଶ ବସନ୍ତ ଅତିକ୍ରମ କରିସାରିଲାଣି । ଗତକାଲି ସଂଗୀତାର ବାହାଘର ଥିଲା ବୟସରେ ତା ଠାରୁ ପାଂଚ ବର୍ଷ ସାନ, ତା ଅନୁରୋଧକୁ ଆଡ଼େଇ ନ ପାରି କାର୍ଯ୍ୟରୁ ଦୁଇ ଦିନ ଅବକାଶ ନେଇ ଆସିଥିଲା, ନିଜ ହାତରେ ତାକୁ ସଜେଇ ଦେଇଥିଲା, ବରଯାତ୍ରୀ ଙ୍କ ନାଚ, ରୋଷଣୀ ଦେଖୁଥିବା ବେଳେ ହଠାତ୍ ତା ଆଖି ବର ଉପରେ ପଡ଼ିଗଲା, ଶୁଭେନ୍ଦୁ ଙ୍କୁ ବରବେଶରେ ଦେଖି ସେ ଚମକି ଉଠିଥିଲା, ଅସୁସ୍ଥତା ର ବାହାନା କରି ଖୁବ୍ ଶୀଘ୍ର ଚାଲି ଆସିଥିଲା ସେଠାରୁ, ସାରା ରାତି ତା ଆଖିରେ ନିଦ ନଥିଲା । ଯାହା ସହିତ ମିଶି ସ୍ୱପ୍ନର ସଂସାର ଗଢ଼ିଥିଲା ନିଜ ଆଖି ଆଗରେ ସେ ଅନ୍ୟ ଜଣଙ୍କର ହୋଇଯିବାକୁ ସେ କେମିତି ସହ୍ୟ କରିପାରିଥାନ୍ତା । ମଣିଷ ମାତ୍ରେ ହିଁ ସ୍ୱପ୍ନ ଦେଖନ୍ତି ଓ ସକାଳ ହେଲେ ତାକୁ ନେଇ କେତେ କଳ୍ପନା କରନ୍ତି । ମାତ୍ର ସମସ୍ତଙ୍କ ସ୍ୱପ୍ନ ସତ ହୁଏ ନାହିଁ, କେତେ ଜଣଙ୍କ ସ୍ୱପ୍ନ ଅଧାରେ ହିଁ ରହିଯାଏ ଓ ନିଦ ଭାଂଗୀ ଯାଏ । ନିଃସଂଗ ଶବ୍ଦଟି ପ୍ରାୟ ତା ଜୀବନ ସହିତ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ, ତଥାପି ଏ ନିଃସଙ୍ଗତା ସହିତ ତାକୁ ବଂଚିବାକୁ ପଡ଼ିବ । ଯେତେ କଠିନ ହେଲେ ମଧ ଏ ରାସ୍ତା ତାକୁ ଏକୁଟିଆ ଅତିକ୍ରମ କରିବାକୁ ପଡ଼ିବ । କାହା ହାତ ଧରିବନି କିମ୍ବା ବାହାଘର ରୋଷଣୀ ଦେଖି ମନଉଣା କରିବ ନାହିଁ, ସ୍ୱପ୍ନ ଦେଖିବାର ତାର ଆଉ ବୟସ ନାହିଁ କି ମନରେ ଆକାଂକ୍ଷା ମଧ ନାହିଁ । ଆଖି ରୁ ଲୁହ ପୋଛି ଝରକା ସବୁ ଖୋଲିଦେଲା, ଏବେ ଝରକା ଦେଇ ପଶି ଆସୁଥିବା ଥଣ୍ଡା ପବନ ତାର ମନକୁ ଆଉ ବିଚଳିତ କରୁନଥିଲା ବରଂ ତା ନିଷ୍ପତ୍ତିକୁ ଆହୁରି ସୁଦୃଢ଼ କରୁଥିଲା ।

*ଫ୍ଲାଟ୍-୫୯୩, ସେକ୍ଟର ଇ, ପକେଟ୍-୨,*
*ବସନ୍ତକୁଞ୍ଜ, ନିଉଦିଲ୍ଲୀ*

**॥ ଶାରଦୀୟ ଅଭିନନ୍ଦନ ॥**



**ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ମହେନ୍ଦ୍ର କୁମାର ବିଶ୍ୱାଳ**
ଡାଇରେକ୍ଟର, ଏମ୍‌ରାଲ୍ଡ ଏଜୁକେସନ୍

**॥ ଶାରଦୀୟ ଅଭିନନ୍ଦନ ॥**



**ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ଅମ୍ବିକା ପ୍ରସାଦ ପଣ୍ଡା**
ବିକାଶ ଅଧିକାରୀ, ଏଲ୍.ଆଇ.ସି.

# ଅନୁଭୂତିରେ ମା' ତାରିଣୀ

*- ମାନସ ରଂଜନ ପଟ୍ଟନାୟକ*

ମୁଁ, ମୋ ପତ୍ନୀ ଓ ମା ମିଶି ଆମ ବନ୍ଧୁ ପରିଜନ ସହ ୨୦୧୬ ଡିସେମ୍ବର ୨୭ ତାରିଖ ରାତି ୧୨ଟାରେ ଏକ ବସରେ ମୟୁରଭଞ୍ଜ ଜିଲ୍ଲାର କେତେକ ଦର୍ଶନୀୟ ଜାଗା ପରିଭ୍ରମଣରେ ବାହାରିଥିଲୁ । ମୋଟ ୪୦ ଜଣ ଯାତ୍ରୀଙ୍କୁ ନେଇ ବସଟି ଆମର ମୟୁରଭଞ୍ଜ ଅଭିମୂଖେ ଗଡ଼ିଲା । ବେଶି ସଂଖ୍ୟାରେ ମହିଳା ଯାତ୍ରୀ ଥାଆନ୍ତି । ପ୍ରଥମେ ଘଟଗାଁର ମା ତାରିଣୀଙ୍କୁ ଦର୍ଶନ କରି ଯିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ବସ ଭିତରେ ନିଷ୍ପତ୍ତି ହେଲା ଫେରିବା ବାଟରେ ଘଟଗାଁ ଦେଇ ବସ ଫେରିବ । ବସ ଭିତରେ ଆମେ ସମସ୍ତେ ରାଜି ହେଲୁ ସେଇଆ କରିବା । ଆମେ ମାନେ ମୟୁରଭଞ୍ଜ ଜିଲ୍ଲାର ବାରିପଦା ସହରରେ ସକାଳେ ପହଞ୍ଚି ନିତ୍ୟକ୍ରମ ସାରି ଦେବକୁଣ୍ଡ, ସୀତାକୁଣ୍ଡ ପ୍ରଭୃତି ସ୍ଥାନ ବୁଲିବା ପରେ ଉଦଳା ସହରରେ ରାତ୍ରିଯାପନ କରି ତା' ପରଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ କିଛି ସ୍ଥାନ ବୁଲି ଦେଖିବା ପରେ ଗୃହ ଅଭିମୁଖେ ପ୍ରତ୍ୟାବର୍ତ୍ତନ ହେଲୁ । ଫେରିବା ଦିନ ଗୁରୁବାର ଥିବାରୁ ମୋ ପତ୍ନୀର ବ୍ରତ ଥିଲା ଯେ ସେ କେବଳ ଫଳ କିମ୍ବା ଦେବ ମନ୍ଦିର ପ୍ରସାଦ ବ୍ୟତୀତ ଅନ୍ୟ ଖାଦ୍ୟ ଗ୍ରହଣ କରିବ ନାହିଁ । ଆମେ ସମସ୍ତେ ଦ୍ୱିପ୍ରହରରେ କେନ୍ଦୁଝର ଜିଲ୍ଲାର ଏକ ଝରଣା ପ୍ରବାହିତ ସ୍ଥାନରେ ଆମ ବସ ଅଟକାଇ ରୋଷେଇ କରିଥିଲୁ ଓ ମନ ଆନନ୍ଦରେ ଭକ୍ଷଣ କରିଥିଲୁ କେବଳ ମୋ ପତ୍ନୀ ସେଥିରୁ ବଞ୍ଚିତ ଥିଲା । ମୋଟ ଦିନସାରା ସେ କେବଳ ଜଳ ଗ୍ରହଣ କରି ତାର କ୍ଷୁଦା ନିବାରଣ କରୁଥିଲା । ଫଳ ଖାଇବାର ଇଚ୍ଛା ଥିଲେ ମଧ ସେମିତି କିଛି ବାଟରେ ଫଳଦୋକାନ ଦୃଶ୍ୟକୁ ଆସିନଥିଲା । ବସ ଗଡ଼ି ଚାଲିଥିଲା ଅବିରତ ଗତିରେ ଖିଚିଂରେ ଅଧିଷ୍ଠାତ୍ରୀ ଦେବୀ ମା କୀଚେକଶ୍ୱରୀଙ୍କ ଦର୍ଶନ ନିମନ୍ତେ ।

ଅନେକ ଦିନ ପୂର୍ବରୁ ଅର୍ଥାତ୍ ୫,୬ ବର୍ଷ ତଳେ ଦୁଇଜଣ ଅତିଥୀ ପର୍ଯ୍ୟଟକ ଘଟଗାଁରୁ ଆସି ମୁଁ ଶିକ୍ଷକତା କରୁଥିବା ସାକ୍ଷୀଗୋପାଳରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଭ୍ରମଣରେ ଆସି ପହଞ୍ଚିଥିଲେ । ସ୍କୁଲ ବିଷୟରେ ମୋ ଠାରୁ କିଛି ତଥ୍ୟ ପଚାରି ବୁଝିଥିଲେ ଓ ଯେହେତୁ ମୁଁ ଜଣେ ଲେଖକ ଏବଂ ମୋର ସଦ୍ୟ ପ୍ରକାଶିତ ଏକ କବିତା ସଂକଳନ ପୁସ୍ତକ ତାଙ୍କୁ ଉପହାର ଦେଇ ବିଦାୟ ଜଣାଇଥିଲି । ତାଙ୍କ ଠାରୁ ରଖିଥିବା ତାଙ୍କ ମୋବାଇଲ ନମ୍ବରଟିକୁ ମୁଁ ମୋର ମୋବାଇଲ ଫୋନରେ ଫିଡିଂ କରିଥିଲି ଏବଂ ନାମ ଲେଖିଥିଲି ଘଟଗାଁ ସାର । ତାଙ୍କ ନାଁ ଯଦିବା ସେ କହିଥିଲେ ତାହା ମୋର ମାନସ ପଟରୁ ଉଭେଇ ଯାଇଛି କାରଣ ଏହା ବହୁଦିନ ତଳର ଘଟଣା ଅଟେ ।

ଦୈବାତ୍ ମୋ ମୋବାଇଲଟି ଖୋଲି ମୋ ଅଜଣାତରେ ଖେଳାଇବା ବେଳେ ନଜର ପଡ଼ିଲା ଫୋନରେ ଫିଡ଼ିଂ ଥିବା ନାମ ଘଟଗାଁ ସାର । ଆମେମାନେ ଘଟଗାଁ ଅଭିମୁଖେ ଯାଉଛୁ କିନ୍ତୁ ଇଏ ବ୍ୟକ୍ତି କିଏ ? କିଏ ହୋଇଥିବେ ଭାବୁ ଭାବୁ, ମନେପଡ଼ିଲା ଦୁଇଜଣ ଅତିଥୀ ବହୁଦିନ ତଳେ ଆମ ବିଦ୍ୟାଳୟକୁ ଆସିଥିଲେ ଏବଂ ବୋଧ ହୁଏ ତାଙ୍କରି ଫୋନ ନମ୍ବରକୁ ମୁଁ ଘଟଗାଁ ସାର ରୂପେ ଫିଡ଼ିଂ କରିଥାଇପାରେ । ଦେଖିବା ଫୋନ କରିବା, ଜାଣିବା... । ତାଙ୍କ ମୋବାଇଲ ରିଂ ହେଲା ଓ ହ୍ୟାଲୋ ଉତ୍ତର ଆସିଲା । ମୁଁ ପରିଚୟ ଦେଲା ପରେ ସେ ବାବୁ ଖୁସି ହେଲେ ଏବଂ ଜାଣିପାରିଲି ବୋଲି କହି ଫୋନ କାଟିଦେଲେ । ୧୦ ମିନିଟ ଛାଡ଼ି ପୁଣି ଫୋନ କଲି, ସେ ରିସିଭ କଲେ । ତାଙ୍କୁ କହିଲି ସାର୍, ତାରିଣୀ ମନ୍ଦିରରେ କିଛି ପ୍ରସାଦ ମିଳିବ କି ? ସେ ପଚାରିଲେ ଆପଣ କେଉଁଠି ? ମୁଁ କହିଲି ଆମେ ୪୦ଜଣ ମିଶି ଘଟଗାଁ ଯାଉଛୁ । କିନ୍ତୁ ଆମେମାନେ ସକାଳେ ଜଳଖିଆ ଓ ଦ୍ୱିପ୍ରହରେ ମିଲ୍ସ ଖାଇ ସାରିଛୁ କେବଳ ମୋ ପତ୍ନୀ ଏ ପର୍ଯ୍ୟନ୍ତ କିଛି ଖାଇନି କାରଣ ତା'ର ଆଜି ଗୁରୁବାର ବ୍ରତ୍ତ ଅଛି । ସେ ବାହାରେ କୌଣସି ଖାଦ୍ୟ ଖାଇବ ନାହିଁ । ସେ ମନା କରି କହିଲେ ରନ୍ଧାପ୍ରସାଦ ଦ୍ୱିପ୍ରହରେ ମିଳେ । ଏଇନା ସନ୍ଧ୍ୟା ହେଲାଣି ତେଣୁ ପ୍ରସାଦ ନାହିଁ । ମୁଁ ମଧ ଘଟଗାଁରୁ କେନ୍ଦୁଝର ଡି.ଇ.ଓ ଅଫିସ୍ ଆସିଛି ତେଣୁ ଫେରୁ ଫେରୁ ରାତି ୯ଟା ହେବ । ପୁଣି ଫୋନ କଟିଗଲା । ମୋ ପତ୍ନୀ ଆଗପଟ ସିଟ୍‌ରେ ବସିଥାଏ ମୁଁ ପଛପଟ ସିଟ୍‌ରେ ବସି ଘୁମାଉଥାଏ । ନିଦ ହମ୍ପସ୍ ଜାଗାରେ ଭାଙ୍ଗି ଯାଉଥାଏ । ମନଟା ଛଟପଟ ହେଲା, ମୋ ପତ୍ନୀ କିଛି ଖାଇନି, ଦିନସାରା ଖାଡ଼ା ଉପାସ ଅଛି । ମୋ ମନକୁ ବୁଝାଇଥାଏ ନିଜେ ନିଜେ ହଉ ନଡ଼ିଆଟେ ଓ କିଛି ଖଇକୋରା ଭୋଗ କରିବା ପରେ ତାହାକୁ ପତ୍ନୀ ଖାଇପାରିବ । ଏହି ବିଶ୍ୱାସରେ ସାମାନ୍ୟ ଆନନ୍ଦିତ ହେଲି । ସେ ସାରଙ୍କ ଫୋନରୁ ଫୋନ ଆସିଲା । ମୋ ମୋବାଇଲ ବାଜି ଉଠିଲା । ମୁଁ ରିସିଭ କଲି ଫୋନ୍, ସେ କହିଲେ ଆପଣମାନେ ଶୀଘ୍ର ଯାଆନ୍ତୁ । ରାତି ୮ଟାରେ ପହୁଡ଼ ବନ୍ଦ ହେବ । ଦର୍ଶନ ମିଳିବନି । ବର୍ତ୍ତମାନ ୭ଟା ବାଜିଲାଣି, ଆଳତୀ ପରେ

ପରେ କୌଣସି ଭକ୍ତ ଭକ୍ତାଙ୍କୁ ମନ୍ଦିର ଭିତରକୁ ଛଡ଼ା ଯିବନି । ଆପଣ କେଉଁଠି ବର୍ତ୍ତମାନ ? ମୁଁ ଉତ୍ତର ଦେଲି ବସ ଚାଲିଛି ଓ ଡ୍ରାଇଭର କହୁଛନ୍ତି ଆଉ ୩୦,୪୦ ମିନିଟ୍ ଲାଗିବ ମନ୍ଦିର ପାଖରେ ପହଞ୍ଚିବାକୁ । ସେ କହିଲେ ଠିକ୍ ଅଛି । ଶୁଣନ୍ତୁ ଆଜ୍ଞା, ମନ୍ଦିର ବେଢ଼ା ଭିତରେ ଷ୍ଟେଟ୍‌ବ୍ୟାଙ୍କ ଏ.ଟି.ଏମ୍. କାଉଣ୍ଟର ଅଛି ଓ ତାରି ପାଖ ଭୋଗ ଦୋକାନରେ ମା'ଙ୍କର ସନ୍ଧ୍ୟାଧୂପର ବିରିଚକୁଳି ପିଠା ମାଗି ଆପଣ ନେବେ । ଆପଣଙ୍କ ପତ୍ନୀଙ୍କୁ ଖାଇବାକୁ ଦେବେ । ମୁଁ ପଚାରିଲି ସେ ଦୋକାନୀ ବିକ୍ରି କରନ୍ତି ? ସେ ହସି କରି କହିଲେ, ସେ ଭୋଗ କୋଠ ଭୋଗ, କୌଣସି ଦୋକାନୀ ବିକି ପାରିବେନି । ଫୋନ କଟିଗଲା । ମୁଁ ବାରମ୍ବାର ଚେଷ୍ଟା କରୁଥାଏ ତାଙ୍କ ସହ ଯୋଗାଯୋଗ କରିବା ପାଇଁ କିନ୍ତୁ ଅନ୍‌ରିଚେବୁଲ୍ ଉତ୍ତର ଆସୁଥାଏ ।

ରାତି ୭ଟା ୪୦ ମିନିଟ୍‌ରେ ବସ ତାରିଣୀ ବେଢ଼ା ପାଖେ ଲାଗିଲା । ତରତର ହୋଇ ଆମେ ୪୦ଜଣ ଯାତ୍ରୀ ମନ୍ଦିର ଭିତରକୁ ମା'ଙ୍କ ଦର୍ଶନ ନିମନ୍ତେ ଗଲୁ । ସେତେବେଳେ ଆଳତୀ ଚାଲିଥାଏ । ଅପୂର୍ବ ମନୋରମ ଦୃଶ୍ୟ ଦେଖିବାର ସୌଭାଗ୍ୟ ଆସିଥିଲା । ତତ୍‌ପରେ ମୁଣ୍ଡିଆ ମାରି ଧାଡ଼ି ବାନ୍ଧି ଶହ ଶହ ସଂଖ୍ୟାରେ ଅନ୍ୟ ଭକ୍ତ ଭକ୍ତାଙ୍କ ସହ ମନ୍ଦିର ବାହାରକୁ ଚାଲି ଆସିଲୁ । ମନ୍ଦିର ପହୁଡ଼ ବନ୍ଦ ହେଲା । ରାତି ୮ଟା ୧୦ ମିନିଟ ପାଖାପାଖି ସମୟ । ଆମ ଗୋଷ୍ଠୀ ସଦସ୍ୟମାନେ ବସ ନିକଟକୁ ଯାଉଥାନ୍ତି । ଆମେ ସ୍ୱାମୀ, ସ୍ତ୍ରୀ କଥ ହେବାରେ ମୁଁ ପଚାରିଲି ତୁମେ କଣ ଖାଇବ ? ସେ ମୁରୁକି ହସିଦେଲେ, କହିଲେ ଆଜି ପାଇଁ ଜଳ ହିଁ ଜୀବନ । ପତ୍ନୀ କହିଲେ ଆସ, ସମସ୍ତେ ବସ ଭିତରକୁ ଗଲେଣି, ଆମେ ଯିବା । ଚପଲ ପିନ୍ଧୁ ପିନ୍ଧୁ ଲକ୍ଷ୍ୟ ପଡ଼ିଲା ଷ୍ଟେଟ ବ୍ୟାଙ୍କ ଏ.ଟି.ଏମ୍ ଉପରେ । ସତରେ ତାରି ପାଖରେ ତ ଭୋଗ ଦୋକାନଟେ ଅଛି । କିଛି କ୍ଷଣ ପୂର୍ବରୁ ସେ ଅଚିହ୍ନା ଅପରିଚିତ ସାର୍ ଫୋନ କରି କହିଥିଲେ ସେହି ଭୋଗ ଦୋକାନରୁ ପିଠା ମାଗିନେବେ । ଧିରେ ଧିରେ ମୋ ସ୍ତ୍ରୀକୁ ନେଇ ଦୋକାନ ପାଖକୁ ଗଲି । ପଚାରିଲି ଭାଇ, କିଏ ପିଠା ଦେଇଛନ୍ତି କି ? ସେ ଉତ୍ତର ଦେଲେ ଆପଣ ସାକ୍ଷୀଗୋପଳରୁ ଆସିଛନ୍ତି କି ? ହଁ କହିଲି । ଆପଣ ପିଠା ନେଇନାହାନ୍ତି ବୋଲି ମୁଁ ଏପର୍ଯ୍ୟନ୍ତ ଦୋକାନ ଖୋଲା ରଖିଛି । ଏଇନା ବନ୍ଦ କରିଦେଇଥାନ୍ତି । ଯାହା ହେଉ ଆପଣ ଆସିଲେ । ନେଲେ ଶୀଘ୍ର ପିଠା । କେତେଟା ଅଛି ଭାଇ ? ଛଅଟା ପିଠା ଅଛି । ଆପଣଙ୍କ ପତ୍ନୀଙ୍କ ଯଥେଷ୍ଟ ହେବ । କେତେ ଟଙ୍କା ଦେବି ଭାଇ ? ଟଙ୍କ କଣ ହେବ, ଏ ପିଠାତକ ଆପଣଙ୍କର କହି ଦୋକାନ ସଟର ପକାଇବା ପାଇଁ ବ୍ୟଗ୍ରତା ପ୍ରକାଶ କଲେ । ସାମାନ୍ୟ ଦୂରାଇ ଆସି ଶାଳପତ୍ରରେ ଗୁଡ଼ାଇ ହୋଇଥିବା ଶାଳପତ୍ର ଖୋଲି ଦେଖିଲୁ ସତକୁସତ ବିରିଚକୁଳି ପିଠା ୬ଟା ଅଛି । ନେ, ଖାଇଦେ । ମୋ ପତ୍ନୀ ତାରିଣୀ ଠାକୁରାଣୀଙ୍କ ପିଣ୍ଡାରେ ବସି ଶାଳପତ୍ର ମଧ୍ୟରୁ ପିଠାଗୁଡ଼ିକ କାଢ଼ି ମନ ଆନନ୍ଦରେ ଗୋଟିକପରେ ଗୋଟିଏ ଖାଉଥାଏ । ମୁଁ ଅଶ୍ରୁଭରା ନୟନରେ ଭାବୁଥାଏ କେଡ଼େ ଦୟାଳୁ ଠାକୁରାଣୀ ତୁମେ ମା' । ମୋ ଭୋକିଲା ସ୍ତ୍ରୀକୁ ଏତେ ମାତ୍ରାରେ ପିଠାଦେଇ ତା କ୍ଷୁଧା ନିବାରଣ କରିଛ ମା' । ମୋ ସ୍ତ୍ରୀ ସବୁତକ ପିଠା ଖାଇ ସାରି ପାଣି ଟ୍ୟାପ୍ ନିକଟକୁ ଯାଇ ହାତ ଧୋଇ ବୋତଲରୁ ପାଣି ପିଇସାରି କହେ ବଢ଼ିଆ ସ୍ୱାଦିଷ୍ଟ ପିଠା ଥିଲା । ତୁମକୁ କିପରି ମିଳିଲା ଏଗୁଡ଼ାକ ? ମୁଁ ପୁଣିଥରେ ପକେଟରୁ ଫୋନ୍ କାଢ଼ି ଘଟଗାଁ ସାର ଫିଡ଼ିଂ ଥିବା ନମ୍ବରରେ ଟ୍ରାୟଲ କଲି । କିନ୍ତୁ ସେଇ ଅନ୍‌ରିଚେବୁଲ୍ ଉତ୍ତର ଆସିଲା । ସେ ଭୋଗ ଦୋକାନୀଙ୍କ ପାଖକୁ ଗଲାବେଳକୁ ତାହା ମଧ ବନ୍ଦ ହୋଇ ସାରିଥାଏ ।

କି ଅପୂର୍ବ ଲୀଳା ମା' ଠାକୁରାଣୀ ତୁମର । ମୁଖ୍ୟଦ୍ୱାର କବାଟ ବନ୍ଦ ସରିଥିଲେ ସୁଧା ଆମେ ସିଂହଦ୍ୱାର ଆଗରେ ଥାଇ ଯୋଡ଼ ହସ୍ତରେ ପ୍ରଣୀପାତ ହେଲୁ । ଆମେ ସ୍ୱାମୀ, ସ୍ତ୍ରୀ ରୋଗା, ରୋଗିଣୀ ମା' ସାଆନ୍ତାଣୀ । କେତେବର୍ଷ ବଞ୍ଚିବୁ ଜାଣିନୁ ମା' ଠାକୁରାଣୀ । ସେ ସିଂହ ବାହିନୀ, ହେ ଅଭୟ ବର ଦାୟିନୀ, ହେ ମୁକ୍ତି ପ୍ରଦାୟିନୀ, ଆପଣଙ୍କର ଜୟ ହେଉ । ଜୟ ହେଉ । ବସ ଡ୍ରାଇଭର ଗେଟ୍ ବାହାରେ ଡାକ ଥାରୁଥିଲା ଶୀଘ୍ର ଆସନ୍ତୁ ସାର୍ । ଡେରି ହେଲାଣି । ଆପଣମାନେ ଚଢ଼ିଲେ ବସ ଛାଡ଼ିବ ସାକ୍ଷୀଗୋପାଳ ।

*ସମ୍ପାଦକ : ମାଟିର ମହକ*
*ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ, ପୁରୀ*

**॥ ଶାରଦୀୟ ଅଭିନନ୍ଦନ ॥**



**ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ ଅବସରରେ ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି**

**ଡକ୍ଟର ଦୀପକ କୁମାର ଦାଶ**
**ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ**

# ଅବିବାହିତା ତରୁଣ

*- ଅଶୋକ*

ଛୋଟଥିଲି ବାପା କହିଥିଲେ
ପୁଅ ତୁମକୁ ମୋର କିଛି କହିବାର ଅଛି
ଭୁଲିବନି ମୁଁ ତାହା କେବେ
ମୋର ଶେଷ ଦିନଯାଏଁ।

ସେ କହିଥିଲେ,
ପୁଅ ତୁମେ ଏକ ଅବିବାହିତ ତରୁଣ
ଆଉ ରୁହ ଏହିପରି
ରହିବ ହୋଇ ଏକ ଅବିବାହିତ ତରୁଣ
ଜୀବନର ଶେଷ ଦିନ ଯାଏଁ।

ସେ କହିଥିଲେ,
ପୁଅ ତୁମେ ଏକ ଅବିବାହିତ ତରୁଣ
ଆଉ ରୁହ ଏହିପରି
ରହିବ ହୋଇ ଏକ ଅବିବାହିତ ତରୁଣ
ଜୀବନର ଶେଷ ଦିନ ଯାଏଁ।

ସେ କହିଥିଲେ,
ପୁଅ ତୁମେ ଏକ ଅବିବାହିତ ତରୁଣ
ଆଉ ରୁହ ଏହିପରି
ରହିବ ହୋଇ ଏକ ଅବିବାହିତ ତରୁଣ
ଜୀବନର ଶେଷ ଦିନ ଯାଏଁ।

ଦିନେ ଥିଲି ମୁଁ ଷୋଡ଼ଶ ତରୁଣ
ପ୍ରେମରେ ପଡ଼ିଯାଇଥିଲି ଏକ ଝିଅ ସହ
ମଧୁର ଯେତେ ହୋଇପାରେ
କିନ୍ତୁ ମୋର ମନେ ପଡ଼ିଯାଇଥିଲା ଶେଷ ମୁହୂର୍ତ୍ତରେ
ବାପା ମୋତେ ଯାହା କହିଥିଲେ
ପୁଅ, ରହିବ ହୋଇ ଏକ ଅବିବାହିତ ତରୁଣ
ଜୀବନର ଶେଷ ଦିନ ଯାଏଁ।

# ପ୍ରଭୁନାମ

*- ସରୋଜକାନ୍ତ ତ୍ରିପାଠୀ*

ପ୍ରଭୁଙ୍କର ନାମ ଗଂଗା ନଈ
ପାପୀଜନ ଡାକୁଥିଲେ-
ପାପ ଯାଏ ଧୋଇ ॥୦॥
ପ୍ରଭୁ-ପାଦ-ଧୂଳି ଭୁରୁ-ଚନ୍ଦନ
ପ୍ରଭୁ ନାମ ତୋଳେ ମଧୁ ଗୁଞ୍ଜନ
ଗାଉଥିଲେ ସଦା ତାଙ୍କ ଭଜନ
ଏ' ଜୀବନ ଯାଏ ଧନ୍ୟ ହୋଇ ॥୧॥
....ପ୍ରଭୁଙ୍କର ନାମ ଗଂଗାନଈ....
ପ୍ରଭୁଙ୍କର ନାମେ ଭରା ଅମୃତ
ଯିଏ ପିଇ ଜାଣେ, ସିଏ ଭକତ
ସେହି ପ୍ରଭୁ ନାମେ ଗଢ଼ା ଜଗତ,
ଆଦି ଆଉ ଅନ୍ତ ଯା"ର ନାହିଁ ॥୨॥
....ପ୍ରଭୁଙ୍କର ନାମ ଗଂଗା ନଈ....

# ମୋ ପ୍ରିୟା

*- ରୂପେଶ ସାହୁ*

ପ୍ରୀତୀର ସାଗରେ ପ୍ରେମର ନଉକା
ଭସା ବାଦଲର ଓଢ଼ଣୀ
ଫାଲଗୁନି ଭଅଁର ଆମ୍ବ ବଉଳକୁ
କହେ ମୋ ପ୍ରୀୟାର କାହାଣୀ।
ସୁନ୍ଦରୀ ସେ ପରୀ ରାଇଜର
ଆସିଛି ମୋ ଜୀବନରେ,
ମୋ କବିତାରେ ଶବ୍ଦ ଯୋଡ଼ି ସେ
ସଜାଉଛି ସାତ ସ୍ୱରେ।
ଶ୍ରାବଣର ପହିଲି ବର୍ଷା ଯାଏ ଯେବେ
ମୋ ପ୍ରୀୟାର ଦେହ ଛୁଇଁ,
ଷୋଡ଼ଶୀ ବୟସେ ଯୌବନ ଅବିର
ଯାଏ ତା ଦେହରେ ବୋଳି ହୋଇ।

# ବୋଉ

- ନିରୁପମା ବେହେରା

ବୋଉ ତୋ କୋଳରେ
ମୁଣ୍ଡ ରଖି ରଖି
କୁନି କୁନି ଆଖିରେ ମୋର
ଭରିଯାଏ ସୁନ୍ଦର ନିଦଟେ ।
ଯେତିକି ଯେତିକି ପାଉଥାଏ
ତୋ ସ୍ନେହର ସ୍ପର୍ଶ
ସେତିକି ସେତିକି ଗଭୀର ହେଉଥାଏ ନିଦ
ହଜିଯାଉଥାଏ ସ୍ୱପ୍ନ ଦୁନିଆରେ
ତୋ ମନଗଢ଼ା ଗଳ୍ପର
ରାଜାରାଣୀ ଚରିତ୍ର
ଯେଉଁଠି ଘୁରି ବୁଲୁଥାନ୍ତି
ଜୀବନ୍ତ ଭାବରେ ।

ତୋ କଥାରେ କି ଯାଦୁ ଥାଏ କେଜାଣି
ତରଳିଯାଏ ପ୍ରଜାପତିର ବି ମନ
ଧରାଇ ଦିଏ ତା' ଡେଣାକୁ
ତୋ ହାତେ....
ମୋ ପିଠିରେ ଖଞ୍ଜିଦେଇ ତାକୁ
କହୁ ଉଡ଼ିଯା ଧନ
ଉଚ୍ଚ କୁ ଉଚ୍ଚ କୁ ଖୁବ୍ ଉଚ୍ଚ କୁ
ଜହ୍ନ ତାରା କୁ ଟିକେ ଛୁଇଁ ଆସିବାକୁ
ମୁଁ ବି ଉଡ଼ିଯାଏ ନିଶ୍ଚିନ୍ତରେ
ପଡ଼ି ଯିବାର ନଥାଏ ତିଳେ ହେଲେ ଭୟ
ଜାଣିଥାଏ ତୁ ତଳେଥାଇ
ବିଛେଇ ଦେଇଥିବୁ, ତୋ ପଣତର
ନରମ ବିଛଣା ଟେ.......।

ମୁଁ ଏବେ ସେମିତି ଚାହିଁଥାଏ
ତୋ ଆଖି ଦୁଇ....
କାଳେ କେତେବେଳେ ତୋ ନଜର ହଟିବ
ଆଉ ମୁଁ ଉଡ଼ିଯିବି, ଅନେକ ଦୂରତାକୁ
ଯେଉଁଠି ପହଞ୍ଚି ପାରୁ ନଥିବୁ ତୁ,
ନଥିବ ତୋର ମୋ ଉପରେ
ଆକଟ ଆଉ ।

ସେଠି ପହଞ୍ଚି ମୁଁ ଏବେ
ଫୋପାଡ଼ି ଦିଏ, ତୁ ଦେଇଥିବା ଡେଣା ଦୁଇ
ଗଢ଼େ ଏବେ ନିଜ ହିସାବରେ
ମୋ ଦୁନିଆ ମୁଁ ।

ହେଲେ, ବୋଉ,
ଜାଣିନି ଆଜି କାହିଁକି ହଜି ଯାଇଛି
ଆଖିରୁ ନିଦ
ଜାଣିନି ଶୋଇନି କେବେଠୁ
ଥକି ପଡ଼ିଛି ଯେମିତି ଆଜି ଏ ପାଦ ଦୁଇ
ତୁଚ୍ଛା ମରିଚୀକା ପଛେ ଧାଇଁ ଧାଇଁ

ବୋଉ ଲୋ ଆଜି ମନେ ପଡୁଛି
ତୋ କଥା, ମନେ ପଡୁଛି
ପ୍ରଜାପତିର ସେ ଡେଣା ଦୁଇଟା
ଇଚ୍ଛା ହେଉଛି ପୁଣିଥରେ
ପିଠିରେ ଖଞ୍ଜି ଦେଇ ତାକୁ
ଉଡ଼ି ଯା'ନ୍ତି କି ତୋ
ସ୍ନେହର ପରିଧି ଭିତରକୁ
ତୋ କୋଳରେ
ଆଉଥରେ ମୁଣ୍ଡ ଗୁଂଜି ଦେଇ
ଶୁଆଇ ଦିଅନ୍ତି ମୋ ଥକିଲା ଆଖି ଦୁଇ
ତୋ ମିଠା ଛୁଆଁରେ ପୁଣିଥରେ
ଘୁରି ବୁଲନ୍ତି ସେ ସ୍ୱପ୍ନ ଦୁନିଆରେ
ତୋ ମନଗଢ଼ା ଗଳ୍ପର
ରାଜାରାଣୀ ଚରିତ୍ର ଯେଉଁଠି
ଘୁରି ବୁଲୁଥାନ୍ତି ଜୀବନ୍ତ ଭାବରେ ।

ଏଲ.ଆଇ.ସି କ୍ୱାଟର, ମଣ୍ଡୁଆ, କେନ୍ଦୁଝର

# ମୋ ଛାତିରେ ରୋପିଦିଅ ଶହଶହ ବୃକ୍ଷ

*- ମାନସ କୁମାର ପାତ୍ର*

ଗହଳ ପତ୍ରର ସବୁଜ ଡାଳରେ
କଳରବ କରେ ପକ୍ଷୀ
ରିମ୍‌ଝିମ୍ ସ୍ୱରେ ପ୍ରୀତିର କବିତା
ଶୁଣାଏ ବରଷା ରାତି ।
ବେଗବତୀ ନଦୀ, ସୁଉଚ୍ଚ ପର୍ବତ
ସୁନୀଳ ଆକାଶ ତାରା
ଶରଧା ସୂରୁଜ କପାଳରେ ପିନ୍ଧି
ଝଟକେ ସବୁଜ ଧରା ।
ପଶୁ ପକ୍ଷୀ ଠାରୁ କୀଟ ପରିଯନ୍ତ
ତା ଉପରେ ବିଚାରନ୍ତି
ରିତି ନୀତି ସବୁ ପ୍ରକୃତି ର ମାନି
ଜୀବନ ବିତାଇ ଥାନ୍ତି ।
ବେପଥୁ ବିଧୁରା ପ୍ରକୃତି ସତେକି
ପ୍ରିୟ ଆଗମନ ପାଇଁ
ଶତଚେଷ୍ଟା କରି ସଜାଏ ନିଜକୁ
ଏମାନଙ୍କୁ ସାଥେ ନେଇ ।
ପକ୍ଷ ମେଲି ମଧୁମକ୍ଷୀ ବୁଲୁଥାଏ
ଫୁଲରୁ ଫୁଲକୁ ଡେଇଁ
ରିପୁବନ୍ତସମ ବ୍ୟାଘ୍ର ସିଂହ ଭାଲୁ
ବନସ୍ତ ଶୋଭା ବଢ଼ାଇ ।
ବେତନ ନେଇଣ ସଫେଇ କରନ୍ତି
ଶ୍ୱାନ ଓ ଶୃଗାଳ ସତେ ।
ଶପଥ ନେଇଣ କରୁଥାନ୍ତି ସେବା
ପଶୁପକ୍ଷୀ ଆନ ଯେତେ ।
ପର ପିଠିରେ ପାଦ ଥାପି ନର
ନିଜକୁ ବୁଦ୍ଧିଆ ଭାବେ
ରିକ୍ତ ହସ୍ତେ ଫେରି ଯିବ ଆରପାରି
ଜାଣିବି ଅଜଣା ହୁଏ ।
ବେଇମାନ ସାଜି ଶୋଷକରେ ତାକୁ
ଯା' ପାଇଁ ସେ ହୁଏ ବଡ଼
ଶର ସନ୍ଧାନରେ ନିପାତ କରୁଛି
ପଶୁପକ୍ଷୀଙ୍କର ନୀଡ଼ ।
ପର୍ଶୁରାମ ପରି ମାତୃ ହତ୍ୟା କରେ
ବିଦାରି ତାହାର ଛାତି
ରିଷ୍ଟ ନିଜ ନଜେ ଖଣ୍ଡନ ନିମନ୍ତେ
ପଶୁ ପକ୍ଷୀ ଦିଏ ବଳି ।
ବେଧଡ଼କ ଭାବେ ବଢ଼େ ତାପମାତ୍ରା
ଧୂଳି ଧୂଆଁ ଯାଏ ଭରି
ଶତ୍ରୁ ଭାବି ଗଢ଼େ ପରମାଣୁ ବୋମା
ନିଜକୁ ବଧିବା ଲାଗି ।
ପରସ୍ତ ପରସ୍ତ ଦୁଃଖରେ କାନ୍ଦିଣ
କହୁଛି ଧରିତ୍ରୀ ମାଆ
ରିହାତି ଦରରେ ଖୋଲା ବଜାରରେ
ବିକନାହିଁ ମୋତେ ଆହା ।
ବେସଜଡ଼ା ରୂପ ପୁନଶ୍ଚ ସଜାଡ଼ି
ମୋ ଦେହରେ ରଙ୍ଗ ଦିଅ
ଶହ ଶହ ବୃକ୍ଷ ମୋ ଛାତି ଉପରେ
ହେ ମଣିଷ ରୋପିଦିଅ ।

*ଅରଳା, ଗୋପାଳପୁର, ବାଲେଶ୍ୱର, ଓଡ଼ିଶା*

# ଅନୁମତି

*- ଦିପ୍ତିରେଖା ସାମନ୍ତରାୟ*

ପ୍ରଜାପତି କି ଅନୁମତି ନିଏ
ଫୁଲକୁ ଚୁମିବା ଆଗରୁ,
ଜହ୍ନକି ପଚାରି ବୁଝେ କୁମୁଦଠୁ
ଜୋଛନା ପରଶେ
ଭିଜାଇବା ଆଗରୁ,
ଭସା ବଉଦ କି
ପଚାରି ବୁଝେ ମାଟିଠୁ
ଛୁଇଁବା ଆଗରୁ,
ନଦୀ କି ପଚାରେ ସାଗରକୁ
ତା ଦେହରେ ମିଶିବା ଆଗରୁ,
ଯଦି କେହି
ଲୋଡ଼ନ୍ତି ନାହିଁ ଅନୁମତି,
ତେବେ ମୁଁ କାହିଁ
ଲୋଡ଼ିବି ଅନୁମତି ?
ତୁମ ପ୍ରେମ ପ୍ରଣୟ
ଭିଜିବା ଆଗରୁ ।।

*ଜମିଲା, ଖୋର୍ଦ୍ଧା*

# ଆଶା

*- ଅନ୍ନପୂର୍ଣ୍ଣା ସାହୁ*

ହେବି ମୁଁ କବି ଲେଖିବି ଭାବି
ହୃଦୟସ୍ପର୍ଶୀ କବିତା ।
ଶୁଣିବେ ଶ୍ରୋତା ସ୍ଥିର ଚିତ୍ତରେ
ଆପଣେଇ ମୋ କଥା ॥୦॥
କହିବି ମୁହିଁ ଶୁଣରେ ଭାଇ
ହୋଇବା ଆସ ଠୁଳ ।
ବଦଳାଇବା ଦୁର୍ଗୁଣ ଯେତେ
କରି ଚିତ୍ତ ନିର୍ମଳ ॥୧॥
ନିଜକୁ ନିଜେ ସଜାଡ଼ି ନେବା
ଦେବା ନି କାରେ ଧୋକା ।
ସତ୍ୟ ଧର୍ମକୁ ପାଥେୟ କରି
କରିବୁ କାମ ପକ୍କା ॥୨॥
ନେବାକୁ କେବେ କରନି ଆଶା
ଯେତେ ପାରୁଛ ଦିଅ ।
ତେବେ ତୁମେ ଏ ଜଗତେ ହେବ
ଜୀବନ୍ତ ବଡ଼ ଦିଅଁ ॥୩॥
ନିଜ ଲୋକ ଠୁ ଅଧିକ ଯଦି
ଅପରେ ସ୍ନେହ କର ।
ହୋଇବ ତୁମେ ସବୁରି ପ୍ରିୟ
ସବୁରି ଆପଣାର ॥୪॥
ଜୀବନ, ଧନ ଅବା ଯୌବନ
ନୁହେଁ ତ ଚିରସ୍ଥାୟୀ ।
କିମ୍ପାଇଁ ଆମେ ବିଷୟାଭୂତ
ପାଇଁ କି ହେବୁ ବାଇ ॥୫॥
ଅମୃତ ଭାବି ବିଷକୁ କେବେ
କରିବୁ ନାହିଁ ଗ୍ରାସି ।
ପତଙ୍ଗ ପରି ଲୋଭେ ନିଆଁରେ
ଦେବୁନି କେବେ ଝାସ ॥୬॥
ମଣିଷ ଯେଣୁ ଶ୍ରେଷ୍ଠ ଜୀବ
ଉତ୍ତମ ବୁଦ୍ଧି ତା'ର ।
ଗଢ଼ି ତୋଳିବା ଆମ ରାଜ୍ୟକୁ
କରି ସରଗ ପୁର ॥୭॥
ସ୍ୱାର୍ଥକୁ ତ୍ୟାଗ କରିଲେ ଭାଇ
ମିଳେ ଅପାର ସୁଖ ।
କି ନେଇ ଯିବା ଆର ପାରିକୁ
ଭାବିତ ଟିକେ ଦେଖ ॥୮॥
ମର ଶରୀର ମାଟିରେ ମିଶି
କାଳ ଗର୍ଭକୁ ଯାଏ ।
ସୁକର୍ମ କଲେ ଯୁଗ ଯୁଗକୁ
ସ୍ମୃତିଟି ରହିଥାଏ ॥୯॥

*- ଗୌତମନଗର, କଟକ*

# ଜୀବନରୁ ମରଣର

*- କୁନଲତା ତ୍ରିପାଠୀ*

ସବୁ ସଙ୍କଟ ଓ ସଂଘର୍ଷ ଉର୍ଦ୍ଧ୍ୱରେ ତୁମେ ହିଁ ପରଖି ନିଅ
ଇଚ୍ଛା-ଅନିଚ୍ଛାର ଦୋଛକିରେ ଛକି ଥାଅ ତୁମେ ଇଚ୍ଛାମୟ ।।

କାଳର କରାଳ ଗତିରେ ଏ ନିଃସ୍ୱ କ୍ଷଣକୁ କରି ଭରସା
କେତେ ସେ ପ୍ରସ୍ତୁତି କେତେ ପ୍ରତିଶ୍ରୁତି କେତେ
ଆଶା ଓ ପ୍ରତ୍ୟାଶା ।।

ସୀମିତ ଭାବନା ବାହାରେ ତୁମେ ତ ଅନନ୍ତ ଅସୀମ ସତ୍ତା
ଜୀବନ ଜୀଇଁବା ପାଇଁ ଏ ଜୀବର କେତେ କର୍ମ ପ୍ରବଣତା ।।

ନିରମି ମରମି ଭରି ଦିଅ ପ୍ରଭୁ ତୁମେ ଥାଇ ଚେତନାରେ
ଜୀବନ ମରଣ ପଥ ଦେଇ ଆସ ଥାଇ ପ୍ରତି ସ୍ତରେ ।।
ଯେ ବହୁତ ଘଳିଦିଅ କୃପା ବାରେ

*ଦୂର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ-୧*

# ଅଭାବି ଘର

*ଜ୍ୟୋତି ରଂଜନ ବସ୍ତିଆ*

ଝାଟିମାଟିର ଛଣଛପର
ମାଟି ଗଳିପଡ଼ି କଣି ଦିଶୁଛି ପିଞ୍ଜରା ଭଳି ।
କଖାରୁ, ଲାଉ ଡଙ୍କଙ୍କ ରାଜତ୍ୱ
ତା ଉପରେ ଲଦି ହୋଇ ପଡ଼ିଛି
ବୁଢ଼ା ବରକୋଳି ଗଛ,
ଦିନରେ ଖରା ରାତିରେ ତରାଙ୍କର ତୀର୍ଯକ ଚାହାଣୀ ।
ଅଗିରାଟାରେ ଭଙ୍ଗା ଲଣ୍ଠନର ଦୟନୀୟ ଅବସ୍ଥା
ସୋଲ ଠିପି ଲାଗା ଶିଶି ବାପଘରର ସାଇତା
ଯୌତୁକ ପେଡ଼ି, ଧ୍ୱସ୍ତ ବିଧ୍ୱସ୍ତ
ଚୁଲିର ଝିକାମାନେ ଦୋଳାୟମାନ ଅଲକ୍ଷଣି
ଅଲୁଗଣିର ଡୋର ଦ୍ୱୟ
ସଂପର୍କ ତୁଟାଇ ବାକୁ ବସିଲେଣି କଣିଠାରୁ
ଅଭାବି ଘରର ସନ୍ତକ ବାରିହୋଇପଡ଼େ
ତା' ଭେକ୍ଷ ପୋଷାକରୁ ।

*ଗେଲପୁର, ଜଗତସିଂହପୁର*

# ଗାଆଁର ସ୍ମୃତି

*- ସ୍ନେହଲତା ଦ୍ୱିବେଦୀ*

ମନେ ପଡ଼ିଲେ ମୋ ଗାଆଁ କଥା
ଛଳଛଳ ହୁଏ ଆଖିପତା
ଛନକି ଉଠେ ମୋ ଛାତି
କେତେ ଦୂରେ ସିଏ କେତେ ଦୂରେ ମୁହଁ
ନିରିଜନ ଏଇ ରାତି--
ସେଇ ତୋଟା ମାଳ ସେଇ ନଈକୂଳ
ମନରେ ବଉଳ ପ୍ରୀତି--
ଫୁଲାଫୁଲି ମୁହଁ ଅଭିମାନ କୋହ
ସଜଳ ହେଉଛି ସ୍ମୃତି--
ସିଜୁଡାଙ୍ଗବାଡ଼ କରିଛି ଉହାଡ଼
ନୂଆଣିଆ ଚାଳଘର
ଶୁଭୁଛି ମଧୁର ଦିଶୁଛି ସୁନ୍ଦର
ପାନଖିଆ ପାଟିସ୍ୱର--
ଏବେ ବି ଦିଶୁଛି ଜହ୍ନିଫୁଲ ରାତି
ପାଉଁଜି ସବଦ ପାଦ
କେତେ ଅନୁରାଗ ଆବେଗ ଭରାରେ
ମିଳନ ମଧୁର ପର୍ବ--
ବସନ୍ତର ରାସ ମେଳଣ ମଣ୍ଡପ
ଫଗୁଣ ପାହାନ୍ତି ରାତି
କଅଁଳ କାକର ଲାଗେ ନାହିଁ ଡର
ଯାତରେ ଥାଉକି ମାତି--
ସେ ଶୈଶବ କୈଶୋର କେତେ ମନୋହର
ମାଆ କୋଳ ମଧୁଝରା
ଆଜିରେ ମଧାହ୍ନ ଝୁରି ହୁଏ ମନ
ଜୀବନ ଜଞ୍ଜାଳ ଘେରା--
ଗୁରୁଜନ ଭାର ଏବେ ମୋ ସମ୍ଭାର
ଜୀବନର ଚଲା ପଥେ
ଚାହାଳିର ଧୂଳି ମୁଣ୍ଡେ ହୁଏ ବେଳି
ମାନସେ ପୁଜେ ମୁଁ କେତେ--

*- ମହାନଦୀ ବିହାର, କଟକ*

# ସମୟ

*- ମାନସରଂଜନ ପଟ୍ଟନାୟକ*

କିଏ ଜଣେ କହିଥିଲା ଘରଟେ କରିବୁ
ସେ ଘରକୁ ବୋହୂ କରି ମୋତେ ନେଇଯିବୁ
ଭାଗ୍ୟର ବେଦନା ଆଜି ଶତ୍ରୁ ସାଜିଥିଲା
ସେ ତ ଚାଲିଗଲା ଆଉ ବାହୁଡ଼ି ନୋଇଲା
ପଠଗୁଣର ପଠକୁ ନେଇ ଗଲା ନିଜ ପଥେ
ମୋ ସହ ଦିନ କାଟିବ କହିଥିଲା ସାଥେ
ମଳୟର ବାସ୍ନା ମତେ କେବେ ଛୁଇଁବନି
ସବୁ ଗନ୍ଧ ଫିକା କରିଦେଲା ଅଭିମାନୀ
ନିର୍ଜିବ ତୁଲ୍ୟ ଜୀବନ ଲାଗୁଅଛି କାହିଁ
ତଥାପି ଫେରିବା ବାଟ ଚାହିଁଅଛି ମୁହିଁ
ଚାହିଁଲେ କି ସତେ ସିଏ ଫେରିକି ଆସିବ
ବିଧାତାର ନିୟମକୁ ମାନିବାକୁ ହେବ
ସମୟକୁ ଦେଇଛନ୍ତି ଅସ୍ତ୍ର କରି ସେତ
ଅଭାଗା  ଶରୀର ତାହା ବୁଝିବ କେମନ୍ତ
ତୋର ଦାନେ ପ୍ରତିଦାନ ଦେଇପାରେ ନାହିଁ
ସବୁଠାରୁ ମୂଲ୍ୟବାନ ସମୟ ଅଟଇ

# ଗୋଟିଏ

**- ଡକ୍ଟର କୃତ୍ତିଦାସ ନାୟକ**

ଗୋଟିଏ ମଞ୍ଜି ଗୋଟିଏ ଗଛ ଆଣେ କୋଟିଏ ଫଳ
ଗୋଟିଏ ମେଘ ବୁଡ଼େଇ ପାରେ ନଈ ପୋଖରୀ ନାଳ ।
ଗୋଟିଏ ପକ୍ଷୀ ଗାଇଲେ ଗୀତ ମନ ଚହଲି ଯାଏ,
ଗୋଟିଏ ଶିଶୁ ହସରେ ପୁଣି କୋଟିଏ ସୁଖ ଥାଏ ।
ଗୋଟିଏ ବିନ୍ଦୁ ସିନ୍ଦୁର ପୁଣି କାଟେ ଲକ୍ଷ୍ମଣ ଗାର,
ଗୋଟିଏ ହାତ ଛୁଆଁରେ ରୋଗ ହୋଇ ପାରିବ ଦୂର ।
ଗୋଟିଏ ଛାତ ଆକାଶ ତଳେ ରହିଛୁ ବିଶ୍ୱବାସୀ
ଗୋଟିଏ ସୂର୍ଯ୍ୟ ଆଲୋକ ଢ଼ାଳେ ଅନ୍ଧକାରକୁ ନାଶି ।
ଗୋଟିଏ ଚନ୍ଦ୍ର ସଭିଙ୍କ ମାମୁ  ଗୋଟିଏ ଧ୍ରୁବତାରା
ଗୋଟିଏ ଲୋକ ତ୍ୟାଗ ବଳରେ ଧନ୍ୟ ହୁଏ ଏ' ଧରା ।
ଗୋଟିଏ ଦୀପ ଜଳି ଉଠିଲେ ଅନ୍ଧାର ଯାଏ ଚାଲି,
ଗୋଟିଏ ପାଇଁ ବାସ ଚହଟେ ଫୁଟିଲେ ବଣ ମଲ୍ଲୀ ।
ଗୋଟିଏ ପାଦ ଆଗକୁ ଗଲେ ଦୂରତା କମିଯାଏ,
ଗୋଟିଏ ଶବ୍ଦ ମନ୍ତ୍ର ବଳରେ ଈଶ୍ୱର ବଶ ହୁଏ ।
ଗୋଟିଏ ମୃତ୍ୟୁ କୋଟିଏ ମିଥ୍ୟା କଥାକୁ କାଟିପାରେ,
ଗୋଟିଏ ମାଆ ବିଶ୍ୱଜନନୀ ଆମକୁ କୋଳେ ଧରେ ।

# ଶୀଲା ତୁମ ପାଇଁ

*- ସଞ୍ଜୟ କୁମାର ଜୟସିଂହ*

ଜାଣିଛ ଶୀଲା
ତୁମକୁ ନେଇ ମୁଁ କ'ଣ କେବେ
କବିତା ଲେଖିପାରେ
ତୁମେ ତ ଆପେ ଆପେ
ଆଙ୍କି ହୋଇଯାଅ
ମୋର କବିତାରେ ।
ଶୂନଶାନ୍ ରାତି ପରି
ତୁମର ନିରବତା
ମୋତେ ବାଧ କଲା
ଲେଖିବାକୁ ଅନେକ କଥା
ସେଇଥିପାଇଁ ତ
ତୁମେ ମୋର କବିତା ।

ମୁଁ ଥିଲି ଦିଗହରା ନାବିକ
ତୁମେ ପୂର୍ଣ୍ଣମୀ ରାତ୍ରିର ଜହ୍ନ
ମୋତେ ଦେଲ
ଆଉ ଏକ ପ୍ରାନ୍ତର ଠିକଣା
ଓଠରେ ହସ
ମୋ କଣ୍ଟକିତ ପଥରେ
ତୁମେ ଭରିଦେଲ
ଗୋଲାପର ସ୍ପର୍ଶ ।

ହାରିବା ଠାରୁ ହରେଇବାରେ ଥାଏ
ଯେତିକି ଦୁଃଖଦ ଯନ୍ତ୍ରଣା
ଜିତିବା ଠାରୁ ଜିତେଇବାରେ ଥାଏ
ସେତିକି ଖୁସିର ମୂର୍ଚ୍ଛନା
ତୁମେ ଏମିତି ମୋ ଜୀବନେ
ଜିତି ଜିତେଇବାର ଏକ ସମୀକରଣ
ମୁଁ ଜିତିଛି ତୁମ ହୃଦୟକୁ
ଆଉ ଜିତେଇଛି
ମୋ ଠାରେ ଥିବା
ତୁମରି ନିଃସର୍ତ୍ତ ସମର୍ପଣକୁ
ସେଇଥିପାଇଁ ତ ମୁଁ ପାଲଟିଛି
ତୁମ ହାତର ଶଙ୍ଖା
ମଥାରେ ବିଜୟର ଟିକା ।

*ଭୋଗଡ଼ା, ବାଘମାରୀ, ଖୋର୍ଦ୍ଧା*

# କଣ୍ଢେଇ

*- ସୌରଜିତ ମହାପାତ୍ର*

ଜଙ୍ଗଲ କୁ ଯାଆନା ବୋଲି ମନା କରିଥିଲି ପରା..
ତୁ ଜିଦ୍ ଧରି ଚାଲିଗଲୁ..
ସେଠି ବାଘ ଦେଖି ଡରିବୁନି ବୋଲି
ମୋତେ କହିଗଲୁ ଯେ
ଏଠି କୁ ଯାଆନା ସେଠି କୁ ଯାଆନା ପରି କଟକଣା..
ଏତେ ଆଦେଶ
ଏତେ ଉପଦେଶ ମୋତେ ଦିଅନା
ରାଣ ବି ଖାଅନା
ପଚାରିଥିଲୁ ପରା
ମୁଁ କଣ ତମ ହୁକୁମ୍ ର କଣ୍ଢେଇ
ଅପେକ୍ଷାରେ ଜଳି ଯିବାର
ପ୍ରତିକ୍ଷାରେ ପାଗଳ ହେବାର
ପୁରୁଣା ଅଭ୍ୟାସରୁ ମୁଁ ଜାଣିଥିଲି ଯେ
ବାଘ ଓଟରାଟା ତ ବେଶୀ ବାଧେ ବୋଲି
ଦେଖ୍..
ବାଘ ଦେଖି ତୋତେ ରାଗିଲା
ତୁ ରକ୍ତାକ୍ତ ହେଲୁ..
ବାଘ ଦେଖି ତୋତେ ଖପା ହେଲା
ତୁ କ୍ଷତାକ୍ତ ହେଲୁ..
ବାଘ ତୋତେ ମାରିଲା
ତୁ ମରିଗଲୁ...
ଏବେ ମୁଁ କଣ୍ଢେଇ

# ସିନ୍ଦୂର

- ଜ୍ୟୋସ୍ନା ତ୍ରିପାଠୀ

ପ୍ରାଚୀ ଗଗନର ବାଳସୂର୍ଯ୍ୟ ପରି ତୁମେ ଲୋହିତ ବରନ
ଲାଜବତୀର ଲାଜୁକି ମଥାରେ ଉଜ୍ଜ୍ୱଳି ଉଠ ସବୁଦିନ
ନୀଳ ଆକାଶର ପୂର୍ଣ୍ଣିମା ଜହ୍ନଗୋ ! ତୁମେ ଚନ୍ଦ୍ରାନନା
ପ୍ରତୀଚି ଗଗନେ ଅସ୍ତାଚଳ ସୂର୍ଯ୍ୟ ଉଦିତ ହୋଇଛି ଚନ୍ଦ୍ରମା
ସୀମନ୍ତିନୀ ଶିରେ ଶୋଭିତ ହୁଅ ତୁମର ନାହିଁ ଉପମା ।
ଭିଜାଭିଜା ଚୂର୍ଣ୍ଣକୁନ୍ତଳେ ଚନ୍ଦ୍ରଉଦିଆ ମୁଖେ
ଦିକିଦିକି ହୋଇ ଜଳିଉଠ ତୁମେ ସବୁ ନାରୀଙ୍କ ମାଥେ
ତୁମଛୁଆଁ କରେ କିମିଆଁ କୁମାରୀ ହୁଏ ଶ୍ରୀମତୀ
ବେଦମନ୍ତ୍ର ଓ ହୋମାଗ୍ନିକୁ ସାକ୍ଷୀ ରଖି ସେ କରେ ସନ୍ଧି ଓ ଚୁକ୍ତି
ଏ ଚୁକ୍ତି ହୁଏ ଚିରଭାସ୍ୱର ସାତଜନମ ପାଇଁ
ସିନ୍ଦୁର ସୂଚାଏ ନଯାଅ ବହି ଦେହର ଦେହଳୀ ଡେଇଁ ।
ଲକ୍ଷ୍ମଣରେଖା ପରି ବାଟ ଓଗାଳେ ଜନ୍ମଜନ୍ମର ସେ ସାଥୀ
ବାରବାର ଅଶୋକବନେ ସୀତାଙ୍କ କାନେ ଶୁଣାଉଥିଲା ପ୍ରୀତି
ଜନକ ନନ୍ଦିନୀ ଲଙ୍କାରେ ବନ୍ଦିନୀ ଛନଛନ ଉଛନ୍ନ ମନ
ଗାଣିତିକ ସୂତ୍ର ପକାଇ ସିନ୍ଦୂର ଜଟିଳ ସମସ୍ୟାର କଲା ସମାଧାନ
ଆସିବେ ରାମ ନାଶିବେ ରାବଣ ସିନ୍ଦୂରର ହେବ ବିଜୟ
ରାମହୃଦମଣି ସତୀଶିରୋମଣି ଧରିଛନ୍ତି ମନେ ପ୍ରତ୍ୟୟ ।
ଆସିଛି ସୁଦିନ ଅସତ୍ୟ ପରେ ସତ୍ୟର ହୋଇଛି ବିଜୟ
ଟିପେ ସିନ୍ଦୂର ନାରୀର ରକ୍ଷାକବଚ ଦିଏ ସେ ବରାଭୟ
ସାବିତ୍ରୀଙ୍କ ପତିଭକ୍ତି ଦୃଢ଼ ଇଚ୍ଛାଶକ୍ତିବଳେ ଫେରିଛନ୍ତି ସତ୍ୟବାନ
ଯୁଗେଯୁଗେ ନାରୀ ସିନ୍ଦୁର ଟିପାରେ ହୁଏ ଦେଦୀପ୍ୟମାନ
ସିନ୍ଦୂରିତ ହୋଇ ନାରୀ ହୁଏ ସୌଭାଗ୍ୟବତୀ
କା' ସାଥେ ବାଣ୍ଟେନି ସିନ୍ଦୂର ଯେତେ ଝଡ଼ଝଞ୍ଜା ଯାଉବହି
ଅନ୍ତଃକାଳେ ସଧବାର ରୂପନେଇ ଜୁଇରେ ସେଯାଏ ଶୋଇ
ତାସାଥେ ତା ମଥାର ସିନ୍ଦୁର ଯାଏ ସାଥୀ ହୋଇ ।

# ଜୀବନ...ତମେ କେଉଁଠି !!

- ସଚ୍ଚିଦା ନନ୍ଦ ବାରିକ

ଲୋକେ କହୁଛନ୍ତି ମୁଁ ପାଗଳ !!
ବୋଧ ହୁଏ ଇର୍ଷା ରେ
ମୋତେ ଜିଇଁ ଆସେନି ଡରି ଡରି
ଯେତେବେଳେ ଯାହା ଇଚ୍ଛା ମୁଁ କରି ଯାଏ ବିନା ଦ୍ୱିଧାରେ
ନାଚି ଯାଏ ଗାଇ ଯାଏ କାନ୍ଦି ଦିଏ
ଆଉ ବେଳେ ବେଳେ ମନ ଶାନ୍ତି ହେଲା ଯାଏ ଗାଳି ଦିଏ
ସତ କଥା ସବୁ ବଡ଼ ପାଟିରେ କହି ଯାଏ

ସମସ୍ତେ ଶୁଣନ୍ତି
କିନ୍ତୁ ଆଡ଼େଇ ଯାଆନ୍ତି
ଯିଏ ବୁଝେ କିଛି କହେନି
ଯିଏ ବୁଝେ ଯାହା ମର୍ମକୁ ବାଧେ
ଦେଖିଲେ ଦୂର ଦୂର ମାର ମାର କରନ୍ତି

ତଥାପି ମୁଁ ଖୁସି
ମୋତେ ଖୋଳୋପା ପିନ୍ଧି ଆସେନି
ମୁଁ ଯାହା
ସମସ୍ତଙ୍କ ପାଇଁ ସେଇଆ
ମୋ ଖୁସି ରେ ହସି ଦିଏ ଦୁନିଆ ଆଗରେ
ମୋ ଦୁଖ ରେ କାନ୍ଦି ଯାଏ ବିଚ ରାସ୍ତାରେ
ମୋତେ ଡର ନାହିଁ ଏ ଦେଖଣାହାରୀ ସମାଜ ରେ
ମୁଁ ମୁକ୍ତ ପକ୍ଷୀ ଏ ସ୍ୱାର୍ଥ ବାଦୀ ଦୁନିଆରେ

ମୋ ପାଖରେ କିଛଇ ନାହିଁ
ରହୁଛଇ କେଉଁଠି ଖାଉଛି କ'ଣ
କାହା ପାଖରେ ଖବର ନହିଁ
ଏ ଦୁନିଆ ଭିଡ଼ ରେ ମୁଁ ଏକା
ତଥାପି ଜୀବନ ଜିଉଁଛି ତ
କିଏ କଣ ଆଜି ଯାଏଁ ନେଇକି ଯାଇଛି ଯେ ମୁଁ ଯିବି ।

*ଗ୍ରାମ/ପୋଷ୍ଟ- ଝୁମ୍ପୁରା. ଜିଲ୍ଲା-କେନ୍ଦୁଝର,*

# ଘୋଡ଼ା

- *ଦେବଦତ୍ତ ଯଦୁମଣି ନାୟକ*

ମୁହଁରେ ମୋ ଲଗାମ ଲଗେଇ
ସବାର ହୁଅ ତୁମେ ପିଠିରେ,
ଆଉ ବର୍ଷାଅ ଚାବୁକ !

ଚାବୁକ ଭୟରେ ମୁଁ ଧାଏଁ
ଧଇଁସଇଁ ହୋଇ
ଲକ୍ଷ୍ୟସ୍ଥଳରେ ତୁମକୁ ପହଞ୍ଚାଇବା ପାଇଁ ।

ଯଦିଓ ଭିନ୍ନ ଆମ ଦୁହିଁଙ୍କର ଲକ୍ଷ୍ୟ,
ନିଅ ମତେ ସେଇ ବାଟ ଦେଇ
ଯେଉଁ ବାଟେ ଗଲେ ତୁମ ଲକ୍ଷ୍ୟସିଦ୍ଧି ହେବ ।
ବାଧ୍ୟ ହୋଇ ଯାଏ ମୁଁ ସିଆଡ଼େ,
ଯୁଆଡ଼େ ଯାଇ ମୋର ଲକ୍ଷ୍ୟଚ୍ୟୁତି ହୁଏ ।

ନିତିଦିନ ଚାଲେ ଏଇ କାର୍ଯ୍ୟକଳାପ,
ମୁଁ ଖୋଲି ପାରେନା ମୁହଁ !

ତେବେ, ବେଳେ ବେଳେ ଇଚ୍ଛା ହୁଏ
ମାରେଣା ବଳଦ ପରି ଭୁସି ଦିଅନ୍ତି ସିଙ୍ଗ
ତୁମ ନାଭିରେ,
ଆଉ ଚରିଯାନ୍ତି ତୁମ ପେଟରେ ବଢୁଥିବା
ଶୋଷଣର ଅନାବନା ଘାସ ସବୁକୁ ।
ହେଲେ ଦୁର୍ଭାଗ୍ୟ,
ଈଶ୍ୱର ମତେ ଦେଲେ ନାହିଁ ସିଙ୍ଗ,
ବରଂ ଧରେଇ ଦେଲେ ସଦା ଠିଆ କାନ ଯୋଡ଼ିଏ !

*ସି-୩୦୧, କୃଷ୍ଣା ଯଶୋଧନ, ଏଭ୍ରୋଲ, ସୋପାରା*
*ରୋଡ୍, ବୋଲିଞ୍ଜ, ବିରାର(ପ),*
*ଜିଲା:ପାଲଘର,*
*ପିନ୍:୪୦୧୩୦୩*

# କର୍ମ ହିଁ ଭଗବାନ

- *ବିଦ୍ୟାଧର*

କର୍ମ ମୂଳେ ଭଗବାନ ସତ୍ୟ ଅମୃତ ବଚନ
ନିଷ୍କର୍ମକ ଏ ମଣିଷ କରେନା କର୍ମ
ଆହ୍ୱରିକ ଏ ମାନବ ଜଗତେ ଶ୍ରେଷ୍ଠ ବିଭବ
ନିଜ ଇଚ୍ଛାରେ ପ୍ରକଟେ ନିଜସ୍ୱ ଧର୍ମ
ମୂଳ ତତ୍ତ୍ୱରୁ ହୁଏ ଦୂର
ଧର୍ମାଧ୍ୟକ୍ଷ ସାଜି ଧର୍ମ କରେ ପ୍ରସାର ।।
ମିଛ ମାୟାର ସଂସାର କ୍ଷଣସ୍ଥାୟୀ ବାଲିଘର
ପ୍ରବଚନ ଦିଏ ତୁଚ୍ଛ ଧନ ଯୌବନ
ଅସ୍ଫୁଟ କାମନା ପାଇଁ ବାସନାରେ ମଜ୍ଜି ରହି
କଷ୍ଟ ଉପାର୍ଜିତ ଧନ କରେ ଶୋଷଣ
ବିକାଶର ମିଥ୍ୟା ବଚନ
ବିନାଶର ବିଭୀଷିକା କରେ ରୋପଣ ।।
ନିଜ ନିଜ ସ୍ୱାର୍ଥ ପାଇଁ ଅନ୍ୟର ତଣ୍ଟି ଚିପଇ
ସୂଚାଏ ସେ ଈଶ୍ୱରଙ୍କ ସ୍ୱତନ୍ତ୍ର ଦୂତ
ଆଲୋକିତ କୃପା ବଳେ ଜନମିଛି ଏ ମହୀରେ
ହରଣ କରିବ ସେ ଯେ ପ୍ରାଣୀ ଆରତ
ସମ୍ଭାଷଣେ ଥାଏ ଛଳନା
ଧର୍ମ ଅନ୍ଧ ଏ ସମାଜ କିଛି ବୁଝେନା ।।
ଈଶ୍ୱରଙ୍କ ଏ ସୃଷ୍ଟିର ନାହିଁ ବିଭେଦ ପ୍ରାଚୀର
ନାହିଁ ଜାତି ଲିଙ୍ଗ ବର୍ଣ୍ଣ ନାହିଁ ଭିନ୍ନତା
ସବୁ ମନୁଷ୍ୟ ଉତ୍ପନ୍ନ ବୃଥା କରେ ଆସ୍ଫାଳନ
ମାନବୀୟ ଧର୍ମ ଗୁଣ ହୁଏ ଶୂନ୍ୟତା
ଧନୀ କ୍ରମଶଃ ହୁଏ ଧନୀ
ପ୍ରପୀଡ଼ିତ ପେଟ ପାଇଁ ଦାନା ପାଏନି ।।
ଅସହିଷ୍ଣୁ ଏ ମଣିଷ ଘୂରି ବୁଲେ ଅହର୍ନିଶ
ପଇବାକୁ ଶାନ୍ତି ଅସ୍ତ୍ର ହେବ ତାରଣ
ଅଶାନ୍ତି ଅପଳେ ଜଳି ହିଂସାକୁ ପାଥେୟ କରି
ନିଜର ବିନଶ ପାଇଁ ହୁଏ କାରଣ
ଭୁଲିଯାଏ ସାତ୍ତ୍ୱିକ ସତ୍ତା
ଧୀରେ ଧୀରେ ନିଷ୍ପ୍ରଭ ହୁଏ ଗୁଣବତ୍ତା ।।
କର୍ମ ଅଟେ ମୁକ୍ତିଦାତା କର୍ମହିଁ ଶ୍ରେଷ୍ଠ ଦେବତା
କର୍ମ ବିନା ଧର୍ମପଥ ଘନ ଅନ୍ଧାର
ସୁକର୍ମରୁ ମିଳେ ଜ୍ଞାନ କର୍ମ ଈଶ୍ୱର ସମାନ
ସୁକର୍ମ ହିଁ ଶୁଦ୍ଧଜ୍ଞାନ ସଂସାରେ ସାର
ସୁକର୍ମ ସ୍ୱୟଂ ଭଗବାନ
ସାଧୁବାଣୀ ଜନ ବାରେ କର ଚିନ୍ତନ ।।

*ସତ୍ୟନଗର,ବାଲେଶ୍ୱର*

# ବନ୍ଦୀ କବିତାର ଆତ୍ମ କଥା

- *ସ୍ୱର୍ଣ୍ଣଲତା ମହାପାତ୍ର*

ମୁଁ କବିତା ଆଜି ବନ୍ଦୀ..
ନୀଳ ଆକାଶର କଳା ବଉଦରେ,
ମଧୁ ମାଳତୀର ଚୋରା ସୁଗନ୍ଧରେ,
କଅଁଳ ସୂର୍ଯ୍ୟର ରକ୍ତିମ ଆଭାରେ,
ଦିଅଁ ଦେଉଳର ସଞ୍ଜ ଆଳତୀରେ,
ସବୁଠି କରିଛି ବଡ଼ ଅପରାଧ
ତୁମ ବିଚାରରେ..
ତେଣୁ ଆଜି ମୁଁ ବନ୍ଦୀ ।
ମାନ ଅଭିମାନ କୁ ଉନ୍ମୁକ୍ତ କରି
ଧଳା କାଗଜର ନୀଳ ମାଦକ ନିଶାରେ,
ନିଜକୁ ମାତାଲ କରି,
ମୁକ୍ତ ଆକାଶରେ ଉଡ଼ି ବୁଲିବାରେ
ମୁଁ କରିଛି ନିରୋଳା ଭୁଲ,
ତୁମ ବିଚାରରେ..
ତେଣୁ ଆଜି ମୁଁ ବନ୍ଦୀ ।
ପତ୍ର ଝଡ଼ା ଥୁଂଟା ବର ଓହଳରେ,
ବସନ୍ତର ମିଠା ପରଷ ଆଶାରେ,
ବାଇ ଚଢ଼େଇର ନହକା ବସାରେ,
ଯୁଗାନ୍ତକାରୀ ସେ ପ୍ରୀତି ପ୍ରତିକ୍ଷାରେ,
ସବୁଠି କରିଛି ଭୁଲ
ତୁମ ବିଚାରରେ..
ତେଣୁ ଆଜି ମୁଁ ବନ୍ଦୀ ।
ଆତ୍ମଗ୍ଲାନିରେ ଜଳୁଛି ମୋର
ପ୍ରତ୍ୟେକଟି ପଂକ୍ତି
ଉଁ କବିତା ଆଜି ବନ୍ଦୀ..
ଏବେ ତୁମେ ବିଚାର କର
ଅଳି କରି ପାରେକି
ପାଇବାକୁ ଟିକେ ମୁକ୍ତି ?

*ନୂଆ ପଲ୍ଲୀ, ଭୁବନେଶ୍ୱର*

# ସ୍ୱାଧୀନତା ଦିବସ

- *ସୁସିଲ ପାଣି*

ଆସିଛିରେ ଆଜି ସ୍ୱାଧୀନତା ଦିବସ ନୂଆ ତ୍ରିରଙ୍ଗା
ପତକା ଉତ୍ତୋଳନ ପାଇଁ ସଜାଇବା ।
ସ୍ୱାଧୀନତା ପାଇଁ ସେ ଜୀବନ ଦେଇ ସହିଦ
ହେଲେ ତାଙ୍କ ମନେ ପକାଇବା ।।
ଜାତିର ଜନକ ମହାତ୍ମାଗାନ୍ଧିଙ୍କ ଅହିଂସା ଆନ୍ଦୋଳନରେ ।
ହୋଇଲା ସ୍ୱାଧୀନ ଏ ଭାରତ ବର୍ଷ
ଲଭିଲା ପୂର୍ଣ୍ଣ ଜନ୍ମରେ ।।
ସୁବାଷ ବୋଷ ଆମ ଅସ୍ତ୍ରର ଜବାବ
ଦେଉଥିଲେ ନୀତି ଅସ୍ତ୍ରେ ।
କେତେ ଯେ ସୈନିକ ପ୍ରାଣବଳି ଦେଲେ
ସ୍ୱାଧୀନତା ପାଇଁ କି ଯେ ।।
ସହିଦ ହୋଇଲେ କେତେ ଭାରତବାସି
ସ୍ୱାଧୀନତା ପାଇଁ ଆମ ।
ଆମେ ଭାରତର ସୁନାଗରିକ ରଖିବୁ ଭାରତ ମାନ ।।
ଉଡ଼ାଇଛୁ ଆମେ ତ୍ରିରଙ୍ଗା ପତାକା
ଶାନ୍ତି ମୈତ୍ରୀ ପ୍ରିତୀ ପାଇଁ ।
ଫରଫର ଉଡ଼େ ତ୍ରିରଙ୍ଗା
ପତକା ଜାତୀୟ ବନ୍ଦନା ଗାଇ ।।
ନଦେବୁ ପୁରାଇ ବିଦେଶୀମାନଙ୍କୁ କରିବା ପାଇଁ ଶାସନ ।
କରୁଥିଲେ କେତେ ଅନ୍ୟାୟ ଅତ୍ୟାଚାର
ଲୁଣ୍ଠି ପୁଣି ଆମ ଧନ ।।
ଚାବୁକ ମାଡ଼ରେ ବନ୍ଧୁକ ମୁନରେ ପିଟୁଥିଲେ ନିସ୍ଠୁକଟି ।
ବୋଡି ଖଟାଇକି କ୍ରିତଦାସ ଭଳି ରଖୁଥିଲେ ଆମକୁଟି ।।
ପରାଧୀନ ଗଲା ସ୍ୱାଧୀନ ଆସିଲା
ସ୍ୱାଧୀନତା ସଂଗ୍ରାମୀ ପାଇଁ ।।
ମନେ ରଖିଦିବା ଲାଲ୍ ପାଲ୍ ଗାନ୍ଧି ଗୋପବନ୍ଧୁ ତହିଁ ।।

*ପୁରୀ*

# ଫୁଟି ଉଠୁ ତୁମ ଯୁବ ପ୍ରତିଭା

*- ଶିବ ପ୍ରସାଦ ବାହିନୀପତି*

ଯୁବ ଗୋଷ୍ଠୀ ସର୍ବେ ହୁଅ ଏକତ୍ର
ଦେଖାଅ ତୁମର କଳା କୌଶଳ ।
ଲେଖିଚାଲ ବନ୍ଧୁ କେତେ କବିତା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ୧

ସବୁରି ଓଠରେ ଖେଳାଅ ହସ
ପ୍ରେମରେ ସଭିଙ୍କୁ କରନ୍ତୁ ବଶ ।
ନତ କରନାହିଁ ନିଜର ମଥା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ।୨

ସମାଜର ହିତ ସାଧନେ ଜୀବନ
ଉତ୍ସର୍ଗ କରନ୍ତୁ ଯୁବକଗରଣ ।
ବାଣ୍ଟି ଚାଲ ସ୍ନେହ ପ୍ରେମ ଶରଧା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ।୩

ନ୍ୟାୟ ଦଣ୍ଡ ଧରି ଚାଲନ୍ତୁ ପଥ
ଅନ୍ୟାୟ ଅସତ୍ୟ କରନ୍ତୁ ତ୍ୟାଗ ।
ଶୁଣନ୍ତୁ ଶୁଣାନ୍ତୁ ଧର୍ମର କଥା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ।୪

ଭଲପାଇବାର ଅମୋଘ ମନ୍ତ୍ର
ଦେଶେ ଦେଶେ ବୁଲି କର ପ୍ରଚାର ।
ସର୍ବ ପାଶେ ବଦ ମଧୁର କଥା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ।୫

ହାତରେ ହାତକୁ ମିଶାଇ ଦିଅ
ଦୁଃଖୀର ଆଖିରୁ ପୋଛନ୍ତୁ ଲୁହ ।
କରନ୍ତୁ ସର୍ବେ ଦୀନ ଜନ ସେବା
ଫୁଟି ଉଠୁ ତୁମ ଯୁବ ପ୍ରତିଭା ।୬

*ଭାଟପଡ଼ା, ନିରାକାରପୁର(ପୁରୀ)*

# ଶ୍ରମିକ

*- ଦିଲ୍ଲୀପ ମିଶ୍ର*

ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ସେ ଖଟୁଥାଏ ଦିନରାତି
ଖରା ବର୍ଷା ଶୀତ ଫରକ ପଡ଼େନି ସବୁ ସହେ ମୁଣ୍ଡପାତି

ନଭଶ୍ଚୁମ୍ବୀ ଅଟ୍ଟାଳିକା ହେଉ ଅବା ନଦୀବନ୍ଧ ସେତୁ କିବା
ବୁହେଇଛି ଲହୁ ଦେଇ ସ୍ୱେଦ ରୂପ ସଭିଙ୍କୁ ଦେଇଛି ସେବା

ଯନ୍ତ୍ରୀ କହେ ମୋର ମନ୍ତ୍ରୀ କହେ ମୋର ଲୁଟୁଥାନ୍ତି ବାହାଦୁରି
କେହି ଦେଇ ନାହିଁ କେବେ ଶ୍ରମିକକୁ ମୂଲ ତାର ମନ ଭରି

ପର ପାଇଁ ଘର କରେ ନିଜେ ରୁହେ ଭଙ୍ଗା ଚାଳ ଓଳି ତଳେ
ଯଉବନ କେବେ ଆସି ଚାଲିଯାଏ ଶାନ୍ତି ଲଭେ ମୃତ୍ୟୁ କୋଳେ

**ଶିବାଜୀ ନଗର, ଢେ଼ଙ୍କାନାଳ**

# ଦେଖିବ ଆସ

*- ରବି କୁମାର ମହାନ୍ତି*

ଏଇଠି ଦିନେ ମୁଁ ପ୍ରଥମେ ମାଟି ଛୁଇଁଥିଲି
ହଠାତ୍ ଅନ୍ଧାରରୁ ମିଛିମିଛି ଆଲୁଅକୁ
ଡେଇଁପଡ଼ି ବହେ ରକ୍ତ ନିଗାଡିଲି/
ଏଇ ଦେଖୁନ ସଠିଘର କାନ୍ଥରେ
ମୋ ନାଳରକ୍ତର ଝୋଟି
ଲେପି ହୋଇ ରହିଛି ଏବେ ବି ସେମିତି
ବଉର ଆଙ୍ଗୁଠି ଧରି ଗୋଟିଚଲା ଶିଖିବା ଦିନଠୁ
କେତେ ଧୁଧୁ ଖରାବେଳ, ମହମହ ସଂଜ ଆଉ
ଭିଜା ଭିଜା ଜହ୍ନରାତିର ସ୍ମୃତି/
ଏବେ ମୁଁ କାଳେ ବଡ଼ ହୋଇଛି
ମାଟିର ବାସ୍ନା ଭୁଲି କଂକ୍ରିଟ୍ ସଭ୍ୟତା
ମୋହରେ ବିଭୋର ତା ବିବର୍ଣ୍ଣ ମୁକୁଳା ଛାତିରେ
ମୋ ପାରିବାପଣିଆର ନିଶାଣ ଆଙ୍କି ତାଧ୍ୱଂସର
କବିତା ଲେଖିଛି

*ଭଦ୍ରକ*

# ମନୀଷା ଓ ରଜ

*- ତପନ କୁମାର ପ୍ରଧାନ*

କେମିତି ମନୀଷା, କଟାଉଛ ରଜ ମଉଜକୁ
ରଜ ଦୋଳି ଆଉ ତାର ଫାଶୀ ଦଉଡ଼ିକୁ ନେଇ
କେମିତି ବା ଖେଳୁ ଅଛ ଦୋଳି
ଅହ ରହ ଲୁହ ଢ଼ାଳିବାକୁ ।

ପହିଲି ରଜରେ, ବୈଶାଖୀର ବିଦାୟୀ ଖରାରେ
ଅସୁମାରୀ କୁସୁମର ଉଜୁଡ଼ା ଯୌବନେ
ପଲ୍ଲବିତ ନୂତନ ପତ୍ରରେ
ତୁମ ସ୍ୱପ୍ନ ଝୁଲୁ ଥିବ ବାର ଗାଆଁ ତେର ନଈ ପାରେ ।

ମୋ ପାଇଁ ଜୀବନଟା ତୋର ଯେବେ ଛିଣ୍ଡା ଗୁଡ଼ି ହେଲା
ପବନର ତାଳେ ତାଳେ ଉଡ଼ି ଚାଲିଗଲା
ସୁତା ଯୋଡ଼ି ଗୁଡ଼ି ଆଉ ନ ପାରେ ଉଡାଇ
ପୁଣି ବି ତ ଆସିପାରେ ଝଡ଼ ଓ ତୋଫାନ
ଭାଙ୍ଗି ଯିବ କାଳେ ମୋର ଗୋପନ ସପନ ।

ହଁ ଗୋ ମନୀଷା,
ଆଉ ନାହିଁ ପ୍ରଜାପତି ଧରିବାର ନିଶା
ହେଲେ ତମେ ଭାବି ଦେଖ ଥରେ
କାହା ନାଆଁ ଲେଖା ଥିଲା
ଅଛି ଆଜି କାଠଯୋଡ଼ି ନଈ ଧାରେ ଧାରେ
ସବୁଜ ପତ୍ରରେ ଆଉ ନଈ ବାଲି ପଠାର ଉପରେ
ଧୂସର ସନ୍ଧ୍ୟାରେ, ପାଉଁଶିଆ ତୋ ମୁହଁ ଯାହା ଦେଖି ଡରେ !

ଆଜି ଏଇ ରଜର ମଉଜ
ଅତୀତ ତ ସପନର ଖୋଜ
ଭବିଷ୍ୟତ ନଈ ବଢ଼ି ଆସେ
ସତେ କଣ ସବୁ ଲିଭିଯିବ
ସବୁ ସପନରେ ଖାଲି ବାଲି ଚରିଯିବ ।

ହଁ ଗୋ ମନୀଷା, ଆଉ କିଛି କରୁନାହିଁ ଆଶା
ରଜର ଦୋଳିରେ ତୁଟି ଯାଇପାରେ ସପନର ନିଶା
ପୁଣି ବି ତ ଆସିଲାଣି ଝଡ଼ ଓ ତୋଫାନ
ବରଷାର ପକ୍ଷୀ ତୋର ଉଡ଼ିବାରେ ମନ ।

ହଁ ଗୋ ମନୀଷା, କେବେ ବି ମୁଁ ହୋଇନି ନିଆଶା
ମୋ ଆଖି ଆକାଶର ବାଦଲ ଉହାଡ଼େ
ବରଷୁଛି ଲୁହ ବାରି ବାରେ
ଚାତକିନୀ ଭିଜି ଭିଜି ମୋ ଲୁହ ଲହୁରେ
କହି ଯା ଥରେ
ପ୍ରଣୟର ଗୀତ ଲେଖି ପଠାଇବୁ ଚିଠି
ନୀଳ ଲଫାପାରେ !!!

*- ବିଳାଶୁଣି, କଟକ*

୦୦୦

# ବର୍ଷାକୁ ଗୁହାରୀ

*- ପ୍ରସନ୍ନଜିତ୍ ସାହୁ*

ହେ ବର୍ଷା
କେତେବେଳେ ଆସ
ରାଣୀ ପରି ତୁମେ
କେବେ କର ପୁଣି ଈର୍ଷା ।

ଆଜି ହୁଅ ତୁମେ ଅମାନିଆ କାହିଁ
ଧରା ଶ୍ରାବଣର ବୁକେ
ନାଗାବଳି ଆଉ କଲ୍ୟାଣୀ ନଦୀରେ
ତୁମ ଜଳରାଶି ଫୁଲେ ।

ଏଥିପାଇଁ ଆଜି ହାହାକାରେ କାନ୍ଦେ
ରାୟଗଡ଼ା ମାଟି ଦୁଃଖେ
କଲ୍ୟାଣସିଂହପୁରର ଲୁହ ଦିଶୁନାହିଁ
ମିଶୁଛି ବନ୍ୟାର ସ୍ରୋତେ ।

ଏତିକି ବିନତି କରେ ବର୍ଷାରାଣୀ
ଫୁଲ ପରି ବର୍ଷିଯାଅ ।
ଧରଣୀ ବୁକୁରେ ଅଭିନୟ ସାରି
ଋତୁଚକ୍ରେ ଫେରିଯାଅ ।

**ନାଉଗାଁ, ଜଗତ୍‌ସିଂହପୁର**

# ଦୁଃଖ

- ବିଶ୍ୱମିତ୍ରା ମିଶ୍ର

କାହିଁକି ଯେ ଦୁଃଖ ଲାଗେ
ସବୁଥାଇ ନଥିବାର ବହ୍ନି ବଳୟରେ
ଦିନଟାଏ ରାତି ପାଲଟିଲେ
ଚୁପ୍ ଚାପ୍ ଜହ୍ନଟେ ଉଇଁଲେ
ବିଷାଦର ରତୁଟିଏ ଡେଣାକାଟେ
ମୋ କୋଠରୀ ଝରକା ଫାଙ୍କରେ

ଦୁଃଖପୁଣି ହାତ ଠାରେ ମନ୍ଦିର ବେଢ଼ାରେ
ଦୁଃଖ ସବୁ ବିଞ୍ଚି ହୁଏ ଭୋଗ ଥାଳିଆରେ
ବାରହାତ ଦୁଃଖର ଗଜରା
ମୁଁ ଖାଲି ଗୁନ୍ଥିଯାଏ କଳ୍ପବଟ ମୂଳେ
ଅଧା ଛାଇ ଜହ୍ନ ଆଲୁଅରେ
ଏମିତି ବି ଦୁଃଖଲାଗେ ସ୍ମୃତି ସବୁ ଲୁହ ହୋଇ
ଝରିଗଲେ ।
ସ୍ୱପ୍ନସବୁ ଧୂଆଁ ହୁଏ
ଜୀବନର ମଝି ପାହାଚରେ
ଦୁଃଖ ଆସି ମୋ ତନୁକୁ ଧୋଇଯାଏ
ଶ୍ରାବଣର କ୍ଳାନ୍ତ ପ୍ରହରରେ
ଦୁଃଖ ଆସି ଶୋଇଯାଏ, ପଉଷର
ସିକ୍ତ ନିଶୀଥରେ
ଦୁଃଖଟାତ ଅଳିକରେ, ମୋ ପଣତ ଧରି
ଅପ୍ରାପ୍ତ ବୟସ୍କା କିଶୋରୀଟେ ପରି
ସବୁ ଅଂଶ ସମାଧାନ କରି
କାହିଁକି ଅସ୍ଥିର ହୁଏ, କେଉଁ ଯନ୍ତ୍ରଣାରେ
ପ୍ରତ୍ୟେୟର ସଫଳ ଚିତ୍ରଟେ ପାଇଁ
ସମ୍ଭାବନାର ନୂତନ ଦୀପ ଟେ ପାଇଁ
ମୁଁ ଦେଖେ ମୋର ପ୍ରତିବିମ୍ବ
ଆଉ କାହା ଆଇନାରେ...... ॥

ପାଇକସାହି, ଗୋପାଳପୁର

# ପ୍ରତୀକ୍ଷା

- ରମାନାଥ ପର୍ବତ

ଆକାଶରେ ଉଇଁବ ଯେବେ ସ୍ୱାତୀ ନକ୍ଷତ୍ର
ନୀଳ ସରସୀରେ ଯେବେ ପଖାଳିବ
ସେ ରୂପେଲି ଜହ୍ନଟା ତା ରୂପସୀ ମୁହଁ
ଝିଲ୍ ମିଲ୍ ତାରାମାନେ ହଠାତ୍ ଉଦାସୀନ ତୁମେ ଆସିବ
ଗଙ୍ଗଶିଉଳି ତଳକୁ ଖସିବା ଆଗରୁ
କୁଆ ଛୁଆଟି ସନ୍ଦେଶ ଦେବା ପୂର୍ବରୁ
ପାଖ ଦେବାଳୟୁ ଓଁ କାର ନିନାଦ
ଘଣ୍ଟ ଘଣ୍ଟା ନିଜ ଧର୍ମ ଠିକ୍ ଜାହିର୍ କରିବା ଉତ୍ତାରୁ
ତୁମେ ଆସିବ ଷୋଳ ଶିଙ୍ଗାର ହୋଇ
କସ୍ତୁରୀର ମୁହୁର୍ମୁହୁ ସୁଗନ୍ଧେ ହଳଦୀ ଗୁରୁ ଗରୁ ପାଦର
ରୁଣୁ ଝୁଣୁ ନୂପୁର ନିକ୍କଣେ ରଙ୍ଗୀନ ପଣତ ଭସାଇ
କାକକୃଷ୍ଣ କେଶ ଉଡାଇ ତୁମେ ଆସିବ
ଅତୀତକୁ ଇତି କରି ସତୀର୍ଥରେ ସତ୍ୟତା ଘଟାଇ
କାମେଶ୍ୱରଠୁ ତୀର ଛଡାଇ
ଚିତ୍ରାୟିତ ଗାଲିଚାରେ ଚାଲି ଚାଲି
ଅପ୍ସରୀଗଣଙ୍କ ସ୍ୱାଗତ ସମ୍ଭାଷଣେ ତୁମେ ଆସିବ
ମୋ ସୁସ୍ୱପ୍ନକୁ ସତ୍ୟରେ ପରିଣତ କରି
ଯୁଗ ଯୁଗ ଅପେକ୍ଷାରେ ଯବନିକା ପକାଇ
ଶତେଜ କଳ୍ପନା କଳ୍ପନାର ଅବସାନ ଘଟାଇ
ନଉକା ମୋ ନାୟିକାରେ ରୂପାନ୍ତରିତ ଘଟିବା ପୂର୍ବରୁ
ବାଟିକାର ମଲ୍ଲୀ ତରାଟ ମୁଚୁକି ହସିବା ଆଗରୁ
ଗୋବର ପାଣିର ବାସ୍ନା
ଠିକ୍ ମୋ ଅଗଣାରେ ସଞ୍ଚରି ଯିବା ଉତ୍ତାରୁ
ତୁମେ ଆସିବ
ମୋ କବି ହୃଦୟର ଚେତନାକୁ ସାର୍ଥକ କରି
ରସିକ ମନକୁ ଆହୁରି ରୋଚକ କରି ତୁମେ ଆସିବ
ସ୍ୱପ୍ନ ସବୁ ଫସିଲ ପାଲଟିବା ଆଗରୁ
ଅତନ୍ଦ୍ର ରଜନୀ ତନ୍ଦ୍ରାରେ ଘାରିବା ପୂର୍ବରୁ
ଠିକ୍ ମୋ ଆଖିରେ ବିସ୍ମୟସୂଚକ ଚିହ୍ନଟିଏ ହୋଇ
ତୁମେ ନିଶ୍ଚୟ ଆସିବ ।

ବାଂଶ, ନାଉଗାଁହାଟ, ଜଗତ୍‌ସିଂହପୁର

# ରାହାର ବାସ୍ନା

*- ଏମ୍. ବିଜୟ କୁମାର*

ଭାରତ ମାତା କହୁଛି ଶୁଣ ମାଟିବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର ସଂଘର୍ଷ କର
ଗେହ୍ଲା ଗେହ୍ଲା ପୁଅ ଝିଅ ସବୁ ସମାନ
ତୁମ ପାଇଁ ସୁବିଧା ସୁଯୋଗ ଅଛି ଜାଣ
ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଉଠ ଜାଗ ଉଠ ରାହାର ବାସ୍ନା ଶୁଙ୍ଘୁ
ବିଶ୍ୱର ସର୍ବବୃହତ ସଂବିଧାନ ପିତା
ଭାରତ ମାଟି ମାଁ ରୂପୀ ଆମ୍ବେଦକର
ଛଅ ବିଗ୍ୟ ମନୀଷା ମଦ୍ଧେ ଚୀର ଅମର
ସମସ୍ତଙ୍କୁ ଦେଇ ସମାନମାନବାଧିକାର
ଅଚଳା ପାହାଡ଼ ଗିଳିବାକୁ ଆଁ ଫାରୁଛି
ଆର୍ତ୍ତନାଦ ନୁହେଁ ପ୍ରତିବାଦ ମାଁ କରୁଛି
ଭୁଖା ଭୁଗୋଳରେ ଯାଏ ଭୂମିକମ୍ପ ମାଡ଼ି
ଭିକ୍ଷାଥାଳ ଧରାଇ ଭିକ ଫିଙ୍କଇ ଜୁରୀ
ଅଳ୍ପ ଅଳ୍ପ ଭାଗ ଭାଗ ହୋଇ ବହୁଜନ
ଅନ୍ଧକୂପେ ରହି ଭୋକ ଶୋଷେ କାଟୁ ଦିନ
ସର୍ବ ଦୁର୍ନୀତି ଜିନ୍ଦାବାଦର ସରକାର
ଚର୍ତୁଦିଗେ କଳଙ୍କ ଆତଙ୍କରାଜ କାର
ଚଳିବ ନାହିଁ ଚଳିବ ନାହିଁ
ମୂଳନିବାସୀ ଭାରତେ ବିଦେଶୀ ଶାସକ
ଧର୍ମ କର୍ମ ଈଶ୍ୱର ନାଁ ରେ ବନାଇ ଭେକ
ନଚାଉଛି ନାଚ ମାକଡ଼ୀ ନାଚ କୁଣା ଖାଏବୁ ନାଚ
ମୂଳନିବାସାଂକ ସ୍ୱାଧିନତା ଆନ୍ଦୋଳନ
ନିଃଶବ୍ଦ ମଣିଷ ଏକ ସ୍ୱର ଉତ୍ତୋଳନ
ଛଳକପଟେ ସାମାଜିକ-ଅର୍ଥନୈତିକ
ଯୁଗ ଯୁଗ ଦାସ କରି ରଖିଛ ଶାସକ
ସ୍ୱାଧିନ ଭାରତ ପରାଧୀନ ବହୁଜନ!
ନୁହେଁ ସ୍ୱାଧୀନ ନୁହେଁ ସ୍ୱାଧିନ
ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ - ବିଧାତା
ମୂଳନିବାସୀ ଶୁଦ୍ର ବହୁଜନ ଜାଗ ହେ
ମୁକ୍ତି ହେବ ସ୍ୱାଧିନତା
ଜୟ ଭୀମ ଜୟ ମୂଳନିବାସୀ ଜୟ ଭାରତ
ଉଠ ଉଠ ହୁଅ ଜାଗ୍ରତ ହୁଅ ପ୍ରସ୍ତୁତ
ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଜନ ଆନ୍ଦୋଳନ ରାସ୍ତାର ବାସ୍ନା ଶୁଙ୍ଘୁ
ଭାରତ ମାତା କହୁଛି ଶୁଣ ରକ୍ତ ବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର ସଂଘର୍ଷ କର

*ଡେଲଟା କଲୋନୀ ଉତ୍ତରା, କୌଶଲ୍ୟାଗଙ୍ଗା-୦୨*

# ଭିକାରୀ

*ଡ: ଧର୍ମଛତ୍ରା*

ଦିନେ ଗୋଟେ ଭିକାରୀକୁ ଦେଖି
କହିଦେଲି କଥା ଧିକ୍କାରି
ରାଜ୍ୟ ଭାବମୂର୍ତ୍ତୀ ନଷ୍ଟ କରୁଅଛ
ତୁମେମାନେ ସାଜି ଭିକାରୀ
ଭିକାରୀ କହିଦେଲା ମୋତେ ଖିଙ୍କାରୀ,
ଭୋଟ୍ ସମୟେ ଭୋଟ୍ ମାଗୁଚ
ଅଫିସିରେ ବସି ଲାଞ୍ଚ ମାଗୁଅଛ
ମାଗି ପଢୁଅଛ ପେପର,
ପଡ଼ିଶାଙ୍କୁ ମାଗ ପିଆଜ ରସୁଣ
ଆଳୁ ଲଙ୍କା ପୁଣି ଆଚାର
ଚାନ୍ଦା ମାଗୁଅଛ ବଟି ବି ମାଗୁଚ
ପିନ୍ଧି ମଡ଼ର୍ଣ୍ଣ ଭିକାରୀ ଖୋପର
ତୁମେ ଭିକାରୀ ନା ଆମେ ଭିକାରୀ
ଏବେ କର ବାବୁ ବିଚାର ।। କଟକ

॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ
ଅବସରରେ ଆପଣ ଓ ଆପଣଙ୍କ
ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

## ସୁଧୀର କୁମାର ନାୟକ ଓ ପରିବାର

ସାଇ ଗ୍ରାଫିକ୍ସ, ତେଲେଙ୍ଗା ବଜାର, କଟକ

॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ
ଅବସରରେ ଆପଣ ଓ ଆପଣଙ୍କ
ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

## ଶୈଳଜା ଶଙ୍କର କାନୁନ୍‌ଗୋ ଓ ପରିବାର

ନଜରପୁର, ଜଗତପୁର, କଟକ

॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ
ଅବସରରେ ଆପଣ ଓ ଆପଣଙ୍କ
ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

## ଦିବାକର ପଣ୍ଡା ଓ ପରିବାର

ଅବସରପ୍ରାପ୍ତ ସରକାରୀ କର୍ମଚାରୀ

॥ ଶାରଦୀୟ ଅଭିନନ୍ଦନ ॥



ପବିତ୍ର ଦୁର୍ଗାପୂଜା ଓ ଦୀପାବଳୀ
ଅବସରରେ ଆପଣ ଓ ଆପଣଙ୍କ
ପରିବାରବର୍ଗଙ୍କୁ ଅଭିନନ୍ଦନ ଜଣାଉଛି

## ଡକ୍ଟର ସୁମନ୍ତ ସ୍ୱାଇଁ ଓ ପରିବାର

ଡେପୁଟି ଡାଇରେକ୍ଟର, ୟୁରୋଏସିଆ ଫାଉଣ୍ଡେସନ୍


SINCE 2005
NO-1
INSTITUTE
IBM'S
BANK
RLWAY
SSC
MBA
OAS
OTET
CT
B.ED
WE MAKE TOPPERS 2015-16
Rank-1 (ASO)
General Catagory
ALL ODISHA Rank.39(ODISHA B.Ed)
Rank.13(Central B.Ed)
General Catagory
ALL ODISHA Rank.11(Odisha B.Ed)
General Catagory
Rank 1
Rank 13
Rank 11
Lopamudra Mohanty
Lipsa Nayak(Science)
Roll No. Central B.ED : 26451177
Roll No. State B.ED : 2281760249
Smitanjali Behera(Arts)
Roll No. State B.ED : 2171250159
BANK PO
BANK PO
BANK CLERK
RAILWAY
SBI CLERK
Ph : 0671-6540190 Mob : 9238500190
H.O : CHANDI CHHAK B.O : PALLA MANDAP, CTC

R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance, (Pol. Science)
Contact : 9861462581, 9861816123

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ